ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୬/୨୦୨୫ (୧୨ ପୃଷ୍ଠା) Bhubaneswar, Wednesday, August 6/2025 Page 12 ₹ 7.00 SAMBALPUR
୫୧ଶ ଭାଗ ୨୫୨ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 252 ମୂଲ୍ୟ ₹୭/-



**ସୁରେଖା ଶ୍ରେଷ୍ଠ ଖେଳାଳି**
କାକିନାଡ଼ାଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକିର ମଙ୍ଗଳବାର ଅନୁଷ୍ଠିତ ଆନ୍ଧ୍ର ପ୍ରଦେଶ ବିପକ୍ଷ ମ୍ୟାଚରେ ଓଡ଼ିଶାର ସୁରେଖା ଭୋଳ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। **୧୨**

**୦୨** **ହଂସିକାଙ୍କ ଛାଡ଼ପତ୍ର ଚର୍ଚ୍ଚା**
ଅଭିନେତ୍ରୀ ହଂସିକା ମୋଟ୍ୱାନୀ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର ଫଟୋକୁ ଡିଲିଟ୍ କରିଛନ୍ତି। ସ୍ୱାମୀ ସୋହେଲ ଖାତୁରିଆଙ୍କୁ ସେ ଛାଡ଼ପତ୍ର ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।





ବାଦଲଫଟା ବର୍ଷା ଯୋଗୁ ପ୍ରଳୟଙ୍କରୀ ବନ୍ୟାରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଧରାଲି ଗ୍ରାମ ଭାସିଯାଉଥିବା ବେଳର ଦୃଶ୍ୟ।

# ଗାଁ ଭାସିଗଲା: ଅନେକ ମୃତ, ଶତାଧିକ ନିଖୋଜ

**ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ପୁଣି ତାଣ୍ଡବ ରଚିଛି ପ୍ରକୃତି। ବାଦଲଫଟା ବର୍ଷା ଯୋଗୁ ଆସିଥିବା ହଠାତ୍ ପ୍ରଳୟଙ୍କରୀ ବନ୍ୟାରେ ଧରାଲି ଗ୍ରାମ ସମ୍ପୂର୍ଣ୍ଣ ଭାସିଯାଇଛି। ଭୂସ୍ଖଳନ ପରେ ଏହି ପାର୍ବତ୍ୟାଞ୍ଚଳ ଜଳମଗ୍ନ ହୋଇଯାଇଥିବାରୁ ପ୍ରକୃତ ମୃତ୍ୟୁସଂଖ୍ୟା ଜଣାପଡ଼ି ନ ଥିଲେ ମଧ୍ୟ ଅଦ୍ୟାବଧି ୧୦ ଜଣଙ୍କ ପ୍ରାଣହାନି ଘଟିଥିବା ସରକାରୀ ଭାବେ କୁହାଯାଇଛି। ଅନ୍ୟ ୧୦୦ରୁ ଅଧିକ ଗ୍ରାମବାସୀ ଓ ପର୍ଯ୍ୟଟକ ନିଖୋଜ ହୋଇଯାଇଥିବା ଆଶଙ୍କା କରାଯାଉଛି। ଏଥିସହ କୋଠାଗୁଡ଼ିକ ଦିଆସିଲି ଖୋଳ ଭଳି ଭାସିଯାଉଥିବା ଲକ୍ଷ୍ୟ କରାଯାଇଛି। ଉଦ୍ଧାର କାର୍ଯ୍ୟରେ ସେନା ଓ ବିପର୍ଯ୍ୟୟ ପ୍ରଶମନ ବଳ ନିୟୋଜିତ ହୋଇଛନ୍ତି। ହିମାଳୟରେ ପ୍ରାୟ ୧୦,୦୦୦ ହିମବାହ ରହିଛି, ଯାହାକି ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ତରଳିବାରେ ଲାଗିଛି। ଅନିୟନ୍ତ୍ରିତ ମାନବୀୟ କାର୍ଯ୍ୟକଳାପ ଯୋଗୁ ଏହି ଧାରା ଜାରି ରହିଲେ ଆଗକୁ ପ୍ରାକୃତିକ ବିପର୍ଯ୍ୟୟ କରାଳ ରୂପ ଧାରଣ ବୋଲି ବିଭିନ୍ନ ରିପୋର୍ଟରୁ ଜଣାପଡ଼ୁଛି।**

## ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା
### ଉଦ୍ଧାର କାର୍ଯ୍ୟରେ ସେନା, ଏନ୍‌ଡିଆର୍‌ଏଫ୍

ଉତ୍ତରକାଶୀ,୫।୮

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲାରେ ମଙ୍ଗଳବାର ବାଦଲଫଟା ବର୍ଷା ଯୋଗୁ ହଠାତ୍ ପ୍ରଳୟଙ୍କରୀ ବନ୍ୟା ଆସିଛି। ଏହି ବନ୍ୟାରେ ବହୁସଂଖ୍ୟାରେ ଘର, ହୋଟେଲ ସମେତ କ୍ଷୀରଗଙ୍ଗା ଉପତ୍ୟକାରେ ଥିବା ଧରାଲି ଗ୍ରାମ ସମ୍ପୂର୍ଣ୍ଣ ଭାସିଯାଇଛି। ଉକ୍ତ ଗାଁ ହର୍ସିଲସ୍ଥିତ ସେନା କ୍ୟାମ୍ପଠାରୁ ମାତ୍ର ୪ କିଲୋମିଟର ଦୂରରେ ଅବସ୍ଥିତ। ବନ୍ୟାରେ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିବା ସହ ଶତାଧିକ ନିଖୋଜ ହୋଇଯାଇଛନ୍ତି। ପବିତ୍ର ଗଙ୍ଗୋତ୍ରୀ ଧାମକୁ ସମସ୍ତ ସଡ଼କ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ହଠାତ୍ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବହୁସଂଖ୍ୟାରେ ଘର ପାଣିରେ ବୁଡ଼ି ରହିଥିବାବେଳେ ଅନେକ ଭାସିଯାଇଛି। ଭୟରେ ଲୋକେ ଘରଦ୍ୱାର ଛାଡ଼ି ଦୌଡ଼ିଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। କ୍ଷୀରଗଙ୍ଗା ନଦୀ ଅବବାହିକାରେ ଅତି ପ୍ରବଳ ବର୍ଷା ହେବା ଫଳରେ ଗାଁ ଉପରକୁ ହଠାତ୍ ପ୍ରବଳ ଉଚ୍ଚରେ ପାଣି ଓ ପଥର ଖଣ୍ଡ ମାଡ଼ିଆସିଥିଲା। ପର୍ବତାଞ୍ଚଳ ଦେଇ ପାଣିର ପ୍ରଖର ସ୍ରୋତ ମାଡ଼ିଆସୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ୨୫ଟି ହୋଟେଲ୍ ଓ ହୋମ୍‌ଷ୍ଟେ ଧ୍ୱଂସ ହୋଇଥିବାବେଳେ ମାଟି ଓ ପଥର ଖଣ୍ଡ ତଳେ ଅନେକେ ରହିଯାଇଥିବା ସ୍ଥାନୀୟ ଲୋକେ ଆଶଙ୍କା କରିଛନ୍ତି।

ପ୍ରଳୟଙ୍କରୀ ବନ୍ୟାରେ ବ୍ୟାପକ କ୍ଷୟକ୍ଷତିକୁ ନେଇ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବାବେଳେ ଏଥିରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ଜିଲା ପ୍ରଶାସନ ସମେତ ଅନ୍ୟାନ୍ୟ ଟିମ୍ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କ ସହ ନିୟମିତ ଯୋଗାଯୋଗରେ ଥିବାବେଳେ ସ୍ଥିତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ଭାରତୀୟ ସେନା ଇବେକ୍ସ ବ୍ରିଗେଡ୍ ସୈନ୍ୟମାନେ ବିପର୍ଯ୍ୟୟ ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହାୟତା କରୁଛନ୍ତି। ଏହା ବ୍ୟତୀତ ଇଣ୍ଡୋ-ତିବେତାନ ବର୍ଡର ପୋଲିସର ଏକ ୧୬ ଜଣିଆ ଟିମ୍ ଧରାଲିରେ ପହଞ୍ଚି ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଅନ୍ୟ ୨ଟି ଟିମ୍ ଖୁବ୍‌ଶୀଘ୍ର ପହଞ୍ଚିବେ ବୋଲି ଜଣାପଡ଼ିଛି। ସନ୍ଧ୍ୟା ସୁଦ୍ଧା ଅନ୍ୟୂନ ୧୫ ଜଣଙ୍କୁ ଉଦ୍ଧାର କରାଯାଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମୁଖ୍ୟମନ୍ତ୍ରୀ ଧାମିଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଦେଇଛନ୍ତି।

ଧରାଲି ବିପର୍ଯ୍ୟୟରେ ପ୍ରଭାବିତ ଲୋକଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇ ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟରେ ସବୁ ପ୍ରକାର ସହାୟତା କରିବାକୁ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ମୂଲ୍ୟବାନ ଜୀବନ ବଞ୍ଚାଇବା ଦିଗରେ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନିଆଯାଉଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି।

## ସତ୍ୟପାଲ ମଲିକଙ୍କ ପରଲୋକ



ନୂଆଦିଲ୍ଲୀ,୫।୮

ଜମ୍ମୁ-କଶ୍ମୀର ସମେତ ବିଭିନ୍ନ ରାଜ୍ୟର ପୂର୍ବତନ ରାଜ୍ୟପାଳ ତଥା ବର୍ଷୀୟାନ ରାଜନେତା ସତ୍ୟପାଲ ମଲିକଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ସେ ଗତ କିଛି ମାସ ହେଲା କିଡ୍‌ନୀଜନିତ ରୋଗରେ ପୀଡ଼ିତ ହୋଇ ଦିଲ୍ଲୀର ରାମ ମନୋହର ଲୋହିଆ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଉତ୍ତରପ୍ରଦେଶ ବାଗପତ୍ ଅଞ୍ଚଳର ଜାଟ୍ ନେତା ସତ୍ୟପାଲ ଜଣେ ଛାତ୍ରନେତା ଭାବେ ରାଜନୈତିକ ଜୀବନ ଆରମ୍ଭ କରି ୧୯୭୪ରେ ☞ପୃଷ୍ଠା-୪

## ଶୋଭନା ମହାନ୍ତି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା
### ନିଯୁକ୍ତ ହେଲେ ୪ ସଦସ୍ୟା

ଭୁବନେଶ୍ୱର,୫।୮ (ରବିନାରାୟଣ ଜେନା)

ଦୀର୍ଘଦିନ ଧରି ରାଜ୍ୟରେ ମହିଳା କମିଶନ ଅଧ୍ୟକ୍ଷା ନିଯୁକ୍ତି ହେଉ ନ ଥିବା ନେଇ ଚାଲିଥିବା କଳ୍ପନାଜଳ୍ପନାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ବାଲେଶ୍ୱର ଜିଲା ରେମୁଣା ଅନ୍ତର୍ଗତ କରଞ୍ଜିଆ ଗ୍ରାମର ଶୋଭନା ମହାନ୍ତିଙ୍କୁ ରାଜ୍ୟ ସରକାର ମହିଳା କମିଶନ ଅଧ୍ୟକ୍ଷା ଭାବେ ନିଯୁକ୍ତ କରିଛନ୍ତି। ଏନେଇ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ମହିଳା କମିଶନ ଆଇନ-୧୯୯୩ ଅନୁସାରେ ରାଜ୍ୟ ସରକାର ବିଚାରପୂର୍ବକ ଶୋଭନା



ମହାନ୍ତିଙ୍କୁ ମହିଳା କମିଶନ ଅଧ୍ୟକ୍ଷା ଭାବେ ନିଯୁକ୍ତ କରିଛନ୍ତି। ମହିଳାଙ୍କ ସୁରକ୍ଷା ଲାଗି ଅଧ୍ୟକ୍ଷା ତାଙ୍କ କ୍ଷମତା ଉପଯୋଗ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଏହାସହ ଅଧ୍ୟକ୍ଷା ଭାବେ କାର୍ଯ୍ୟରେ ☞ପୃଷ୍ଠା-୪

## ୩ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୮ (ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସନ୍ଧ୍ୟାରେ ୩ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି। ମୁଖ୍ୟମନ୍ତ୍ରୀ ଆସନ୍ତା ୭ ତାରିଖରେ ଓଡ଼ିଶା ଫେରିବା କାର୍ଯ୍ୟକ୍ରମ ବର୍ତ୍ତମାନ ସୁଦ୍ଧା ସ୍ଥିର ହୋଇଛି। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ କେନ୍ଦ୍ରର କେତେଜଣ ବରିଷ୍ଠ ନେତାମାନଙ୍କୁ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଆସନ୍ତା ସେପ୍ଟେମ୍ବର ୧୭ରେ ପଡୁଛି। ଏହିଦିନ ରାଜ୍ୟ ସରକାର ରାଜ୍ୟରେ ୭୫ ଲକ୍ଷ ବୃକ୍ଷରୋପଣ କରିବେ ବୋଲି କହିଛନ୍ତି। ତେଣୁ ଏହିଦିନ ପ୍ରଧାନମନ୍ତ୍ରୀଙ୍କୁ ☞ପୃଷ୍ଠା-୪

## ୧ରୁ ବନ୍ଦ ହେବ ରେଜିଷ୍ଟର୍ଡ ପୋଷ୍ଟ

ନୂଆଦିଲ୍ଲୀ,୫।୮

ଇଣ୍ଡିଆ ପୋଷ୍ଟ ଦୀର୍ଘ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଦେଶବାସୀଙ୍କୁ ରେଜିଷ୍ଟର୍ଡ ଡାକସେବା ଯୋଗାଇ ଆସୁଥିବାବେଳେ ବିଶ୍ୱସନୀୟତା ଓ କମ୍ ଦର ପାଇଁ ଏହା ଜଣାଶୁଣା ଥିଲା। ତେବେ ଆସନ୍ତା ସେପ୍ଟେମ୍ବର ୧ ତାରିଖରୁ ଏହି ସେବା ବନ୍ଦ ହେବାକୁ ଯାଉଛି। ପରିଚାଳନାକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଆଧୁନିକୀକରଣ ପଦକ୍ଷେପର ଅଂଶସ୍ୱରୂପ ରେଜିଷ୍ଟର୍ଡ ଡାକସେବା ବନ୍ଦ ଲାଗି ନିଷ୍ପତ୍ତି ନିଆଯାଇଥିବା ଇଣ୍ଡିଆ ପୋଷ୍ଟ ଘୋଷଣା କରିଛି। ଏହି ପଦକ୍ଷେପ ସ୍ୱରୂପ ରେଜିଷ୍ଟର୍ଡ ପୋଷ୍ଟକୁ ସ୍ପିଡ୍ ପୋଷ୍ଟ ନେଟ୍‌ୱର୍କ ସହ ସାମିଲ କରାଯିବ।

ରେଜିଷ୍ଟର୍ଡ ପୋଷ୍ଟ ପାଇଁ ୨୫ ଟଙ୍କା ୯୬ ପଇସା ଲାଗୁଥିବାବେଳେ ପ୍ରତି ଅତିରିକ୍ତ ୨୦ ଗ୍ରାମ ପାଇଁ ଅଧିକ ୫ ଟଙ୍କା ଦେବାକୁ ପଡୁଥିଲା। ତେଣୁ ଗ୍ରାମାଞ୍ଚଳ ସମେତ ଅଧିକାଂଶଙ୍କର ଏହା ସାମର୍ଥ୍ୟ ଭିତରେ ରହିଥିଲା। ଅନ୍ୟପକ୍ଷରେ ସ୍ପିଡ୍ ପୋଷ୍ଟ ଦେୟ ୫୦ ଗ୍ରାମ୍ ପର୍ଯ୍ୟନ୍ତ ପାର୍ସଲ ପାଇଁ ୪୧ ଟଙ୍କା ପଡୁଛି, ଯାହାକି ୨୦ରୁ ୨୫ ପ୍ରତିଶତ ଅଧିକ ମହଙ୍ଗା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
**ପୁଣି କିଛି ଶିଖୁନାହାନ୍ତି**

# ବଦଳିବ ୧,୬୩୪ ରାଜସ୍ୱ ଗ୍ରାମର ନକ୍ସା

ଭୁବନେଶ୍ୱର,୫।୮ (ରବିନାରାୟଣ ଜେନା)

- **ତ୍ୱରିତ ପଦକ୍ଷେପ ପାଇଁ ସବୁ ଜିଲାପାଳ, ଆର୍‌ଡିସିଙ୍କୁ ନିର୍ଦ୍ଦେଶ**
- **ତହସିଲ୍‌ରେ ଖୋଲିବ ସ୍ୱତନ୍ତ୍ର ପ୍ରକୋଷ୍ଠ**

ରାଜ୍ୟବାସୀଙ୍କୁ କିଭଳି ହାତ ପାଆନ୍ତାରେ ରାଜସ୍ୱ ସେବା ମିଳିପାରିବ, ତାହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ୧୬୩୪ଟି ନୂତନ ରାଜସ୍ୱ ଗ୍ରାମର ସୀମା ପରିବର୍ତ୍ତନ କରାଯିବ। ଏହି ନୂତନ ରାଜସ୍ୱ ଗ୍ରାମର ସୀମା ଯେଭଳି ପୁରୁଣା ଗ୍ରାମ ସହ ସଂଶ୍ଳିଷ୍ଟ ନ ରହିବ, ସେନେଇ ରାଜସ୍ୱ ବିଭାଗ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅଫ୍ ପ୍ରୋସିଡ୍ୟୁର(ଏସ୍‌ଓପି) ଜାରି କରାଯାଇଛି। ବିଭାଗର ଏସ୍‌ଓପି ଅନୁଯାୟୀ, ତୁରନ୍ତ ନୂତନ ରାଜସ୍ୱ ଗ୍ରାମଗୁଡ଼ିକର ନକ୍ସା ପରିବର୍ତ୍ତନ କରିବାକୁ ରାଜ୍ୟ ଭୂ-ରେକର୍ଡ ଓ ସର୍ଭେ ନିର୍ଦ୍ଦେଶକଙ୍କ ସହ ସମସ୍ତ ଜିଲାପାଳ ଏବଂ ଆର୍‌ଡିସିଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ଚଳିତମାସ ୨ରେ ନିର୍ଦ୍ଦେଶ ଦିଆଯାଇଛି।

ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ଦେଓରଞ୍ଜନ କୁମାର ସିଂହ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଦୀର୍ଘଦିନ ଧରି ନୂତନ ରାଜସ୍ୱ ଗ୍ରାମ ଓ ଏହାର ସୀମା ପୁନଃ ନିର୍ଦ୍ଧାରଣ ଲାଗି ଦାବିହୋଇ ଆସୁଥିଲା। ଏହାକୁ ନେଇ ଜିଲାପାଳ, ବନ୍ଦୋବସ୍ତ ଅଧିକାରୀଙ୍କ ପକ୍ଷରୁ ଆସିଥିବା ସୁପାରିସ୍‌କୁ ଆଧାରକରି ସରକାରଙ୍କ ପକ୍ଷରୁ ୧୬୩୪ଟି ରାଜସ୍ୱ ଗ୍ରାମକୁ ଅନୁମୋଦନ ପ୍ରଦାନ କରାଯାଇଛି।

ଏସିଏସ୍ ଦର୍ଶାଇଛନ୍ତି, ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ୧୬୩୪ଟି (ବିସିପି) ରାଜସ୍ୱ ଗ୍ରାମ ପ୍ରସ୍ତାବକୁ ସରକାରଙ୍କ ଅନୁମୋଦନ ମିଳିଛି। କିନ୍ତୁ ଏହି ନବଗଠିତ ଗ୍ରାମଗୁଡ଼ିକ ଏପର୍ଯ୍ୟନ୍ତ ତାଙ୍କର ପ୍ରାକ୍ ଗ୍ରାମରୁ ରେକର୍ଡ ଓ ମାନଚିତ୍ର ଦୃଷ୍ଟିରୁ ପୂର୍ଣ୍ଣ ଭାବେ ବିଚ୍ଛିନ୍ନ ହୋଇନାହାନ୍ତି। ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ରାଜସ୍ୱ ଗ୍ରାମ ବିଭାଜନ ଦ୍ୱାରା ଦୁଇଟି ଅଲଗା ଗ୍ରାମ ପାଇଁ ନୂତନ ଭୂ-ରେକର୍ଡ ପ୍ରସ୍ତୁତ ହେବା ଉଚିତ୍, ଯେଉଁଥିରେ ପ୍ରତ୍ୟେକ ରାଜସ୍ୱ ଗ୍ରାମ ନୂତନ ଖାତା ଓ ପ୍ଲଟ୍ ତଥ୍ୟ ରହିବା ଜରୁରୀ। ନୂତନ ରାଜସ୍ୱ ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ ବେଳେ ଯେପରି ପୁରୁଣା ରାଜସ୍ୱ ଗ୍ରାମର ରେକର୍ଡ ମିଶି ନ ଯାଏ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ଏସିଏସ୍ ଦର୍ଶାଇଛନ୍ତି।

ସେ କହିଛନ୍ତି ଯେ, ରାଜସ୍ୱ ପର୍ଷଦଙ୍କ ନିର୍ଦ୍ଦେଶ ପାଇବା ପରେ ଜିଲାପାଳ ତାହାର ଏକ କପି ତହସିଲ୍‌ଦାରଙ୍କୁ ପଠାଇବେ, ଯେଉଁଥିରେ ଚାପ୍ଟର-୪ ଅନୁଯାୟୀ ମାନଚିତ୍ର ଓ ରେକର୍ଡରେ ଆବଶ୍ୟକ ପରିବର୍ତ୍ତନ ☞ପୃଷ୍ଠା-୪



## ସଂକ୍ଷେପରେ

### ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ନିର୍ଦ୍ଦେଶ ଦେଇପାରେ ଇସ୍ରାଏଲୀ କ୍ୟାବିନେଟ୍

ଜେରୁଜେଲମ୍,୫।୮

ଗାଜାକୁ ସମ୍ପୂର୍ଣ୍ଣ ଦଖଲ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ପାଇଁ ଦୀର୍ଘ ଇସ୍ରାଏଲୀ କ୍ୟାବିନେଟ୍‌କୁ ଅଧିକାର ମିଳିପାରେ ବୋଲି ଏକ ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ପାଲେଷ୍ଟିନୀୟ ଅଞ୍ଚଳର ଭୟାବହ ସ୍ଥିତିକୁ ଲାଘବ କରିବା ନିମନ୍ତେ ଯୁଦ୍ଧବିରତି ପାଇଁ ଅନ୍ତର୍ଜାତୀୟ ଚାପ ବଢ଼ୁଥିବା ସତ୍ତ୍ୱେ ସମ୍ପୂର୍ଣ୍ଣ ଗାଜା ଦଖଲ ପାଇଁ ଇସ୍ରାଏଲ୍ ଯୋଜନା ଚଳାଇଛି। ହମାସ୍ ବିରୋଧରେ ଦୀର୍ଘ ୨୨ ମାସ ଯୁଦ୍ଧ ଚଳାଇବା ପରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗାଜାକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବାକୁ ଚାହୁଁଥିବା ଇସ୍ରାଏଲୀ ଚ୍ୟାନେଲ୍-୧୨ ରିପୋର୍ଟ କରିଛି। ତେବେ ଗାଜାକୁ ଅକ୍ତିଆର କରିବା ପରେ ଇସ୍ରାଏଲ୍ ଏହାକୁ ଦୀର୍ଘଦିନ ଧରି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରଖିବ ନା ହମାସ୍‌କୁ ଧ୍ୱଂସ କରିବା ଓ ପଣବନ୍ଦୀଙ୍କୁ ମୁକ୍ତ କରିବା ଲକ୍ଷ୍ୟରେ ସ୍ୱଳ୍ପ ସମୟ କବ୍‌ଜା କରିବ, ତାହା ସ୍ପଷ୍ଟ ହୋଇନାହିଁ।

### ଜୟପୁରରେ ୟୁକ୍ରେନ୍ ଫାଷ୍ଟ ଲେଡିଙ୍କ ବିମାନ ଅବତରଣ

ଜୟପୁର,୫।୮

ୟୁକ୍ରେନ୍ ଫାଷ୍ଟ ଲେଡି ଓଲେନା ଭୋଲୋଡିମିରିଭ୍‌ନା ଜେଲେନ୍‌ସ୍କାଙ୍କ ସମେତ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳଙ୍କୁ ନେଇ ଜାପାନର ଟୋକିଓକୁ ଯାଉଥିବା ବିମାନ ଇନ୍ଧନ ଭରିବା ପାଇଁ ରବିବାର ଜୟପୁର ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନରେ ଅନ୍ୟମାନଙ୍କ ମଧ୍ୟରେ ୟୁକ୍ରେନ୍ ବହିର୍ବ୍ୟାପାର ମନ୍ତ୍ରୀ ଆଣ୍ଡ୍ରି ସିବିହା ଓ ଜେଲେନ୍‌ସ୍କି ସରକାରର ବରିଷ୍ଠ ସଦସ୍ୟମାନେ ଥିଲେ। ଇନ୍ଧନ ଭରିବା ଅନୁରୋଧକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ ପୂର୍ବରୁ ଅନୁମୋଦନ କରିଥିଲା।



ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲା ଅନ୍ତର୍ଗତ ଧରାଲିରେ ମଙ୍ଗଳବାର ବାଦଲଫଟା ବର୍ଷା ଯୋଗୁ ହଠାତ୍ ବନ୍ୟା ଆସି ବହୁ ଘରଦ୍ୱାର ଭାସିଯିବା ସହ ଅନେକ ଘର ଆଂଶିକ ବୁଡ଼ି ରହିଛି।

# ଟ୍ରମ୍ପଙ୍କ ଟାରିଫ୍ ଧମକ ବେଆଇନ: ରୁଷିଆ

## ବାଣିଜ୍ୟ ସହଯୋଗୀ ବାଛିବା ଅଧିକାର ଭାରତର ରହିଛି

ନୂଆଦିଲ୍ଲୀ,୫।୮

ରୁଷିଆରୁ ଭାରତ ତେଲ କିଣା ଜାରି ରଖିଲେ ସେଠାରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆହୁରି ଅଧିକ ଟାରିଫ୍ ଲଗାଇବେ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ଧମକ ଦେଇଥିବାବେଳେ ମସ୍କୋ ମଙ୍ଗଳବାର ଏହାକୁ ସମାଲୋଚନା କରିଛି। ନିଜର ବାଣିଜ୍ୟ ସହଯୋଗୀ ବାଛିବା ଅଧିକାର ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ରହିଛି ବୋଲି କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ ଏକ ନ୍ୟୁଜ୍ ଏଜେନ୍ସିକୁ କହିଛନ୍ତି। ରୁଷିଆ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ କରିବା ନିମନ୍ତେ ବିଭିନ୍ନ ଦେଶ ଉପରେ ଚାପ ପକାଇବା ବେଆଇନ ବୋଲି ସେ କହିଛନ୍ତି।

ଟାରିଫ୍ ବଢ଼ାଇବା ପାଇଁ ଟ୍ରମ୍ପଙ୍କ ଚେତାବନୀକୁ ଅନୁଚିତ ଓ ଅଯଥାର୍ଥ ବୋଲି ଭାରତ କହିଛି। ବଜାର ବାସ୍ତବତା ଆଧାରରେ ରୁଷିଆରୁ ଅଶୋଧିତ ତୈଳ


ଡିମିଟ୍ରି ପେସ୍କୋଭ୍

କିଣିବା ପାଇଁ ଭାରତ ନିଷ୍ପତ୍ତି ନେଇଛି, କୌଣସି ରାଜନୈତିକ ସଂରକ୍ଷଣରେ ନୁହେଁ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବଜାର ସ୍ଥିତି ଅନୁଯାୟୀ ଭାରତ ରୁଷିଆରୁ ତେଲ ଆମଦାନୀ କରିବାକୁ ବାଧ୍ୟ ହୋଇଛି। ବାଣିଜ୍ୟ ନିଷ୍ପତ୍ତି ସହ ମସ୍କୋକୁ ରାଜନୈତିକ ସମର୍ଥନକୁ ଯୋଡ଼ିବା ଠିକ୍ ନୁହେଁ ବୋଲି ନୂଆଦିଲ୍ଲୀ କହିଛି। ଦେଶର ଜାତୀୟ ସ୍ୱାର୍ଥ ଏବଂ ଆର୍ଥିକ ସୁରକ୍ଷା ପାଇଁ ଭାରତ ସମସ୍ତ ଆବଶ୍ୟକ ପଦକ୍ଷେପ ନେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଆମେରିକା ଓ ୟୁରୋପୀୟ ସଂଘ ରୁଷିଆ ସହ ବାଣିଜ୍ୟ ଜାରି ରଖିଥିବାବେଳେ ଭାରତକୁ କାହିଁକି ବିରୋଧ କରାଯାଉଛି ବୋଲି ମନ୍ତ୍ରଣାଳୟ ପ୍ରଶ୍ନ କରିଛି। ୨୦୨୪ରେ ୟୁରୋପୀୟ ସଂଘ ରୁଷିଆ ସହ ୬୭.୫ ବିଲିୟନ ୟୁରୋ ମୂଲ୍ୟର ବାଣିଜ୍ୟ କରିଛି। ୨୦୨୩ରେ ଏହି ବାଣିଜ୍ୟ ପରିମାଣ ୧୭.୨ ବିଲିୟନ ୟୁରୋ ଥିଲା। ଏହି ପରିମାଣ ଉପରୋକ୍ତ ସମୟରେ ଭାରତ ରୁଷିଆରୁ କିଣିଥିବା ତେଲ ପରିମାଣ ଠାରୁ ଅଧିକ। ସେହିପରି ରୁଷିଆଠାରୁ ଆମେରିକା ଆଣବିକ କେନ୍ଦ୍ର ପାଇଁ ୟୁରାନିୟମ୍ ହେକ୍ସାଫ୍ଲୋରାଇଡ୍, ବିଦ୍ୟୁତ୍‌ଚାଳିତ ଯାନ ପାଇଁ ପାଲାଡିୟମ୍ ସମେତ ସାର ଓ ରାସାୟନିକ ସାମଗ୍ରୀ ଆଦି କିଣୁଛି।

ଭାରତ ଉପରେ ଶୁଳ୍କ ବଢ଼ାଇବା ପାଇଁ ଟ୍ରମ୍ପ୍ ଚେତାବନୀ ଦେବା ସହ ଟ୍ରୁଥ୍ ସୋସିଆଲ୍‌ରେ ଲେଖିଥିଲେ, ଭାରତ କେବଳ ରୁଷିଆରୁ ପ୍ରଚୁର ପରିମାଣର ତେଲ କିଣୁନାହିଁ, ଏହାର ଅଧିକାଂଶ ଭାଗ ଖୋଲା ବଜାରରେ ବିକ୍ରି କରି ଲାଭ ଉଠାଉଛି। ୟୁକ୍ରେନ୍‌ରେ ରୁଷିଆର ଯୁଦ୍ଧ ଯୋଗୁ କେତେ ଲୋକଙ୍କ ଜୀବନ ଗଲାଣି, ତାହାକୁ ସେମାନେ ପରୱା କରୁନାହାନ୍ତି। ସେଥିପାଇଁ ଭାରତ ଆମେରିକାକୁ ଆହୁରି ଅଧିକ ଶୁଳ୍କ ଦେବାକୁ ପଡ଼ିବ ବୋଲି ଟ୍ରମ୍ପ୍ କହିଥିଲେ। ପୂର୍ବରୁ ଟ୍ରମ୍ପ୍ ପ୍ରଶାସନ ଭାରତରୁ ଆମଦାନୀ ସାମଗ୍ରୀ ଉପରେ ୨୫% ଶୁଳ୍କ ଲଗାଇଛି। ସୂଚନାଯୋଗ୍ୟ, ୩ ଦିନ ପୂର୍ବରୁ ଟ୍ରମ୍ପ୍ କହିଥିଲେ, ଭାରତୀୟ କମ୍ପାନୀଗୁଡ଼ିକ ରୁଷିଆରୁ ତେଲ କିଣିବା ବନ୍ଦ କରିଥିବା ଶୁଣିବାକୁ ପାଉଛି, ଯାହା ଏକ ଭଲ ଖବର। ତେବେ ତାଙ୍କର ଏହି ଦାବିକୁ ନୂଆଦିଲ୍ଲୀ ଖଣ୍ଡନ କରିବା ସହ ରୁଷିଆରୁ ତେଲ ଆମଦାନୀ ବନ୍ଦ କରିବାକୁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି କହିଥିଲା। ସୂଚନାଯୋଗ୍ୟ, ବିଶ୍ୱ ଇନ୍ଧନ ବଜାରରେ ସ୍ଥିରତା ପାଇଁ ରୁଷିଆ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ସମୟରେ ରୁଷିଆରୁ ଭାରତର ତୈଳ ଆମଦାନୀକୁ ଆମେରିକା ସମର୍ଥନ କରିଥିଲା। ସେତେବେଳେ ଏହାକୁ ଆମେରିକା ନିଜର ଫାଇଦା ଦୃଷ୍ଟିରେ ଦେଖୁଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

## ହାଇକୋର୍ଟଙ୍କୁ ଭର୍ତ୍ସନା କଲେ ସୁପ୍ରିମକୋର୍ଟ

### ସିଭିଲ୍ ବିବାଦର ଆପରାଧୀକରଣ

ନୂଆଦିଲ୍ଲୀ,୫।୮

ଆଲ୍ଲାହାବାଦ ହାଇକୋର୍ଟ ଏକ ସିଭିଲ୍ ବିବାଦକୁ ଆପରାଧିକ ମାମଲା ଭାବେ ବିଚାର ପାଇଁ ଅନୁମତି ଦେଇଥିବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ତୀବ୍ର ଭର୍ତ୍ସନା କରିଛନ୍ତି। ହାଇକୋର୍ଟଙ୍କ ଏଭଳି ରାୟ ସବୁଠୁ ଖରାପ ଏବଂ ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସିଭିଲ୍ ମାମଲାରେ ବେଆଇନ ଭାବେ ଦଖଲ ସମ୍ପତ୍ତିକୁ ଫେରସ୍ତ ଆଣିବା ସମୟସାପେକ୍ଷ ହୋଇଥିବା କାରଣ ଦର୍ଶାଇ ଏହାକୁ ଆପରାଧିକ ମୋକଦ୍ଦମା ବିବେଚନା କରିବା ବିସ୍ମିତ କରିଛି। ରାୟକୁ ତୁରନ୍ତ ଫେରାଇନେବା ଲାଗି ଶୀର୍ଷ ଅଦାଲତ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ କହିବା ସହ ସମ୍ପୃକ୍ତ ବିଚାରପତି ଅବସର ନେବା ପର୍ଯ୍ୟନ୍ତ ତାଙ୍କୁ କୌଣସି ଆପରାଧିକ ମାମଲା ବିଚାର ପାଇଁ ନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଭାରତ-ଫିଲିପାଇନ୍ସ ୯ ଚୁକ୍ତି ସ୍ୱାକ୍ଷର


ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାକ୍ରୋସ୍ ଜୁନିୟର୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ, ୫।୮

ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍ ମାକ୍ରୋସ୍ ଜୁନିୟର୍ ୫ ଦିବସୀୟ ଭାରତ ଗସ୍ତରେ ଆସି ମଙ୍ଗଳବାର ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଭାରତ ଓ ଫିଲିପାଇନ୍ସ ପରସ୍ପରକୁ ବିଭିନ୍ନ କ୍ଷେତ୍ରରେ ରଣନୈତିକ ସହଯୋଗ କରିବେ ବୋଲି ଏହି ଅବସରରେ ଉଭୟ ନେତା ଘୋଷଣା କରିଛନ୍ତି। ଉଭୟ ଦେଶ ମଧ୍ୟରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ବାହ୍ୟ ମହାକାଶ, ପର୍ଯ୍ୟଟନ, ଡିଜିଟାଲ ଟେକ୍ନୋଲୋଜି, ପ୍ରତିରକ୍ଷା ସମ୍ପର୍କର ସୁଦୃଢ଼ୀକରଣ ଆଦି କ୍ଷେତ୍ରରେ ୯ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଫିଲିପାଇନ୍ସ ରାଷ୍ଟ୍ରପତି ମାକ୍ରୋସ୍‌ଙ୍କ ସହ ପାରସ୍ପରିକ ସହଯୋଗ ଏବଂ ବିଭିନ୍ନ ଆଞ୍ଚଳିକ ଓ ଅନ୍ତର୍ଜାତୀୟ ପରିସ୍ଥିତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିବା ମୋଦି କହିଛନ୍ତି। ୨ ଦେଶ ନିଜର ସମ୍ପର୍କକୁ ରଣନୈତିକ ସହଭାଗିତାର ମାନ୍ୟତା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ଭାରତର ଆତଙ୍କବାଦ ବିରୋଧୀ ଲଢ଼େଇକୁ ସମର୍ଥନ କରିଥିବାରୁ ସେ ଫିଲିପାଇନ୍ସ ସରକାର ଓ ରାଷ୍ଟ୍ରପତି ମାକ୍ରୋସ୍‌ଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିଛନ୍ତି।

## ୫୦୦ ପିଟିଆଇ କର୍ମୀ ଗିରଫ

### ଇମ୍ରାନ୍‌ଙ୍କ ମୁକ୍ତି ପାଇଁ ପାକିସ୍ତାନରେ ପ୍ରତିବାଦ

ଇସ୍‌ଲାମାବାଦ, ୫।୮

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କୁ ଜେଲ ହେବାର ମଙ୍ଗଳବାର ୨ ବର୍ଷ ପୂରିଛି। ତେଣୁ ଇମ୍ରାନ୍‌ଙ୍କ ମୁକ୍ତି ଦାବିରେ ତାଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ପକ୍ଷରୁ ଦେଶର ବିଭିନ୍ନ ପ୍ରାନ୍ତରେ ପ୍ରତିବାଦ ରାଲିର ଆୟୋଜନ କରାଯାଇଛି। ତେବେ ଇମ୍ରାନକୁ ମୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ ବେଳେ ସାର୍ବଜନୀନ ସମାବେଶ ଉପରେ ଜାରି କରାଯାଇଥିବା ନିଷେଧାଦେଶକୁ ଉଲ୍ଲଂଘନ କରିଥିବାରୁ ୫୦୦ ଜଣ ପିଟିଆଇ କର୍ମୀଙ୍କୁ ଗିରଫ କରାଯାଇଛି। ପଞ୍ଜାବ ରାଜ୍ୟରେ ଅଧିକାଂଶ ପିଟିଆଇ କର୍ମୀଙ୍କୁ ଗିରଫ କରାଯାଇଛି। ଅନେକ ସ୍ଥାନରେ ପୋଲିସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ


ବିକ୍ଷୋଭ ସ୍ଥଳରୁ ପିଟିଆଇ ନେତ୍ରୀ ରେହାନା ଦର୍‌ଙ୍କୁ ଗିରଫ କରାଯାଉଛି।

ଘଟିଥିବା ନେଇ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଛନ୍ତି। ତେବେ ଦେଶରେ ରାଜନୈତିକ କାର୍ଯ୍ୟକ୍ରମ ଉପରେ କଟକଣା ଏବଂ ଦଳୀୟ କର୍ମୀଙ୍କ ଗିରଫଦାରିକୁ ପିଟିଆଇ ପକ୍ଷରୁ ନିନ୍ଦା କରାଯାଇଛି। ପ୍ରକାଶ ଯେ, ୨୦୨୩ ଅଗଷ୍ଟ ୫ରେ ଏକ ଭ୍ରଷ୍ଟାଚାର ମାମଲାରେ ଇମ୍ରାନ୍‌ଙ୍କୁ ତାଙ୍କ ଲାହୋରସ୍ଥିତ ବାସଭବନରୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଜେଲରେ ଅଛନ୍ତି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ଡିଆର୍‌ଡିଓ ଗେଷ୍ଟ ହାଉସ୍ ମ୍ୟାନେଜର ଗିରଫ

ଜୈସାଲମେର, ୫।୮

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ସନ୍ଦେହରେ ପ୍ରତିରକ୍ଷା ଗବେଷଣା ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଜୈସାଲମେରସ୍ଥିତ ଗେଷ୍ଟ ହାଉସ୍ ମ୍ୟାନେଜର ମହେନ୍ଦ୍ର ପ୍ରସାଦଙ୍କୁ ଗିରଫ କରାଯାଇଛି। ଉତ୍ତରାଖଣ୍ଡର ଆଲ୍‌ମୋରା ନିବାସୀ ମହେନ୍ଦ୍ର ୨୦୧୮ରୁ ପୋଖରାନ୍ ଫିଲ୍ଡ ଫାୟାରିଂ ରେଞ୍ଜର ଡିଆର୍‌ଡିଓ ଗେଷ୍ଟ ହାଉସ୍‌ରେ ମ୍ୟାନେଜର ଭାବେ ନିୟୋଜିତ ଥିଲେ। ଏହି ଗେଷ୍ଟ ହାଉସରେ ଭାରତୀୟ ସେନା, ଡିଆର୍‌ଡିଓ ବୈଜ୍ଞାନିକ ଏବଂ ଶ୍ରେଷ୍ଠ ପ୍ରତିରକ୍ଷା ବିଶେଷଜ୍ଞମାନେ ନିୟମିତ ଭାବେ ରହିଥାନ୍ତି। ପୋଖରାନ ଫିଲ୍ଡ ଫାୟାରିଂ ରେଞ୍ଜରେ ନୂତନ ଅସ୍ତ୍ରଶସ୍ତ୍ର ପରୀକ୍ଷଣ, କୌଶଳଗତ ଅଭ୍ୟାସ ଏବଂ ଯୁଦ୍ଧ ଅଭ୍ୟାସ ସହ ଜଡ଼ିତ ବିଭିନ୍ନ ସାମରିକ କାର୍ଯ୍ୟକଳାପ ହୋଇଥାଏ। ମହେନ୍ଦ୍ର ଏହି ଗୁରୁତ୍ୱପୂର୍ଣ୍ଣ ତଥା ସମ୍ବେଦନଶୀଳ ସୂଚନାଗୁଡ଼ିକୁ


ମହେନ୍ଦ୍ର ପ୍ରସାଦ

ମୋବାଇଲ ଫୋନ୍ ମାଧ୍ୟମରେ ପାକିସ୍ତାନକୁ ଦେଉଥିଲେ ବୋଲି ପୋଲିସ ସନ୍ଦେହ କରୁଛି। ମହେନ୍ଦ୍ରଙ୍କ ମୋବାଇଲକୁ ପାକିସ୍ତାନରୁ ବାରମ୍ବାର କଲ୍ ଆସୁଥିବାର ଦୃଢ଼ ପ୍ରମାଣ ମିଳିଛି ବୋଲି ଜୈସାଲମେର ଏସ୍‌ପି ଅଭିଷେକ ଶିଭାରେ କହିଛନ୍ତି। ଗିରଫଦାରି ପରେ ମହେନ୍ଦ୍ରଙ୍କ ମୋବାଇଲ ଫୋନ୍‌କୁ ଜବତ କରାଯାଇ ଡିଜିଟାଲ ଫୋରେନ୍ସିକ ଯାଞ୍ଚ ପାଇଁ ପଠାଯାଇଥିବା ସେ କହିଛନ୍ତି।

## ଫୁର୍‌ସତ୍


# ୪୪ ଗ୍ରାମ୍‌ର କୀଟ ଆବିଷ୍କୃତ

ବ୍ରିସ୍‌ବେନ୍

ସମ୍ପ୍ରତି ଅଷ୍ଟ୍ରେଲୀୟ ଗବେଷକମାନେ ଏକ ଅନନ୍ୟ ନୂତନ ପ୍ରଜାତିର କୀଟ ଆକ୍ରୋଫିଲା ଅଲ୍ଟାର ଆବିଷ୍କାର କରିଛନ୍ତି, ଯାହାକୁ ଅଷ୍ଟ୍ରେଲିଆର ସବୁଠାରୁ ଓଜନିଆ କୀଟ ବୋଲି କୁହାଯାଉଛି।

ଏହି ପ୍ରଜାତିର କୀଟ ୪୦ ସେ.ମି. ଲମ୍ବା ଏବଂ ୪୪ ଗ୍ରାମର ଓଜନିଆ। ଏହି କୀଟର ଓଜନ ଏକ ଗଲ୍ଫ ବଲ୍‌ର ଓଜନ ସଦୃଶ ରହିଛି। ଆକାରରେ ବିରାଟକାୟ ହୋଇଥିବା ଏହି କୀଟକୁ ବୈଜ୍ଞାନିକମାନେ ନିଜ କ୍ୟାମେରାରେ କଏଦ କରିଛନ୍ତି, ଯାହା ସମ୍ପ୍ରତି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଅଷ୍ଟ୍ରେଲୀୟ ରାଜ୍ୟ କ୍ୱିନ୍ସଲ୍ୟାଣ୍ଡର ଉତ୍ତର ପାର୍ଶ୍ୱରେ ଥିବା ଏକ ପାର୍ବତ୍ୟ ବର୍ଷାରଣ୍ୟ ଅଞ୍ଚଳରେ ଏହି କୀଟ ପ୍ରଜାତିକୁ ଆବିଷ୍କାର କରିଛନ୍ତି। ଏହି ଅଞ୍ଚଳ ଅଷ୍ଟ୍ରେଲିଆର ଦୂରବର୍ତ୍ତୀ ଅଞ୍ଚଳରେ ଥିବାରୁ ଏତେଦିନ ପର୍ଯ୍ୟନ୍ତ ଆକ୍ରୋଫିଲା ଅଲ୍ଟା ପ୍ରଜାତିର କୀଟକୁ କେହି ଦେଖିପାରି ନ ଥିଲେ ବୋଲି ଏହାର ଆବିଷ୍କାର କରିଥିବା ଅଷ୍ଟ୍ରେଲିଆସ୍ଥିତ ଜେମ୍‌ସ କୁକ୍ ୟୁନିଭର୍ସିଟିର ଗବେଷକ ପ୍ରଫେସର ଆନଗସ୍ ଏମ୍ମୋଟ କହିଛନ୍ତି। ଥଣ୍ଡା ଏବଂ ଓଦା ବାସସ୍ଥାନ ଯୋଗୁ ଏହି କୀଟର ଆକାର ବିରାଟକାୟ ଭାବେ ବିକଶିତ ହୋଇଥିବା ସେ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଷ୍ଟ୍ରେଲିଆର ସବୁଠାରୁ ଓଜନିଆ କୀଟ କୁହାଯାଉଥିବା ଜିଆଣ୍ଟ ଉଡ୍ ମୋଥ୍ ପ୍ରଜାତିଠାରୁ ମଧ୍ୟ ଏହି କୀଟ ଅଧିକ ଓଜନିଆ। ଜିଆଣ୍ଟ ଉଡ୍ ମୋଥ୍ କୀଟର ଓଜନ ୩୦ ଗ୍ରାମ ହୋଇଥିବାବେଳେ ଆକ୍ରୋଫିଲା ଅଲ୍ଟା କୀଟର ଓଜନ ୪୪ ଗ୍ରାମ୍ ରହିଛି।

ଏକ ଛୋଟ ପକ୍ଷୀର ଡେଣା ପରି ଆକ୍ରୋଫିଲା ଅଲ୍ଟା କୀଟର ମଧ୍ୟ ଡେଣା ରହିଥାଏ ବୋଲି ଏମ୍ମୋଟ କହିଛନ୍ତି। ତେବେ ଭାରୀ ଶରୀର ହେତୁ ଏହି ପ୍ରଜାତିର କୀଟ ଜୋର୍‌ରେ ଉଡ଼ିପାରନ୍ତି ନାହିଁ। ବର୍ଷାରଣ୍ୟରେ ଥିବା ଅଧିକ ଉଚ୍ଚତା ବିଶିଷ୍ଟ ଗଛରେ ଏହି କୀଟ ରହିଥାନ୍ତି। ସେମାନଙ୍କ ନିକଟରେ ପହଞ୍ଚିବା ମଣିଷ ପାଇଁ ପ୍ରାୟତଃ ଅସମ୍ଭବ। କେବଳ ଯେତେବେଳେ କୌଣସି ପକ୍ଷୀ ସେମାନଙ୍କୁ ପକାଇ ଦିଏ କିମ୍ବା ସେମାନେ ଝଡ଼ପବନରେ ପଡ଼ିଯାଆନ୍ତି, ତେବେ ଯାଇ ଏହି କୀଟଙ୍କୁ ଦେଖି ହେବ। ତେଣୁ ସ୍ପଷ୍ଟ ଭାବେ ଆକ୍ରୋଫିଲା ଅଲ୍ଟା କୀଟକୁ ଖୋଜିବା ବହୁତ କଷ୍ଟକର ବୋଲି ଏମ୍ମୋଟ କହିଛନ୍ତି। ସମ୍ପ୍ରତି ବୈଜ୍ଞାନିକମାନେ ଏହି ପ୍ରଜାତିର ମାଈ କୀଟକୁ ଆବିଷ୍କାର କରିଥିବା ବେଳେ ପୁରୁଷ କୀଟକୁ ଖୋଜିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ସମ୍ପ୍ରତି ବୈଜ୍ଞାନିକମାନେ ଆବିଷ୍କାର କରିଥିବା ମାଈ କୀଟ ନମୁନାକୁ କ୍ୱିନ୍ସଲ୍ୟାଣ୍ଡ ସଂଗ୍ରହାଳୟରେ ରଖାଯାଇଛି।



## ହଂସିକାଙ୍କ ଛାଡ଼ପତ୍ର ଚର୍ଚ୍ଚା

ମୁମ୍ବାଇ

ଅଭିନେତ୍ରୀ ହଂସିକା ମୋଟ୍‌ୱାନୀ ୨୦୨୨ ଡିସେମ୍ବରରେ ବ୍ୟବସାୟୀ ସୋହେଲ ଖାତୁରିଆଙ୍କୁ ବିବାହ କରିଥିଲେ। ତେବେ ଗତ କିଛିଦିନ ହେବ ଉଭୟଙ୍କ ମଧ୍ୟରେ ସମ୍ପର୍କ ଠିକ୍ ନ ଥିବା ସହ ଉଭୟେ ପରସ୍ପରକୁ ଛାଡ଼ପତ୍ର ଦେଇପାରନ୍ତି ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଥିଲା। ଏହାରି ମଧ୍ୟରେ ହଂସିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର ଅନେକ ଫଟୋ ଏବଂ ଭିଡିଓକୁ ଡିଲିଟ୍ କରିଥିବା ନେଇ ମଙ୍ଗଳବାର ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ସେହିପରି ସେ ସ୍ୱାମୀ ସୋହେଲଙ୍କଠାରୁ ଅଲଗା ହୋଇ ନିଜ ମା'ଙ୍କ ସହ ରହୁଥିବା ନେଇ ରିପୋର୍ଟରେ କୁହାଯାଇଛି। ଏହି ରିପୋର୍ଟ ଆସିବା ପରେ ହଂସିକା ଏବଂ ସୋହେଲ ପରସ୍ପରକୁ ଛାଡ଼ପତ୍ର ଦେଉଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଛି। ତେବେ ଏହି ଛାଡ଼ପତ୍ର ଚର୍ଚ୍ଚାକୁ ନେଇ ହଂସିକା କିମ୍ବା ସୋହେଲ ବର୍ତ୍ତମାନ ସୁଦ୍ଧା ମୁହଁ ଖୋଲିନାହାନ୍ତି। ପ୍ରକାଶ ଯେ, ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତ୍ରୀ ହଂସିକା କେତେକ ବଲିଉଡ୍ ଫିଲ୍ମରେ ମଧ୍ୟ ନିଜ ଅଭିନୟର ଜଲ୍‌ୱା ଦେଖାଇଛନ୍ତି।

**ଇନ୍‌ଷ୍ଟାଗ୍ରାମରେ ବିବାହର ଫଟୋ, ଭିଡିଓ ଡିଲିଟ୍ କଲେ**



ହଂସିକା ମୋଟ୍‌ୱାନୀ

# ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର ଲାଗି ପୁସ୍ତକ ଆହ୍ୱାନ

ଭୁବନେଶ୍ୱର,୫।୮ (ସୌମ୍ୟରଞ୍ଜନ ରାଉତ)

**କେନ୍ଦ୍ର ସାହିତ୍ୟ ଏକାଡେମୀ**

ଆସନ୍ତା ୨୦୨୬ ବର୍ଷର ଯୁବ ପୁରସ୍କାର ଓ ବାଲ୍ ସାହିତ୍ୟ ପୁରସ୍କାର ଚୟନ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶକ ଓ ଭାରତୀୟ ଲେଖକମାନଙ୍କ ପାଖରୁ ଏକାଡେମୀ ସ୍ୱୀକୃତ ୨୪ଟି ଭାଷାର ପୁସ୍ତକ ଆହ୍ୱାନ କରାଯାଇଛି। ଯୁବ ପୁରସ୍କାର ପାଇଁ ଲେଖକଙ୍କ ବୟସ ୧ ଜାନୁଆରୀ ୨୦୨୬ ସୁଦ୍ଧା ୩୫ ବର୍ଷ ବା ତା'ଠାରୁ କମ୍ ହୋଇଥିବା ଉଚିତ। ସେହିପରି ବାଲ୍ ସାହିତ୍ୟ ପୁରସ୍କାର ପାଇଁ ପୁସ୍ତକଗୁଡ଼ିକ ପାଇଁ ୯ରୁ ୧୬ ବର୍ଷ ବୟସର ପାଠକମାନଙ୍କୁ ଦୃଷ୍ଟିରେ ରଖି ରଚିତ ହୋଇଥିବା ଆବଶ୍ୟକ। ୨୦୨୦, ୨୦୨୧, ୨୦୨୨, ୨୦୨୩ ଏବଂ ୨୦୨୪ ମସିହାରେ (ଅର୍ଥାତ୍ ୧ ଜାନୁଆରୀ ୨୦୨୦ ରୁ ୩୧ ଡିସେମ୍ବର ୨୦୨୪ ମଧ୍ୟରେ) ପ୍ରଥମେ ପ୍ରକାଶିତ ପୁସ୍ତକଗୁଡ଼ିକୁ ବାଲ୍ ସାହିତ୍ୟ ପୁରସ୍କାର ପାଇଁ ବିଚାରକୁ ନିଆଯିବ। ଉଭୟ ପୁରସ୍କାର ପାଇଁ ଆବେଦନ ପତ୍ର ଓ ପୁସ୍ତକ ଜମା ଦେବାର ଶେଷ ତାରିଖ ହେଉଛି ୩୧ ଅଗଷ୍ଟ ୨୦୨୫। ଓଡ଼ିଆ ଭାଷାର ପୁସ୍ତକ ସାହିତ୍ୟ ଏକାଡେମୀର କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟକୁ ପଠାଇବାକୁ ହେବ। ଯୁବ ପୁରସ୍କାର ଓ ବାଲ୍ ସାହିତ୍ୟ ପୁରସ୍କାର ବିଜେତାମାନଙ୍କୁ ସମ୍ମାନଜନକ ଉତ୍ସବରେ ୫୦ ହଜାର ଟଙ୍କା ଲେଖାଏ ଅର୍ଥରାଶି ସହ ଫଳକ ଓ ମାନପତ୍ର ପ୍ରଦାନ କରାଯାଇଥାଏ। ଉଭୟ ପୁରସ୍କାର ସମ୍ପର୍କିତ ସବିଶେଷ ନିୟମାବଳୀ ଏବଂ ଆବେଦନପତ୍ର ସାହିତ୍ୟ ଏକାଡେମୀର ୱେବ୍‌ସାଇଟ www.sahitya-akademi.gov.in ରେ ଉପଲବ୍ଧ ରହିଛି।




# ୧୧ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୫।୮(ସୁନିତ୍‌ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଆସନ୍ତା ୧୧ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ନ ୧୧ରୁ ୟୁନିଟ୍-୨, ଅଶୋକନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରି ନିକଟସ୍ଥ)ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିଲାଗି ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ।

# ବବିତା ପାତ୍ର ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା

ଭୁବନେଶ୍ୱର,୫।୮ (ରବିନାରାୟଣ ଜେନା)

ଦୀର୍ଘଦିନ ଧରି ଶିଶୁ ସୁରକ୍ଷା ଅଧିକାର ଆୟୋଗର ବିଭିନ୍ନ ପଦପଦବୀ ପୂରଣ ହେଉ ନ ଥିବା ନେଇ ଚାଲିଥିବା କଳ୍ପନାଜଳ୍ପନାର ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ମଙ୍ଗଳବାର ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଭାବେ ବବିତା ପାତ୍ରଙ୍କୁ ନିଯୁକ୍ତ କରାଯାଇଛି। ଏ ସଂକ୍ରାନ୍ତରେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ବ୍ରହ୍ମପୁରସ୍ଥିତ ମୟୂରବିହାର, ସୋମନାଥ ନଗରର ବବିତା ପାତ୍ର ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ରୂପେ ନିଯୁକ୍ତ ହୋଇଛନ୍ତି। ସେ ଆସନ୍ତା ୩ ବର୍ଷ ଅଥବା ୬୫ ବର୍ଷ(ଯେଉଁଟି ପ୍ରଥମେ ଆସିବ) ପର୍ଯ୍ୟନ୍ତ ଏହି ଦାୟିତ୍ୱ ନିର୍ବାହ କରିବେ। ସେହିପରି ବିଭାଗ ପକ୍ଷରୁ ଜାରି ପୃଥକ୍ ବିଜ୍ଞପ୍ତିରେ ଶିଶୁ ସୁରକ୍ଷା ଅଧିକାର ଆୟୋଗ ପାଇଁ ୬ ଜଣଙ୍କୁ ସଦସ୍ୟା ଭାବେ ନିଯୁକ୍ତ କରାଯାଇଛି। ସେମାନେ ହେଲେ କେନ୍ଦୁଝର, ଚମ୍ପୁଆସ୍ଥିତ କଡ଼ାଗାଡ଼ିଆର ସୁକେଶୀ ଓରାମ୍, ରାଉରକେଲା ବାସନ୍ତୀ କଲୋନୀର କଳ୍ପନା ଲେଙ୍କା, ଭୁବନେଶ୍ୱର ବ୍ରିଟ୍ କଲୋନିର ଚନ୍ଦନା ଦାସ, ବାପୁଜୀନଗରର କସ୍ତୁରୀ ମିଶ୍ର, ଭଦ୍ରକ ଲଛମନ ଭବନର ମନସ୍ମିତା ଖୁଣ୍ଟିଆ ଏବଂ ଭୁବନେଶ୍ୱର ବମିଖାଲର ସୁଜାତା ନାୟକ।


ବବିତା ପାତ୍ର

**୬ ସଦସ୍ୟା ନିଯୁକ୍ତ**

pfrda | nps national pension system #Zaruri Hai

## ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ

**ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକର ସଭ୍ୟମାନଙ୍କ ପାଇଁ ଜାତୀୟ ପେନ୍‌ସନ ପ୍ରଣାଳୀରେ ଯୋଗ ଦେବା ସମ୍ବନ୍ଧୀୟ ସୂଚନା**

ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ (ପିଏଫ୍‌ଆରଡିଏ), ପିଏଫ୍‌ଆର୍‌ଡିଏ ଅଧିନିୟମ, ୨୦୧୩ ଅଧୀନରେ ଗଠିତ ଏବଂ ବୈଧାନିକ ପ୍ରାଧିକରଣ ଅଟେ। ଏହାର ଉଦ୍ଦେଶ୍ୟ ହେଉଛି ଉକ୍ତ ଅଧିନିୟମ ଅଧୀନରେ ନିୟନ୍ତ୍ରିତ ପେନ୍‌ସନ ଯୋଜନାଗୁଡ଼ିକ ମାଧ୍ୟମରେ ବାର୍ଦ୍ଧକ୍ୟକାଳୀନ ଆୟ ସୁରକ୍ଷାକୁ ପ୍ରସାରିତ କରିବା। ଉକ୍ତ ପେନ୍‌ସନ ଯୋଜନାଗୁଡ଼ିକ ମଧ୍ୟରେ ଜାତୀୟ ପେନସନ ପ୍ରଣାଳୀ (ଏନ୍‌ପିଏସ୍) ଅନ୍ତର୍ଭୁକ୍ତ।

ଏନ୍‌ପିଏସ୍ ଏକ ପରିଭାଷିତ ଅଂଶଦାୟୀ ପେନ୍‌ସନ ଯୋଜନା ଏବଂ ଏହା ପ୍ରାରମ୍ଭିକ ରୂପେ ୨୦୦୪ ମସିହାରେ କେନ୍ଦ୍ର ସରକାର, କେନ୍ଦ୍ରୀୟ ସ୍ୱୟଂଶାସିତ ନିକାୟ, ରାଜ୍ୟ ସରକାର, ରାଜ୍ୟ ସ୍ୱୟଂଶାସିତ ନିକାୟଗୁଡ଼ିକର କର୍ମଚାରୀଙ୍କ ପାଇଁ ପ୍ରଚଳନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ସ୍ୱେଚ୍ଛାକୃତ ଭିତ୍ତିରେ କର୍ପୋରେଟ୍ ଏବଂ ଭାରତୀୟ ନାଗରିକମାନଙ୍କ ପାଇଁ ସମ୍ପ୍ରସାରିତ କରାଯାଇଥିଲା।

ଆୟକର ଅଧିନିୟମ, ୧୯୬୧ର ବ୍ୟବସ୍ଥା ଏନ୍‌ପିଏସ୍ ଅଧୀନରେ ବିଭିନ୍ନ ଟିକସ ଲାଭ ପ୍ରଦାନ କରିଥାଏ। ସେବାନିବୃତ୍ତି ପରେ, ଏହା ସଞ୍ଚିତ ପେନ୍‌ସନ ଧନର ୬୦% ରାଶିକୁ ଏକକାଳୀନ ଟିକସମୁକ୍ତ ରାଶି ଭାବେ ଉଠାଣ କରିବା ପାଇଁ ଅନୁମତି ଦେଇଥାଏ ଏବଂ ଅବଶିଷ୍ଟ ଅର୍ଥରାଶିକୁ ଆନୁଇଟି ସେବା ପ୍ରଦାନକାରୀ(ଗଣ)ଙ୍କଠାରୁ ଆନୁଇଟି କ୍ରୟ କରିବା ପାଇଁ ବ୍ୟବହାର କରାଯାଇଥାଏ, ଯାହା ଉପରେ ସାମଗ୍ରୀ ଓ ସେବା କର (ଜିଏସଟି)କୁ ଛାଡ଼ କରାଯାଇଛି। ବର୍ଷ ବର୍ଷ ଧରି ଏନ୍‌ପିଏସ୍ ପଞ୍ଜୀକୃତ ପେନ୍‌ସନ୍ ପାଣ୍ଠିଗୁଡ଼ିକ ଦ୍ୱାରା, କ୍ଷତିଭୟ ଓ ପ୍ରତିଫଳର ଦୃଷ୍ଟିକୋଣକୁ ଧ୍ୟାନରେ ରଖି, ବିଭିନ୍ନ କ୍ଷେତ୍ର ପାଇଁ ଅନୁମୋଦିତ ଦିଗ୍‌ନିର୍ଦ୍ଦେଶାବଳୀ ଅନୁଯାୟୀ ବିଭିନ୍ନ ଆସେଟ୍ କ୍ଲାସ୍‌ରେ ନିରବଚ୍ଛିନ୍ନ ଭାବେ ପାଣ୍ଠିର ନିବେଶ କରି ନିଜର ଉପଭୋକ୍ତାମାନଙ୍କ ଲାଗି ଉଚ୍ଚତର ରିଟର୍ନ ଉତ୍ପନ୍ନ କରିଆସିଛି।

ଏନ୍‌ପିଏସ୍ ଅଧୀନରେ ସମସ୍ତ ଗତିବିଧି ପିଏଫ୍‌ଆର୍‌ଡିଏ ଅଧିନିୟମ, ୨୦୧୩ ତଥା ପ୍ରାଧିକରଣ ଦ୍ୱାରା ଅଧିସୂଚିତ ବିନିୟମଗୁଡ଼ିକ ଉପରେ ଅଧୀନରେ ନିୟନ୍ତ୍ରିତ ହୋଇଥାଏ। ଅଧିକନ୍ତୁ, ଏନ୍‌ପିଏସ୍ ଅଧୀନସ୍ଥ ଗତିବିଧିଗୁଡ଼ିକ ସମ୍ପୂର୍ଣ୍ଣ ଡିଜିଟାଲ ହୋଇଥାଏ ଏବଂ ପାରଦର୍ଶୀ ଢଙ୍ଗରେ ପରିଚାଳିତ ହୋଇଥାଏ। ଉପଭୋକ୍ତାମାନେ ମୋବାଇଲ ଆପ୍ କିମ୍ବା ଉପଭୋକ୍ତା ଲଗ୍ ଇନ୍ ବ୍ୟବହାର କରି ଦୈନିକ ଭିତ୍ତିରେ ଉପଭୋକ୍ତାଙ୍କ ଉପଲବ୍ଧ ବ୍ୟକ୍ତିଗତ ପେନ୍‌ସନ ପାଣ୍ଠି ସମ୍ପର୍କରେ ଅଧୁନାତନ ସୂଚନା ପାଇପାରିଥାନ୍ତି। ଉପଭୋକ୍ତାମାନଙ୍କ ନିକଟରେ ୭୫ ବର୍ଷ ବୟସ ପର୍ଯ୍ୟନ୍ତ ଏକାଧିକ ପେନ୍‌ସନ ପାଣ୍ଠି ମଧ୍ୟରୁ ବାଛିବା, ଆସେଟ୍ ଆବଣ୍ଟନ ଏବଂ ଗୋଟିଏରୁ ଅନ୍ୟ କର୍ମନିଯୁକ୍ତି, ସ୍ଥାନ ଏବଂ କର୍ମନିଯୁକ୍ତି ସ୍ଥିତିର ପୋର୍ଟେବିଲିଟିର ସୁବିଧା ରହିଥାଏ।

ଏହି ବିଜ୍ଞପ୍ତି ବଳରେ ଆୟକର ଅଧିନିୟମ, ୧୯୬୧ ଅଧୀନରେ ପଞ୍ଜୀକୃତ ହୋଇଥିବା ବିଭିନ୍ନ ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକର ସଭ୍ୟମାନଙ୍କୁ ଅବଗତ କରିଦିଆଯାଉଛି ଯେ, ସେମାନେ ଏନ୍‌ପିଏସ୍ ଅଧୀନରେ ଲାଭ ଓ ପ୍ରତିଫଳର ଲାଭ ଉଠାଇପାରିବେ। ଏହି ଉଦ୍ଦେଶ୍ୟ ପାଇଁ ଏନ୍‌ପିଏସ୍‌କୁ ମାଇଗ୍ରେସନ ସକ୍ଷମ କରିବା ଲାଗି ସେମାନେ ନିଜ ନିଜର ସମ୍ପୃକ୍ତ ଅନୁମୋଦିତ ସେବାନିବୃତ୍ତି ଟ୍ରଷ୍ଟ/ନିଯୋକ୍ତାଙ୍କ ସହ ଯୋଗାଯୋଗ କରିପାରିବେ। ଆୟକର ଅଧିନିୟମ, ୧୯୬୧ର ବ୍ୟବସ୍ଥା ଅନୁଯାୟୀ ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକରୁ ଏନ୍‌ପିଏସ୍‌କୁ ପାଣ୍ଠିଗୁଡ଼ିକର ଥରକରେ ସ୍ଥାନାନ୍ତର କରାଗଲେ ଟିକସ ଛାଡ଼ ସୁବିଧା ମିଳିବ। ପ୍ରାଧିକରଣ ଏକ ସୁରକ୍ଷିତ ପେନ୍‌ସନଯୁକ୍ତ ସମାଜର ଅଧାଦେଶକୁ ପୂରଣ କରିବା ପାଇଁ, ଅନୁମୋଦିତ ସେବାନିବୃତ୍ତି ପାଣ୍ଠିଗୁଡ଼ିକୁ ସେମାନଙ୍କର ସଭ୍ୟମାନଙ୍କୁ ଏନ୍‌ପିଏସ୍‌କୁ ମାଇଗ୍ରେସନ୍ କରିବା ସୁବିଧାଜନକ କରିବା ଲାଗି ଆବଶ୍ୟକୀୟ ସହାୟତା ଓ ମାର୍ଗଦର୍ଶନ ଯୋଗାଇବେ।

ମାମଲା ଅନୁଯାୟୀ, ଅନୁମୋଦିତ ସେବାନିବୃତ୍ତି ପାଣ୍ଠି କିମ୍ବା ତାହାର ବ୍ୟକ୍ତିବିଶେଷ ସଭ୍ୟମାନେ ପ୍ରାଧିକରଣର ୱେବ୍‌ସାଇଟ୍ (www.pfrda.org.in)ରେ "ସେବାନିବୃତ୍ତି ପାଣ୍ଠି" ଟ୍ୟାବ୍ ଅଧୀନରେ ଦର୍ଶାଯାଇଥିବା ସବିଶେଷ ପଦ୍ଧତି ଅନୁଯାୟୀ କିମ୍ବା ନିମ୍ନପ୍ରଦତ୍ତ କ୍ୟୁଆର୍ କୋଡ୍ ସ୍କାନ୍ କରି ଏନ୍‌ପିଏସ୍‌କୁ ସ୍ଥାନାନ୍ତର କରିପାରନ୍ତି। ଏହା ବ୍ୟତୀତ, ଏ ସଂକ୍ରାନ୍ତୀୟ ଯେକୌଣସି ପ୍ରଶ୍ନକୁ saf-information@pfrda.org.in କିମ୍ବା ପ୍ରାଧିକରଣଙ୍କ କାର୍ଯ୍ୟାଳୟକୁ ପଠାଯାଇପାରିବ।

*ମୁଖ୍ୟ ମହାପ୍ରବନ୍ଧକ*
*ପେନ୍‌ସନ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣ ପାଇଁ ଓ ତରଫରୁ*


# ବିଇଓ, ଶିକ୍ଷକଙ୍କ ଆଦିବାସୀ ପ୍ରମାଣପତ୍ର ନକଲି

**ଏସ୍‌ଟି, ଏସ୍‌ସି ଉନ୍ନୟନ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ**

ଯାଜପୁର,୫।୮ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ବିଭିନ୍ନ ଜିଲାରେ ନକଲି ପ୍ରମାଣପତ୍ରଧାରୀଙ୍କ ଉପରେ ତନାଘନା ତଦନ୍ତ ଚାଲିଛି। ପ୍ରମାଣ ମିଳିଲେ ସଂପୃକ୍ତ ସରକାରୀ ଅଧିକାରୀ, କର୍ମଚାରୀ ତଥା ଶିକ୍ଷକମାନଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ହେଲେ ଯାଜପୁର ଜିଲାରେ ନକଲି ଆଦିବାସୀ ସାଜି ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ପଦବୀରେ ଅଧିଷ୍ଠିତ ଥିବା ଏବଂ ସେ ଅନ୍ୟ ନକଲି ଶିକ୍ଷକମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇ ଆସୁଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ତେବେ ଅଞ୍ଚଳବାସୀଙ୍କ ପକ୍ଷରୁ ପୁଣି ଅଭିଯୋଗ ହେବା ପରେ ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି(ଏସ୍‌ଟି ଓ ଏସ୍‌ସି) ଉନ୍ନୟନ ବିଭାଗ ପକ୍ଷରୁ ଉପସଚିବ ହେମବତୀ ପାତ୍ର ତାଙ୍କ ପତ୍ରସଂଖ୍ୟା ୧୮୭୫୪/୫।୮।୨୦୨୫ରେ ତୁରନ୍ତ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଟକ ଆରଡିସିର ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଯାଜପୁର ଜିଲାର ଏସ୍‌ଇବିସି ବର୍ଗର କେତେଜଣ ବ୍ୟକ୍ତି ପଡୋଶୀ କେନ୍ଦୁଝର ଅଞ୍ଚଳରୁ କିଛି ଜମି କିଣି ସେହି ଜମି ପଟ୍ଟାରେ ଶବର ଜାତି ଦର୍ଶାଇ ଆଦିବାସୀ ପ୍ରମାଣପତ୍ର ହାସଲ କରି ଶିକ୍ଷକତା କରୁଛନ୍ତି। ଏହି କ୍ରମରେ ଯାଜପୁର ଜିଲା କୋରେଇ ବ୍ଲକ ଅସନଝର ପଞ୍ଚାୟତ ବାସିନ୍ଦା ହରିହର ଦଳେଇ ନକଲି ଜାତିଗତ ପ୍ରମାଣପତ୍ର ହାସଲ କରି ବିଇଓ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ଅଭିଯୋଗ ସମୟରେ ସେ କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ ବିଇଓ ଥିଲେ। ଏବେ ସେ କେନ୍ଦୁଝର ଜିଲା ଆନନ୍ଦପୁର ବିଇଓ ପଦବୀରେ ରହିଛନ୍ତି। ପୂର୍ବରୁ ଅସନଝର ଅଞ୍ଚଳବାସୀ ଅଭିଯୋଗ କରିଥିଲେ ଯେ, ହରିହର ଦଳେଇଙ୍କ ମୂଳ ଜମିପଟ୍ଟା ଅନୁସାରେ ସେ ଖଣ୍ଡୁଆଳ ଜାତିର ଏବଂ ଏହି ଜାତି ସମ୍ପ୍ରଦାୟର ଲୋକମାନେ ଏସ୍‌ଇବିସି ବର୍ଗର। ହେଲେ ଅଭିଯୁକ୍ତ ବିଇଓ ଦଳେଇ ଏସ୍‌ଟି ବର୍ଗର ପ୍ରମାଣପତ୍ର ହାସଲ କରି ଦୀର୍ଘ ବର୍ଷ ହେବ ଶିକ୍ଷା ବିଭାଗରେ ଚାକିରି କରି ସମସ୍ତ ସରକାରୀ ସୁବିଧା ଉପଭୋଗ କରୁଛନ୍ତି। ବିଇଓ ଦଳେଇ ପ୍ରଥମେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବାବେଳେ ସେହି ନକଲି ଜାତିଗତ ପ୍ରମାଣପତ୍ର ବଳରେ ସେ ପଦୋନ୍ନତି ପାଇ ପ୍ରଥମେ ଯାଜପୁର ଜିଲା ବଡ଼ଚଣା ବିଇଓ ଭାବେ ଦାୟିତ୍ୱ ନେଇଥିଲେ। ଜିଲାର କେତେଜଣ ସାମାଜିକ କର୍ମୀ ଏକାଧିକ ଥର ତାଙ୍କ ଜାତିଗତ ପ୍ରମାଣପତ୍ର ବାବଦରେ ସୂଚନା ଅଧିକାର ଆଇନ ବଳରେ ଯାଜପୁର ଜିଲା ଶିକ୍ଷାଧିକାରୀଙ୍କୁ ତଥ୍ୟ ମାଗିଥିଲେ। ହେଲେ ଦଳେଇ ନିଜର ସମସ୍ତ ତଥ୍ୟ ହଜିଯାଇଥିବା ଦର୍ଶାଇ ଆବେଦନକାରୀଙ୍କୁ ଭୁଆଁ ବୁଲାଇଥିଲେ। ଚଞ୍ଚକତା କରି ବର୍ଷର ଅଧାଦିନ ଦେହ ଖରାପ ଦର୍ଶାଇ ସେ ଛୁଟିରେ ରହୁଥିଲେ। ଏଥିରେ ତତ୍କାଳୀନ ଜିଲା ଶିକ୍ଷାଧିକାରୀ ମଧ୍ୟ ସହଯୋଗ କରି ଆସୁଥିଲେ। ଏନେଇ ତତ୍କାଳୀନ ବଡଚଣା ଭାଜପା ନେତା ତଥା ବର୍ତ୍ତମାନର ବିଧାୟକ ଅମର ନାୟକ ମଧ୍ୟ ଅଭିଯୋଗ କରିଥିଲେ। ତେବେ ଏହି ନକଲି ବିଇଓଙ୍କ ନାମରେ ଅଭିଯୋଗ ବଢ଼ିବା ପରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ସୁରକ୍ଷା ଦେବାକୁ ଯାଇ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକକୁ ବଦଳି କରାଯାଇଥିଲା। ଉପରିସ୍ଥ ଅଧିକାରୀଙ୍କୁ ଧରାଧରି କରି ଏହି ବିଇଓ ଜଣକ ନିଜେ ସୁରକ୍ଷିତ ରହିବା ସହିତ ଏକାଧିକ ନକଲି ଶିକ୍ଷକଙ୍କୁ ସୁରକ୍ଷା ଦେଇ ଆସୁଛନ୍ତି। ଏଥିସହିତ ନକଲି ଶିକ୍ଷକଙ୍କ ନିକଟରୁ ମାସିକ ମୋଟା ଅଙ୍କର ଅର୍ଥ ଅସୁଲ କରି ସେମାନଙ୍କ ସୁରକ୍ଷା ପାଇଁ କେତେଜଣ ଅଧିକାରୀଙ୍କୁ ଲାଞ୍ଚ ଆକାରରେ ଦେଉଥିବା ଭଳି ସଙ୍ଗିନ ଅଭିଯୋଗ ଏହି ଅଭିଯୁକ୍ତ ବିଇଓଙ୍କ ନାମରେ ପୂର୍ବରୁ ରହିଛି। ସମାନ ଜାତିର ୨ ଜଣ ଶିକ୍ଷକଙ୍କୁ ନକଲି ଆଦିବାସୀ ଦର୍ଶାଇ ନିଲମ୍ବନ କରିଥିବାବେଳେ ଅନ୍ୟ ୯ ଜଣ ଶିକ୍ଷକଙ୍କୁ କ୍ଲିନ୍‌ଚିଟ ଦିଆଯାଇଛି। ଆରଡିସିଙ୍କ ନିର୍ଦ୍ଦେଶ ପରେ କୋରେଇ ବ୍ଲକ ଶିକ୍ଷାଧିକାରୀଙ୍କ ୨୩।୯।୨୦୨୨ ତାରିଖର ପତ୍ର ଆଧାରରେ ତତ୍କାଳୀନ ବ୍ୟାସନଗର ତହସିଲଦାର କେନ୍ଦୁଝର ଜିଲାର ଜମି ପଟ୍ଟାକୁ ଦର୍ଶାଇ ୧୪।୨।୨୦୨୩ରେ ରିପୋର୍ଟ ଦାଖଲ କରିଥିଲେ। କୌଣସି କ୍ଷେତ୍ର ପରିଦର୍ଶନରେ ନ ଯାଇ କିମ୍ବା ମୂଳ ପରିବାର ସମ୍ପର୍କରେ ଛାନଭିନ ନ କରି ତହସିଲଦାର ରିପୋର୍ଟ ଦାଖଲ କରିଥିବାରୁ ଅଭିଯୁକ୍ତ ବିଇଓ ଓ ଅନ୍ୟମାନେ ବର୍ତ୍ତି ଯାଇଥିଲେ।



By Regd. Post
By e-Mail

GOVERNMENT OF ODISHA
ST & SC DEVELOPMENT, M & BCW DEPARTMENT
*********

No. 18754 / SSD., Bhubaneswar, Dated 05/08/2025
STSCD-PCRC-CASE 1-0001-2019

From,
Mrs. Hemabanti Patra, OAS (SB)
Deputy Secretary to Govt.

To
The Deputy Director,
O/o the RDC (CD)-cum-Chairman, SLSC, Cuttack

Sub: Verification of genuineness of caste status of Sri Harihar Dalei, S/o- Purusottam Dalei from Ashanjhar GP under Korei block of Jajpur District -regarding.

Sir,

In inviting a reference to the subject cited above, I am directed to enclose herewith a copy of the allegation petition submitted by Sri Chandrakanta Pati, At-Korabandi, Post-Ragadi, Dist-Jajpur, PIN-755019. In accordance with the contents of the said allegation petition, one Sri Harihar Dalei, S/o- Purusottam Dalei from Ashanjhar GP under Korei block under Jajpur District is alleged to have obtained ST certificate fraudulently. It is further alleged that on the strength of the said certificate, he has availed the reservation benefits intended for the reserved category people of STs and has secured initial Govt. employment as a Teacher in Jajpur District. Over the years he is stated to have been promoted and is presently holding the post of Block Education Officer. As per the content of the allegation petition he is currently posted at Pattamundai Block, Kendrapara District.

Along with the aforesaid allegation petition, the Petitioner has provided a Newspaper Clipping wherein certain villagers have reportedly stated that Sri Dalei belongs to "Khandual" caste, which is recognized as a SEBC community. Further it is alleged that Sri Dalei is involved in the practices of protecting certain teachers in Korei block those who have secured employment on the basis of fake caste certificates.

In view of the above, it is requested that necessary steps may please be taken at an early date to enquire into the matter and verify the genuineness of caste status of the alleged individual by following the established rules and procedures, under intimation to this Department.

This may kindly be treated as **Most Urgent**.

Yours faithfully,
05/08/2025
Deputy Secretary to Govt.

ଏସ୍‌ଟି, ଏସ୍‌ସି ସଚିବଙ୍କ ପତ୍ର

# ଅଙ୍ଗଦାନ କ୍ଷେତ୍ରରେ ଉଦୀୟମାନ ରାଜ୍ୟ ଭାବେ ଓଡ଼ିଶା ପୁରସ୍କୃତ

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

ଅଙ୍ଗଦାନ ଏବଂ ପ୍ରତିରୋପଣ କ୍ଷେତ୍ରରେ ଓଡ଼ିଶାକୁ ଉଦୀୟମାନ ରାଜ୍ୟ ଭାବେ ଜାତୀୟ ପୁରସ୍କାର ମିଳିଛି। ୧୫ତମ ଭାରତୀୟ ଅଙ୍ଗଦାନ ଦିବସ ଅବସରରେ ରବିବାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନର ତତ୍ତ୍ୱାବଧାନରେ ନୂଆଦିଲ୍ଲୀର ଡ. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ପୁରସ୍କାର ପ୍ରଦାନ କରି ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାବାସୀ ଏବଂ ରାଜ୍ୟ ସରକାରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାର ପ୍ରତିବଦ୍ଧତା ଏବଂ ଅବଦାନ ପ୍ରଶଂସନୀୟ। ଶେଷ ପର୍ଯ୍ୟାୟ ଅଙ୍ଗ ବିଫଳତା ରୋଗରେ ପୀଡ଼ିତ ରୋଗୀଙ୍କୁ ନୂତନ ଜୀବନ ଦେବାରେ ସାହାଯ୍ୟ କରିଥିବା ନେଇ ପୁରସ୍କାର ପତ୍ରରେ ଉଲ୍ଲେଖ ରହିଛି। ଚିକିତ୍ସା ଶିକ୍ଷା ଓ ତାଲିମର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଉମାକାନ୍ତ ଶତପଥୀ, ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ (ଏସ୍‌ଓଟିଟିଓ)ର ରାଜ୍ୟ ପ୍ରଭାରୀ ଡା. ବିଭୂତି ଭୂଷଣ ନାୟକ ରାଜ୍ୟ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି।

# ଖଟିଆରେ ବୁହାହୋଇଗଲେ, ଶବହୋଇ ଫେରିଲେ


ଖଟିଆରେ ଲଳିତାଙ୍କ ମୃତଦେହକୁ ପରିବାର ଲୋକେ ବୋହି ଗାଁକୁ ନେଉଛନ୍ତି।

ପାପଡ଼ାହାଣ୍ଡି, ୫।୮ (ସ୍ୱପ୍ନଜିତ ପଟ୍ଟନାୟକ)

ଗାଁ ରାସ୍ତା ଖରାପ ଯୋଗୁ ଆସିପାରିଲାନି ଆମ୍ବୁଲାନ୍ସ। ପରିବାର ଲୋକେ ଅସୁସ୍ଥ ମହିଳାଙ୍କୁ ଖଟିଆରେ ୨ କି.ମି. ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଲେ। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତଦେହକୁ ମଧ୍ୟ ଖଟିଆରେ ବୋହି ଘର ଯାଏ ଆଣିବାକୁ ପଡ଼ିଛି। ଏଭଳି ଦୁଃଖଦ ଓ ଅଭାବନୀୟ ଘଟଣା ମଙ୍ଗଳବାର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍ ମୈଦଲପୁର ପଞ୍ଚାୟତ ଜବାଗୁଡ଼ା ଗ୍ରାମରେ ଦେଖିବାକୁ ମିଳିଛି। ମୃତକ ହେଲେ ଗ୍ରାମର ହରିସିଂ ଜାନୀଙ୍କ ସ୍ତ୍ରୀ ଲଳିତା। ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ନ ପାରିବାରୁ ଲଳିତାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।


ସୂଚନାନୁଯାୟୀ, ଲଳିତାଙ୍କୁ ଜ୍ୱର ହେଉଥିବାରୁ ରବିବାର ରାତିରେ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେବାକୁ ଆମ୍ବୁଲାନ୍ସ ଡକାଇଥିଲେ। କିନ୍ତୁ ଗାଁ ରାସ୍ତା ଖରାପ ଥିବାରୁ ଆମ୍ବୁଲାନ୍ସ ୨ କି.ମି. ଦୂର କଣ୍ଟାସାରୁ ଗାଁ ନିକଟରେ ଅଟକି ରହିଥିଲା। ପରିବାର ଲୋକେ ଲଳିତାଙ୍କୁ ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ନେଇଥିଲେ। ସେଠାରୁ ତାଙ୍କୁ ମୈଦଲପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଲଳିତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ବିଳମ୍ବିତ ରାତିରେ ଲଳିତାଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ ମଙ୍ଗଳବାର କୋରାପୁଟରୁ ମୃତଦେହ ଆମ୍ବୁଲାନ୍ସରେ ଆଣିଥିଲେ। କାଦୁଅ ରାସ୍ତା ଯୋଗୁ ଗାଁ ଭିତରକୁ ଯାଇ ନ ପାରି ଅଧା ବାଟରେ ଅଟକିଯାଇଥିଲା ଆମ୍ବୁଲାନ୍ସ। ସମ୍ପର୍କୀୟ ସମସ୍ତେ ପୁଣି ଖଟିଆରେ ମୃତଦେହକୁ ୨ କି.ମି. ବୋହି ଘରକୁ ଆଣିଥିଲେ। ମୃତଦେହ ଗାଁରେ ପହଞ୍ଚିବା ପରେ ସତ୍କାର କରାଯାଇଛି। ଗାଁ ରାସ୍ତା ଅବସ୍ଥା ଅତି ଶୋଚନୀୟ। ପ୍ରଶାସନକୁ ଏ ନେଇ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଗତ ନିର୍ବାଚନରେ ଗ୍ରାମବାସୀ ଭୋଟ ବର୍ଜନ କରିଥିଲେ। ବିଡିଓ ଓ ବିଧାୟିକା ପ୍ରାର୍ଥୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କିଛି କାମ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଗାଁକୁ ପକ୍କା ରାସ୍ତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ବିଡିଓ କପିଳଦେବ ସାହୁଙ୍କୁ ପଚାରିବାରୁ ନିର୍ବାଚନ ପରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା କାମ ହୋଇଛି। ପୁନର୍ବାର କୋଡ୍ କରି ଜିଲାସ୍ତରକୁ ପଠାଯାଇଛି। ସେଠାରେ ଅନୁମୋଦନ ହେବା ପରେ ପୁଣି ରାସ୍ତା କାମ କରାଯିବ ବୋଲି ସେ କହିଛନ୍ତି।

# ୧୨ ଜିଲାରେ ବଣ୍ଟାଯିବ ଫାଇଲେରିଆ ଔଷଧ

ଭୁବନେଶ୍ୱର, ୫।୮ (ବନ୍ଦନା ସେଠୀ)

**୧୦ରୁ ଆରମ୍ଭ ହେବ କାର୍ଯ୍ୟକ୍ରମ**

ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ (ଏମ୍‌ଡିଏ) ଅଗଷ୍ଟ ୧୦ରୁ ୧୨ ଜିଲାରେ ଆରମ୍ଭ ହେବ। ଅନୁଗୋଳ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, ଗଞ୍ଜାମ, ଝାରସୁଗୁଡ଼ା, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲାରେ ଅଗଷ୍ଟ ୧୦ରୁ ୧୯ ମଧ୍ୟରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ସହିତ ଜାତୀୟ



କୃମିନାଶକ ଦିବସ (ଏନ୍‌ଡିଡି) କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଫାଇଲେରିଆ ନିରାକରଣ ପାଇଁ ଏହି ୧୨ଜିଲାର ୧୧୫ଟି କାର୍ଯ୍ୟାନ୍ୱୟନ ୟୁନିଟ୍‌ରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ ବୋଲି ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ୧କୋଟି ୭ଲକ୍ଷ ଜଣଙ୍କୁ ଫାଇଲେରିଆ ନିରୋଧୀ ଔଷଧ ଦିଆଯିବ। ଏହା ଅଧୀନରେ ୩ଟି ଔଷଧ ଯଥା ଡିଇସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ବଟିକା ଖାଇବାକୁ ଦିଆଯିବ। ୨ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରୁତର ଅସୁସ୍ଥଙ୍କୁ ଏହି ଔଷଧ ଖାଇବାକୁ ବାରଣ କରାଯାଇଛି। ଏଥିପାଇଁ ୪୧୦୦୦ଜଣ ଡ୍ରଗ ଆଡ୍‌ମିନିଷ୍ଟ୍ରେଟର ନିୟୋଜିତ ହୋଇଛନ୍ତି। ସେମାନଙ୍କ କାର୍ଯ୍ୟ ତଦାରଖ କରିବାକୁ ୪୧୦୦ଜଣ ପର୍ଯ୍ୟବେକ୍ଷକ ରହିଛନ୍ତି। ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ସ୍ୱୟଂସହାୟକ ଗୋଷ୍ଠୀ ଏବଂ ଅନ୍ୟ ସ୍ୱେଚ୍ଛାସେବୀଙ୍କୁ ଡ୍ରଗ୍ ଆଡମିନିଷ୍ଟ୍ରେଟର ଭାବେ ଚିହ୍ନଟ କରାଯାଇଛି। ସେମାନେ ପ୍ରତ୍ୟେକ ଘରକୁ ଘର ଯାଇ ଏମ୍‌ଡିଏ ଔଷଧ ସେବନ କରାଇବେ। ଅନ୍ତତଃ ୯୦% ଲୋକ ଡ୍ରଗ ଆଡମିନିଷ୍ଟ୍ରେଟରଙ୍କ ସମ୍ମୁଖରେ ଔଷଧ ଖାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସମ୍ମିଳନୀରେ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର, ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଦିଲୀପ କୁମାର ପଣ୍ଡା, ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ରାଜ୍ୟଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବିଜୁ ଜନତା ଦଳ ପକ୍ଷରୁ ଧାରଣା, ସ୍ଥାନ: ବ୍ଲକ୍ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନାଇଟ୍ ସିଫ୍ଟରେ ମହିଳା କାର୍ଯ୍ୟ କରିବା ବିଜ୍ଞପ୍ତିକୁ ନେଇ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ସୋଲୋ ଆର୍ଟ ଏକ୍ଜିବିଶନ୍ 'କଳା ଚକ୍ର', ସ୍ଥାନ:ଭୁବନେଶ୍ୱର କ୍ଲବ୍, ସମୟ: ପୂର୍ବାହ୍ନ ୧୧ଟା।
- ନୂତନ ରେନଲ୍ଟ ଟ୍ରାଇବର୍ ଉନ୍ମୋଚନ, ସ୍ଥାନ: ରେନଲ୍ଟ କାର୍ଯ୍ୟାଳୟ ଭୁବନେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ଦୂରଦର୍ଶୀର ୧୭ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସିବିଏସ୍ଇ ବାସ୍କେଟ ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଜବାହରଲାଲ ନେହରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ତୁଳସୀ ସାହିତ୍ୟ ସଂସଦ ପକ୍ଷରୁ ସନ୍ଥ ତୁଳସୀ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଶ୍ରୀରାମ ଚରିତ ମାନସ ପାରାୟଣର ଉଦ୍‌ଯାପନୀ ଦିବସ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା

## ବାଲେଶ୍ୱର

- ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାର ମହାସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଫକୀରମୋହନ ଗୋଲେଇଠାରୁ ଜିଲାପାଳ ଅଫିସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ଛାତ୍ର ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ଏସ୍‌ପି ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- କ୍ରିକେଟ୍ ମ୍ୟାଚ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଭଦ୍ରକ

- ସ୍ୱାଧୀନତା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ଜିଲା ହାଇସ୍କୁଲ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ମିଡିଆ ସେନ୍‌ସିଟାଇଜେଶନ ୱାର୍କଶପ୍ ଅନ୍ ମାସ ଡ୍ରଗ ଆଡ୍‌ମିନିଷ୍ଟ୍ରେଶନ ୨୦୨୫-୨୦୨୬,ସ୍ଥାନ: କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ୧୧ଟା।

## ମୟୂରଭଞ୍ଜ

- ହ୍ୟାଣ୍ଡଲୁମ୍ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୦ଟା।
- ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଏବଂ ଆକାଂକ୍ଷା ହାଟ, ସ୍ଥାନ:କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଏସପି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ସ୍ୱଳ୍ପ ଦୃଷ୍ଟିବାଧିତ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଖରିଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଗୋପାଳପୁର କଲେଜର ସ୍ୱନକ୍ଷତ୍ର ଉତ୍ସବ,ସ୍ଥାନ: ଗୋପାଳପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

## କନ୍ଧମାଳ

- ଓଡ଼ିଆ ଦେଶାତ୍ମକବୋଧ ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ:ବାଲିଗୁଡ଼ା ଟାଉନ୍ ହଲ ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ସାମୂହିକ ଔଷଧ ସେବନ ପାଇଁ ମିଡିଆ ସଚେତନତା, ସ୍ଥାନ: ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ମିଳିତ ଗଣେଶ ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ, ସମୟ: ଅପରାହ୍ନ ୫ଟା।
- ୨୯ତମ ନାଟ୍ୟ ମହୋତ୍ସବ, ସ୍ଥାନ: ଢେଙ୍କାନାଳ ବାଜିଚୌକ ଶହୀଦ ବାଜି ରାଉତ କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ଅନୁଗୋଳ

- କାଉନସିଲରମାନଙ୍କୁ ନେଇ ବୈଠକ, ସ୍ଥାନ: ଆଠମଲ୍ଲିକ ଏନ୍‌ଏସି କାର୍ଯ୍ୟାଳୟ, ସମୟ ପୂର୍ବାହ୍ନ ୧୧ଟା।

## ଜଗତ୍‌ସିଂହପୁର

- ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀର ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ୍‌ସିଂହପୁର ସରକାରୀ ପଲିଟେକ୍‌ନିକ ୭ମ ଗଭର୍ନିଂ ବଡି ମିଟିଂ, ସ୍ଥାନ: ଜିଲାପାଳଙ୍କ ଚାମ୍ବର, ସମୟ : ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଖଜୁରିଆପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ସାମୁଦ୍ରିକ ସୁରକ୍ଷା ସମ୍ପର୍କରେ ମକ୍ ଡ୍ରିଲ, ସ୍ଥାନ: ଖରିନାସୀ ଜେଟି, ମହାକାଳପଡ଼ା, ସମୟ: ଅପରାହ୍ନ ୩ଟା।
- ଶ୍ରୀଜୀଉଙ୍କ ଝୁଲଣ ଯାତ୍ରା, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର ; ଶ୍ରୀ ଗୋପୀନାଥଜୀଉ ମନ୍ଦିର, ଓଲଡ଼ି, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଧର୍ମଶାଳା କ୍ରୀଡ଼ା ଛାତ୍ରାବାସ ପାଇଁ ପ୍ରତିଭା ଚୟନରେ ଫୁଟବଲ ପ୍ରତିଯୋଗିତା, ସ୍ଥାନ : ଧର୍ମଶାଳା ଷ୍ଟାଡିୟମ, ସମୟ : ସକାଳ ୮ଟାରୁ ଆରମ୍ଭ।
- କୃମି ନାଶକ ଦିବସ ଉପଲକ୍ଷେ ତାଲିମ ଶିବିରର ଦ୍ୱିତୀୟ ଦିବସ, ସ୍ଥାନ: ରସୁଲପୁର ବ୍ଲକର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ଓ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ : ଯାଜପୁର ଜିଲାପାଳ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲା ସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷା ହାଟର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ଜିଲା ସଂସ୍କୃତି ଭବନ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଝୁଲଣ ଯାତ୍ରାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା ; ଓଡଗାଁ ରଘୁନାଥ ମନ୍ଦିର ; ନୟାଗଡ ପୁରୁଣା ସହରର ଗୋପିନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା । ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦ । ସ୍ଥାନ: କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା ।
- ଝୁଲଣ ଯାତ୍ରାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ ; ଖଣ୍ଡପଡା ଜଗନ୍ନାଥଙ୍କ ମନ୍ଦିର, ସମୟ: ରାତି ୯ଟା।

## କୋରାପୁଟ

- ଅଧ୍ୟାପକ ଅଧ୍ୟାପିକାଙ୍କ ବିଭିନ୍ନ ସମସ୍ୟା ନେଇ ଦାବିପତ୍ର, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ ଟା।
- ବିଭିନ୍ନ ଜମି ଅଧିଗ୍ରହଣ ମାମଲା ଉପରେ ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ଗୃହ, ସମୟ: ଅପରାହ୍ନ ୪ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ପ୍ଲମୋତ୍ସବ କାର୍ଯ୍ୟକ୍ରମ, ସ୍ଥାନ : ଭାଲୁପାଲିସ୍ଥିତ ଡିଲନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆୟୋଜିତ ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ : ବିଇଡି ମହାବିଦ୍ୟାଳୟ, ସମୟ : ଅପରାହ୍ନ ୫ଟା।
- ଝୁଲଣ ଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ : ଝାଡୁଆପଡା ବ୍ରହ୍ମପୁରା ମନ୍ଦିର ପରିସର, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବଲାଙ୍ଗୀର ଶାଖା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଅଘରିଆ ଭବନ, କନ୍ଧପାଲିପଡା, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: କିସ୍ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଆର୍‌ଏସ୍‌ପି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।

## ସୁନ୍ଦରଗଡ଼

- ରାଜଗାଙ୍ଗପୁର ସହରର ନିର୍ମଳା ଇଂରାଜୀ ବିଦ୍ୟାଳୟରେ କୃତିତ୍ୱ ପାଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ।
- ଅଖିଳ ଭାରତୀୟ ଯୁବା ସଂଘର ବୈଠକ, ସ୍ଥାନ: ହେମଗିର ଏଜୁକେଶନାଲ କମ୍ପ୍ଲେକ୍ସ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ୬୬୨ କଲେଜ ସଂଘର ଦାବିପତ୍ର ପ୍ରଦାନ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରଚନା ଓ ପ୍ରବନ୍ଧ ପ୍ରତିଯୋଗିତା,ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଜିଲାସ୍ତରୀୟ କୃଷି ଓ ଉଦ୍ୟାନ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନାରୀ ସୁରକ୍ଷାକୁ ନେଇ ବିଜେଡି ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର, ସ୍ଥାନ: ଜୟପାଟଣା ଥାନା କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବୌଦ୍ଧ

- ଜିଲା ପରିଷଦ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ଭବନ ଜିଲା ପରିଷଦ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର

- ସ୍ୱଚ୍ଛ ଭାରତ ଅଭିଯାନ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୭ଟା।
- ରାଧାକୃଷ୍ଣ ମନ୍ଦିରରେ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରାର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଉପନୟନ ଓ ବେଦାରମ୍ଭ ସଂସ୍କାର ତଥା ୧୬ ତମ ଚତୁର୍ବେଦ ଯଜ୍ଞ ଚତୁର୍ଥ ଦିବସ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଗୋଡଫୁଲା ପଞ୍ଚାୟତ ଗୁରୁକୁଳ ହରିପୁର ଜୁନାନୀ, ସମୟ: ପ୍ରାତଃ ୫ ଟା ୪୦ରୁ ସକାଳ ୮ଟା।
- ମହିଳା ଉତ୍ଥାନ ମଣ୍ଡଳ ଓ ଯୋଗ ବେଦାନ୍ତ ସେବା ସମିତି ଜାମଲି, ନୂଆପଡା ପକ୍ଷରୁ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ସବ୍‌ଜେଲ ନୂଆପଡ଼ା, ସମୟ: ସକାଳ ୯ଟା।
- ନୂଆପଡା ଡିଷ୍ଟ୍ରିକ୍ଟ ୟୁନିୟନ ଅଫ ଜର୍ନାଲିଷ୍ଟ ସଂଘର ସାଧାରଣ ବୈଠକ, ସ୍ଥାନ: ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଡିଖାଳି ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ହାଟ ପଞ୍ଚମ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ଅପରାହ୍ନ ୫ଟା।

# ଦୁର୍ନୀତିରୁ ଦୂରରେ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

**ଆଦିବାସୀଙ୍କ ସହ ସୁସମ୍ପର୍କ ରଖ**

## ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀ

ଭୁବନେଶ୍ୱର,୫।୮ (ରବିନାରାୟଣ ଜେନା)

ଦୁର୍ନୀତି ସହ ଯୋଡ଼ିହୋଇ ରହିଥିବା ଅଧିକାରୀ ମାଇଣ୍ଡ ଚେଞ୍ଜ୍ କରନ୍ତୁ। କିଛି ଅଧିକାରୀଙ୍କ ଯୋଗୁ ବିଭାଗ ବଦ୍‌ନାମ ହେଉଛି। ଏହାକୁ ଆଉ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଅଧିକ ରୋଜଗାର ଆଶାରେ ଦୁର୍ନୀତି କରୁଛନ୍ତି ସେମାନେ ଆଉ ଖସିପାରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ମଙ୍ଗଳବାର ରାଜ୍ୟସ୍ତରୀୟ ବନ ଅଧିକାରୀ ସମ୍ମିଳନୀରେ ଉପସ୍ଥିତ ବନଖଣ୍ଡ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଏହି ପରାମର୍ଶ ଦେଇଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ଶନ ସେଣ୍ଟରରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ବନାଧିକାରୀମାନଙ୍କୁ କହିଥିଲେ, ବର୍ତ୍ତମାନର ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଛନ୍ତି। ତେଣୁ ଅଧିକାରୀମାନେ ଦୁର୍ନୀତିରୁ ଦୂରରେ ରୁହନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ଏହିଅବସରରେ ମୁଖ୍ୟମନ୍ତ୍ରୀ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଜନବସତି ଅଞ୍ଚଳରେ ଏପରି ଗଛ ଲଗାଇବା ଉଚିତ, ଯାହା ଲୋକଙ୍କୁ ଫଳ, ପୁଷ୍ପ ସହ ଛାୟା ପ୍ରଦାନ କରିପାରିବ ବୋଲି କହିଥିଲେ। ବନ ଅଧିକାରୀମାନେ ମୁଖ୍ୟତଃ ଗରିବ, ଆଦିବାସୀ, ଦଳିତବର୍ଗଙ୍କ ସହ ମିଳାମିଶା କରୁଛନ୍ତି। ଜଙ୍ଗଲ ସୁରକ୍ଷା ନିୟମ ପାଳନ ସମୟରେ ସେମାନଙ୍କ ସହ ସମ୍ବେଦନଶୀଳତା ସହିତ ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ହାତୀ-ମଣିଷ ସଂଘର୍ଷକୁ ହ୍ରାସ କରିବା ପାଇଁ ବିଭାଗ ପକ୍ଷରୁ ଜଙ୍ଗଲ ଭିତରେ ହାତୀ ଖାଦ୍ୟ ପାଇଁ ଧାନଚାଷ କରିବା ଲାଗି ବିଭାଗକୁ ପରାମର୍ଶ ଦେଇଥିଲେ।

ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ଅତ୍ୟନ୍ତ ଜରୁରୀ। ବୃକ୍ଷରୋପଣ ସହ ତା'ର ସୁରକ୍ଷା, ପରିଚାଳନା ଓ ତଥା ସବୁଜ ବଳୟ ବୃଦ୍ଧି ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ। ବନ୍ୟପ୍ରାଣୀ ଶିକାର, ଜଙ୍ଗଲ ନିଆଁ ରୋକିବାରେ ଜଙ୍ଗଲ ବିଭାଗ ଭଲ କାମ କରୁଛି। ତଥାପି ଏ କ୍ଷେତ୍ରରେ ଶତପ୍ରତିଶତ ସଫଳତା ହାସଲ କରିବାକୁ ପଡ଼ିବ। ଆବଶ୍ୟକସ୍ଥଳେ ବ୍ୟାପକ ଜନସଚେତନ ସୃଷ୍ଟି କରିବା ସହିତ ନୂଆ ଟେକ୍ନୋଲୋଜିର ପ୍ରୟୋଗ କରିବାକୁ ହେବ।

ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ପରିକଳ୍ପନା କରାଯାଇଥିବା ସବୁଜ ଓଡ଼ିଶା ଲକ୍ଷ୍ୟ ପୂରଣରେ ବିଭାଗୀୟ ଅଧିକାରୀଙ୍କ ନିଷ୍ଠାପର ଯୋଗଦାନ କାମନା କରିବା ସହିତ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ୍ ଓ ଗବେଷଣା ଦିଗ ପ୍ରତି ଗୁରୁତ୍ୱାରୋପ କରି ଲୋକମାନଙ୍କ ସେବା କରିବାକୁ ଉତ୍ସର୍ଗୀକୃତ ମନୋଭାବ ନେଇ କାମ କରିବା ଲାଗି ଆହ୍ୱାନ ଦେଇଥିଲେ।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଥିଲେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ହେଉଛି ଏ ସମାଜର ଜୀବନରେଖା। ଏ ସୃଷ୍ଟିର ମୌଳିକତାକୁ ବଜାୟ ରଖିବାରେ ଏହି ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଅଛି। ନୂଆ ସରକାର ଆସିବା ପରେ ଜଙ୍ଗଲ ସଂରକ୍ଷଣ ଓ ଅଭିବୃଦ୍ଧି ପ୍ରତି ଗୁରୁତ୍ୱ ଦିଆଯାଉଛି। ଆଜି ଓଡ଼ିଶାରେ ଜଙ୍ଗଲ ଅଭିବୃଦ୍ଧି କ୍ଷେତ୍ରରେ ଯାହା ବି ପଦକ୍ଷେପ ନିଆଯାଇଛି, ତାହାର ଶ୍ରେୟ ଆମ ନିଷ୍ଠାପର ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କର। ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରି ଲୋକଙ୍କ ସହ ଯୋଡ଼ିହୋଇ କାମ କରି ବିଭାଗ ପାଇଁ ସୁନାମ ଆଣିବାକୁ ସେ ପରାମର୍ଶ ଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମା' ନଥିଲେ ମାଉସୀ ପୋଷେ**
**ବାପ ନ ଥିଲେ ପିଉସା ପୋଷେ।**

ମାଉସି ମାଆ ପରି। ମାଆ ନଥିଲେ ସନ୍ତାନର ସମସ୍ତ ଦାୟିତ୍ୱ ମାଉସି ନେବା ସହ ମାଆ ର ଭୂମିକାକୁ ସୁଚାରୁ ରୂପେ ତୁଲାଇଥାଏ। ସେହିପରି ବାପ ର ଭୂମିକା ମଧ୍ୟ ଅନେକାଂଶରେ ପିଉସା ତୁଲାଇ ବାପ ର ଅଭାବ କୁ ପୂରଣ କରିଥାଏ ବୋଲି ଏଠାରେ ଦର୍ଶାଯାଇଛି।

**ମାଇଲି ପାଣି କୁଆକୁ;**
**ମାସକ ଦରମା ପଠାଇ ଦେଲି,**
**ନ ଅଣ୍ଟେ ପାନ ଗୁଆକୁ।**

ଆର୍ଥିକ ଭାବେ ସଚ୍ଛଳ ନ ଥିବା ବ୍ୟକ୍ତି ଜଣକ ନିଜ ପରିବାର ଚଳାଇବା ନିମନ୍ତେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହିପରି ବ୍ୟକ୍ତିଙ୍କୁ ନିଜ ରୋଜଗାରକୁ ଚାହିଁ ଜଗି ରଖି ଖର୍ଚ୍ଚ କରିବାକୁ ପଡୁଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଶୋଭନା ମହାନ୍ତି ରାଜ୍ୟ...

ଯୋଗଦେବା ଦିନଠାରୁ ୩ ବର୍ଷପର୍ଯ୍ୟନ୍ତ ସେ ଏହିଦାୟିତ୍ୱ ତୁଲାଇବେ। ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ ଅନୁଯାୟୀ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବିଜ୍ଞପ୍ତିରେ ଦର୍ଶାଯାଇଛି। ସେହିପରି ବିଭାଗର ଅନ୍ୟ ଏକ ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ମହିଳା କମିଶନର ସଦସ୍ୟା ଭାବେ ୪ ଜଣଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କ ମଧ୍ୟରେ କଟକ କନ୍ଦରପୁର ଅନ୍ତର୍ଗତ ଫକୀରପଡ଼ାର ପ୍ରତିଭା ଶତପଥୀ, ଭୁବନେଶ୍ୱର ସୂର୍ଯ୍ୟନଗରର ଉର୍ମିଳା ମହାପାତ୍ର, କେନ୍ଦ୍ରାପଡ଼ା କପିଳେଶ୍ୱରର କଳ୍ପନା ମଲ୍ଲିକ ଏବଂ ବରଗଡ଼ ପଦ୍ମପୁର ଅନ୍ତର୍ଗତ ଲଖମରାର ମୁକ୍ତା ସାହୁ ସଦସ୍ୟା ଭାବେ ନିଯୁକ୍ତ ହୋଇଛନ୍ତି। ଉପରୋକ୍ତ ବ୍ୟକ୍ତିମାନେ ୩ ବର୍ଷ ପାଇଁ ଆୟୋଗର ସଦସ୍ୟା ରହିବେ। ସରକାରଙ୍କ ନିୟମ ଅନୁଯାୟୀ, ଏମାନଙ୍କୁ ଦରମା ଓ ପାରିଶ୍ରମିକ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ବିଜ୍ଞପ୍ତିରେ ଦର୍ଶାଯାଇଛି।

### ୩ ଦିନିଆ ଦିଲ୍ଲୀ...

ଓଡ଼ିଶା ଗସ୍ତରେ ଆସିବା ଲାଗି ସେ ନିମନ୍ତ୍ରଣ କରିପାରନ୍ତି ବୋଲି ଶୁଣିବାକୁ ମିଳିଛି। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ବହୁ ପ୍ରଚାରିତ ସୁଭଦ୍ରା ଯୋଜନା ପ୍ରଧାନମନ୍ତ୍ରୀଙ୍କ ଗତ ଜନ୍ମଦିନ ଅବସରରେ ଓଡ଼ିଶାରେ ଶୁଭାରମ୍ଭ କରାଯାଇଥିଲା। ତେଣୁ ଚଳିତ ଥର ମଧ୍ୟ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସନ୍ତୁ ବୋଲି ରାଜ୍ୟ ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେବା ଲାଗି ଦିଲ୍ଲୀ ଗସ୍ତ କରିଥିବା କୁହାଯାଉଛି। ଅନ୍ୟପଟେ ଏହି ସମୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଦିଲ୍ଲୀ ଗସ୍ତ କରିବେ ବୋଲି ଜଣାପଡ଼ିଛି। ସରକାରରେ କେତେଜଣ ନୂଆ ମନ୍ତ୍ରୀଙ୍କୁ ସାମିଲ କରିବାର ବିଷୟ ଏବଂ ନିଗମ ଓ ବୋର୍ଡରେ ଖାଲି ପଡ଼ିଥିବା ପଦବୀ ପୂରଣ ସହ ଅନ୍ୟାନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଏବଂ ସଭାପତି ଏକାଠି ଆଲୋଚନା କରିବେ ବୋଲି ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଦଳ ଏବଂ ସଙ୍ଗଠନ ଏକାଠି କାର୍ଯ୍ୟ କରୁଛନ୍ତି ଏଭଳି ଏକ ବାର୍ତ୍ତା ଦେବା ଲାଗି ଉଭୟେ ଏକାସଙ୍ଗେ ନୂଆଦିଲ୍ଲୀ ଗସ୍ତ କରୁଥିବା ଚର୍ଚ୍ଚା ହେଉଛି।

### ୧ରୁ ବନ୍ଦ ହେବ...

ମୂଲ୍ୟଗତ ତାରତମ୍ୟ କ୍ଷୁଦ୍ର ବ୍ୟବସାୟ, କୃଷକ ଓ ଗ୍ରାମାଞ୍ଚଳର ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିବ ବୋଲି କୁହାଯାଉଛି। ସେପ୍ଟେମ୍ବର ସମୟସୀମା ସୁଦ୍ଧା ସ୍ପିଡ୍ ପୋଷ୍ଟ ବ୍ୟବହାର କରିବା ପାଇଁ ଇଣ୍ଡିଆ ପୋଷ୍ଟର ସଚିବ ତଥା ମହାନିର୍ଦ୍ଦେଶକ ସମସ୍ତ ସରକାରୀ କାର୍ଯ୍ୟାଳୟ, କୋର୍ଟ, ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ସଂସ୍ଥାକୁ ପରାମର୍ଶ ଦେଇଛନ୍ତି। ସ୍ପିଡ୍ ପୋଷ୍ଟ ବ୍ୟବସ୍ଥାରେ ଦ୍ରୁତ ସେବା ମିଳିବା ସହ ଅଧିକ ଟ୍ରାକିଂ ସୁବିଧା ଓ ପରିଚାଳନାଗତ ସାମର୍ଥ୍ୟ ରହିଛି। ୧୯୮୬ରୁ ଏହି ସେବା ଆରମ୍ଭ ହୋଇଛି।

### ବଦଳିବ ୧,୬୩୫ ରାଜସ୍ୱ...

କରାଯିବା ଜରୁରୀ। ସେହିପରି ରାଜସ୍ୱ ନିୟମ-୪୪ ଓ ୪୫ରେ ମଧ୍ୟ ଏହା ଉଲ୍ଲେଖ ହୋଇଛି ଯେ, ନୂତନ ରାଜସ୍ୱ ଗ୍ରାମର ସୀମା ପୁନଃ ନିର୍ଦ୍ଧାରଣ ବେଳେ ସ୍ୱତ୍ତ୍ୱାଧିକାର ପରିବର୍ତ୍ତନକୁ ଗୁରୁତ୍ୱ ଦେବାକୁ ହେବ। ନକ୍ସା ପ୍ରସ୍ତୁତ ବେଳେ ଯେପରି ଏହା ମିଶି ନ ଯାଏ ତାକୁ ଗୁରୁତ୍ୱ ଦେଇ ନକ୍ସା ପରିବର୍ତ୍ତନ ହେବା ଆବଶ୍ୟକ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭୂମି ରେକର୍ଡ ପୂର୍ଣ୍ଣଭାବେ କମ୍ପ୍ୟୁଟରାଇଜ୍ ଓ ମାନଚିତ୍ରଗୁଡ଼ିକ ଡିଜିଟାଲାଇଜ୍ ହୋଇଯାଇଛି। ନକ୍ସା ପରିବର୍ତ୍ତନ ବେଳେ ଯଦି ସୂଚନା ପ୍ରଯୁକ୍ତି ବିଦ୍ୟା ଠିକଣା ଭାବେ ପ୍ରୟୋଗ କରାଯିବ ତେବେ ରାଜସ୍ୱ ଗ୍ରାମ ସୀମା ନକ୍ସା ଅପେକ୍ଷାକୃତ କମ୍ ସମୟ ଓ ପ୍ରୟାସରେ ସମ୍ପାଦନ ହୋଇପାରିବ, ଯାହା ଅଧିକ ନିଖୁଣତା ଓ ସ୍ପଷ୍ଟତା ରହିବ। ନୂତନ ରାଜସ୍ୱ ଗ୍ରାମର ସୀମା ଓ ନକ୍ସା ପ୍ରସ୍ତୁତ ବେଳେ ଯେଭଳି ସ୍ପଷ୍ଟତା ରହିବ ତାକୁ ଗୁରୁତ୍ୱ ଦେବାକୁ ଏସିଏସ୍ ଦର୍ଶାଇଛନ୍ତି।

ଏସ୍‌ଓପି ଅନୁଯାୟୀ, ସଂପୃକ୍ତ ତହସିଲ୍ କାର୍ଯ୍ୟାଳୟରେ ଗୋଟିଏ ଲେଖାଏ ସୀମା ପରିବର୍ତ୍ତନ ବିବରଣୀ(ବିସିପି) ପ୍ରକୋଷ୍ଠ ଖୋଲାଯିବ। ଏହି ପ୍ରକୋଷ୍ଠ ସମସ୍ତ ପ୍ରକାର ରେକର୍ଡ ସଂଶୋଧନ, ନକ୍ସା ପ୍ରସ୍ତୁତି, ସୀମା ନିର୍ଦ୍ଧାରଣ କାର୍ଯ୍ୟ କରିବ। ସଂପୃକ୍ତ ତହସିଲ୍‌ର ଅତିରିକ୍ତ ତହସିଲ୍‌ଦାର ଜଣେ ବରିଷ୍ଠ ଅମିନ, ରାଜସ୍ୱ ନିରୀକ୍ଷକ ଓ ଜଣେ ସୁପରଭାଇଜରଙ୍କୁ ନେଇ ଏ ସମସ୍ତ କାର୍ଯ୍ୟ କରିବେ। ଏହାସହ ଖାତା ଓ ପ୍ଲଟ୍ ନମ୍ବର ପରିବର୍ତ୍ତନ ସାବଧାନତାର ସହ କରିବାକୁ ବିଭାଗ ପକ୍ଷରୁ ଏସ୍‌ଓପିରେ ପରାମର୍ଶ ଦିଆଯାଇଛି।

### ସତ୍ୟପାଲ ମଲିକଙ୍କ...

ଚୌଧୁରୀ ଚରଣ ସିଂଙ୍କ ଭାରତୀୟ କ୍ରାନ୍ତି ଦଳରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ ରାଜ୍ୟ ସଭା ସଦସ୍ୟ ରହିବା ସହ ପରେ ଆଲିଗଡ଼ରୁ ଜନତା ଦଳ ପ୍ରାର୍ଥୀ ଭାବେ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଦଳ ବଦଳାଇ କଂଗ୍ରେସ, ଲୋକଦଳ ଏବଂ ସମାଜବାଦୀ ପାର୍ଟିରେ ସାମିଲ ହୋଇଥିଲେ। ୨୦୧୭ରେ ସତ୍ୟପାଲ ବିହାର ରାଜ୍ୟପାଳ ନିଯୁକ୍ତ ହୋଇଥିଲେ ଓ ୨୦୧୮ ମାର୍ଚ୍ଚ ୨୧ରୁ ଅଗଷ୍ଟ ୨୮ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ସେହି ମାସରେ ତାଙ୍କୁ ଜମ୍ମୁ-କଶ୍ମୀର ରାଜ୍ୟର ରାଜ୍ୟପାଳ ନିଯୁକ୍ତ କରାଯାଇଥିଲା। ୨୦୧୯ରେ ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟିବା ଏବଂ ଏହାକୁ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଗ କରାଯିବା ଓ ପୁଲୱାମା ଆତଙ୍କବାଦୀ ଆକ୍ରମଣ ବେଳେ ସତ୍ୟପାଲ ରାଜ୍ୟପାଳ ରହିଥିଲେ। ପରେ ସେ ଗୋଆ ଏବଂ ମେଘାଳୟର ରାଜ୍ୟପାଳ ଭାବେ କାର୍ଯ୍ୟ କରିଥିଲେ। ଗତ ୨ ବର୍ଷ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦ ସରକାରଙ୍କୁ ସମାଲୋଚନା କରି ସେ ଚର୍ଚ୍ଚାରେ ରହିଥିଲେ। ବିବାଦୀୟ କୃଷି ଆଇନକୁ ବିରୋଧ କରି ସେ କୃଷକମାନଙ୍କୁ ସମର୍ଥନ କରିବାରୁ ୨୦୨୦-୨୧ରୁ ଭାଜପା ସରକାରଙ୍କ ସହ ତାଙ୍କର ମତାନ୍ତର ଆରମ୍ଭ ହୋଇଥିଲା। ୨୦୨୩ରେ ଏକ ସାକ୍ଷାତ୍‌କାରରେ ପୁଲୱାମା ଆକ୍ରମଣ ସୁରକ୍ଷାଗତ ତ୍ରୁଟିରୁ ଘଟିଥିଲା ବୋଲି ଅଭିଯୋଗ କରିଥିଲେ। ସେତେବେଳେ ତାଙ୍କୁ ନୀରବ ରହିବାକୁ କେନ୍ଦ୍ର କହିଥିଲା। ସିଆର୍‌ପିଏଫ ଏୟାରଲିଫ୍ଟ ପାଇଁ ଅନୁରୋଧ କରିଥିବାବେଳେ ଏହାକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ସଡ଼କ ପଥରେ ଆସି ସେମାନେ ଆତଙ୍କବାଦୀଙ୍କ ଟାର୍ଗେଟରେ ଶିକାର ହେଲେ ବୋଲି ସତ୍ୟପାଲ କହିଥିଲେ। କେନ୍ଦ୍ରକୁ ସମାଲୋଚନା ସତ୍ୟପାଲଙ୍କୁ ବିରୋଧୀ କ୍ୟାମ୍ପ ନିକଟତର କରିଥିଲା। ବର୍ତ୍ତମାନ ଲୋକ ସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ଗତ ମେ' ମାସରେ ହସ୍ପିଟାଲ ଯାଇ ସତ୍ୟପାଲଙ୍କୁ ଭେଟିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୋଣଭାବସ୍ଥ କେତୁ ପ୍ରଭାବରୁ କେତେକ ସାମାନ୍ୟ ଭୁଲରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କୁ ଗଠନମୂଳକ ପ୍ରେରଣା ଦେଇ ପ୍ରଶଂସିତ ହେବେ। ବହୁତ ଦିନହେଲା ଦେଖି ନ ଥିବା ବନ୍ଧୁଙ୍କୁ ଭେଟିପାରନ୍ତି। ପାରିବାରିକ ଅସହଯୋଗ ନୂତନ କାମ, ବ୍ୟବସାୟ, ଯାତ୍ରାରେ ବ୍ୟାଘାତ ସୃଷ୍ଟି କରିପାରେ।

**ବୃଷ** ଧନଭାବସ୍ଥ ଗୁରୁ ଓ ଶୁକ୍ର ଯୋଗୁ ମନ ଯେମିତି ଉଚ୍ଚ କାମ ମଧ୍ୟ ତଦନୁରୂପ ସମ୍ପନ୍ନ କରିବାରେ ଅସୁବିଧା ହେବନାହିଁ। ବିବାଦୀୟ ଘଟଣାର ସମାଧାନ ପରିପ୍ରେକ୍ଷୀରେ ଆତ୍ମୀୟଙ୍କ ପାଇଁ ଚିନ୍ତା ବଢ଼ିପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନାଦି କ୍ଷେତ୍ରରୁ ଲାଭବାନ ହେବେ। ଅସମର୍ଥିତ ସୂତ୍ରରୁ ଶୁଣା କଥାରେ ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି।

**ମିଥୁନ** ଶନିଙ୍କ ଯୋଗୁ କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହିଥିଲେ ମଧ୍ୟ କାମ ଅଟକିବ ନାହିଁ। ପରିବାରର ଆବଶ୍ୟକତା ପୂରଣ ସକାଶେ କରଜ କରିବାକୁ ବାଧ୍ୟ ହେବେ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ କିନ୍ତୁ କୌଣସି ପ୍ରତିକାର କରିପାରିବେ ନାହିଁ। ସରକାରୀ ସ୍ତରରୁ କିମ୍ବା କମ୍ପାନୀ ସମ୍ବନ୍ଧୀୟ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି।

**କର୍କଟ** ଧନାକ୍ଷଧିପ ରାଶିରେ ଥିବାରୁ ଯାହା ପାଇବା ପାଇଁ ଆଶା କରିଥିଲେ ତାହା ଆକସ୍ମିକ ଭାବରେ ପ୍ରାପ୍ତ ହେବ ।ସାମୂହିକ କାର୍ଯ୍ୟ କ୍ଷେତ୍ରରେ ନୂତନ ବନ୍ଧୁସମ୍ପର୍କ ସୃଷ୍ଟିହେବାର ସୂଚନା ରହିଛି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** ମୁଖଭାବରେ ମଙ୍ଗଳ ଅବସ୍ଥାନ କରିଥିବାରୁ ଆପଣଙ୍କ କଠୋର ବାକ୍ୟାଳାପରୁ ବନ୍ଧୁ ଦୁଃଖ ପ୍ରକାଶ କରିବେ। ଅତୀତର ବିବାଦୀୟ ଘଟଣାରେ ଆଶଙ୍କା କ୍ରମଶଃ ଦୂରେଇଯିବାର ସମ୍ଭାବନା ରହିଛି। ଅତି ଭଲ ସମ୍ପର୍କ ରହିଥିବା ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କନ୍ୟା** ଚତୁର୍ଥକେନ୍ଦ୍ରରେ ଚନ୍ଦ୍ର ଥିବାରୁ ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲରେ ଭଲରେ ଅତିବାହିତ ହେବ। କିନ୍ତୁ ମଙ୍ଗଳଙ୍କ ପ୍ରଭାବରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ଗ୍ରହଣ କରିବା ଠିକ୍ ହେବନାହିଁ। ପୂର୍ବ ପ୍ରତିକ୍ରିୟା ନ ଥାଇ ହଠାତ୍ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି।

**ତୁଳା** ରାହୁ କୋଣଭାବରେ ଥିବାରୁ ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କାମରେ ପ୍ରତିବନ୍ଧକ ସୃଷ୍ଟିକରିବ। କେତେକ କ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସାକୁ ସହି ନ ପାରି ସମସ୍ୟା ସୃଷ୍ଟି କରିପାରନ୍ତି। ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଲକ୍ଷ୍ୟସ୍ଥଳକୁ ଯିବାରେ ବିଳମ୍ବିତ କରାଇପାରେ।

**ବିଛା** ଭାଗ୍ୟାଧିପତି ଧନଭାବସ୍ଥ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଶୁଭଫଳ ପାଇବେ। ମନକୁ ପାଇଲା ଭଳି କଥାମାନ କହି ପାରିବାରିକ ସମସ୍ୟାର ସମାଧାନ କରିବେ। ମୂଲ୍ୟବାନ ଦ୍ରବ୍ୟ ପାଇବା ସହ ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଲାଭବାନ ହେବେ। ପରିବହନ ଓ ନିର୍ମାଣ, ଆଲୋଚନା, ସଭା ସମିତି ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** କର୍ମକ୍ଷେତ୍ରରେ ମଙ୍ଗଳ ଥିବାରୁ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ବ୍ୟବସାୟ, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରର ସମସ୍ୟା ସମାଧାନ ହେବ। ସାମାନ୍ୟ କଥାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ କିମ୍ବା ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି।

**ମକର** ଚତୁର୍ଥାଧିପତି ଭାଗ୍ୟସ୍ଥ ଯୋଗୁ ସାହସିକ ପଦକ୍ଷେପ ନେଇ ଗୁରୁତ୍ୱପୂର୍ଣ୍ଣ କାମକୁ ସମ୍ପନ୍ନ କରିବେ। କିନ୍ତୁ ଅଫିସରେ ଏକାଧିକ କାମ ହାତକୁ ନେଇ ବିବ୍ରତ ହେବେ। କର୍ମାରମ୍ଭ, ଲୋକସମ୍ପର୍କ ସଭାସମିତି ଓ ପାରିବାରିକ ସମସ୍ୟା ଦିଗରେ ଦୃଢ଼ ପଦକ୍ଷେପ ନେବେ। ସାମାଜିକ କାମରେ ସମର୍ଥକଙ୍କୁ ନିଜ ଆଡ଼କୁ ଆଣିବାରେ ସକ୍ଷମ ହେବେ।

**କୁମ୍ଭ** ଅନୁକୂଳ ଗ୍ରହସ୍ଥିତିରୁ ଅନ୍ୟମାନଙ୍କ ସ୍ଥଗିତ କାମକୁ ଆଗକୁ ବଢ଼ାଇ ନେବାରେ ଆପଣଙ୍କ ଭୂମିକା ସର୍ବାଗ୍ରେ ରହିବ। ନିଜ କାମଗୁଡ଼ିକ ପାଇଁ ଦୁଶ୍ଚିନ୍ତାର ମାତ୍ରା କମିବ ନାହିଁ। ଅଫିସ୍ କାମରେ ବାଦବିବାଦ ଜଟିଳ ହେଲେ ମଧ୍ୟ ଆପଣ ସଫଳତା ହାସଲ କରିବେ। ପାରିବାରିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ** ଶନି ପ୍ରଭାବରେ ସହକର୍ମୀଙ୍କ ସହ ଆଲୋଚନା ସମୟରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପାରନ୍ତି। ବାରମ୍ବାର ଚେଷ୍ଟା କରି ମଧ୍ୟ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିବେ। ବାଣିଜ୍ୟ, ଯାତ୍ରା, ସଭାସମିତି ମନ ଅନୁଯାୟୀ କରିପାରିବେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବ।

ଆଜି ଅଗଷ୍ଟ ୬ ତାରିଖ, ହିରୋସୀମା ଦିବସ, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ବୁଧବାର। ରାଶିନକ୍ଷତ୍ର-ଦିବା ଘ.୧୨.୫୮ମି. ପର୍ଯ୍ୟନ୍ତ ମୂଳା/ଧନୁ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୭ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୧୦.୧୬ମି. ଗତେ ଘ.୧୧.୨୬ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୨ମି. ଗତେ ଘ.୦୧.୨୮ମି. ମଧ୍ୟେ ରାହୁ କାଳ।

# ନୀହାର, ଜିତନଙ୍କ ଆର୍ଥିକ କାରବାର ଯାଞ୍ଚ

**ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା**

- ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପଚରାଉଚରା
- ପ୍ରଧାନଶିକ୍ଷକ ପ୍ରଶାନ୍ତ ଖମାରି ନିଲମ୍ବିତ
- ଅନ୍ୟମାନଙ୍କ ସମ୍ପୃକ୍ତିକୁ କ୍ରାଇମବ୍ରାଞ୍ଚର ତନାଘନା

କଟକ,୫।୮ (କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଓଡ଼ିଶା କ୍ରାଇମବ୍ରାଞ୍ଚ ତନାଘନା ଚଳାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଓ ତାଙ୍କୁ ସହଯୋଗ କରିଥିବା ଅଧିକାରୀ ବୋର୍ଡ ଉପସଭାପତି ନୀହାର ରଞ୍ଜନ ମହାନ୍ତିଙ୍କ ଆର୍ଥିକ କାରବାର ଉପରେ ମଙ୍ଗଳବାର ଯାଞ୍ଚ ଆରମ୍ଭ ହୋଇଛି। ଅପରପକ୍ଷରେ ପ୍ରଘଟ ପାଇଁ ଓଟିଇଟି ପ୍ରଶ୍ନପତ୍ରକୁ ହାତରେ ଲେଖିଥିବା କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭେଜିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଖମାରୀ ଗିରଫ ହେବା ପରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ପୂର୍ବକ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି।

ସୂଚନାନୁସାରେ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଘଟଣାରେ ରାଜ୍ୟର ବିଭିନ୍ନ ଜିଲାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହୋଇଛି। ବୋର୍ଡ ଅଫିସଠାରୁ ଆରମ୍ଭ କରି ରାଜ୍ୟର ବିଭିନ୍ନ ପ୍ରାନ୍ତରକୁ ଏହି କାରନାମାର ଚେର ଲମ୍ବିଛି। କ୍ରାଇମବ୍ରାଞ୍ଚ ତଦନ୍ତରୁ ଏସବୁ ଜଣାପଡ଼ିବା ପରେ ଅଦ୍ୟାବଧି ବୋର୍ଡ ଉପସଭାପତି, ଡାଟା ଏଣ୍ଟ୍ରି ଅପରେଟରଙ୍କୁ ମିଶାଇ ମୋଟ ୮ଜଣଙ୍କୁ ଗିରଫ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ରବିବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ଯେ, ବୋର୍ଡର ମହିଳା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ସନ୍ଦେହ ମଧ୍ୟରେ ରଖାଯାଇଛି। ତାଙ୍କ ବିରୋଧରେ ପ୍ରମାଣ ମିଳିଲେ ଗିରଫ କରାଯିବ। କ୍ରାଇମବ୍ରାଞ୍ଚ ମଙ୍ଗଳବାର ବୋର୍ଡ ଅଫିସର ସେହି ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପଚରାଉଚରା କରିଛି। ବୋର୍ଡରେ ତାଙ୍କର କାର୍ଯ୍ୟାବଳୀ ସମେତ ପ୍ରଶ୍ନପତ୍ର ପ୍ରଘଟ ମାମଲା ଆଦି ଉପରେ ତାଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ପଚରାଯାଇଛି। ସେହିପରି କ୍ରାଇମବ୍ରାଞ୍ଚ ପକ୍ଷରୁ ଉପସଭାପତି ମହାନ୍ତି ଓ ଡାଟା ଏଣ୍ଟ୍ରି ଅପରେଟର ମହାରଣାଙ୍କ ଆର୍ଥିକ କାରବାର ଯାଞ୍ଚ ପାଇଁ ସେମାନଙ୍କ ଆକାଉଣ୍ଟ ଥିବା ବ୍ୟାଙ୍କକୁ ଚିଠି କରାଯିବା ପରେ ଯାଞ୍ଚ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। କାହା ଆକାଉଣ୍ଟରୁ କେତେ ଟଙ୍କା କାରବାର ହୋଇଛି, ସେଗୁଡ଼ିକୁ ଯାଞ୍ଚ ପରିସରଭୁକ୍ତ କରାଯାଇଛି। କେଉଁମାନେ ଟଙ୍କା କାରବାରରେ ସମ୍ପୃକ୍ତ ଅଛନ୍ତି ସେଗୁଡ଼ିକୁ ଅତ୍ୟନ୍ତ ଗୁରୁତର ସହ ତଦନ୍ତ କରାଯାଉଛି।



ନିଲମ୍ବିତ ପ୍ରଶାନ୍ତ ଖମାରି।

ବୋର୍ଡରେ ପ୍ରଶ୍ନପତ୍ର ଭାଇରାଲ ହେବା, ପରୀକ୍ଷା ବାତିଲ କରାଯିବା ପୂର୍ବରୁ ଅନେକ ବାର ହୋଇଛି। ମାତ୍ର ସେଥିରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ କିମ୍ବା କ୍ରାଇମବ୍ରାଞ୍ଚରେ କେବେ ଅଭିଯୋଗ କରାଯାଇନାହିଁ। ପ୍ରଥମ ଥର ପାଇଁ କ୍ରାଇମବ୍ରାଞ୍ଚକୁ ଏହି ମାମଲା ଆସିଛି। ପୂର୍ବରୁ ଏଭଳି ମାମଲା ରୁଜୁ ହୋଇଥିଲେ ଆଜି ଏହି ଘଟଣା ଘଟି ନ ଥାନ୍ତା ବୋଲି କ୍ରାଇମବ୍ରାଞ୍ଚ ଡିଜି ମିଶ୍ର ରବିବାର ଖବରଦାତା ସମ୍ମିଳନୀରେ କହିଥିଲେ। ବୋର୍ଡର କେତେକ ଉଲ୍ଲେଖନୀୟ ପରୀକ୍ଷା ବିଭ୍ରାଟର ଘଟଣାକ୍ରମକୁ ଅନୁଧ୍ୟାନ କଲେ ୨୦୧୬ରେ ଓଟିଇଟି ଅନିୟମିତତା କଥା ଉଠିଥାଏ। ସେହିପରି ୨୦୧୮ରେ ମାଟ୍ରିକ ପ୍ରଶ୍ନପତ୍ର ପ୍ରଘଟ, ୨୦୧୯ରେ ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ପରେ ପୁଣି ୨୦୨୨ରେ ବି ଓଟିଇଟି ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା, ଯଦ୍ଦ୍ୱାରା ସେହି ପରୀକ୍ଷାଗୁଡ଼ିକୁ ବାତିଲ କରାଯାଇଥିଲା। ସେତେବେଳର ସରକାରୀ କଳ କେବଳ ଇଣ୍ଟରନାଲ ଇନ୍‌କ୍ୱାରି କରିଦେଇ ମାମଲାକୁ ସେଠି ଶେଷ କରିଦେଇଥିଲେ। ପରୀକ୍ଷା ଅନିୟମିତତା ଅଥବା ବିଭ୍ରାଟର ମୂଳ କାରଣ ସମ୍ପର୍କରେ ଗଭୀରକୁ ଯାଇ କୌଣସି ଖୋଳତାଡ଼ କରାଯାଇ ନ ଥିଲା। ସେତେବେଳେ କ୍ରାଇମବ୍ରାଞ୍ଚକୁ ମାମଲା ଯାଇଥିଲେ କେତେ କ'ଣ ଗୁମର ଫିଟି ପାରିଥାନ୍ତା। ସେତେବେଳେ କ୍ରମାଗତ ଭାବେ ଏଭଳି ପରୀକ୍ଷା ବିଭ୍ରାଟ ଘଟିଚାଲିଥିଲେ ବି ସରକାର କ୍ରାଇମବ୍ରାଞ୍ଚଠାରୁ କାହିଁକି ସେସବୁକୁ ଦୂରେଇ ରଖୁଥିଲେ, ତାହାକୁ ନେଇ ରାଜ୍ୟବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଶୋଇଥିବା ୨ ଯୁବକଙ୍କ ତଣ୍ଟିରେ ଛୁରି ଭୁସି ଦେଲେ ଦୁର୍ବୃତ୍ତ

ଖଲ୍ଲିକୋଟ,୫।୮ (ପ୍ରଶାନ୍ତ କୁମାର ମିଶ୍ର)

**ପୂର୍ବ ଶତ୍ରୁତା ସନ୍ଦେହ, ତଦନ୍ତ ଜାରି**

ଶୋଇଥିବା ଅବସ୍ଥାରେ କେତେ ଜଣ ଦୁର୍ବୃତ୍ତ ୨ ଜଣ ଯୁବକଙ୍କ ତଣ୍ଟିରେ ଛୁରି ଭୁସି ଦେଇଛନ୍ତି। ଫଳରେ ଉଭୟଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ନୂଆ ଫାସୁଲା ଗ୍ରାମର ସିଲୁ ପାହାନ (୩୦) ଓ ତୁଳସୀପୁର ଗ୍ରାମର ରାଜେଶ ପଲେଇ (୨୮)। ଉଭୟଙ୍କୁ ସ୍ଥାନୀୟ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମାଟିଆ ସାହି ଛକ ନିକଟରେ ସୋମବାର ବିଳମ୍ବିତ ରାତିରେ ଏପରି ଘଟଣା ଘଟିଛି।

ଖବରରୁ ଜଣାପଡିଛି, ସିଲୁ ଓ ରାଜେଶ ମାଟିଆ ସାହି ଛକରେ ଏକାଠି ରୁହନ୍ତି। ସୋମବାର ଉଭୟେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ୩/୪ ଜଣ ଯୁବକ ପହଞ୍ଚି ଉଭୟଙ୍କ ତଣ୍ଟିରେ ଛୁରି ଭୁସି ଦେଇଥିଲେ। ଫଳରେ ସେମାନଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ଖବର ପାଇ ଖଲ୍ଲିକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ସିଲୁ ଓ ରାଜେଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେମାନଙ୍କ ତଣ୍ଟିରେ ଛୁରିର ଆଘାତ ଲାଗିଥିବା ଏବଂ ଉଭୟଙ୍କ ଅବସ୍ଥା ଗୁରୁତର ଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ତେବେ ଆକ୍ରମଣ କରିଥିବା ଦୁର୍ବୃତ୍ତମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଡିଜିପିଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର,୫।୮ (ସତ୍ୟଜିତ୍ ରାଉତ)

**ଅତିରିକ୍ତ ପୋଲିସ କମିଶନରଙ୍କ ବିରୋଧରେ ଅଭିଯୋଗ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାସଭବନ ଘେରାଉ ସମୟରେ ଭୁବନେଶ୍ୱର-କଟକ ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ ବିକ୍ଷୋଭକାରୀଙ୍କ ଗୋଡ଼ ଭାଙ୍ଗିଦେବାକୁ ନିର୍ଦ୍ଦେଶ ଦେବା ଘଟଣାକୁ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ହୋଇଥିବା ଏକ ଅଭିଯୋଗକୁ ଭିତ୍ତି କରି ପୋଲିସ ଡିଜିଙ୍କୁ କମିଶନ ରିପୋର୍ଟ ତଲବ କରିଛନ୍ତି। ଏହି ଘଟଣାର ତଦନ୍ତ କରି ଆଗାମୀ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଉନ୍ନୟନ ପରିଷଦର ସଭାପତି ବାସୁଦେବ ଭଞ୍ଜ ଏହି ଘଟଣାର ଭାଇରାଲ ହୋଇଥିବା ଏକ ଭିଡିଓ ଏବଂ ଅନ୍ୟାନ୍ୟ ତଥ୍ୟ ସହ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଜୁନ ୩୦ରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ବାହାରେ ଥିବା ବାରିକେଡ୍ ଅତିକ୍ରମ କଲେ ଗୋଡ଼ ଭାଙ୍ଗିଦେବାକୁ ପୋଲିସ ଫୋର୍ସକୁ ନରସିଂହ ନିର୍ଦ୍ଦେଶ ଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଏହି ଭିଡିଓ ଭାଇରାଲ ହୋଇଥିଲା। ନରସିଂହଙ୍କ ଦ୍ୱାରା ଗମ୍ଭୀର ମାନବାଧିକାର ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଥିଲା। ସୋମବାର କମିଶନ ଏନେଇ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୂଚନା ଅନୁଯାୟୀ, ପୁରୀ ରଥଯାତ୍ରାରେ ଦଳଚକଟାରେ ଭକ୍ତଙ୍କ ମୃତ୍ୟୁ ଘଟଣାକୁ କେନ୍ଦ୍ରକରି ଜୁନ ୨୯ରେ ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ଏହି ସମୟରେ ମୁତୟନ ସୁରକ୍ଷାକର୍ମୀଙ୍କୁ ନରସିଂହ ଏଭଳି ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହୋଇଥିଲା।

# ବ୍ୟବସାୟୀଙ୍କ ୬ କୋଟି ଠକେଇ, ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୫।୮ (ସୁବାସ ଚନ୍ଦ୍ର ପାଢ଼ୀ)

**୪ ମୋବାଇଲ ଫୋନ, ପାସ୍‌ବୁକ ଜବତ**

ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କଠାରୁ ଚଞ୍ଚକତା କରି ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୁକ୍ତ ଯୁବକଙ୍କୁ ସାଇବର ଥାନା ପୋଲିସ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅନ୍ତର୍ଗତ ଦିଗିପଡ଼ାର ଅନିଲ କୁମାର ମିଶ୍ର (୩୫)। ତାଙ୍କଠାରୁ ୪ଟି ମୋବାଇଲ ଫୋନ୍ ଓ ୪ଟି ବ୍ୟାଙ୍କ ପାସବୁକ ଜବତ ହୋଇଛି। ଅନିଲଙ୍କ ବିଭିନ୍ନ ଆକାଉଣ୍ଟକୁ ଫ୍ରିଜ କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିବା ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍. ସୂଚନା ଦେଇଛନ୍ତି।

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ମୟୂରୀ ବିହାର ୪ର୍ଥ ଲାଇନ ବାସିନ୍ଦା ଅନୁରାଗ ମିଶ୍ରଙ୍କ ଟ୍ରାନ୍ସପୋର୍ଟ ବ୍ୟବସାୟ ରହିଛି। ଜଣେ ବନ୍ଧୁଙ୍କ ଜରିଆରେ ସେ କୋଦଳାର ଅନିଲଙ୍କ ସହ ପରିଚିତ ହୋଇଥିଲେ। ଅନୁରାଗଙ୍କୁ ଅନିଲ ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଷୟରେ କହିଥିଲେ। ମିଶନ ଶକ୍ତି ଜରିଆରେ ବିଭିନ୍ନ ବ୍ଲକରେ ବହୁ କୋଟି ଟଙ୍କାର କାମ ହେବାକୁ ଯାଉଛି। ଏଥିପାଇଁ ବିଭିନ୍ନ ବ୍ଲକ ଓ ମହିଳା ଗୋଷ୍ଠୀଙ୍କୁ ସାମଗ୍ରୀ ଯୋଗାଣ କରିବାକୁ ଅନିଲ ବୁଝାଇବା ସହ ସେଥିରେ ଟଙ୍କା ନିବେଶ କରିବାକୁ ପ୍ରବର୍ତ୍ତାଇଥିଲେ। ଅନୁରାଗ ଏଥିରେ ରାଜି ହୋଇଗଲେ। ସେ ୨୦୨୪ ଏପ୍ରିଲ ୨୯ ତାରିଖରେ ପ୍ରଥମେ ୨ ଲକ୍ଷ ଟଙ୍କା ଅନିଲଙ୍କ ଦ୍ୱାରା ନିବେଶ କରି ସାଙ୍ଗେ ସାଙ୍ଗେ ୨ ଲକ୍ଷ ୨୬ ହଜାର ଟଙ୍କା ପାଇଥିଲେ। ପରେ ବର୍ଷକ ଭିତରେ ସେ ୯ କୋଟି ୭୧ ଲକ୍ଷ ୫୫ ହଜାର ୭୩ ଟଙ୍କା ଜମା କରିଥିଲେ। ହେଲେ ଉକ୍ତ ଯୋଜନାରେ କାମ ସମ୍ପୂର୍ଣ୍ଣ ହୋଇ ବିଲ ହୋଇଥିବା କହି ଅନିଲ ପ୍ରାୟ ୩ କୋଟି ଟଙ୍କା ବିଭିନ୍ନ ସମୟରେ ଅନୁରାଗଙ୍କୁ ଫେରସ୍ତ କରିଥିଲେ। ଗତ ଏପ୍ରିଲ ପରଠାରୁ ଅନୁରାଗ ନିଜର ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଫେରସ୍ତ ପାଇ ନ ଥିଲେ। ଏ ନେଇ ସେ ବାରମ୍ବାର ଅନିଲଙ୍କୁ ପଚାରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ପାଇ ନ ଥିଲେ। ଯାଞ୍ଚ ପରେ ତାଙ୍କ ଟଙ୍କା ମିଶନ ଶକ୍ତି କିମ୍ବା ବ୍ଲକସ୍ତରର ମହିଳା ସଂଗଠନରେ ନିବେଶ ହୋଇ ନ ଥିବା ଅନୁରାଗ ଜାଣିପାରିଥିଲେ। ଅନିଲଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ନେଇ ସାଇବର ଅପରାଧ ଓ ଅର୍ଥନୈତିକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଅନିଲଙ୍କୁ ବାନ୍ଧିଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଅନିଲ କୁମାର ମିଶ୍ର

# ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତିଙ୍କୁ ମାଡ଼

ଝାରସୁଗୁଡ଼ା, ୫।୮ (ଆଶିଷ ରଞ୍ଜନ ଦାଶ)

**ନିର୍ଦ୍ଦେଶକଙ୍କ ନାଁରେ ମାମଲା**

ଝାରସୁଗୁଡ଼ା ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତି ସନ୍ଦୀପ କୁମାର ମିଞ୍ଜ(୪୩)ଙ୍କୁ ମଙ୍ଗଳବାର ପୂର୍ବାହ୍ନରେ ବିମାନ ବନ୍ଦର ନିର୍ଦ୍ଦେଶକ ସନ୍ଦୀପ କୁମାର ତିୱାରୀ ଗାଳିଗୁଲଜ ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ମିଞ୍ଜ ଝାରସୁଗୁଡ଼ା ବିମାନ ବନ୍ଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି।

ଅଭିଯୋଗ ଅନୁଯାୟୀ, ବିମାନ ବନ୍ଦର କର୍ମଚାରୀ ସଂଘ ସଭାପତି ତଥା ବିମାନ ବନ୍ଦରରେ ବରିଷ୍ଠ ସହାୟକ ଭାବେ କାର୍ଯ୍ୟରତ ମିଞ୍ଜ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ପୂର୍ବାହ୍ନ ପ୍ରାୟ ୧୧ଟାରେ ନିର୍ଦ୍ଦେଶକ ତିୱାରୀଙ୍କ କାର୍ଯ୍ୟାଳୟକୁ ଏକୁଟିଆ ଆଲୋଚନା ପାଇଁ ଯାଇଥିଲେ। ସେଠାରେ ସେ ଦାବି ଉପସ୍ଥାପନ କରିବାବେଳେ ତିୱାରୀ ହଠାତ୍ ଉତ୍ତକ୍ଷିପ୍ତ ହୋଇ ତାଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏପରି କି ତାଙ୍କୁ ମାରିଦେବା ପାଇଁ ଉଦ୍ୟମ କରିଥିଲେ। ମିଞ୍ଜଙ୍କ ଦାନ୍ତ ଭାଙ୍ଗି ଯାଇଥିବାବେଳେ ଛାତିରେ ଯନ୍ତ୍ରଣା ହୋଇଥିଲା। ଚିକିତ୍ସା ଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗାଳିଗୁଲଜ ଓ ମାରପିଟ୍ ସମୟରେ ବିମାନ ବନ୍ଦର କର୍ମଚାରୀ ବିମଳ ମହାକୁର ଏବଂ ଶୁଭମ୍ ସାହୁ ଉପସ୍ଥିତ ଥିବା ମିଞ୍ଜ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏନେଇ ଥାନା ଅଧିକାରୀ ହେମାଙ୍ଗିନୀ ଗରଡିଆ କହିଛନ୍ତି, ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ଅପରପକ୍ଷେ ବିମାନ ବନ୍ଦର ନିର୍ଦ୍ଦେଶକ ତିୱାରୀ କହିଛନ୍ତି, ମିଞ୍ଜଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନାକୁ ନେଇ ଯୁକ୍ତିତର୍କ ଏବଂ କଥା କଟାକଟି ହେବା ସତ। ହେଲେ ତାଙ୍କୁ ମାଡ଼ ମାରିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ।

# ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଜବତ

ଧୋଡ୍ରା/ଝରିଗାଁ, ୫।୮ (ଗଣେଶ ଚନ୍ଦ୍ର ଛତ୍ର/କିଶୋରୀ ଚନ୍ଦ୍ର ମଣ୍ଡଳ)

**ଘର ଭିତରେ ସ୍ତ୍ରୀ, ତେନ୍ତୁଳିଗଛରେ ସ୍ୱାମୀ**

ନବରଙ୍ଗପୁର ଜିଲା ଉମରକୋଟ ଥାନା ଧୋଡ୍ରା ପଞ୍ଚାୟତ ସାନ୍‌ଭୀମାଗୁଡ଼ା ଗ୍ରାମରେ ମଙ୍ଗଳବାର ଦମ୍ପତିଙ୍କ ଝୁଲନ୍ତା ମୃତଦେହ ମିଳିଛି। ଶୋଇବା କୋଠରିରୁ ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଓ ଘର ପାଖ ତେନ୍ତୁଳିଗଛରୁ ସ୍ୱାମୀଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ସାନ୍‌ଭୀମାଗୁଡ଼ା ଗ୍ରାମର ସୁତମ ଭତରା (୩୨) ଓ ତାଙ୍କ ସ୍ତ୍ରୀ ଫୁଲମଣି ଭତରା (୨୭)।

ସୂଚନାନୁଯାୟୀ, ସୁତମ ଓ ଫୁଲମଣୀ ଗତ ୧୦ ବର୍ଷ ତଳେ ରୀତିନୀତି ଅନୁସାରେ ବିବାହ କରିଥିଲେ। ଉଭୟଙ୍କର କୌଣସି ସନ୍ତାନ ନ ଥିଲେ। ତେବେ ସୋମବାର ରାତିରେ ସୁତମ ଓ ଫୁଲମଣୀ ଖାଇପିଇ ଶୋଇବାକୁ ଯାଇଥିଲେ। ମଙ୍ଗଳବାର ସକାଳୁ ସେମାନଙ୍କ ଉଠିବା ବିଳମ୍ବ ହେବାରୁ ପରିବାର ଲୋକେ କବାଟ ଖୋଲି ରୁମ୍ ଭିତରେ ପଶିଥିଲେ। ଘର ଭିତରେ ଥିବା ଏକ ଲୁହା ପାଇପରେ ଫୁଲମଣିଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ପରିବାର ଲୋକେ ଦେଖିଥିଲେ। ସେଠାରେ କିନ୍ତୁ ସୁତମ ନ ଥିଲେ। ତେଣୁ ବ୍ୟସ୍ତ ହୋଇ ସେମାନେ ବାହାରେ ଖୋଜାଖୋଜି କରିଥିଲେ। ଘରଠାରୁ ଅଳ୍ପ ଦୂର ଆଇଟିଡିଏ କଲୋନି ଭିତରେ ଏକ ତେନ୍ତୁଳିଗଛରୁ ସୁତମଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ଏ ନେଇ ସୁତମଙ୍କ ବଡ଼ଭାଇ ମଙ୍ଗଲୁ ଭତରା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଝରିଗାଁ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଅଛି। ପୋଲିସ କେସ୍ ନମ୍ବର ୬୦/୨୫ ଏବଂ ୬୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଏସ୍‌ଆଇ ଅକ୍ଷୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

## ରାଜ୍ୟ ଖବର

# ୨୫୦ ସାଇଲେନ୍ସର ଉପରେ ରୋଲର ଚଢ଼ାଇଲା ପୋଲିସ

**ଶବ୍ଦ ପ୍ରଦୂଷଣ ରୋକିବାକୁ ପଦକ୍ଷେପ**

ଭଦ୍ରକ,୫।୮ (ସନାତନ ରାଉତ)

ଭଦ୍ରକ ସହରରେ ବିକଟାଳ ଶବ୍ଦ କରୁଥିବା ବାଇକ୍ ସାଇଲେନ୍ସରଗୁଡ଼ିକୁ ଟାଉନ ପୋଲିସ ଜବତ କରି ମଙ୍ଗଳବାର ସେସବୁକୁ ନଷ୍ଟ କରିଛି। ଟାଉନ ଥାନା ପରିସରରେ ପ୍ରାୟ ୨୫୦ରୁ ଊର୍ଦ୍ଧ୍ୱ ସାଇଲେନ୍ସର ଉପରେ ପୋଲିସ ରୋଲର ଚଢ଼ାଇଛି। ସୂଚନା ଅନୁଯାୟୀ, ଶବ୍ଦ ପ୍ରଦୂଷଣ ରୋକିବାକୁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଟାଉନ ପୋଲିସ ପଦକ୍ଷେପ ସ୍ୱରୂପ ଗତ ୧ ମାସ ଧରି ସହରର ବିଭିନ୍ନ ଛକରେ ଧରପଗଡ଼ କରିଥିଲା। ବିକଟାଳ ଶବ୍ଦ କରି ଯାଉଥିବା ବାଇକ୍‌ଗୁଡ଼ିକୁ ପୋଲିସ ଅଟକାଇ ଥାନାକୁ ନେଇ ସାଇଲେନ୍ସର ଖୋଲି ଦେଇଥିଲା। ମାସକ ମଧ୍ୟରେ ଜବତ କରାଯାଇଥିବା ସବୁ ସାଇଲେନ୍ସରକୁ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି। ଏନେଇ ଥାନାଧିକାରୀ ମିଶ୍ର କହିଛନ୍ତି, ବିକଟାଳ ଶବ୍ଦ କରୁଥିବା ସାଇଲେନ୍ସର ଯୋଗୁ ଶବ୍ଦ ପ୍ରଦୂଷଣ ହେଉଛି। ଏହି ସାଇଲେନ୍ସର ଲାଗିଥିବା ବାଇକ୍ ଚାଳକଙ୍କ ଉପରେ ୧୦ ହଜାର ଟଙ୍କା ଜରିମାନା ସହ ଗାଡ଼ିରୁ ସାଇଲେନ୍ସର ଖୋଲାଯାଇଥିଲା। ଏହି ଧରପଗଡ଼ ଆଗକୁ ଜାରି ରହିବା ସହ ବାଇକ୍ ଚଲାଇବା ବେଳେ ମୋବାଇଲ ବ୍ୟବହାର କରୁଥିବା ଚାଳକମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହାବ୍ୟତୀତ ଯେଉଁ ଦୋକାନରେ ଏହି ସାଇଲେନ୍ସର ବିକ୍ରି କରାଯାଉଛି, ସେଠାରେ ମଧ୍ୟ ଚଢ଼ାଉ କରାଯାଇ ସେଗୁଡ଼ିକୁ ଜବତ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଭଦ୍ରକ ଟାଉନ ଥାନା ପରିସରରେ ଜବତ ସାଇଲେନ୍ସରଗୁଡ଼ିକୁ ରୋଲର ଚଢ଼ାଇ ନଷ୍ଟ କରାଯାଉଛି।

# ସହକାରୀ ଶିକ୍ଷକ ନିଲମ୍ବିତ, ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ

ଡାବୁଗାଁ, ୫।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଶ୍ରେଣୀଗୃହରେ ଛାତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଶିକ୍ଷକ ଗାଳିକରିବା ଘଟଣା**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଅଧୀନ ବୋରିଗାଁ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶ୍ରେଣୀଗୃହରେ ପଢ଼ାଇବା ବେଳେ ଶିକ୍ଷକ ମଥୁରାନନ୍ଦ ରାଉତ ଛାତ୍ରୀଙ୍କୁ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରିବା ଘଟଣାରେ ସୋମବାର ତାଙ୍କୁ ନିଲମ୍ବିତ କରାଯାଇଛି। ଜିଲା ଶିକ୍ଷା ବିଭାଗ ଏହି ଘଟଣାରେ ସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ କରିଛି। ସୂଚନାନୁଯାୟୀ, ସହକାରୀ ଶିକ୍ଷକ କଦର୍ଯ୍ୟ ଭାଷାରେ ଗାଳିଗୁଲଜ କରୁଥିବା ନେଇ ୨୬ ତାରିଖରେ ଛାତ୍ରୀମାନେ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ସମ୍ପର୍କରେ ପ୍ରଧାନ ଶିକ୍ଷକ ଡିଇଓଙ୍କୁ ଜଣାଇଥିଲେ। ଡିଇଓ ଏକ ୬ ଜଣିଆ ତଦନ୍ତ କମିଟି ଗଠନକରି ସ୍କୁଲକୁ ଯାଞ୍ଚ ପାଇଁ ପଠାଇଥିଲେ। ୨୭ ତାରିଖରେ ତଦନ୍ତ କମିଟି ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ କମିଟି ଏକ ରିପୋର୍ଟ ଡିଇଓ ଛତ୍ରପତି ସାହୁଙ୍କୁ ପ୍ରଦାନ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଅନୁସାରେ ଜିଲା ଶିକ୍ଷା ବିଭାଗ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠି ନଂ. ୩୯୮୮/୪.୮.୨୫ ଅନୁସାରେ ସହକାରୀ ଶିକ୍ଷକ ମଥୁରାନନ୍ଦ ରାଉତଙ୍କୁ ନିଲମ୍ବନ କରାଯାଇଛି। ତାଙ୍କୁ ଡାବୁଗାଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ କେଶବ ଗୌଡ଼ଙ୍କର ଦରମା ବନ୍ଦ କରାଯାଇ ଥିବା ଡିଇଓ ଛତ୍ରପତି ସାହୁ ସୂଚନା ଦେଇଛନ୍ତି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** | **ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ଫୁଲବାଣୀ ଶାଖା (୦୦୧୫୪)
ମେନ୍ ରୋଡ୍, ସା/ପୋ: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୦୦୧

**ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିର ବିକ୍ରୟ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ୍ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟର ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାପାଇଁ ସ୍ଥିର କରିଛନ୍ତି। ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୦୮.୦୯.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୨.୦୦ ଘଟିକା ପର୍ଯ୍ୟନ୍ତ**
**ସମ୍ପତ୍ତି ତନଖି କରିବାର ତାରିଖ ଓ ସମୟ: ୦୬.୦୯.୨୦୨୫ ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ଘଟିକା**

| କ୍ର. ନଂ. | ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ. | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତି ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ/ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ସରୋଜ ଦାଶ, ପିତା: ଶ୍ରୀ ଅନ୍ତର୍ଯ୍ୟାମୀ ଦାଶ, ସା: କେନ୍ଦୁପଦର, ପୋ/ଥାନା: ଫୁଲବାଣୀ ଟାଉନ୍, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୦୦୧ / ଆକାଉଣ୍ଟ ନଂ.: ୩୬୦୦୪୫୪୭୪୭୫ (ନଗଦ ଋଣ), ୩୮୦୪୩୨୦୫୯୮୪ (ମିଆଦୀ ଋଣ), ୩୬୦୦୫୫୬୪୦୦୨ (ମିଆଦୀ ଋଣ) | ଶ୍ରୀ ସରୋଜ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କେନ୍ଦୁପଦର, ଖାତା ନଂ.: ୫୬/୪୯୪ (ପୁରୁଣା), ୮୦ (ନୂଆ), ପ୍ଲଟ୍ ନଂ.: ୮୪/୩୧୮ (ପୁରୁଣା), ୫୯୪ (ନୂଆ), କ୍ଷେତ୍ର: ଏକର୦.୦୧୪ ଡିସିମିଲି, କିସମ: ଘରବାରି, ଥାନା: ଫୁଲବାଣୀ ଟାଉନ୍, ତହସିଲ/ଏସ୍‌ଆରଓ: ଫୁଲବାଣୀ, ଜିଲ୍ଲା: କନ୍ଧମାଳ, ଏହାର ଚାରିପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: କୁମୁଦ ଚନ୍ଦ୍ର ମିଶ୍ର, ଦକ୍ଷିଣ: ପ୍ଲଟ୍ ନଂ. ୨୯୭ | ୦୪.୦୮.୨୦୨୫ ସୁଦ୍ଧା ଟ.୧୮,୦୭,୪୬୦.୦୦ ସହିତ ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୭.୦୭.୨୦୨୩ | ଟ.୨୫,୨୦,୦୦୦/- / ଟ.୨,୫୨,୦୦୦/- / ଟ.୫୦,୦୦୦/- |

ବିଡ଼ରମାନଙ୍କୁ ପରାମର୍ଶ ଦିଆଯାଉଅଛି କି ସେମାନେ ଅନଲାଇନ୍ ବିଡ଼ରେ ଭାଗ ନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ (https://www.baanknet.com) ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦୨୨୦ କୁ କଲ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.com କୁ ଇମେଲ କରନ୍ତୁ। ସମ୍ପତ୍ତିର ବିବରଣୀ ଏବଂ ସମ୍ପତ୍ତିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ: https://www.baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd., ଯୋଗାଯୋଗ ନଂ. ୮୨୯୧୨୨୦୨୨୦ ସହିତ ଯୋଗାଯୋଗ କରନ୍ତୁ।

ସରଫେଶୀ ଆକ୍ଟ ୨୦୦୨ର ରୁଲ ୮(୬) ଅନୁଯାୟୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://www.baanknet.com
ପରବର୍ତ୍ତୀ ସବିଶେଷ ଅନୁସନ୍ଧାନ ପାଇଁ ଯୋଗାଯୋଗ କରନ୍ତୁ: ସମୀର ବେହେରା, ମୋ.: ୯୮୬୧୧୨୭୪୧୭ ଏବଂ ଗିରିରାଜ ବାହୁୱାଲା, ମୋ.: ୯୫୮୩୯୮୦୦୦୧

ତାରିଖ: ୦୫.୦୮.୨୦୨୫
ସ୍ଥାନ: ଫୁଲବାଣୀ
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ


# ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ଚଳାଚଳ ସମୟସୀମା ବୃଦ୍ଧି

**୨ ଟ୍ରେନ୍ ବାତିଲ**

ଭୁବନେଶ୍ୱର,୫।୮ (ଅନୁରାଧା ମହାରଣା)

ଯାତ୍ରୀମାନଙ୍କୁ ନିରନ୍ତର ଯାତ୍ରା ସୁବିଧା ଯୋଗାଇବା ଏବଂ ବର୍ଦ୍ଧିତ ଚାହିଦାକୁ ପୂରଣ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ କେତେକ ସ୍ୱତନ୍ତ୍ର ଟ୍ରେନର ସମୟସୀମା ବୃଦ୍ଧି କରାଯାଇଛି। ଏଥିସହ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟ ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ସୂଚନା ଦିଆଯାଇଛି। ୦୮୫୪୭/୦୮୫୪୮ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ବିଶାଖାପାଟଣାରୁ ସେପ୍ଟେମ୍ବର୨୪ ପର୍ଯ୍ୟନ୍ତ ଏବଂ ତିରୁପତିରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ୦୮୫୭୯/୦୮୫୮୦ ବିଶାଖାପାଟଣା- ଚରଲାପାଲି- ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ବିଶାଖାପାଟଣାରୁ ଏବଂ ଚରଲାପାଲିରୁ ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଯାଇଛି। ୦୯୦୫୯/୦୯୦୬୦ ଉଧନା-ଖୋର୍ଦ୍ଧାରୋଡ-ଉଧନା ସ୍ୱତନ୍ତ୍ର ଟ୍ରେନ ଉଧନାରୁ ସେପ୍ଟେମ୍ବର ୨୪ ପର୍ଯ୍ୟନ୍ତ ଏବଂ ଖୋର୍ଦ୍ଧା ରୋଡରୁ ସେପ୍ଟେମ୍ବର ୨୬ ପର୍ଯ୍ୟନ୍ତ ଚଳାଚଳରେ ବୃଦ୍ଧି କରାଯାଇଛି। ଅନ୍ୟପଟେ ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ କୋଟାଭାଲସା- ପେନ୍ଦୁର୍ତ୍ତି ସେକ୍ସନରେ ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁ ଅଗଷ୍ଟ ୬ରୁ ୯ ପର୍ଯ୍ୟନ୍ତ ୨ଟି ଟ୍ରେନ ବାତିଲ କରାଯାଇଛି। ବିଶାଖାପାଟଣାରୁ ଛାଡ଼ିବାକୁ ଥିବା ଟ୍ରେନ ନମ୍ବର ୧୮୫୨୬ ବିଶାଖାପାଟଣା-ବ୍ରହ୍ମପୁର ଏକ୍ସପ୍ରେସ ଅଗଷ୍ଟ ୬ରୁ ୮ ପର୍ଯ୍ୟନ୍ତ ବାତିଲ କରାଯାଇଛି। ସେହିପରି ବ୍ରହ୍ମପୁରରୁ ଛାଡ଼ିବାକୁ ଥିବା ଟ୍ରେନ ନମ୍ବର ୧୮୫୨୫ ବ୍ରହ୍ମପୁର-ବିଶାଖାପାଟଣା ଏକ୍ସପ୍ରେସ୍ ଅଗଷ୍ଟ ୭ରୁ ୯ ପର୍ଯ୍ୟନ୍ତ ବାତିଲ କରାଯାଇଛି।

ହେ ଈଶ୍ୱରଙ୍କର ବୀର ସୈନିକ ! ତୁମ ପାଇଁ ଦୁଃଖ, ଲଜ୍ଜା ବା ଯନ୍ତ୍ରଣା କାହିଁ ? କାରଣ ତୁମ ଜୀବନ ହିଁ ଏକ ମହାନ୍ ବିଜୟ- ତୁମର କର୍ମ ଏକ ଉତ୍ସର୍ଗ-ବିଜୟ ହିଁ ତୁମର ଭଗବାନ ଏବଂ ପରାଜୟ ମଧ୍ୟ ତୁମର ବିଜୟ। -ଶ୍ରୀଅରବିନ୍ଦ



# ପୁଣି କିଛି ଶିଖୁନାହାନ୍ତି

ଉତ୍ତରାଖଣ୍ଡର ଧରାଲିଠାରେ ୫ ଅଗଷ୍ଟରେ ବାଦଲଫଟା ବର୍ଷା ଯୋଗୁ ସୃଷ୍ଟି ହୋଇଥିବା ହଠାତ୍ ବନ୍ୟାରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ସରକାରୀ ସୂତ୍ରରୁ କୁହାଯାଉଥିବା ବେଳେ ୧୦୦ରୁ ଅଧିକ ଗ୍ରାମବାସୀ ଓ ପର୍ଯ୍ୟଟକ ନିଖୋଜ ଅଛନ୍ତି ଏବଂ ଅସଂଖ୍ୟ ଘର ଭାସିଯାଇଛି। ଏହାର କରାଳତାର ଭିଡିଓ ଦୃଶ୍ୟରୁ ସବୁ ଅନୁମାନଯୋଗ୍ୟ ଯେ, ମୃତକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିବ। ଯେଉଁଭଳି ଭାବେ ବର୍ଷାର ପ୍ରଖରତା ଦେଖିବାକୁ ମିଳିଛି ଓ ଘରଗୁଡ଼ିକ ଫୁଟବଲ ଭଳି ଓଲଟି ପଡୁଛନ୍ତି, ତାହା ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ନୂଆକରି ସୃଷ୍ଟି ହୋଇଥିବା ଚାରିଧାମର ଅନ୍ୟତମ ଆଧ୍ୟାତ୍ମିକ କେନ୍ଦ୍ର ଗଙ୍ଗୋତ୍ରୀ ଯିବା ଲାଗି ଧରାଲି ମୁଖ୍ୟ ରହଣିସ୍ଥଳ ହୋଇଥିବାରୁ ସେଠାରେ ଅନେକ ହୋଟେଲ ଓ ରେଷ୍ଟୁରାଣ୍ଟ ଅଛି। ସେଗୁଡ଼ିକ ଉପରେ ବନ୍ୟା ଜଳ ମାଡ଼ିଯିବା ଯୋଗୁ କ୍ଷୟକ୍ଷତି ନିଶ୍ଚିତ ଭାବେ ବଢ଼ିବା ଆଶଙ୍କା ସୃଷ୍ଟି କରିଛି। ଏଠାରେ ମନେପଡ଼େ ୨୦୧୩ ଜୁନ୍‌ରେ ସେହି ଉତ୍ତରାଖଣ୍ଡର କେଦାରନାଥରେ ବାଦଲଫଟା ବର୍ଷାଜନିତ ବନ୍ୟା ଯୋଗୁ ୬,୦୦୦ ଲୋକଙ୍କ ଜୀବନଯିବା ଘଟଣା। ପ୍ରାକୃତିକ ପରିବେଶକୁ ମଣିଷ ଧ୍ୱଂସ କରି ଗଢୁଥିବା ବିକାଶମୂଳକ କାର୍ଯ୍ୟର ପରିଣତି କେତେ ଭୟାବହ ହୋଇପାରେ ତାହା ସେତେବେଳେ ଥିଲା ସତର୍କଘଣ୍ଟି । ହେଲେ ମଣିଷ ସେଥିରୁ କିଛି ନ ଶିଖି ସେହିଭଳି ଉତ୍‌ପାତିଆ ଢଙ୍ଗରେ ପରିବେଶ ଉପରେ ଆକ୍ରମଣ ଜାରି ରଖିବାର ଉପରଲିଖିତ ଘଟଣା ସୂଚାଉଛି। ରାସ୍ତାଠାରୁ ଆରମ୍ଭ କରି ନଦୀ ଓ ତଟବର୍ତ୍ତୀ ଅଞ୍ଚଳରେ ଅସଂଖ୍ୟ ଜଳବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣ କରିବା ଯୋଗୁ ପରିବେଶଗତ ଭାରସାମ୍ୟ ଦୋହଲି ଯାଇଛି। ତାହାର ସିଧାସଳଖ ପ୍ରଭାବ ଉତ୍ତରାଖଣ୍ଡ ଓ ହିମାଚଳ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳୁଛି। ନିକଟରେ ଏକ ତଥ୍ୟରୁ ଜଣାପଡ଼ିଛି ଯେ, ହିମାଚଳ ପ୍ରଦେଶରେ ଭୂସ୍ଖଳନ, ହଠାତ୍ ବନ୍ୟା ଓ ରାସ୍ତା ଧୋଇଯିବା ଯୋଗୁ ଚଳିତବର୍ଷ ଜୁନ୍ ପରଠାରୁ ଏବେ ସୁଦ୍ଧା ୧୯୨ ଜଣଙ୍କର ମୃତ୍ୟୁ ଘଟିଛି। ସେହିଭଳି ଉତ୍ତରାଖଣ୍ଡରେ ଜୁନ୍ ପରଠାରୁ ୬୫ରୁ ଅଧିକ ଲୋକଙ୍କର ସମାନ ପ୍ରକାର ଅଘଟଣ ଯୋଗୁ ମୃତ୍ୟୁ ଘଟିଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ତୁଳନାରେ ଚଳିତ ବର୍ଷା ଋତୁରେ ଘଟିଥିବା ମୃତ୍ୟୁ ସଂଖ୍ୟାକୁ ହିସାବ କଲେ ତାହା ଦୁଇଗୁଣ ଅଧିକ।

**ସର୍ବୋଚ୍ଚ ଅଦାଲତଙ୍କ ସତର୍କ ସୂଚନାର ୩ ଦିନ ପରେ ଉତ୍ତରାଖଣ୍ଡରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ହିମାଳୟ ଅଞ୍ଚଳର ଜୈବ ବିବିଧତାପୂର୍ଣ୍ଣ ଏହି ଦୁଇ ରାଜ୍ୟର ଭଙ୍ଗୁର ଭୂମି କେତେ ଧ୍ୱଂସପ୍ରବଣ ତାହା ବୁଝି ହେଉଛି। ମଣିଷ ଲୋଭ ସମ୍ବରଣ କରି ପ୍ରକୃତିର ସୁରକ୍ଷା ଦିଗରେ କାର୍ଯ୍ୟ କଲେ ଯାଇ ତିଷ୍ଠି ରହିବ। ଯଦି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରୁ କିଛି ନ ଶିଖିବ, ତେବେ ପ୍ରତ୍ୟେକ ବର୍ଷ ଏହି ଭୁଲ୍ କାର୍ଯ୍ୟରେ ସମ୍ପୃକ୍ତ ନ ଥିବା ଲୋକଙ୍କ ପ୍ରାଣ ଯାଉଥିବ।**

ଏଭଳି ପରିପ୍ରେକ୍ଷୀରେ ହିମାଚଳ ପ୍ରଦେଶର ଅନିୟନ୍ତ୍ରିତ ବିକାଶ ଯୋଗୁ ଘଟୁଥିବା ପରିବେଶଗତ ଭାରସାମ୍ୟର ଦ୍ରୁତ ଅଧୋଗତିକୁ ଲକ୍ଷ୍ୟ କରି ୨ ଅଗଷ୍ଟରେ ସୁପ୍ରିମକୋର୍ଟ କହିଥିଲେ, ଯଦି ଏହାକୁ ଭବିଷ୍ୟତରେ ରୋକା ନ ଯାଏ ତେବେ ଭାରତ ମାନଚିତ୍ରରୁ ଏହି ରାଜ୍ୟ ନିଶ୍ଚିହ୍ନ ହୋଇଯିବ। ତେଣୁ କେନ୍ଦ୍ର ଓ ରାଜ୍ୟ ସରକାର ରାଜସ୍ୱ ସଂଗ୍ରହ ବଦଳରେ ସ୍ଥାୟୀ ପରିସଂସ୍ଥାନଗତ ସୁରକ୍ଷାକୁ ଅଗ୍ରପ୍ରାଧାନ୍ୟ ଦେବା ଦରକାର। ସର୍ବୋଚ୍ଚ ଅଦାଲତଙ୍କ ଏଭଳି ସତର୍କ ସୂଚନାର ୩ ଦିନ ପରେ ଉତ୍ତରାଖଣ୍ଡରେ ଯେଉଁ ସ୍ଥିତି ସୃଷ୍ଟି ହୋଇଛି, ସେଥିରୁ ହିମାଳୟ ଅଞ୍ଚଳର ଜୈବ ବିବିଧତାପୂର୍ଣ୍ଣ ଏହି ଦୁଇ ରାଜ୍ୟର ଭଙ୍ଗୁର ଭୂମି କେତେ ଧ୍ୱଂସପ୍ରବଣ ତାହା ବୁଝିହେଉଛି। ମଣିଷ ଲୋଭ ସମ୍ବରଣ କରି ପ୍ରକୃତିର ସୁରକ୍ଷା ଦିଗରେ କାର୍ଯ୍ୟ କଲେ ଯାଇ ତିଷ୍ଠି ରହିବ। ଯଦି ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକରୁ କିଛି ନ ଶିଖିବ, ତେବେ ପ୍ରତ୍ୟେକ ବର୍ଷ ଏହି ଭୁଲ୍ କାର୍ଯ୍ୟରେ ସମ୍ପୃକ୍ତ ନ ଥିବା ଲୋକଙ୍କ ପ୍ରାଣ ଯାଉଥିବ।

# ଜର୍ଜଟାଉନ ସମ୍ମିଳନୀର ବାର୍ତ୍ତା

ଡ. ଜୟକୃଷ୍ଣ ପାଣିଗ୍ରାହୀ

ଆଫ୍ରିକୀୟ ରାଷ୍ଟ୍ର ଗୁୟାନାର ଜର୍ଜଟାଉନରେ ସମ୍ପ୍ରତି ଜୁଲାଇରେ ଦୁଇଦିନ ଧରି ଅନୁଷ୍ଠିତ 'ବିଶ୍ୱ ଜୈବବିବିଧତା ମିଳିତମଞ୍ଚ ସମ୍ମିଳନୀ'ର ପ୍ରାରମ୍ଭରେ 'ବିଶ୍ୱ ଜୈବବିବିଧତା ମଞ୍ଚ' (ଜିବିଏ) ସ୍ଥାପନର ଶୁଭାରମ୍ଭ ଘଟିଛି। ଏହି ଅବସରରେ ଆମ ଗ୍ରହର ଜୈବବିବିଧତାର ସୁରକ୍ଷା, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ବିଶ୍ୱସ୍ତରୀୟ ଅଭିଯାନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନେତୃବର୍ଗ ଏବଂ ପ୍ରତିନିଧିମାନେ ସେମାନଙ୍କର ସାମୂହିକ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ମାନବ କଲ୍ୟାଣ, ଜଳବାୟୁ ସ୍ଥିରତା ଓ ଅନୁକୂଳନ, ଖାଦ୍ୟ ଓ ଜଳ ସୁରକ୍ଷା, ଜନସ୍ୱାସ୍ଥ୍ୟ ଏବଂ ପରିସଂସ୍ଥାର ଦୀର୍ଘକାଳୀନ ସ୍ଥାୟିତ୍ୱ ନିମନ୍ତେ ଜୈବବିବିଧତା ଏକ ମୌଳିକ ଭୂମିକା ନିର୍ବାହ କରେ। ପରନ୍ତୁ, ଅସହନୀୟ ମାନବୀୟ କାର୍ଯ୍ୟକଳାପ ଏବଂ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଜୈବବିବିଧତାର ତ୍ୱରିତ୍ ଅବକ୍ଷୟକୁ ରୋକିବା ନିମନ୍ତେ ବିଶ୍ୱସ୍ତରରେ ଏକ ଜରୁରୀ, ବିଜ୍ଞାନ ଆଧାରିତ, ସମନ୍ୱିତ, ପରିବର୍ତ୍ତନକାରୀ, ମହତ୍ତ୍ୱାକାଂକ୍ଷୀ ଏବଂ ଉତ୍ତରଦାୟିତ୍ୱସମ୍ପନ୍ନ କାର୍ଯ୍ୟପନ୍ଥା ଗ୍ରହଣ ଏକାନ୍ତ ଅପରିହାର୍ଯ୍ୟ। ଏହି ଲକ୍ଷ୍ୟରେ ସମ୍ମିଳନୀରେ ଯୋଗଦାନକାରୀ ରାଷ୍ଟ୍ରମୁଖ୍ୟ, ଆଦିବାସୀ ନେତୃବର୍ଗ, ବେସରକାରୀ ଅନୁଷ୍ଠାନ, ବୈଜ୍ଞାନିକ, ଶିକ୍ଷାନୁଷ୍ଠାନ ଏବଂ ଘରୋଇ କ୍ଷେତ୍ରର ପ୍ରତିନିଧିମାନେ ଜର୍ଜଟାଉନ ଘୋଷଣାପତ୍ରକୁ ବ୍ୟାପକ ରୂପେ ସମର୍ଥନ ଜଣାଇ ଅନୁମୋଦିତ କରିଛନ୍ତି। ଜୈବବିବିଧତାକୁ ଏକ ବିଶ୍ୱବ୍ୟାପୀ ସାର୍ବଜନୀନ ହିତ ଭାବରେ ସ୍ୱୀକାର କରି ଏହାକୁ ଜାତୀୟ ବିକାଶ ଯୋଜନା, ଜଳବାୟୁ ରଣନୀତି ଏବଂ ଆର୍ଥିକ ଢାଞ୍ଚାରେ ଏକୀକୃତ କରିବାକୁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଆଗାମୀ ନଭେମ୍ବର ୧୦-୨୧ ପର୍ଯ୍ୟନ୍ତ ବ୍ରାଜିଲରେ ହେବାକୁ ଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ ୨୦୨୫ (କୋପ-୩୦)ର ସଭାପତି ଲାଗୋ ଏଥିରେ ଯୋଗଦାନ କରି ଜଳବାୟୁ ଆଲୋଚନାରେ ଜୈବବିବିଧତାର ଅଭିନ୍ନ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ କୋପ-୩୦ ସହିତ ଦୃଢ଼ ସମନ୍ୱୟ ସ୍ଥାପନ ନିମନ୍ତେ ମଞ୍ଚକୁ ଅନୁରୋଧ କରିଥିଲେ। ଏହି ଶିଖର ସମ୍ମିଳନୀରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୧୪୦ରୁ ଅଧିକ ରାଷ୍ଟ୍ର ଏବଂ ସଂଗଠନ ଏକତ୍ରିତ ହୋଇଥିଲେ।

ଏହି ମଞ୍ଚ ପାଞ୍ଚଟି ରଣନୈତିକ କୌଶଳ ଉପରେ ଗଠିତ ଏକ ବ୍ୟାପକ ରୋଡମ୍ୟାପ୍ ଉନ୍ମୋଚନ କରିଛି। ଏଥିରେ ଅନ୍ତର୍ଭୁକ୍ତ ରହିଛି, ୧) ବିଶ୍ୱବ୍ୟାପୀ ୩୦x୩୦ ଲକ୍ଷ୍ୟ ହାସଲ କରିବା, ଅର୍ଥାତ୍ ୨୦୩୦ ସୁଦ୍ଧା ୩୦% ସ୍ଥଳଭାଗ ଏବଂ ସମୁଦ୍ରସ୍ଥ ପ୍ରାକୃତିକ ପରିସଂସ୍ଥାକୁ ସୁରକ୍ଷା ଦେବା, ୨) ଜାତୀୟ ଏବଂ କର୍ପୋରେଟ ବିକାଶ ଯୋଜନାରେ ଜୈବବିବିଧତାକୁ ମୁଖ୍ୟଧାରାରେ ଅନ୍ତର୍ଭୁକ୍ତ କରିବା, ୩) ଜୈବବିବିଧତା କ୍ରେଡିଟ, ସବୁଜ ବଣ୍ଡ ଏବଂ ପ୍ରକୃତି ପାଇଁ ଋଣ ପରି ଅଭିନବ ଆର୍ଥିକ ବ୍ୟବସ୍ଥାର ପ୍ରାବଧାନ କରିବା, ୪) ସ୍ୱୀକୃତି ପ୍ରଦାନ, ପ୍ରଶାସନିକ ଏବଂ ଆର୍ଥିକ ବ୍ୟବସ୍ଥା ମାଧ୍ୟମରେ ଆଦିବାସୀ ଓ ସ୍ଥାନୀୟ ସମ୍ପ୍ରଦାୟକୁ ସଶକ୍ତ କରିବା ଏବଂ ୫) 'ମୋଟ ଜୈବବିବିଧତା ଶକ୍ତି ସୂଚକାଙ୍କ' (ଗ୍ରସ ବାୟୋଡାଇଭର୍ସିଟି ପାୱାର୍ ଇଣ୍ଡେକ୍ସ) ସୃଷ୍ଟି ସମେତ ତଦାରଖ, ଉତ୍ତରଦାୟିତ୍ୱ ଏବଂ ତଥ୍ୟ ସାର୍ବଭୌମତ୍ୱ ନିମନ୍ତେ ଦୃଢ଼ ବ୍ୟବସ୍ଥାର ସ୍ଥାପନ କରିବା। ବିଶ୍ୱ ବ୍ୟାଙ୍କ ଏବଂ ଅନ୍ୟ ଆର୍ଥିକ ସହାୟତା ପ୍ରଦାନକାରୀ ସଂସ୍ଥାମାନେ ପରିବେଶଗତ କାର୍ଯ୍ୟଦକ୍ଷତା ଏବଂ ସଚ୍ଚୋଟତା ସହିତ ପାଣ୍ଠି ବିନିଯୋଗକୁ ସଂଯୁକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଖର ସମ୍ମିଳନୀରେ ଏକ ପ୍ରମୁଖ ବିଷୟବସ୍ତୁ ଥିଲା ଜୈବବିବିଧତା ସଂରକ୍ଷଣରେ ସମସ୍ତଙ୍କର ଅନ୍ତର୍ଭୁକ୍ତୀକରଣ ଏବଂ ସ୍ଥାନୀୟ ଭାବରେ ପରିଚାଳିତ ସଂରକ୍ଷଣ ଉପରେ ଗୁରୁତ୍ୱ ପ୍ରଦାନ। ମଞ୍ଚରେ ଆଦିବାସୀ ଏବଂ ସ୍ଥାନୀୟ ସମ୍ପ୍ରଦାୟ ପ୍ରତି ଦୃଢ଼ ପ୍ରତିବଦ୍ଧତା ପ୍ରକାଶ ପାଇବା ସହ ସେମାନଙ୍କର ପ୍ରଶାସନିକ ଭୂମିକା, ଜ୍ଞାନ କୌଶଳ ଏବଂ ଆର୍ଥିକ ଆବଶ୍ୟକତା ପ୍ରାଧାନ୍ୟ ହାସଲ କରିଥିଲା। ଏଥିସହ 'ତଥ୍ୟ ସାର୍ବଭୌମତ୍ୱ ନୀତି' ମଧ୍ୟ ଅନୁମୋଦିତ ହୋଇଥିଲା, ଯାହା ନିଶ୍ଚିତ କରେ ଯେ ଜୈବବିବିଧତା ନିରୀକ୍ଷଣ ପ୍ରକ୍ରିୟା ସ୍ଥାନୀୟ ଅଧିବାସୀଙ୍କର ମାଲିକାନା ଏବଂ ସମାନ ହିତସାଧନକୁ ସମର୍ଥନ କରେ। ଉପଯୁକ୍ତ ଯୋଜନାର କାର୍ଯ୍ୟକାରିତା ମାଧ୍ୟମରେ ମାପଯୋଗ୍ୟ ସଫଳତା ହାସଲ ହିଁ ଭବିଷ୍ୟତର ଲକ୍ଷ୍ୟ ବୋଲି ସ୍ଥିରୀକୃତ ହୋଇଥିଲା।



ଏହା ଗୁରୁତ୍ୱପୂର୍ଣ୍ଣ ଯେ ଏହି ମଞ୍ଚ ସ୍ଥାପନ ପୂର୍ବରୁ ପ୍ରାଣୀ, ଉଦ୍ଭିଦ ଏବଂ ଅଣୁଜୀବଙ୍କର ସମଷ୍ଟିକୁ ଅନ୍ତର୍ଭୁକ୍ତ କରୁଥିବା ଜୈବବିବିଧତାର ସୁରକ୍ଷା ନିମନ୍ତେ ଅନେକ ବିଶ୍ୱସ୍ତରୀୟ ପ୍ରୟାସ ଜାରିରହିଛି। ଏଥିରେ ପ୍ରମୁଖ ରୂପେ 'ଜୈବିକ ବିବିଧତା ସମ୍ମିଳନୀ' (ସିବିଡି) ଅନ୍ତର୍ଭୁକ୍ତ, ଯାହା ୧୯୯୨ରେ ବ୍ରାଜିଲର ରିଓ ଡି ଜେନିରୋରେ ଜାତିସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଖ୍ୟାତ 'ଧରିତ୍ରୀ ଶିଖର ସମ୍ମିଳନୀ' ଅବସରରେ ସ୍ୱାକ୍ଷର ନିମନ୍ତେ ଉନ୍ମୁକ୍ତ ହୋଇଥିଲା। ୧୯୬ ଜଣ ସଦସ୍ୟ ରାଷ୍ଟ୍ର ଥିବା ସିବିଡିର ତିନୋଟି ପ୍ରାଥମିକ ଲକ୍ଷ୍ୟ ହେଉଛି: ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସହନୀୟ ବ୍ୟବହାର ଏବଂ ଜିନୀୟ ସମ୍ବଳରୁ ଉପଲବ୍ଧ ଲାଭର ନିରପେକ୍ଷ ଓ ସମ ବଣ୍ଟନ। ଏହି ଲକ୍ଷ୍ୟଗୁଡ଼ିକ ଜୈବବିବିଧତାର କ୍ରମାଗତ ଅବକ୍ଷୟକୁ ରୋକିବା ଏବଂ ସମସ୍ତଙ୍କ ନିମନ୍ତେ ଏକ ନିରନ୍ତର ଭବିଷ୍ୟତକୁ ପ୍ରୋତ୍ସାହିତ କରିବା ଦିଗରେ କାର୍ଯ୍ୟରତ। ଡିସେମ୍ବର ୨୦୨୨ରେ କାନାଡାର ମଣ୍ଟ୍ରିଲରେ ସିବିଡିର ୧୫ତମ ସଦସ୍ୟ ରାଷ୍ଟ୍ରଙ୍କ ସମ୍ମିଳନୀ (କୋପ-୧୫)ରେ 'କୁନ୍ମିଂ-ମଣ୍ଟ୍ରିଲ ବୈଶ୍ୱିକ ଜୈବବିବିଧତା ଢାଞ୍ଚା' ଗୃହୀତ ହୋଇଥିଲା ; ଯେଉଁଥିରେ ବିଶ୍ୱର ଅତି କମ୍‌ରେ ୩୦ ପ୍ରତିଶତ ସ୍ଥଳଭାଗ, ଆଭ୍ୟନ୍ତରୀଣ ଜଳସ୍ଥଳୀ, ଉପକୂଳ ଅଞ୍ଚଳ ଏବଂ ମହାସାଗରକୁ ସଂରକ୍ଷଣ ଏବଂ ପରିଚାଳନା କରିବା ନିମନ୍ତେ ସ୍ଥିରୀକୃତ ହୋଇଥିଲା। ଏଥିରେ ଜୈବବିବିଧତା ଏବଂ ପରିସଂସ୍ଥାର କାର୍ଯ୍ୟ ସମ୍ପାଦନ ତଥା ସେବା ପ୍ରଦାନ ପ୍ରକ୍ରିୟାରେ ନିର୍ଦ୍ଦିଷ୍ଟ ମହତ୍ତ୍ୱ ରଖୁଥିବା କ୍ଷେତ୍ରଗୁଡ଼ିକର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କୋପ-୧୬ରେ 'ଜୈବବିବିଧତା ଉଧାର ମଞ୍ଚ'ର ପ୍ରତିଷ୍ଠା ହୋଇଥିଲା ; ଯାହାର ଉଦ୍ଦେଶ୍ୟ ହେଉଛି ଜୈବବିବିଧତା ସମୃଦ୍ଧ ଅଞ୍ଚଳର ସଂରକ୍ଷଣ, ପୁନରୁଦ୍ଧାର ଏବଂ ସହନୀୟ ବ୍ୟବହାର ନିମନ୍ତେ ପାଣ୍ଠି ଯୋଗାଣର ବ୍ୟବସ୍ଥା କରିବା।

ଏହା ଆମର ହୃଦ୍‌ବୋଧ ହେବା ବାଞ୍ଛନୀୟ ଯେ ଜୈବବିବିଧତାର ଅବକ୍ଷୟ ଉଭୟ ପରିବେଶ ଏବଂ ମାନବ କଲ୍ୟାଣ ବିରୋଧରେ ସୁଦୂରପ୍ରସାରୀ ନକାରାତ୍ମକ ପ୍ରଭାବ ବିସ୍ତାର କରେ। ପରିସଂସ୍ଥା ବିପର୍ଯ୍ୟସ୍ତ ହୁଏ, ସେମାନଙ୍କ ସ୍ଥିରତାରେ ଅସନ୍ତୁଳନ ଘଟେ ଏବଂ ଉଦ୍ଭିଦ-ପ୍ରାଣୀ ଉତ୍ସରୁ ଲବ୍ଧ ବିବିଧ ପଦାର୍ଥ ତଥା ସ୍ୱଚ୍ଛ ବାୟୁ ଓ ଜଳ ଭଳି ଅତ୍ୟାବଶ୍ୟକୀୟ ସେବା ଯୋଗାଣ ବାଧାପ୍ରାପ୍ତ ହୁଏ। ଏସବୁର ପରିଣାମରେ ଖାଦ୍ୟ ସୁରକ୍ଷା ବ୍ୟାହତ ହୁଏ, ରୋଗ ସୃଷ୍ଟିରେ ବୃଦ୍ଧି ଘଟେ ଏବଂ ଆର୍ଥିକ କ୍ଷୟକ୍ଷତି ତ୍ୱରାନ୍ୱିତ ହୁଏ। ପୁନଶ୍ଚ, ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ବହୁ ଜୀବଜାତି କ୍ରମଶଃ ବିଲୁପ୍ତିର ଦ୍ୱାରଦେଶରେ ଉପନୀତ ହେଉଛନ୍ତି ଏବଂ ସେମାନଙ୍କର ଭୌଗୋଳିକ ବଣ୍ଟନ ପ୍ରଭାବିତ ହେଉଛି। ଏପରି ଦୃଶ୍ୟପଟରେ ଜୈବବିବିଧତାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଉପଯୁକ୍ତ ରାଷ୍ଟ୍ରୀୟ ତଥା ବିଶ୍ୱସ୍ତରୀୟ ପଦକ୍ଷେପ ଗ୍ରହଣ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଜୀବଜାତିଙ୍କ ବାସସ୍ଥଳୀର ସୁରକ୍ଷା ନିମନ୍ତେ ଅଧିକ ଜାତୀୟ ଉଦ୍ୟାନ, ସଂରକ୍ଷିତ ବନ୍ୟପ୍ରାଣୀ ଅଞ୍ଚଳ ଏବଂ ସାମୁଦ୍ରିକ ଅଭୟାରଣ୍ୟର ପ୍ରତିଷ୍ଠା ତଥା ଅବକ୍ଷୟିତ ପରିସଂସ୍ଥା ସବୁର ପୁନରୁଦ୍ଧାର ଏକାନ୍ତ ଅପରିହାର୍ଯ୍ୟ। ବନୀକରଣ ଏବଂ ବୃକ୍ଷରୋପଣକୁ ପ୍ରୋତ୍ସାହନ, ବିଲୁପ୍ତପ୍ରାୟ ଜୀବଜାତିଙ୍କ ଶିକାରର ଦୃଢ଼ ନିରୋଧ, ପରିବେଶ ଅନୁକୂଳ ବ୍ୟବହାରକୁ ଉତ୍ସାହିତ ଏବଂ ପ୍ରାକୃତିକ ସମ୍ପଦର ଅତ୍ୟଧିକ ଶୋଷଣକୁ ନିରୁତ୍ସାହିତ କରାଯିବା ବିଧେୟ।

ପୁନଶ୍ଚ, ଜୈବବିବିଧତା ଆଇନ ସବୁର କାର୍ଯ୍ୟାନ୍ୱୟନ, ଅନ୍ତର୍ଜାତୀୟ ଚୁକ୍ତିନାମାକୁ ସମର୍ଥନ ଏବଂ ଜାତୀୟ ବିକାଶ ରଣନୀତିରେ ଜୈବବିବିଧତା ଲକ୍ଷ୍ୟକୁ ସାମିଲ କରାଯିବା ବାଞ୍ଛନୀୟ। ପରିସଂସ୍ଥାର ପ୍ରଦୂଷଣକୁ ରୋକିବା, ସ୍ୱଚ୍ଛ ଶକ୍ତି ଓ ଅଙ୍ଗାରକ ହ୍ରାସନ ପ୍ରଯୁକ୍ତିବିଦ୍ୟାର ପ୍ରୋତ୍ସାହନ ଏବଂ ସ୍ଥାନୀୟ ଜୀବଜାତିଙ୍କର କ୍ଷତିସାଧନକାରୀ ବାହ୍ୟ ପ୍ରଜାତିଙ୍କର ନିୟନ୍ତ୍ରଣ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଅନ୍ୟପକ୍ଷରେ, ସ୍ଥାନୀୟ ସମ୍ପ୍ରଦାୟକୁ ଜୈବବିବିଧତାର ଗୁରୁତ୍ୱ ପ୍ରସଙ୍ଗରେ ଶିକ୍ଷା ପ୍ରଦାନ ; ସେମାନଙ୍କୁ ସଂରକ୍ଷଣ ପ୍ରକ୍ରିୟାରେ ସାମିଲ ; ପାରମ୍ପରିକ, ସମ୍ପ୍ରଦାୟଭିତ୍ତିକ ସଂରକ୍ଷଣ, ଏବଂ ନିରନ୍ତର ଜୀବିକାର୍ଜନକୁ ସମର୍ଥନ ମହତ୍ତ୍ୱପୂର୍ଣ୍ଣ ଅଟେ। ଅଧିକ ବୈଜ୍ଞାନିକ ଅନୁସନ୍ଧାନ, ଜିଆଇଏସ, ଡ୍ରୋନ ଏବଂ ରିମୋଟ ସେନ୍ସିଂ ଭଳି ପ୍ରଯୁକ୍ତିବିଦ୍ୟାର ବ୍ୟବହାର, ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ଅଧ୍ୟୟନ ଏବଂ ଅନୁକୂଳିତ ପରିଚାଳନା ନିମନ୍ତେ ଯୋଜନା ପ୍ରଣୟନ ହେଉଛି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ। ସର୍ବୋପରି, ବିଦ୍ୟାଳୟ ପାଠ୍ୟକ୍ରମରେ ଜୈବବିବିଧତାକୁ ସାମିଲ, ସଂରକ୍ଷଣ ଅଭିଯାନରେ ଜନସାଧାରଣଙ୍କର ଅଂଶଗ୍ରହଣ ଏବଂ ଗଣମାଧ୍ୟମ କାର୍ଯ୍ୟକ୍ରମରେ ଜୈବବିବିଧତା ସୁରକ୍ଷାର ପ୍ରଚାର ହେଉଛି ସମୟୋପଯୋଗୀ ପଦକ୍ଷେପ। ଅନ୍ୟଥା, ଜୈବବିବିଧତା ପ୍ରାଚୁର୍ଯ୍ୟର ଅବକ୍ଷୟରେ ସମ୍ବଳରହିତ ଏକ ମରୁଭୂମିରେ ଜୀବନଯାପନ କରିବା ଭବିଷ୍ୟତ ପିଢ଼ିନିମନ୍ତେ ଏକ ଆହ୍ୱାନକାରୀ ପରିସ୍ଥିତି ସୃଷ୍ଟି କରିବ।

କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ: ୯୪୩୭୦୭୬୧୦୦

# ସ୍ତନ୍ୟପାନରୁ ବଞ୍ଚିତ ଶିଶୁର ମାନସିକତା

ଡା. ଗୋପାଳ ଚନ୍ଦ୍ର ଦାଶ

ଶରୀର ଗଠନ ସହିତ କ୍ରମାନୁସାରେ ମାନସିକ ଅବସ୍ଥାରେ ପରିପକ୍ୱତା ଆସିଥାଏ। ଚାଣକ୍ୟଙ୍କ ମତରେ- ''ଲାଲୟେତ୍ ପଞ୍ଚବର୍ଷାଣି ଦଶ ବର୍ଷାଣି ଚ ତାଡ଼ୟେତ୍''। ଅର୍ଥାତ୍ ଜନ୍ମର ପ୍ରଥମ ପାଞ୍ଚବର୍ଷ ମଧ୍ୟରେ ଶିଶୁର ସର୍ବାଧିକ ମାନସିକ ବିକାଶ ହେଉଥିବାରୁ ଏହି ସମୟ ଅତ୍ୟନ୍ତ ସମ୍ବେଦନଶୀଳ। ସେଥିପାଇଁ ପ୍ରତ୍ୟେକ ମାତାପିତା ଶିଶୁର ଲାଳନ-ପାଳନ ପାଇଁ ଏହି ସମୟରେ ଅତ୍ୟନ୍ତ ସଚେତନ ହେବା ଆବଶ୍ୟକ। ଏହି ସମୟରେ ଶିଶୁଠାରେ ବିକଶିତ ହେଉଥିବା ମାନସିକତା ଭବିଷ୍ୟତ କାଳରେ ତାହାର ବ୍ୟକ୍ତିତ୍ୱର ପରିଚୟ ପ୍ରଦାନ କରିଥାଏ। କୁହାଯାଇଛି ଯେ ମା' କ୍ଷୀର ବିଶ୍ୱରେ ଅମୃତ। ଅର୍ଥାତ୍ ଶିଶୁର ଗଠନ ପାଇଁ ମା' କ୍ଷୀରରେ ପର୍ଯ୍ୟାପ୍ତ ପରିମାଣର ପୋଷଣ ତତ୍ତ୍ୱ ରହିଥାଏ। ମା' କ୍ଷୀର ଶିଶୁର ଶାରୀରିକ ଓ ମାନସିକ ଗଠନ ସହିତ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି କରେ। ସେଥିପାଇଁ ପ୍ରସବ ପରବର୍ତ୍ତୀ ଅବସ୍ଥାରେ ସ୍ତନ୍ୟପାନ ଉପରେ ବିଶେଷ ଭାବରେ ଗୁରୁତ୍ୱ ଦିଆଯାଇଛି। ସ୍ତନ୍ୟପାନ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅଗଷ୍ଟ ମାସ ପ୍ରଥମ ସପ୍ତାହକୁ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ଭାବେ ପାଳନ କରାଯାଉଛି। ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକ ସଭା ସମିତି ଓ କର୍ମଶାଳା ମାଧ୍ୟମରେ ସ୍ତନ୍ୟପାନର ଉପକାରିତା ଓ କୃତ୍ରିମ କ୍ଷୀରର ଅପକାରିତା ସମ୍ବନ୍ଧରେ ମା'ମାନଙ୍କୁ ବୁଝାଇ ଥାଆନ୍ତି। ପ୍ରସବ ପରବର୍ତ୍ତୀ ପ୍ରଥମ ଛଅମାସ ଶିଶୁକୁ ମା' କ୍ଷୀର ବ୍ୟତୀତ ଅନ୍ୟ କିଛି ନ ଦେବା ପାଇଁ ଉପଦେଶ ଦିଆଯାଏ। ସ୍ତନ୍ୟପାନର ଅନ୍ୟ ଏକ ବିଶେଷତ୍ୱ ହେଉଛି ଶିଶୁର ମାନସିକ ବିକାଶ। ଗବେଷଣାରୁ ଜଣାପଡ଼େ ଯେ ସ୍ତନ୍ୟପାନ କରିଥିବା ଶିଶୁର ମାନସିକ ବିକାଶ ସ୍ତନ୍ୟପାନରୁ ବଞ୍ଚିତ ଶିଶୁ ଅପେକ୍ଷା ଯଥେଷ୍ଟ ଊର୍ଦ୍ଧ୍ୱରେ। ସ୍ତନ୍ୟପାନ କିପରି ଶିଶୁର ମାନସିକ ବିକାଶ କରିଥାଏ, ତାହା ଆଲୋଚନା କରିବା ପୂର୍ବରୁ ପ୍ରାରମ୍ଭିକ ଅବସ୍ଥାରେ ଶିଶୁର ମାନସିକ ବିକାଶ ସମ୍ବନ୍ଧରେ କିଛି ଆଲୋକପାତ କରିବା ଆବଶ୍ୟକ।

ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ଫ୍ରଏଡ୍‌ଙ୍କ ମତରେ ବୟସ ବୃଦ୍ଧି ସହିତ ବ୍ୟକ୍ତିତ୍ୱ ପାଞ୍ଚ ପର୍ଯ୍ୟାୟରେ ବିକଶିତ ହୋଇଥାଏ। ପ୍ରଥମ ପର୍ଯ୍ୟାୟଟି ହେଉଛି- ମୌଖିକ ପର୍ଯ୍ୟାୟ ଯାହା ଶିଶୁ ଅବସ୍ଥାରେ ଦେଖାଦେଇଥାଏ। ଜନ୍ମଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ମୌଖିକ ପର୍ଯ୍ୟାୟର ପରିସୀମା। ଏହି ସମୟ ଅବଧିରେ ଶିଶୁର ବିବେକ ଉଦ୍ରେକ ହୋଇ ନ ଥିବାରୁ ସେ ପୂର୍ବଜନ୍ମର ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇଥାଏ। ଶରୀର ପାଇଁ ଦରକାର ହେଉଥିବା ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଶିଶୁଟି ମୁଖମଣ୍ଡଳକୁ ବ୍ୟବହାର କରିଥାଏ। ସେଥିପାଇଁ ଏହାକୁ ମୌଖିକ ପର୍ଯ୍ୟାୟ କୁହାଯାଏ। କ୍ଷୁଧାର ନିବାରଣ ପାଇଁ ସ୍ତନ୍ୟପାନ କରିଥାଏ। ସେଥିରୁ ନିବୃତ୍ତ ହୋଇ ଆଙ୍ଗୁଠି ଚୁଚୁମିଥାଏ। ଏହି ଅବସ୍ଥା ଜନ୍ମଠାରୁ ଆଠମାସ ପର୍ଯ୍ୟନ୍ତ ବିଶେଷ ଭାବରେ ପରିଲକ୍ଷିତ ହୁଏ। ଏହାକୁ ଓରାଲ ସକିଂ ପର୍ଯ୍ୟାୟ କୁହାଯାଏ। ଦାନ୍ତ ଉଠିବା ପରେ ଛଅମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଶିଶୁଟି କାମୁଡ଼ିବା ଅଭ୍ୟାସ ଆରମ୍ଭ କରେ। ଏହାକୁ ଓରାଲ ବାଇଟିଂ ଅବସ୍ଥା କୁହାଯାଏ। ପ୍ରଥମ ଅବସ୍ଥାରେ ଶିଶୁଟି ମା'ର ଏକ ଅଭିନ୍ନ ଅଙ୍ଗ ବୋଲି ଭାବେ। ସ୍ତନ୍ୟପାନ ମାଧ୍ୟମରେ ଚୁଚୁମିବା କ୍ରିୟାରେ ଅପାର ଆନନ୍ଦ ଲାଭ କରେ। ଶିଶୁଟି ଏଥିରୁ ବଞ୍ଚିତ ହେଲେ ତାହାର ମାନସିକ ଅସନ୍ତୋଷ ରହେ। କର୍ମଜୀବୀ ମହିଳାମାନେ ଠିକ୍ ସମୟରେ ସନ୍ତାନକୁ ସ୍ତନ୍ୟପାନ କରାଇ ପାରି ନ ଥାନ୍ତି। ଫଳରେ ଶିଶୁଟି ମା' କ୍ଷୀର ନ ପାଇ କୃତ୍ରିମ କ୍ଷୀର ଉପରେ ନିର୍ଭର କରେ। କେତେଜଣ ଆଧୁନିକ ମହିଳା ନିଜର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ ବୋଲି ଭାବି ସ୍ତନ୍ୟପାନ କରାଇ ନ ଥାନ୍ତି। ଶିଶୁଟି ସ୍ତନ୍ୟପାନରୁ ବଞ୍ଚିତ ହେବା ଦ୍ୱାରା ମାନସିକ ଅସନ୍ତୋଷ ପାଏ। ଫଳସ୍ୱରୂପ ଶିଶୁ ଆଙ୍ଗୁଠି ଚୁଚୁମେ, ଖେଳଣାଗୁଡ଼ିକ ପାଟିରେ ପୂରାଏ ଓ କାମୁଡ଼ିଥାଏ। ଭବିଷ୍ୟତରେ ଏହି ବଦଭ୍ୟାସଗୁଡ଼ିକ ଯୌବନ ଅବସ୍ଥାକୁ ସଂକ୍ରମିତ ହୁଏ। ପ୍ରାପ୍ତ ବୟସରେ ସେ ଆଙ୍ଗୁଠି ଚୁଚୁମେ, ନଖ କାମୁଡ଼େ, ପାନ, ସିଗାରେଟ୍, ଚୁଇଙ୍ଗମ ଚୋବାଇବା ଅଭ୍ୟାସ କରେ। ଏପରିକି କୈଶୋର ଅବସ୍ଥାରେ ବାରମ୍ବାର ଚୁମ୍ବନ ଦେବାର ଇଚ୍ଛା ଆଦି ଚାରିତ୍ରିକ ଦୋଷ ଶୈଶବ ଅବସ୍ଥାରେ ମୌଖିକ ପର୍ଯ୍ୟାୟର ଅସନ୍ତୋଷର ପରିପ୍ରକାଶ ଅଟେ। ସ୍ତନ୍ୟପାନରୁ ବଞ୍ଚିତ ହୋଇଥିବା ଶିଶୁ ଭବିଷ୍ୟତରେ ବଦ୍‌ରାଗୀ, କର୍କଶ, ତର୍କପ୍ରିୟ ହୋଇଥାଆନ୍ତି। ତେଣୁ ମା' ଶିଶୁକୁ ସ୍ତନ୍ୟପାନ କରାଇବା ଏକାନ୍ତ ଆବଶ୍ୟକ।

ବିଶ୍ୱ ସ୍ତନ୍ୟପାନ ସପ୍ତାହ ଉପଲକ୍ଷେ



ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ମହାରାଷ୍ଟ୍ରର ହେନିକ୍ ଗାଲା ଓ ଶ୍ରେୟାସ ମଜଲାପୁର ବର୍ଜ୍ୟ ସଂଗ୍ରହକରି ସେଗୁଡ଼ିକର ରିସାଇକେଲିଂ କରୁଛନ୍ତି। ସେମାନେ ୨୦୨୩ରେ 'ସ୍କ୍ରାପ୍ ଜି' ଷ୍ଟାର୍ଟଅପ୍ ପ୍ରତିଷ୍ଠା କରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ପ୍ରତି ମାସରେ ସେମାନେ ୧୦ ହଜାର କେଜି ବର୍ଜ୍ୟ ରିସାଇକେଲିଂ କରିପାରୁଛନ୍ତି। ଏହି କାର୍ଯ୍ୟରେ ଏବେ ସେମାନଙ୍କ ସହ ଅନେକ ଯୁବକ ଯୋଡ଼ିହୋଇଛନ୍ତି। ମୁଖ୍ୟତଃ ସେମାନେ ଠାଣେର ବିଭିନ୍ନ ଅଞ୍ଚଳରୁ ଖବରକାଗଜ, ପ୍ଲାଷ୍ଟିକ୍, ଧାତବ ଓ ଇ-ବର୍ଜ୍ୟ ଲୋକଙ୍କଠାରୁ ସଂଗ୍ରହ କରିବା ପରେ ସେଗୁଡ଼ିକୁ ପୃଥକ୍ କରି ରିସାଇକେଲିଂ ସେଣ୍ଟରକୁ ପଠାଉଛନ୍ତି। ଏବେ ସୁଦ୍ଧା ୨୦୦୦ରୁ ଊର୍ଦ୍ଧ୍ୱ ପରିବାରରୁ ବର୍ଜ୍ୟ ସଂଗ୍ରହ କରାଯାଉଛି। ଯେଉଁମାନେ ବର୍ଜ୍ୟ ଦେଉଛନ୍ତି ସେମାନଙ୍କୁ ଏ ବାବଦରେ କିଛି ଅର୍ଥ ମଧ୍ୟ ଦିଆଯାଉଛି। ୱେବ୍‌ସାଇଟ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଏସବୁ ପରିବାର ସହ ଯୋଗାଯୋଗ ରଖାଯାଉଛି ଏବଂ ଗାଡ଼ିରେ ପରିବାରଗୁଡ଼ିକରୁ ବର୍ଜ୍ୟ ଅଣାଯାଉଛି। ହେନିକ୍, ଶ୍ରେୟାସ ଓ ତାଙ୍କ ଟିମ୍‌ର ଏହି କାର୍ଯ୍ୟ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ସ୍କୁଲରେ ପଢ଼ିବା ସମୟରେ ଏହି ଦୁଇବନ୍ଧୁ କବାଡ଼ିୱାଲାକୁ ଦେଖିବା ପରେ ବର୍ଜ୍ୟ ସଂଗ୍ରହ କରି ତାହାକୁ ରିସାଇକେଲିଂ କରିବାକୁ ଯୋଜନା କରିଥିଲେ। ପରେ ସ୍କୁଲ ଶିକ୍ଷା ଶେଷକରି ତାହା ଆରମ୍ଭ କରିଥିଲେ। ଏବେ ଏହି 'ସ୍କ୍ରାପ୍ ଜି' କାରବାର ୨୫ ଲକ୍ଷରୁ ଅଧିକ ଟଙ୍କାରେ ପହଞ୍ଚିଲାଣି।

## ଚିରନ୍ତନୀ

ପଉଷ ଗୀତ ଆସୁ ହେ ଭାସି
ପୂରବୀ ପ୍ରୀତି ଛନ୍ଦେ
ଆକାଶ ଧରା ଉଠୁ ହେ ପୂରି
ଅଗୁରୁ ଗୁରୁ ଗନ୍ଧେ
ମଳୟହୀନ ଆବାସେ ବାସୁ
ଚନ୍ଦନ ହେ ଚନ୍ଦନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ !
-(ପଉଷ ସନ୍ଧ୍ୟା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୬ ଅଗଷ୍ଟ ୧୯୭୬

- ରାଜ୍ୟର ବୟୋଜ୍ୟେଷ୍ଠ ସାମ୍ବାଦିକ ଓ ସ୍ୱାଧୀନତା ସଂଗ୍ରାମୀ ସତ୍ୟବାଦୀ ତ୍ରିପାଠୀଙ୍କ ୮୨ ବର୍ଷ ବୟସରେ ପରଲୋକ।
- ଅଲିମ୍ପିଆଡରେ ଦକ୍ଷିଣ ଆଫ୍ରିକା ଯୋଗ ଦେଉଥିବାରୁ ତା'ର ପ୍ରତିବାଦ କରି ଭାରତ ସମେତ କେତେକ ରାଷ୍ଟ୍ର ଏଥିରୁ ଓହରି ଆସିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | 3 | | | | | |
| | | | 5 | | 4 | | | |
| | 3 | 6 | | 2 | 8 | | | |
| | | | | | | | 5 | |
| | | | 4 | | | 6 | | |
| | | 2 | | 9 | 1 | | | 7 |
| 8 | 9 | | | | 5 | | | |
| | 1 | | | 4 | | | 9 | |
| | 7 | 5 | 2 | 8 | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 2 | 7 | 1 | 4 | 9 | 8 | 3 |
| 4 | 9 | 3 | 5 | 2 | 8 | 6 | 7 | 1 |
| 7 | 1 | 8 | 9 | 3 | 6 | 4 | 5 | 2 |
| 9 | 2 | 6 | 4 | 7 | 3 | 5 | 1 | 8 |
| 1 | 7 | 5 | 8 | 9 | 2 | 3 | 6 | 4 |
| 8 | 3 | 4 | 1 | 6 | 5 | 2 | 9 | 7 |
| 3 | 4 | 7 | 6 | 5 | 1 | 8 | 2 | 9 |
| 2 | 5 | 9 | 3 | 8 | 7 | 1 | 4 | 6 |
| 6 | 8 | 1 | 2 | 4 | 9 | 7 | 3 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ନାବାଳକ ମା'ବାପା

ମହାଶୟ,

ଯେଉଁ ଅଶ୍ଳୀଳତାକୁ ମା'ବାପାମାନେ ପିଲାଙ୍କଠାରୁ ଦୂରେଇ ରଖିବାକୁ ଚେଷ୍ଟା କରୁଛନ୍ତି, ସେ ବିଷୟରେ ପିଲାମାନେ ବେଶ୍ ଅବଗତ ବୋଲି ସମାଜକୁ ସୂଚେଇ ଦେଉଛନ୍ତି। କନ୍ଧମାଳର ବେଲଘର, ମୟୂରଭଞ୍ଜର ବାଙ୍ଗିରିପୋଷି, ରାୟଗଡ଼ା ଜିଲ୍ଲା ବିଷମକଟକ ଅଞ୍ଚଳର ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ଛାତ୍ରୀ ଗର୍ଭବତୀ ହୋଇଥିବା ଜଣାପଡ଼ିଛି । ୧୫ ବର୍ଷର ନାବାଳକ ଅବୈଧ ଭ୍ରୁଣର ପିତା ହେଉଛି। ଯେଉଁଠି କୌଣସି ଯୁବତୀଙ୍କୁ ବଳାତ୍କାର କରାଯାଉଛି, ସେମାନଙ୍କ ମଧ୍ୟରେ ନାବାଳକ ଯୋଡ଼ିହୋଇଛନ୍ତି। ମନେହୁଏ, ଏହି ଯୌନ ଉଚ୍ଛୃଙ୍ଖଳତା ମୋବାଇଲ ଦ୍ୱାରା ପରିବ୍ୟାପ୍ତ ହେଉଛି। ମୋବାଇଲରେ ଅଶ୍ଳୀଳ ଚିତ୍ରକୁ ଉତ୍ତୋଳନ କରି ଭାଇରାଲ କରାଯାଉଛି। ମୋବାଇଲରେ ନାବାଳିକା ନାବାଳକ, ଯୁବତୀ ଯୁବକମାନେ ଅଶ୍ଳୀଳ ଚିତ୍ର ପ୍ରତି ଆକର୍ଷିତ ହେଉଛନ୍ତି ଏବଂ ତାକୁ ଦେଖିବାରେ ସମୟ ନଷ୍ଟ କରୁଛନ୍ତି ଏବଂ ବିପରୀତ ଲିଙ୍ଗ ପ୍ରତି ଆକୃଷ୍ଟ ହୋଇ ବ୍ୟଭିଚାର ସୃଷ୍ଟି କରୁଛନ୍ତି। ତେଣୁ ମୋବାଇଲ ନିୟନ୍ତ୍ରଣ ପାଇଁ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ। ତାହା ନ ହେଲେ ସମାଜର ଅଧଃପତନ ଅବଶ୍ୟମ୍ଭାବୀ। ଯେଉଁଠି ମିଡିଆ ପହଞ୍ଚି ନ ପାରୁଛି ସେଠାକାର କଥା କେହି ଜାଣିପାରୁନାହାନ୍ତି ଏବଂ ଘଟୁଥିବା ଘଟଣା ଅନ୍ଧାର ଭିତରେ ହଜିଯାଉଛି।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମହାବୀର ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଚୟନ

**ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ସଭାପତି ଶାନ୍ତନୁ କୁମାର ବେହେରା ସଭାପତିତ୍ୱ କରିଥିଲେ। ସର୍ବସମ୍ମତି କ୍ରମେ ପୁଣି ଥରେ ସଭାପତି ଭାବେ ଶାନ୍ତନୁ କୁମାର ବେହେରା ମନୋନୀତ ହୋଇଥିଲେ। ସେହିପରି ଉପସଭାପତି ସଞ୍ଜୟ କୁମାର, ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ, ସଂଯୁକ୍ତ ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ସିଂହ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ସିଂହ, ନାଟ୍ୟ ସମ୍ପାଦକ ସୁଶାନ୍ତ କୁମାର ସିଂହ, କ୍ରୀଡ଼ା ସମ୍ପାଦକ ସୁରେଶ କୁମାର ଥାନପତି ପ୍ରମୁଖ ମନୋନୀତ ହୋଇଥିଲେ। କାର୍ଯ୍ୟକାରୀ ସଭ୍ୟ ଭାବେ ଗିରିଜା ଶଙ୍କର ବାବୁ, ଅଶ୍ୱିନ କୁମାର ନେଗୀ, ବିରଞ୍ଚି ନାରାୟଣ ପଣ୍ଡା, ମହମ୍ମଦ ବୁରାନ, ନୀଳକଣ୍ଠ ବେହେରା, ରାଜେନ୍ଦ୍ର କୁମାର ହେହେରା, କାର୍ତ୍ତିକେଶ୍ୱର ପଣ୍ଡା, ପରମେଶ୍ୱର ମୁଣ୍ଡ ମନୋନୀତ ହୋଇଛନ୍ତି।

# ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା

**ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ)**




**କଳାହାଣ୍ଡି ଜିଲା**
- ୫୯୦ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ
- ୪୦୯ କେନ୍ଦ୍ର ଭଡ଼ା ଘରେ ଚାଲିଛି
- ୯୫ରୁ ଅଛନ୍ତି ମାତ୍ର ୩୯ ସୁପରଭାଇଜର

କଳାହାଣ୍ଡି ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡ଼ିଏସ୍) କାର୍ଯ୍ୟକାରୀ ହେବାର ଇତିମଧ୍ୟରେ ୫୦ବର୍ଷ ପୂରିଛି। ହେଲେ ଏ ଯାଏ ଜିଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ହୋଇନାହିଁ। କେଉଁଠି ଭଡା ଘରେ କେନ୍ଦ୍ର ଚାଲିଥିବାବେଳେ ଆଉ କେଉଁଠି ସ୍କୁଲ ଓ କମ୍ୟୁନିଟି ଘରେ ଚାଲିଛି। ଫଳରେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ଭବିଷ୍ୟତ ଗଠନ ସହିତ ଉତ୍ତମ ସାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଏହି ଯୋଜନା ବାଟବଣା ହେବାରେ ଲାଗିଛି।

ମିଳିଥିବା ସୂଚନା ଅନୁଯାୟୀ କଳାହାଣ୍ଡି ଜିଲାର ୧୩ ବ୍ଲକରେ ୨୩୭୭ ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୭୮୭ କେନ୍ଦ୍ରର ନିଜସ୍ୱ ଗୃହ ରହିଥିବାବେଳେ ଅବଶିଷ୍ଟ ୫୯୦ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଏଥିରେ ୪୦୯ କେନ୍ଦ୍ର ଭଡା ଘରେ ଚାଲିଥିବାବେଳେ ସ୍କୁଲରେ ୭୯ ଓ କମ୍ୟୁନିଟିଘରେ ୧୦୨ କେନ୍ଦ୍ର ଚାଲିଛି। ସେହିପରି ୨୩୭୭ ଅଙ୍ଗନୱାଡି କେନ୍ଦ୍ରରେ (ପ୍ରାକ ବିଦ୍ୟାଳୟ) ୩ରୁ ୬ ବର୍ଷ ମଧ୍ୟରେ ୮୧ ହଜାର ୮୮୩ ଛାତ୍ରୀଛାତ୍ର ରହିଛନ୍ତି। ଜିଲାରେ ୪୮ ଅଙ୍ଗନୱାଡି କର୍ମୀ ପଦବୀ ଖାଲି ପଡିଥିବାବେଳେ ସହାୟିକା ୧୧୩ ପଦବୀ ଖାଲି ପଡ଼ିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ଜିଲାରେ ୯୫ ସେକ୍ଟର ରହିଥିବାବେଳେ ସେଠାରେ ମାତ୍ର ୩୯ ଜଣ ସୁପରଭାଇଜର ରହିଛନ୍ତି। ଜିଲାରେ ବର୍ତ୍ତମାନ ୫୬ ସୁପରଭାଇଜର ପଦବୀ ଖାଲି ପଡ଼ିଛି। ଜଣେ ଜଣେ ସୁପରଭାଇଜର ୨ କିମ୍ବା ୩ ସେକ୍ଟରର ଦାୟିତ୍ୱ ତୁଲାଉଛନ୍ତି। ଏ ନେଇ ଜିଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜୀବିନ ନିଶାଙ୍କୁ ପଚାରିବାରୁ ନିଜସ୍ୱ ଗୃହ ନ ଥିବା ଅଙ୍ଗନୱାଡି କେନ୍ଦ୍ରର କୋଠା ନିର୍ମାଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଅନୁଦାନ ଆସିଛି। ହେଲେ ତାହା ବ୍ଲକ ସ୍ତରରେ ଅଟକି ରହିଛି। ଯେଉଁଥି ପାଇଁ ବାଧ ହୋଇ ଆମେ ଭଡା ଘରେ, ସ୍କୁଲ, କମ୍ୟୁନିଟି ଘରେ କେନ୍ଦ୍ର ଚଳାଉଛୁ। ସେହିପରି ସରକାରଙ୍କୁ ଆମେ ସୁପରଭାଇଜର ପାଇଁ ଗ୍ରେଡେସନ ତାଲିକା ପଠାଇଛୁ। ସେଠାରୁ ଅନୁମୋଦନ ହୋଇ ଆସିଲେ ନୂତନ ସୁପରଭାଇଜର ପଦବୀ ପୂରଣ କରାଯିବ। ବର୍ତ୍ତମାନ ଏତେ କମ ସଂଖ୍ୟକ ସୁପରଭାଇଜର ଯୋଗୁ କାର୍ଯ୍ୟ ପରିଚାଳନା କରିବା ଅସୁବିଧା ହେଉଛି ବୋଲି କହିଥିଲେ।

## ସମସ୍ୟା ଘେରରେ ତୁମୁନିଖୋଲ ପ୍ରାଥମିକ ବିଦ୍ୟାଳୟ



ବିଦ୍ୟାଳୟ ଛାତରୁ ଆଜବେଷ୍ଟସ୍ ଉଡ଼ିଯାଇଛି।

**ଥୁଆମୂଳ ରାମପୁର,୫।୮ (ଦୁର୍ଗା କୀର୍ତ୍ତି)**

ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ଭିତ୍ତିଭୂମି ସୁଦୃଢ଼ କରିବା ସହ ମଧ୍ୟାହ୍ନଭୋଜନଠାରୁ ଆରମ୍ଭକରି ବହି, ଡ୍ରେସ୍, ଜୋତା ଓ ସାଇକେଲ ଆଦି ବଣ୍ଟନ କରୁଛନ୍ତି। କିନ୍ତୁ ଦୁର୍ଗମ ଅଞ୍ଚଳରେ ଅନେକ ବିଦ୍ୟାଳୟ ରହିଛି ଯେଉଁଠି ଆବଶ୍ୟକ ଭିତ୍ତିଭୂମି ନାହିଁ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ୍ ବିରିକୋଟ ଗ୍ରାମପଞ୍ଚାୟତ ତୁମୁନିଖୋଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ୨୦୦୯ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ଜଣେ ପ୍ରଧାନ ଶିକ୍ଷକ ଓ ଜଣେ ସହକାରୀ ଶିକ୍ଷକ ରହିଛନ୍ତି। ଆବଶ୍ୟକ ଶ୍ରେଣୀଗୃହ, ପାଚେରି, ଶୌଚାଳୟ, ପିଲାଙ୍କ ପାଇଁ ବିଶୁଦ୍ଧ ପାଣି, ମଧ୍ୟାହ୍ନଭୋଜନ ରୋଷେଇ ଗୃହ ନ ଥିବାରୁ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିସ୍ଥଳେ ଗତ ଏପ୍ରିଲ ମାସରେ କାଳବୈଶାଖୀ ପ୍ରଭାବରେ ବିଦ୍ୟାଳୟର ଆଜବେଷ୍ଟସ୍ ଉଡ଼ିଯାଇଥିଲା। ୪ମାସ ପରେ ବି ଏହାର ମରାମତି ହୋଇପାରିନାହିଁ। ଫଳରେ ବର୍ତ୍ତମାନ ପିଲାମାନେ କେବେ ସ୍କୁଲ ବାରଣ୍ଡାରେ ତ କେବେ ଗଛ ତଳେ ପାଠ ପଢୁଛନ୍ତି। ପ୍ରଧାନ ଶିକ୍ଷକ ରାମ ସିଂ ମାଝୀଙ୍କ କହିବା କଥା, ଆମେ ସ୍କୁଲ ପରିଚାଳନା କମିଟି, ଅଭିଭାବକ, ଶିକ୍ଷକ ମିଶି ପୂର୍ବରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ପିଲାଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ସୋମବାର ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଥିବା ନେଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବଳରାମ ମାଝୀ ଓ ପ୍ରଧାନ ଶିକ୍ଷକ ରାମ ସିଂ ମାଝୀ ସୂଚନା ଦେଇଛନ୍ତି। ଏ ନେଇ ବିଡିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ବିଦ୍ୟାଳୟ ଯାଇ ସ୍ଥିତି ଅନୁଧ୍ୟାନକରି ତଥ୍ୟ ଦେବା ପାଇଁ ନିର୍ଦ୍ଦେଶ ଦେବେ ଏବଂ ଆଗାମୀ ଦିନରେ କ'ଣ ହୋଇପାରିବ ସେ ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା, ୨ ଗିରଫ

**ଲାଞ୍ଜିଗଡ଼, ୫।୮ (ରମେଶ ଚନ୍ଦ୍ର ନାୟକ)**

**ନିଖୋଜର ୬ଦିନ ପରେ ବୃଦ୍ଧଙ୍କ ମୃତଦେହ ମିଳିବା ଘଟଣା**



ଗିରଫ ୨ ଅଭିଯୁକ୍ତ।

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ଅନ୍ତର୍ଗତ କାଣ୍ଡାମା ଗାଁର ବୃଦ୍ଧ ରଘୁ ପାତ୍ର ନିଖୋଜର ୬ଦିନ ପରେ ମୃତଦେହକୁ ପୋଲିସ ଜବତ କରି ସନ୍ଦେହରେ ୪ଜଣଙ୍କୁ ଅଟକ ରଖିଥିବା ବେଳେ ମଙ୍ଗଳବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ନରେଶ ଦୋରା (୩୦) ଓ ପ୍ରଦୀପ ନାଏକ (୩୦)। ଏ ନେଇ ଥାନାରେ ଏକ ମାମଲା (ନଂ.୫୩/୨୫) ରୁଜୁ କରାଯାଇ ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗୁଣିଗାରେଡି ସନ୍ଦେହରେ ହତ୍ୟାକାଣ୍ଡ ଘଟିଥିବା ଥାନା ଅଧିକାରୀ ତୁଳସୀରାମ ଶବର ପ୍ରକାଶ କରିଛନ୍ତି। ସୂଚନାନୁସାରେ ଗତ ୩୦ ତାରିଖରେ ରଘୁ ନିକଟସ୍ଥ ବଣ୍ଡେଲ ଗ୍ରାମକୁ ଯାଇ ଘରକୁ ନ ଫେରି ନ ଥିଲେ। ଖୋଜାଖୋଜି କରି ନ ପାଇବାରୁ ୩୧ରେ ରଘୁଙ୍କ ପୁଅ ମୁରଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ଶବରଙ୍କ କହିବା ଅନୁଯାୟୀ, ତଦନ୍ତ ପରେ ଉକ୍ତ ଗ୍ରାମର ସୁଶାନ୍ତ ହରିଜନ(୨୫), ନରେଶ ଦୋରା (୩୦), ଓ ପ୍ରଦୀପ ନାଏକ(୩୦)ଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲୁ। ଅଭିଯୁକ୍ତ ନରେଶର ବାପା ଦୁଃଶାସନଙ୍କ ମାସେ ତଳେ ମୃତ୍ୟୁ ଘଟିଥିଲା। ରଘୁ ତାଙ୍କୁ ଗୁଣି କରି ମାରିଥିବା ନରେଶଙ୍କ ପରିବାର ସନ୍ଦେହ କରୁଥିଲେ। ସେଇଦିନଠୁ ସେ ରଘୁଙ୍କ ଉପରେ ରାଗ ରଖିଥିଲେ। କେରଳରୁ ସେ ଗାଁକୁ ଫେରିବା ପରେ ୩୦ ତାରିଖ ସନ୍ଧ୍ୟାରେ ରଘୁ ନିକଟସ୍ଥ ବଣ୍ଡେଲ ଗାଁରୁ ଫେରୁଥିବା ବେଳେ ନିଛାଟିଆ ସ୍ଥାନରେ ଆକ୍ରମଣ କରି ହତ୍ୟା କରିଥିଲେ। ତିନିଜଣଙ୍କୁ ଜେରା କରିବା ପରେ ରଘୁଙ୍କୁ ମାରି ବାଇକ୍ ଯୋଗେ ନେଇ ରାୟଗଡା ଜିଲା ଆମ୍ବାଦୋଳାଠାରୁ ଦହିଖାଲକୁ ସଂଯୋଗ କରୁଥିବା ମଞ୍ଜୁରକୁପା ନିକଟ ରେଳଧାରଣାରେ ଫୋପାଡିଥିବା ସ୍ୱୀକାର କରିଥିଲେ। ୩୧ରେ ଆମ୍ବାଦୋଳା ରେଳବାଇ ପୋଲିସ ଅଜଣା ବୃଦ୍ଧଙ୍କ ମୃତଦେହ ଜବତ କରି ରାୟଗଡା ଡାକ୍ତରଖାନାକୁ ନେଇଥିଲା। ସୋମବାର ବିଶ୍ୱନାଥପୁର ପୋଲିସ ଆମ୍ବାଦୋଳା ରେଳବାଇ ପୋଲିସ ସହ ଯୋଗାଯୋଗ କରି ପରିବାର ଲୋକଙ୍କ ସହିତ ରାୟଗଡ଼ା ଯାଇ ମୃତଦେହ ଜବତ କରିବା ସହିତ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲା।

# ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ

**ଭବାନୀପାଟଣା,୫।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲ୍‌ଠାରେ ସୋମବାର ଜିଲାସ୍ତରୀୟ ସମ୍ପୂର୍ଣ୍ଣତା ଅଭିଯାନ ସମ୍ମାନ ସମାରୋହ ଓ ଆକାଂକ୍ଷୀ ହାଟର ଶୁଭାରମ୍ଭ ହୋଇଯାଇଛି। ଏଥିରେ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ଜୁନାଗଡ ବିଧାୟକ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପନିର୍ଦ୍ଦେଶକ ଶ୍ରୀକାନ୍ତ ଦଳେଇ, ଜିଲା ମୁଖ୍ୟ କୃଷି ଅଧିକାରୀ ମଳୟ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ୨୦୨୪ ଜୁଲାଇରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ରାଜ୍ୟରେ ଅନୁଷ୍ଠିତ ସମ୍ପୂର୍ଣ୍ଣତା ଅଭିଯାନରେ କଳାହାଣ୍ଡି ଜିଲା ଉତ୍ତମ ସ୍ଥାନ ଅଧିକାରକରି ତାମ୍ରପଦକ ହାସଲ କରିଛି। ସେହିପରି ଆକାଂକ୍ଷା ବ୍ଲକ୍‌ଗୁଡ଼ିକ ମଧ୍ୟରେ ଏମ୍. ରାମପୁର ଓ ଥୁ. ରାମପୁର ଯଥାକ୍ରମେ ୫ଟି ଓ ୪ଟି ମୁଖ୍ୟ କାର୍ଯ୍ୟଦକ୍ଷତା ସୂଚକରେ ସମ୍ପୂର୍ଣ୍ଣତା ହାସଲ କରିଥିବାରୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଯଥାକ୍ରମେ ରୌପ୍ୟ ଓ ତାମ୍ରପଦକ ପ୍ରଦାନ ପୂର୍ବକ ଭାରତ ସରକାରଙ୍କ ନୀତି ଆୟୋଗ ପକ୍ଷରୁ ସମ୍ମାନିତ କରାଯାଇଛି। ଜିଲାପାଳ ପାୱାର କହିଥିଲେ, କଳାହାଣ୍ଡି ଜିଲା ଆକାଂକ୍ଷୀ ଜିଲାମାନଙ୍କ ମଧ୍ୟରେ ଉତ୍ତମ ସ୍ଥାନ ଅଧିକାର କରିଥିବାରୁ ୯ କୋଟି ଓ ଥୁ. ରାମପୁର ବ୍ଲକ ୧ କୋଟି ପୁରସ୍କାର ରାଶି ଭାରତ ସରକାରଙ୍କ ନୀତି ଆୟୋଗଠାରୁ ପାଇଛନ୍ତି। ଧର୍ମଗଡ଼ ବିଧାୟକ ପାଟ୍ଟଯୋଶୀ କହିଥିଲେ, ଏପରି ସମସ୍ତେ ନିଜର କାର୍ଯ୍ୟ ଠିକ୍ ଭାବରେ ସମ୍ପାଦନ କଲେ ଆଗାମୀ ଦିନରେ କଳାହାଣ୍ଡି ଜିଲା ସମୃଦ୍ଧ ଓଡ଼ିଶା ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବ ଓ ଏହାର ଫଳ ଜିଲାବାସୀ ପାଇପାରିବେ। ସେହିପରି ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜୁନାଗଡ଼ ବିଧାୟକ ମିଶ୍ର କହିଥିଲେ। ସପ୍ତାହବ୍ୟାପୀ ଚାଲିବାକୁ ଥିବା ଆକାଂକ୍ଷୀ ହାଟରେ ୧୨ଟି ଷ୍ଟଲ୍ ରହିଛି।

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**HIGHWAY TRADING PVT. LTD.**
**REQUIRED**
**SENIOR ACCOUNTANT:** Experienced in Tally with at least 5 years of experience.
**JUNIOR ACCOUNTANT:** Experienced in Tally with at least 1 year of experience.
**WALK IN FOR INTERVIEW:**
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

## ଗଣେଶପୂଜା, ନୂଆଖାଇ ପାଳନ ନେଇ ପ୍ରସ୍ତୁତି ବୈଠକ

**ଖଡ଼ିଆଲ,୫।୮ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗଣେଶପୂଜା ଓ ନୂଆଖାଇ ଭେଟ୍‌ଘାଟ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଜିତେନ୍ଦ୍ରନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଗଣେଶପୂଜା ପ୍ରସ୍ତୁତି ନେଇ ଆଲୋଚନା ହୋଇଥିଲା। ସେହିପରି ନୂଆଖାଇ ଦିନ ଅନୁଷ୍ଠାନ ପକ୍ଷରୁ ଭେଟ୍‌ଘାଟ ପାଳନ ପାଇଁ ସ୍ଥିର କରାଯାଇ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ନୂଆଖାଇ ଭେଟଘାଟ ସହ ଏକ ସଭା ଅନୁଷ୍ଠିତ ହେଲା ପରେ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିଲା। ଖଡ଼ିଆଲ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ, ଏନ୍‌ଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା, ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କୁ ଅତିଥି ଭାବରେ ନିମନ୍ତ୍ରଣ କରିବା ପାଇଁ ସ୍ଥିର ହୋଇଥିଲା। ବୈଠକରେ ଅନୁଷ୍ଠାନର ସମ୍ପାଦକ ସୋମନାଥ ଜଗତ, ବରିଷ୍ଠ ସଦସ୍ୟ ପବିତ୍ର ମୋହନ ପ୍ରଧାନ, ଶାନ୍ତନୁ ପଣ୍ଡା, ଛବି ସାଗର, ଭୋଦେବ ସାହୁ, ସୁକେଶ ପଟ୍ଟନାୟକ, ବିମଳ ସିଂ ଦଳପତି, ଅମୂଲ୍ୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିକ୍ଷକ ବଦଳି ପ୍ରତିବାଦରେ ପୃଥକ୍ ଆନ୍ଦୋଳନ

**ନୂଆପଡ଼ା,୫।୮ (ମକାରୁ ବେମାଲ)**



ଚିଚିରିପାଣି ସ୍କୁଲ ସମସ୍ୟା ନେଇ ଜିଲାପାଳଙ୍କ ଅଫିସ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା।

**ଜିଲାପାଳଙ୍କ ଅଫିସ, ସ୍କୁଲ ଆଗରେ ଧାରଣା**

ନୂଆପଡ଼ା ଜିଲାରେ ଶିକ୍ଷକ ବଦଳି ନେଇ ମଙ୍ଗଳବାର ୨ ପୃଥକ୍ ସ୍ଥାନରେ ଛାତ୍ରୀଛାତ୍ର, ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନୂଆପଡ଼ା ସଦର ବ୍ଲକ ଜାମପାଣି ପଞ୍ଚାୟତ ଚିଚିରିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ସମସ୍ୟା ନେଇ ଅଭିଭାବକମାନେ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ସେହିପରି ସମାନ ସମସ୍ୟା ନେଇ କୋମନା ବ୍ଲକ ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଗାଁ ସ୍କୁଲରେ ଗ୍ରାମବାସୀ ତାଲା ପକାଇ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ ଚିଚିରିପାଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୦୯ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ୫ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବା ବେଳେ ୨ ଜଣଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ଭଲ ପଢାଉଥିବା ଶିକ୍ଷକଙ୍କୁ ବଦଳି କରାଯାଇଥିବା ଅଭିଯୋଗ କରି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟ ପଠାଉନାହାନ୍ତି । ବଦଳି ହୋଇଥିବା ୨ ଶିକ୍ଷକଙ୍କୁ ପୁଣି ବିଦ୍ୟାଳୟକୁ ଫେରାଇଆଣିବା ଦାବିକରି ଛାତ୍ରୀଛାତ୍ର ଓ ଅଭିଭାବକ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଜିଲାପାଳ ମଧୁସୂଦନ ଦାଶ ଧାରଣାସ୍ଥଳରେ ପହଞ୍ଚି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ସ୍କୁଲ ଯାଇ ତଦନ୍ତ କରି ସମସ୍ୟା ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଘାସିରାମ ବରିହା, ନନ୍ଦ କିଶୋର ରାଉତ, ବିଜେ ଯାଦବ, ସନ୍ତୋଷ ସାହୁ, ସାବିତ୍ରୀ ବରିହା, ଧନମତି ବରିହା, ସରସ୍ୱତୀ ବରିହା, ବୁଦ୍ଧୁ ରାଉତ, ସେବା ବରିହା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୋମନା ବ୍ଲକ ଭରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଶ୍ରେଣୀରେ ୧୫୩ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ୭ ଜଣ ଶିକ୍ଷକ ଶିକ୍ଷାଦାନ କରୁଥିବାବେଳେ ୨ ଜଣଙ୍କୁ ଅନ୍ୟତ୍ର ବଦଳି କରି ଜଣେ ଦୃଷ୍ଟିବାଧିତ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ବଦଳି ହୋଇଥିବା ବିଜ୍ଞାନ ଓ ଗଣିତ ଶିକ୍ଷକଙ୍କୁ ଫେରାଇଆଣିବା ଦାବିକରି ଗ୍ରାମବାସୀ ସ୍କୁଲରେ ତାଲା ପକାଇ ଗାଁ ରାସ୍ତାରେ ଧାରଣା ଦେଇଥିଲେ। କୋମନା ଅତିରିକ୍ତ ତହସିଲଦାର ଯୋଗେଶ୍ୱର ସାହୁ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳମତ ମାଝି ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ସେହି ସମୟରେ ଅଭିଭାବକ ଓ ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏ ନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବୁ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଲା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ମୋଟାରାମ ମାଝି, କୁବେର ମାଝି, ପଦୁ ମାଝି, ମଦନ ସୁନ୍ଦର ସାହୁ, ମଧୁସୂଦନ ମାଝି, ପ୍ରମୋନନ୍ଦ ଗଡତିଆ, କୁମନ ମାଝି, ନୀର ମାଝି, ତପସିନୀ ସାହୁ, ତୁଳ ମାଝି ପ୍ରମୁଖ ସାମିଲ ଥିଲେ।

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविधावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाईट देखने हेतु स्कैन करें
Scan to visit Website

**ସିଆର୍‌ପି ସିଏସ୍‌ଏ – XV**

**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)**

**ଅଧିକୃତ ୱେବ୍‌ସାଇଟ୍: www.ibps.in**
**ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ**

ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** **ନିର୍ଦ୍ଦେଶକ**

## ଖଡ଼ିଆଳରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

**ଖଡ଼ିଆଲ,୫।୮ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଏସ୍‌ଡିପିଓ ଭାବରେ ଉପେନ୍ଦ୍ର ପ୍ରଧାନ ଯୋଗଦାନ କରିଛନ୍ତି। ପୂର୍ବରୁ ସେ ଯାଜପୁର ଜିଲାର ଯାଜପୁର ରୋଡ୍‌ଠାରେ ଏସ୍‌ଡିପିଓ ଭାବରେ କାର୍ଯ୍ୟ କରୁଥିଲେ। ଖଡ଼ିଆଳ ଥାନାରେ ଆୟୋଜିତ କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଦିଲୀପ କୁମାର ସାହୁ ଓ ଅନ୍ୟ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ଖଡ଼ିଆଳ ଅଞ୍ଚଳର ଜନସାଧାରଣ କିପରି ନ୍ୟାୟ ପାଇବେ ସେ ନେଇ କାର୍ଯ୍ୟକରିବା ସହ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରିବେ ବୋଲି ପ୍ରଧାନ ପ୍ରକାଶ କରିଥିଲେ।

# ଡଙ୍ଗରୀ ଗାଁକୁ ହରାଇ ହରିହରପୁର ବିଜୟୀ

**ବିଶ୍ୱନାଥପୁର ନକ୍‌ଆଉଟ ଫୁଟ୍‌ବଲ**

**ଲାଞ୍ଜିଗଡ଼,୫।୮ (ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ମଙ୍ଗଳବାର ନକ୍‌ଆଉଟ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ଘଡେଇ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ପ୍ରେସ କ୍ଲବର ସଭାପତି ସୁଶୀଲ କୁମାର ବାଗ, ଡିଜିଟାଲ୍ ମିଡିଆ ଆସୋସିଏଶନର କୋଷାଧ୍ୟକ୍ଷ ନୀଲେଶ କୁମାର ନାଗ ଯୋଗ ଦେଇଥିଲେ। ହରିହରପୁର ଓ ଡଙ୍ଗରୀ ଗାଁ ଦଳ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହୋଇଥିବାବେଳେ ହରିହରପୁର ଦଳ ୧–୦ ଗୋଲରେ ବିଜୟୀ ହୋଇଥିଲା। ଦଳ ତରଫରୁ ଆନନ୍ଦ ମାଝୀ ଗୋଲ ସ୍କୋର କରିବା ସହିତ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ରେଫରି ଭାବେ କିଶୋର କୁମାର ଘଡେଇ ମ୍ୟାଚ ପରିଚାଳନା କରିଥିବାବେଳେ ସୁନୀଲ ବେହେରା ଓ ଫାଲଗୁନୀ ବାଗ ଲାଇନମ୍ୟାନ ଦାୟିତ୍ୱ ତୁଲାଇଥିଲେ। ବିଶ୍ୱନାଥପୁର ଫୁଟବଲ ଆସୋସିଏଶନ ତରଫରୁ ଦେବଦତ୍ତ ମାଝୀ, ଅଲେଖ ବେହେରା, କ୍ରିଷ୍ଣା ପ୍ରଧାନୀ, କୀର୍ତ୍ତିମୟ ପ୍ରଧାନୀ, କୀର୍ତ୍ତିମୟ ସାହୁ, ଜଗା ସୂର୍ଯ୍ୟ ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(କି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ **www.ireps.gov.in** ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ **www.ireps.gov.in** ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ଆର୍‌ଓ୍ୱାଇ୭୫୦-୧୬, ତାରିଖ: ୦୪।୦୮।୨୦୨୫** । **କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ: ₹୩,୨୯,୯୭,୦୧୫.୭୨** । **ଇଏମ୍‌ଡି/ବିଡ୍ ଅମାନତ: ₹୩,୧୫,୦୦୦।** **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୭।୦୮।୨୦୨୫** । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ **www.ireps.gov.in**ରେ ଦିଆଯାଉଛି। **(PR-484)**

**STEEL AUTHORITY OF INDIA LIMITED**
**Rourkela Steel Plant**
**Rourkela - 769 011, Odisha, India**
Great Place To Work Certified JAN 2025-JAN 2026 INDIA
**ENGAGEMENT OF APPRENTICES UNDER THE APPRENTICES ACT, 1961**

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➢ TRADE APPRENTICES (ITI Passed out) : 440 ➢ TECHNICIAN APPRENTICES (Diploma Passed out) : 271 ➢ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments*. Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
*There's a little bit of SAIL in everybody's life*

# ପ୍ରଶାସନ ଲୋକାଭିମୁଖୀ ହେବ: ଜିଲାପାଳ

ସୋନପୁର,୫।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ପ୍ରଶାସନ ଲୋକାଭିମୁଖୀ ହେବ। ଏହାଦ୍ୱାରା କାମଗୁଡିକ ସହଜ ହୋଇପାରିବ ବୋଲି ଜିଲାପାଳ ଡ. ନୃପରାଜ ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ନୂତନ ଜିଲାପାଳଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଜିଲାର ସାମଗ୍ରିକ ବିକାଶ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଆୟୋଜିତ ସଭାରେ ଜିଲାପାଳ କହିଥିଲେ, ମୋ ଦ୍ୱାରା ଜିଲାର ବିକାଶ ପାଇଁ ଯାହା ହୋଇପାରିବ ମୁଁ କରିବି। ମୁଁ ଛଳନା କରିବି ନାହିଁ, ଏଠାରୁ ଯିବା ପରେ ମୋର କାମ ପାଇଁ ଲୋକେ ଯେଭଳି ମନେ ରଖିବେ ସେଥିପ୍ରତି ଦୃଷ୍ଟି ଦେବି। ଜିଲାର ଗୁରୁତ୍ୱପୂର୍ଣ୍ଣ ଅସମ୍ପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ସମ୍ପୂର୍ଣ୍ଣ କରିବା ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବି ବୋଲି କହିଥିଲେ। ଦାୟିତ୍ୱ ଗ୍ରହଣ ପରେ ଅଧିକାରୀ ଓ କର୍ମଚାରୀଙ୍କୁ କ୍ଷେତ୍ର ପରିଦର୍ଶନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଦିନର ପ୍ରଥମ ଓଳି କ୍ଷେତ୍ର ପରିଦର୍ଶନ ସହ ସମସ୍ୟା ସମ୍ପର୍କରେ ଅବଗତ ହେବା ଓ ଦ୍ୱିତୀୟ ଓଳିରେ ଅଫିସ କାମ କରିବାକୁ ଅଧିକାରୀଙ୍କୁ କୁହା ଯାଇଥିବା ଜିଲାପାଳ ସୂଚନା ଦେଇଥିଲେ। ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ସୁବର୍ଣ୍ଣପୁର ସହରକୁ ହେରିଟେଜ୍ ସହରର ମାନ୍ୟତା ପ୍ରଦାନ, ପୁରୁଣା ମଠ ମନ୍ଦିର ଗୁଡିକର ଉନ୍ନତି, ପର୍ଯ୍ୟଟନ କ୍ଷେତ୍ର ଗୁଡିକର ବିକାଶ, ଜିଲା ସଦର ମହକୁମାରେ ବସଷ୍ଟାଣ୍ଡ ନିର୍ମାଣ, ସୁବର୍ଣ୍ଣପୁର, ବିନିକା ଓ ତରଭା ରିଂ ରୋଡ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା, ଅଙ୍ଗ କେନାଲ ସମ୍ପ୍ରସାରଣ କାମ ସମ୍ପୂର୍ଣ୍ଣ କରବା, ଡୁଙ୍ଗୁରିପାଲି ସହରରେ ଷ୍ଟ୍ରିଟ୍ ଲାଇଟ୍‌ର ବ୍ୟବସ୍ଥା, ଡୁଙ୍ଗୁରିପାଲି ରେଳ ଷ୍ଟେଶନରେ ଇଣ୍ଟରସିଟି ଏକ୍ସପ୍ରେସର ରହଣୀ, ବିନିକାକୁ ଉପଖଣ୍ଡର ମାନ୍ୟତା, ତରଭା ନୂତନ ବସଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରିବା ନେଇ ସଂଘ ପକ୍ଷରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରା ଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଡିଆଇପିଆରଓ ଅର୍ଜୁନ ମାଝୀଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ବ୍ୟୋମକେଶ ଦାଶ ସଂଘର କାର୍ଯ୍ୟକ୍ରମ ଓ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ବରିଷ୍ଠ ଖବରଦାତା ଇନ୍ଦ୍ରମଣି ଦାସ, ବ୍ରଜମୋହନ ଦାନୀ, ବାସୁଦେବ ମିଶ୍ର, ପର୍ଶୁରାମ ମିଶ୍ର, ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ମନୋରଞ୍ଜନ ତ୍ରିପାଠୀ, ନବ କୁମାର ମିଶ୍ର, ଯୁଗଳ କିଶୋର ମିଶ୍ର, ବିପ୍ର ଚରଣ ସାହୁ, ସନ୍ତୋଷ ମିଶ୍ର ଓ ପବିତ୍ର ମୋହନ ପାଣିଆ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବେଣୁଧର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ।




ସଭାରେ ଉପସ୍ଥିତ ଜିଲାପାଳ, ଡିଆଇପିଆରଓ ଓ ଗଣମାଧ୍ୟମର ପ୍ରତିନିଧିମାନେ।

**ଅଧିକାରୀମାନେ ପ୍ରଥମ ଓଳି କ୍ଷେତ୍ର ପରିଦର୍ଶନରେ ଯିବେ**

# ଯୁବ ସାହିତ୍ୟିକ ଶୁଭ୍ରାଂଶୁ ଶେଖର ପାଢ଼ୀ ସମ୍ବର୍ଦ୍ଧିତ



ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୀରମହାରାଜପୁର,୫।୮ (ଯୁଗଳ କିଶୋର ମିଶ୍ର)

କୋରାପୁଟ ଜୟପୁରରେ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳର ଯୁବ କବି ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ ଅଗ୍ରସେନାନୀ ସମ୍ମାନରେ ସମ୍ବର୍ଦ୍ଧିତ କରିଛି ମାଟି ଲଗ୍ନା ସାହିତ୍ୟ ସଂସଦ। ଗତ ୩ତାରିଖ ଜୟପୁରସ୍ଥିତ ଡ. ସୁନୟନା ମେଡିକାଲ ସାଇନ୍ସ କଲେଜ ପରିସରରେ ଗତ ୩ତାରିଖ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ ପାଢୀଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନକୁ ସମ୍ମାନ ଜଣାଇ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ମାନ ଗ୍ରହଣ କରିବା ପରେ ସେ ଅନୁଷ୍ଠାନର ଉଦ୍ୟମକୁ ସାଧୁବାଦ ଜଣାଇଛନ୍ତି। ମାଲକାନାଗିରି ଜିଲାର ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନ ମାଟିଲଗ୍ନା ସାହିତ୍ୟ ସଂସଦ ତା'ର ଷଷ୍ଠ ପ୍ରତିଷ୍ଠା ଦିବସ ଜୟପୁରସ୍ଥିତ ଡ ସୁନୟନା ମେଡିକାଲ ସାଇନ୍ସ କଲେଜ ପରିସରରେ ଅନୁଷ୍ଠିତ ହୋଇଥିଲା। ଦୁଇଟି ଅଧିବେଶନରେ ଆୟୋଜିତ ଉକ୍ତ ଉତ୍ସବରେ ଅନୁଷ୍ଠାନ ସଭାପତି କିଶୋର ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଜୟପୁରର ଆକାଶବାଣୀ କେନ୍ଦ୍ର ଅବସରପ୍ରାପ୍ତ ସହକାରୀ କେନ୍ଦ୍ର ନିର୍ଦ୍ଦେଶକ ନରେନ୍ଦ୍ର କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ସାହିତ୍ୟିକ ଡ. ସୁରେଶ ଦାସ, ଡ. ଯଜ୍ଞେଶର ପଣ୍ଡା ଏହି ଅବସରରେ ଉପସ୍ଥିତ ଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

# ନୀଳକଣ୍ଠେଶ୍ୱର ମନ୍ଦିରରେ ମହାଜଳଶାୟୀ



ମହାଜଳଶାୟୀ ପୂର୍ବରୁ ଶ୍ରଦ୍ଧାଳୁମାନେ ପୂର୍ଣ୍ଣ ଜଳ କଳସ ଆଣୁଛନ୍ତି।

ତରଭା,୫।୮ (ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ସର୍ବପୁରାତନ ଶୈବପୀଠ ଶ୍ରୀନୀଳକଣ୍ଠେଶ୍ୱର ବାବାଙ୍କ ପୀଠରେ ମଙ୍ଗଳବାର ମାହା ଜଳଶାୟୀ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପୂଜଜ ଜନାର୍ଦ୍ଦନ ଥାନାପତିଙ୍କ ତତ୍ତ୍ୱାବଧାନରେ ଶତାଧିକ ମହିଳା ଓ ପୁରୁଷ, ବୋଲବମଭକ୍ତଙ୍କ ଦ୍ୱାରା ମହା ଜଳାଭିଷେକ କରାଯାଇଥିଲା। ବୁଧବାର ପ୍ରାତଃ ୫ଟାରେ ବାବାଙ୍କ ମହାଆଳତୀ ନୀତି ପୂଜା ପରେ ପୂଜକ ଜନାର୍ଦନ ଥନାପତି, କୁଳମଣି ଥାନାପତି, ଏବଂ ମହାଜଳଶାୟୀର କର୍ତ୍ତା ସୁରେନ୍ଦ୍ର ମେହେର ପୁଷ୍ପା ମେହେରଙ୍କ ସହ ଶତାଧିକ ଭକ୍ତଙ୍କୁ ନେଇ ଘଣ୍ଟ ଶଙ୍ଖ, ହୁଳହୁଳ ଧ୍ୱନିରେ ମନ୍ଦିର ପରିସରରୁ ଏକ ଶୋଭାଯାତ୍ରା ବାହାରି ନିବୃତ୍ତି ଯୋରର କନିଆଁଦରୋ ଘାଟରେ ପହଞ୍ଚି ନୀତିକାନ୍ତିରେ ପୂଜା ପରେ ଗଙ୍ଗାଜଳ, କ୍ଷୀର ମିଶ୍ରିତ ଜଳ ନେଇ ନିବୃତ୍ତି ଯୋର ଜଳ ମହାଜଳାଭିଷେକ ପାଇଁ ଅଣାଯାଇଥିଲା। ଦୀର୍ଘ ୫ ଘଣ୍ଟାଜଳ ଲାଗି କରିବା ପରେ ମହା ଜଳାଭିଷେକ ସମ୍ପୂର୍ଣ୍ଣ ହୋଇଥିଲା । ମନ୍ଦିର ପୂଜକ ଗୋବର୍ଦ୍ଧନ ଥାନାପତି, ଆଭାସ ଥାନାପତି ଏଥିରେ ସହଯୋଗ କରିଥିଲେ। ମନ୍ଦିର ପରିଚାଳନା କମିଟି କମିଟି ସଭାପତି ସନ୍ତୋଷ ସାହୁଙ୍କ ସହ ଗୁଞ୍ଜୁରୁ ଗୁରୁ, ଶଙ୍କର ସାହୁ, ପର୍ଶୁରାମ ସାହୁ ଶିବୁ ଷଡ଼ଙ୍ଗୀ ସମେତ ସମସ୍ତ କର୍ମକର୍ତ୍ତା ଏହାର ନେତୃତ୍ୱ ନେଇଥିଲେ ।

# ରାଷ୍ଟ୍ରପତି ଭବନ ଯିବେ ବିନିକାର ସୁରେଖା

ସୋନପୁର,୫।୮ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବିନିକା ସହର ମନହାରି ପଡାର ସୁରେଖା ମଲ୍ଲିକ ପ୍ରଶଂସାର ପାତ୍ର ପାଲଟିଛନ୍ତି। ଦେଶର ୭୯ତମ ସ୍ୱାଧୀନତା ଦିବସ ପାଇଁ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ପାଖରୁ ତାଙ୍କ ନିକଟକୁ ନିମନ୍ତ୍ରଣ ଆସିଛି। ସନ୍ଧ୍ୟା ୬ଟାରେ ରାଷ୍ଟ୍ରପତି ଭବନର ସାଂସ୍କୃତିକ କେନ୍ଦ୍ରରେ ତାଙ୍କୁ ଉପସ୍ଥିତ ରହିବାକୁ କୁହାଯାଇଛି। ସେ ରାତ୍ରୀଭୋଜନରେ ରାଷ୍ଟ୍ରପତି ଓ ଅନ୍ୟ ବରେଣ୍ୟ ଅତିଥିଙ୍କ ସହ ସାମିଲ ହେବେ। ଭାରତୀୟ ଡାକ ବିଭାଗ ମାଧ୍ୟମରେ ରାଷ୍ଟ୍ରପତି ଭବନ ଯିବା ପାଇଁ ନିମନ୍ତ୍ରଣ ପତ୍ର ପାଇବା ପରେ ସୁରେଖା ବେଶ ଖୁସି ଅଛନ୍ତି।

ଅଳ୍ପ ବୟସରେ ସ୍ୱାମୀ ପ୍ରଶାନ୍ତ ମଲ୍ଲିକଙ୍କୁ ସୁରେଖା ହରାଇଛନ୍ତି। ଦୁଇ ପୁଅ ଓ ବୃଦ୍ଧା ଶାଶୁଙ୍କ ବୋଝକୁ ନେଇ ସେ ପରିବାର ସମ୍ଭାଳୁଛନ୍ତି। ଗତ ୨ବର୍ଷ ପୂର୍ବରୁ ଅସହାୟ ସୁରେଖାଙ୍କୁ ବିନିକା ଏନ୍‌ଏସି ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରୀ)ରେ କାର୍ଯ୍ୟାଦେଶ ମିଳିଥିଲା। ସେହି ସମୟରେ ସ୍ୱାମୀ ପ୍ରଶାନ୍ତ ରୋଗାକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ। ତେବେ ହିତାଧିକାରୀ ସୁରେଖା କଷ୍ଟ ଭିତରେ ସଂଘର୍ଷ କରି ଘର କାମକୁ ଠିକ୍ ସମୟରେ ସମ୍ପୂର୍ଣ୍ଣ କରିଥିଲେ। ସେ ଦୈନନ୍ଦିନ ରୋଜଗାର ପାଇଁ ବିଭିନ୍ନ ବସ୍ତି ଓ ହାଟକୁ ଯାଇ ନିଜର କୌଳିକ ବୃତ୍ତି ଚୁଡି କାମ କରନ୍ତି। ତାଙ୍କ ପରି ଜଣେ ଅସହାୟ ଓ ସାଧାରଣ ମହିଳାଙ୍କୁ ନିଜେ ରାଷ୍ଟ୍ରପତି ସ୍ୱାଧୀନତା ଦିବସରେ ନୂଆଦିଲ୍ଲୀ ଆସିବାକୁ ନିମନ୍ତ୍ରଣ କରିଛନ୍ତି। ଗରିବ ଅସହାୟ ମହିଳା ସୁରେଖା ଏଥିପାଇଁ ଉଭୟ ରାଷ୍ଟ୍ରପତି ଓ ଦେଶ ପାଖରେ କୃତଜ୍ଞ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ସୁରେଖାଙ୍କୁ ଭୁବନେଶ୍ୱର ପଠାଯିବାର ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାର ତାଙ୍କୁ ଭୁବନେଶ୍ୱରରୁ ଦିଲ୍ଲୀ ଯିବାର ସମସ୍ତ ସୁବ୍ୟବସ୍ଥା କରିବେ ବୋଲି ଜଣାପଡିଛି।



ସୁରେଖାଙ୍କୁ ଡାକ ବିଭାଗର କର୍ମଚାରୀ ରାଷ୍ଟ୍ରପତିଙ୍କ ନିମନ୍ତ୍ରଣ ପତ୍ର ପ୍ରଦାନ କରୁଛନ୍ତି।

**ନିମନ୍ତ୍ରଣ ପାଇବା ପରେ ଖୁସି ପ୍ରକଟ କଲେ**

# ଦୁର୍ଗାପୂଜା ଲଟେରି ଉନ୍ମୋଚନ, ରାବଣ ବରଣ

ବିନିକା,୫।୮ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ମା' ଦୁର୍ଗା ମନ୍ଦିରରେ ମଙ୍ଗଳବାର ରାତି ୮ଟା୩୦ରେ ସନ୍ଧ୍ୟା ଅଳତି ଓ ମା'ଙ୍କର ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଇଆଇସି ସତ୍ୟନାରାୟଣ ପଧାନ, ଏକଜିକ୍ୟୁଟିଭି ଅଫିସର ମାନସ ରଞ୍ଜନ ଭୋଇ, ପୂର୍ବତନ ଏସବିଆଇ ଶାଖା ପରିଚାଳକ ଘନଶ୍ୟାମ ମେହେର, କମିଟି ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ଦ୍ୱାରା ଏହି ଅବସରରେ ଦୁର୍ଗାପୂଜା ଲଟେରି-୨୦୨୫ ଉନ୍ମୋଚନ ହୋଇଥିଲା। ପରେ ଦୁର୍ଗାପୂଜା ଉପଲକ୍ଷେ ହେବାକୁ ଥିବା ରାବଣ ଦରବାର ପାଇ ରାବଣ ଭୂମିକାରେ ଅଭିନୟ କରିବାକୁ ଥିବା ଗୋପାଳ ପଣ୍ଡାଙ୍କୁ କମିଟି ସଦସ୍ୟମାନେ ବରଣ କରିଥିଲେ।



କଳାକାର ଗୋପାଳ ପଣ୍ଡାଙ୍କୁ ରାବଣ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଉଛି।

# ମହିଳା, ଛାତ୍ରୀ ନିର୍ଯାତନା ବିରୋଧରେ ବିକ୍ଷୋଭ




ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେଡି ନେତା ଓ କର୍ମୀ।

ସୋନପୁର,୫।୮ (ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ଉପରେ ନିର୍ଯାତନା ବଢି ଚାଲିଛି। ଗାଁରୁ ସହର, ବେଳାଭୂମିରୁ କଲେଜ କ୍ୟାମ୍ପସ ସବୁଠି ଛାତ୍ରୀ ଓ ମହିଳା ଅସୁରକ୍ଷିତ ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି। ପ୍ରତିବାଦରେ ଦଳ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରତିବାଦ ଆରମ୍ଭ ହୋଇଛି। ଏହି କ୍ରମରେ ବିଜେଡି ଯୁବ-ଛାତ୍ର ପରିଷଦ ପକ୍ଷରୁ ମଙ୍ଗଳବାର ସୁବର୍ଣ୍ଣପୁରରେ ରାଲି ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ସହରର କଚେରି ଛକଠାରୁ କଲେଜ ଛାତ୍ରୀଛାତ୍ର ଓ ଯୁବ ନେତୃତ୍ୱ ଏକ ରାଲିରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ନେତୃବୃନ୍ଦ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପରେ ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକଙ୍କ ଜରିଆରେ ପୋଲିସ ଡିଜିପିଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରା ଯାଇଥିଲା। ଯୁବ ବିଜେଡି ଜିଲା ସଭାପତି ଅଶୋକ କୁମାର ନନ୍ଦ, ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ଶାଶ୍ୱତ କୁମାର ମିଶ୍ର, ନାରାୟଣ ଲୁହା, ଛାତ୍ର ନେତା ଅଭିଷେକ ଶର୍ମା, ଦେବାଶିଷ ପଟ୍ଟନାୟକ, ରୋସନ ଶର୍ମା ବେଲାର ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

See Career Appointment on every Wednesday & Saturday

HIGHWAY TRADING PVT. LTD.
REQUIRED
SENIOR ACCOUNTANT: Experienced in Tally with at least 5 years of experience.
JUNIOR ACCOUNTANT: Experienced in Tally with at least 1 year of experience.
WALK IN FOR INTERVIEW:
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविधावनम्
असेसमेंट में, हम पर भरोसा रखता है भारत
In assessment, India trusts us
वेबसाईट देखने हेतु स्कैन करें
Scan to visit Website

ସିଆର୍‌ପି ସିଏସ୍‌ଏ – XV
ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)
ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

ଗୁରୁତ୍ୱପୂର୍ଣ୍ଣ ତାରିଖ

| ଗତିବିଧି | ସମୟରେଖା |
| --- | --- |
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
ମୁମ୍ବାଇ
ତାରିଖ: ୦୧.୦୮.୨୦୨୫ — ନିର୍ଦ୍ଦେଶକ

# ୧୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ,୫।୮ (ଅଜିତ କୁମାର ବାରିକ)

ଗଞ୍ଜେଇ ଚାଲାଣ ଅଭିଯୋଗରେ ବୌଦ୍ଧ ଅବକାରୀ ବିଭାଗ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବୌଦ୍ଧ ଜିଲା ଘଣ୍ଟାପଡା ଥାନା ଅଧୀନ କୁରୁକୁପା ଗ୍ରାମର ରୂପେନ୍ଦ୍ର ବାଘ(୫୦) ଏବଂ ଘଣ୍ଟାପଡା ଗ୍ରାମର ବିରେନ୍ଦ୍ର ହରିପାଲ (୩୩)। ଉଭୟଙ୍କଠାରୁ ୧୦କେଜି ଗଞ୍ଜେଇ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସୂଚନା ମୁତାବକ, ବୌଦ୍ଧ ଅବକାରୀ ବିଭାଗର ମୋବାଇଲ ସ୍କ୍ୱାଡ୍ ଟିମ୍ ମଙ୍ଗଳବାର ସକାଳେ ବୌଦ୍ଧ ମହାନଦୀ ବ୍ରିଜ୍ ଛକରେ ପାଟ୍ରୋଲିଂ କରୁଥିବା ବେଳେ ଅଭିଯୁକ୍ତ ଦ୍ୱୟ ଏକ ଜରି ବସ୍ତା ଧରି ଯାଉଥିଲେ । ସନ୍ଦେହ ହେବାରୁ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ଜରି ବସ୍ତାରୁ ୧୦ କେଜି ଗଞ୍ଜେଇ ବାହାରିଥିଲା। ଚଢାଉରେ ଅବକାରୀ ଏସ୍‌ଆଇ ସତ୍ୟନାରାୟଣ ପ୍ରଧାନ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ।



ଗିରଫ ଅଭିଯୁକ୍ତ ଏବଂ ଜବତ ହୋଇଥିବା ଗଞ୍ଜେଇ।

# ପ୍ରେମ ପ୍ରତାରଣା, ଯବାନଙ୍କ ବିରୋଧରେ ମାମଲା

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ଜଣେ ଯୁବତୀ ତାଙ୍କ ଯବାନ ପ୍ରେମିକଙ୍କ ବିରୋଧରେ ପ୍ରେମ ପ୍ରତାରଣା ଅଭିଯୋଗ କରିଛନ୍ତି। ବରଗଡ଼ ଟାଉନ ଥାନା ପୋଲିସ ଏ ନେଇ ଗତ ଜୁନ ମାସରୁ ଏକ ମାମଲା(ନଂ-୨୬୯/୨୫) ରୁଜୁ କରିଥିଲା। କିନ୍ତୁ ପ୍ରେମ ପ୍ରତାରଣା କରିଥିବା ପ୍ରେମିକ ବିଜୟ କୁମାର ଚୌଧୁରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ସେ ଅଭିଯୋଗ କରିଛନ୍ତି। ୨୦୧୮ରୁ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ବିବାହର ପ୍ରତିଶ୍ରୁତି ଦେଇ ସମ୍ପୃକ୍ତ ଯବାନ ତାଙ୍କ ସହିତ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିବା ନେଇ ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ମଙ୍ଗଳବାର ଯୁବତୀ ଜଣକ ବରଗଡ଼ ଏସ୍‌ପି ପି.ଏସ୍ ମୀନାଙ୍କୁ ଫେରାଦ ହୋଇଥିଲେ।

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ କରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ଆର୍‌ଓ୍ୱାଇ୭୫୦-୧୬, ତାରିଖ: ୦୪।୦୮।୨୦୨୫ । କାର୍ଯ୍ୟର ନାମ: ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା । ଟେଣ୍ଡର ମୂଲ୍ୟ: ₹୩,୨୯,୯୭,୦୧୫.୭୨ । ଇଏମ୍‌ଡି/ବିଡ୍ ଅମାନତ: ₹୩,୧୫,୦୦୦। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୭।୦୮।୨୦୨୫ । ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି। (PR-484)

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work. Certified JAN 2025–JAN 2026 INDIA
ENGAGEMENT OF APPRENTICES UNDER THE APPRENTICES ACT, 1961
Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➢ TRADE APPRENTICES (ITI Passed out) : 440 ➢ TECHNICIAN APPRENTICES (Diploma Passed out) : 271 ➢ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments.* Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.
Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

# ରାଉରକେଲା ଗସ୍ତରେ ଏଡିଜି ସଞ୍ଜୀବ ପଣ୍ଡା

ରାଉରକେଲା,୫।୮ (ଦିନେଶ ମିଶ୍ର)

ସୀମାନ୍ତ ଆଖପାଖ ଅଞ୍ଚଳରେ ମାଓବାଦୀଙ୍କ ଉପଦ୍ରବ ବଢ଼ିଥିବାରୁ ଏଡିଜି ସଞ୍ଜୀବ ପଣ୍ଡା ଦୁଇଦିନିଆ ରାଉରକେଲା ଗସ୍ତ କରିଛନ୍ତି। ସେ ସୋମବାର ରାଉରକେଲାରେ ପହଞ୍ଚି ୩ ଦିନ ତଳେ ରାତି ୭ଟା ସମୟରେ ରାଉରକେଲା ରେଞ୍ଜ କରମପଦା ମଝିରେ ମାଓବାଦୀଙ୍କ ରେଳଟ୍ରାକ୍ ଉଡାଇଦେବା ଘଟଣାର ଅନୁଧ୍ୟାନ କରିଥିଲେ। ମଙ୍ଗଳବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ କ୍ଷତିଗ୍ରସ୍ତ ରେଲୱେ କର୍ମଚାରୀଙ୍କୁ ଏଡିଜି ପଣ୍ଡା ଭେଟିଥିଲେ। ପରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍‌ପି ନୀତେଶ ୱାଧୱାନିଙ୍କ ସହ ରାଉରକେଲାରେ ମାଓବାଦୀ ମୁକାବିଲା ସହ ସୀମାନ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା କରିଥିଲେ। ଏଡିଜି ଶ୍ରୀପଣ୍ଡା କହିଥିଲେ, ସୀମାନ୍ତ ଅଞ୍ଚଳରେ ୨୦୧୮ ପରଠାରୁ ମାଓବାଦୀଙ୍କ ଗତିବିଧି ବଢ଼ିଛି। ଆଗାମୀ ଦିନରେ ମାଓବାଦୀଙ୍କୁ କିଭଳି ଦମନ କରିହେବ ସେ ନେଇ ପୋଲିସ ପକ୍ଷରୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ସରିଛି। ପୋଲିସ ପକ୍ଷରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯିବ ବୋଲି ସେ ସୂଚନା ଦେଇଥିଲେ। ଏଡିଜିଙ୍କ ସହ ଆଇଜି (ଅପରେଶନ) ଦୀପକ କୁମାର ଉପସ୍ଥିତ ଥିଲେ।




କୁଲୁଙ୍ଗାର ଏକ କାରଖାନା ସମ୍ମୁଖରେ ମହିଳା ଶ୍ରମିକ ବିରୋଧ ପ୍ରଦର୍ଶନ କରୁଛନ୍ତି।

# ମହିଳା ଶ୍ରମିକଙ୍କ ରାତ୍ରକାଳୀନ ଡ୍ୟୁଟିକୁ ବିରୋଧ

ରାଉରକେଲା,୫।୮ (ଦିନେଶ ମିଶ୍ର)

ଓଡ଼ିଶା ସରକାରଙ୍କ ଶ୍ରମ ଓ ଇଏସ୍‌ଆଇ ବିଭାଗ ସୋମବାର ଏକ ଗେଜେଟ ନୋଟିଫିକେଶନ ଜାରି କରି ମହିଳା ଶ୍ରମିକମାନଙ୍କୁ ରାତ୍ରିକାଳୀନ ଡ୍ୟୁଟି କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନୋଟିଫିକେଶନକୁ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜ୍ଦୁର ୟୁନିଅନ(ସିଟୁ) ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସିଟୁ ସମ୍ପାଦକ ଅଜିତ ଏକ୍କା, ସମ୍ମିତ ସ୍ୱାଇଁ, କ୍ଷୀରୋଦ ବେହେରା, ଅଜିତ ଚାଣ୍ଡିଲଙ୍କ ନେତୃତ୍ୱରେ କୁଲୁଙ୍ଗା, ଆଇଡିସି, କୁଆଁରମୁଣ୍ଡା, ବେଦବ୍ୟାସ ଅଞ୍ଚଳରେ ଥିବା କଳକାରଖାନାରେ କାମ କରୁଥିବା ମହିଳା ଶ୍ରମିକ କାରଖାନା ସମ୍ମୁଖରେ କଳା ବ୍ୟାଜ୍ ପରିଧାନ କରି ରାଜ୍ୟ ସରକାରଙ୍କ ଏହି ଗେଜେଟ୍ ନୋଟିଫିକେଶନ୍‌କୁ ବିରୋଧ କରିଥିଲେ। ସଙ୍ଗଠନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀଙ୍କ କହିବା ଅନୁଯାୟୀ, ଫ୍ୟାକ୍ଟ୍ରି ଆକ୍ଟ ଅନୁଯାୟୀ ଜଣେ ମହିଳା ଶ୍ରମିକ କେବଳ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ କାମ କରିପାରିବେ। ତେଣୁ ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ଫ୍ୟାକ୍ଟ୍ରି ଆକ୍ଟ ଓ ଶ୍ରମିକ ବିରୋଧୀ। ରାଜ୍ୟର ଭାଜପା ସରକାରରେ ମହିଳାମାନଙ୍କ ପ୍ରତି ଆକ୍ରମଣ ଓ ଶୋଷଣ ସହ ଅତ୍ୟାଚାର ବଢ଼ିବାରେ ଲାଗିଛି। ମହିଳାମାନେ ଦିନରେ ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ରାତିରେ ଡ୍ୟୁଟି କରିବା କେତେ ସୁରକ୍ଷିତ ବୋଲି ସେ ପ୍ରଶ୍ନ କରିଥିଲେ। ଆସନ୍ତା ୧୧ ତାରିଖରେ ଉଦିତନଗର ସ୍ଥିତ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ସମସ୍ତ ଶ୍ରମିକଙ୍କୁ ନେଇ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଆର୍‌ଏମ୍‌ସି ଏମ୍ପ୍ଲଇଜ୍ ୟୁନିୟନର ନୂତନ କର୍ମକର୍ତ୍ତା

ରାଉରକେଲା,୫।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମ୍ୟୁନିସିପାଲ କର୍ପୋରେଶନ ଏମ୍ପ୍ଲଇଜ୍ ୟୁନିୟନର ନୂତନ କର୍ମକର୍ତ୍ତା ଚୟନ ସମ୍ପନ୍ନ ହୋଇଛି। ସୋମବାର ସନ୍ଧ୍ୟାରେ ଉଦିତନଗର ସ୍ଥିତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଏ ନେଇ ଏକ ବୈଠକରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସତ୍ୟାନନ୍ଦ ମହାନ୍ତି ସଭାପତି ଏବଂ ଓଡ଼ିଶା ମ୍ୟୁନିସିପାଲ କର୍ମଚାରୀ ମହାସଂଘ ସାଧାରଣ ସମ୍ପାଦକ ପ୍ରମୋଦ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି ଭାବେ ମନୋନିତ ହୋଇଥିଲେ। ସେହିପରି ଉପସଭାପତି ଭାବେ ରଞ୍ଜିତ ନାୟକ ଏବଂ ପ୍ରକାଶ ପାଶ୍ୱାନ, ସାଧାରଣ ସମ୍ପାଦକ ଅଞ୍ଜନ କୁମାର ଦାସ, କାର୍ଯ୍ୟକାରୀ ସାଧାରଣ ସମ୍ପାଦକ ରସାନନ୍ଦ ନାୟକ, କୋଷାଧ୍ୟକ୍ଷ ଭାବେ ରାଜେଶ ସାହୁ ମନୋନିତ ହୋଇଥିଲେ। ସମ୍ପାଦକ ଭାବେ ଇଶ୍ରାର ଆଲମ୍ ଖାନ୍, ସଙ୍ଗଠନ ସମ୍ପାଦକ ଧରଣୀଧର ବେହେରା, ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାର ଦାସ, ପ୍ରଦୀପ ପାଣିଗ୍ରାହୀ ମନୋନିତ ହୋଇଥିବାବେଳେ ଅଡିଟର୍ ଭାବେ ଶୈଳବାଳା ଦାସଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ମ୍ୟୁନିସିପାଲଟି କର୍ମଚାରୀ ସଂଘର ପୂର୍ବତନ ସଭାପତି କାଳନ୍ଦୀ ବଡ଼ଜେନା ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ସମସ୍ତ ନୂତନ କର୍ମକର୍ତ୍ତାଙ୍କୁ ୟୁନିୟନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।




ବୈଠକରେ ଉପସ୍ଥିତ ନୂତନ କର୍ମକର୍ତ୍ତା।

# ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ବୈଠକ




ବୈଠକରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

ରାଉରକେଲା,୫।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ପାନପୋଷଠାରେ ସୁନ୍ଦରଗଡ଼ ଜିଲା ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ରିତ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ୧୭ଟି ବ୍ଲକ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଭାପତି ସଞ୍ଜୟ ଗରତିଆ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ନୂତନ କର୍ମକର୍ତ୍ତା ଚୟନ ନେଇ ପ୍ରସ୍ତାବ ଆଗତ କରିଥିଲେ। ପରେ ସବ୍ ଡିଭିଜନ ଅନୁସାରେ ପରିଷଦ ସଭାପତି ଏବଂ ସମ୍ପାଦକ ଚୟନ ହୋଇଥିଲା। ବଣେଇ ଉପଖଣ୍ଡ ନିଖିଳ ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘ ସଭାପତି ଭାବେ ସୌମେନ୍ଦୁ କୁମାର କବି ଓ ସମ୍ପାଦକ ଭାବେ ବିଷ୍ଣୁ ପ୍ରସାଦ ନାୟକ ଚୟନ ହୋଇଥିଲେ। ସେହିପରି ପାନପୋଷ ସଭାପତି ପଦ୍ମଲୋଚନ ସିଂହ ଓ ସମ୍ପାଦକ ସୌମ୍ୟରଞ୍ଜନ ନାୟକ, ଜେବି ଖାଖା ସୁନ୍ଦରଗଡ ସଦର ସଭାପତି ଦିବ୍ୟଜ୍ୟୋତି ଦାସ ଓ ସମ୍ପାଦକ ଭାବେ ସ୍ୱାଗତ ପଟେଲ ମନୋନୀତ ହୋଇଥିଲେ। ଏଥିସହ ନବ ଗଠିତ ପରିଷଦର ପରାମର୍ଶ କମିଟି ସଦସ୍ୟ ଭାବେ ଲକ୍ଷ୍ମୀ କର, ସୁମିତ କୁମାର ଦାଶ, ସ୍ୱାଗତିକା ପଟେଲ ଓ ନିତୁ ପାତ୍ରଙ୍କୁ ନେଇ ୧୫ଜଣିଆ କମିଟି ଗଠନ ହୋଇଥିଲା। ପରିଷଦର ମୁଖପାତ୍ର ଭାବେ ଅରବିନ୍ଦ ପାଣ୍ଡେ ମନୋନୀତ ହୋଇଥିଲେ। ଜିଲା ଉତ୍କଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ଉପ ସଭାପତି ଅମୂଲ୍ୟ ସିଂ, ସାଧାରଣ ସମ୍ପାଦକ ରିତ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଆଲୋକ ନାଏକ ଓ କୋଷାଧ୍ୟକ୍ଷ ଏସ୍. ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୟ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସଡ଼କ ସୁରକ୍ଷା ପାଇଁ ମାନବ ଶୃଙ୍ଖଳ

ରାଉରକେଲା,୫।୮ (ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ସିଓ ଆଣ୍ଡ୍ ସିସିଡି ବିଭାଗ ପକ୍ଷରୁ ମଙ୍ଗଳବାର ସଡକ ସୁରକ୍ଷା ସଚେତନତା ଅଭିଯାନ ଆୟୋଜିତ ହୋଇଥିଲା। ଏଥିରେ ବିଭାଗୀୟ ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକଙ୍କ ସମେତ ପ୍ରାୟ ୬ଶହ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ଏସ୍‌ପି-୧ ଛକରୁ ସିଓ ଆଣ୍ଡ୍ ସିସିଡି ଛକ ସମେତ କୋକ ଓଭେନ ବ୍ୟାଟେରି-୩ର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଏକ ସୁଦୀର୍ଘ ମାନବ ଶୃଙ୍ଖଳ କରିଥିଲେ। ସିଓ ଏଣ୍ଡ ସିସିଡି ବିଭାଗର ସିଜିଏମ୍ ରାକେଶ ଯୋଶୀ ଅଭିଯାନର ନେତୃତ୍ୱ ନେଇଥିବା ବେଳେ ଅପରେଶନ ବିଭାଗର ଜିଏମ୍ ଓ ଏଚ୍‌ଓଏସ୍ କେ. ଶ୍ରୀନିବାସୁଲୁ, ଇଲେକ୍ଟ୍ରିକାଲ ବିଭାଗର ଜିଏମ୍ ଓ ଏଚ୍‌ଓଏସ୍ ସଜଳ ଚନ୍ଦା, ସିସିଡି ବିଭାଗର ଜିଏମ୍ ଜିତେନ ମହାନ୍ତି, ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସମେତରେ ସମ୍ପୃକ୍ତ ବିଭାଗର ବହୁ ଅଧିକାରୀ ଉପସ୍ଥିତ ରହିଥିଲେ। ଏହି ଅଭିଯାନରେ ସୁରକ୍ଷିତ ଗାଡି ଚାଳନା, ନିର୍ଦ୍ଧାରିତ ଗତି ସୀମା, ରେଡ୍ ଲାଇଟ ଉଲ୍ଲଂଘନ ନ କରିବା ଏବଂ ଓଭରଟେକିଂ ଏଡାଇ ଗାଡି ଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସଡ଼କ ସୁରକ୍ଷା ଉପରେ ଆଧାରିତ ବାର୍ତ୍ତା, ସ୍ଲୋଗାନ, ପ୍ଲାକାର୍ଡ ଓ ବ୍ୟାନର ପ୍ରଦର୍ଶନ ସହ ପାମ୍ପଲେଟ ବଣ୍ଟନ କରାଯାଇଥିଲା। ସୁରକ୍ଷା ଅଭ୍ୟାସକୁ ସୁଦୃଢ କରିବା ଏବଂ କାରଖାନା ପରିସରରେ ଏକ ଦୃଢ ସୁରକ୍ଷା ସଂସ୍କୃତି ବଜାୟ ରଖିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା, ଗାଡି ଚଳାଇବା ସମୟରେ ସତର୍କ ରହିବା ଏବଂ ପ୍ଲାଣ୍ଟ ମଧ୍ୟରେ ବ୍ୟାପକ ସଡ଼କ ସୁରକ୍ଷା ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ରହିଥିଲା। ଏହି ପଦକ୍ଷେପ ମାଧ୍ୟମରେ ସଡ଼କ ସୁରକ୍ଷାର ଦାୟିତ୍ୱବୋଧତା ଓ ସୁରକ୍ଷା ସଂସ୍କୃତି ସହିତ ଏହାର ନିର୍ଦ୍ଦେଶାବଳୀ ପାଳନ କରିବା ଉପରେ ଜୋର୍ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ କୋକ୍ ଓଭେନ ବିଭାଗର ଡିଜିଏମ୍ ତଥା ଡିଏସ୍‌ଓ ଡି. ସାହୁ ଓ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ସହଭାଗିତାରେ ହୋଇଥିଲା।



ସଡ଼କ ସୁରକ୍ଷା ଅଭିଯାନରେ ସାମିଲ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ।

# ଭତ୍ତା ମିଳୁନି, ଆର୍‌ଏମ୍‌ସିରେ ଫେରାଦ



ଆର୍‌ଏମ୍‌ସି ଅଫିସ ସମ୍ମୁଖରେ ଭତ୍ତା ପାଇ ନ ଥିବା ମହିଳା।

ରାଉରକେଲା,୫।୮ (ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ ଅଧୀନ ବିଭିନ୍ନ ଅଞ୍ଚଳର କିଛି ହିତାଧିକାରୀଙ୍କୁ ମାସ ମାସ ଧରି ଭତ୍ତା ମିଳୁନାହିଁ। ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଗୁରୁତ୍ୱ ଦେଉନାହାନ୍ତି। ଏଭଳଟି ଅଭିଯୋଗ କରିଛନ୍ତି ରାଉରକେଲା ମହାନଗର ନିଗମ ଅଞ୍ଚଳର ସୁନାମଣି ସୁନାସି(୬୧) ନାମକ ମହିଳା। ତାଙ୍କ ଅଭିଯୋଗ ଅନୁସାରେ, ତାଙ୍କ ଦିବ୍ୟାଙ୍ଗ ପୁଅକୁ ୭ମାସର ଏବଂ ତାଙ୍କୁ ଗୋଟିଏ ମାସର ଭତ୍ତା ମିଳିନାହିଁ। ଏ ନେଇ ଆର୍‌ଏମ୍‌ସିରେ ଅଭିଯୋଗ କରିବାକୁ ଗଲେ ତାଙ୍କୁ ବିଭିନ୍ନ ଅଫିସକୁ ପଠାଇ ଦିଆଯାଉଛି। ଏପରିକି ଆସନ୍ତା ମାସରେ ଭତ୍ତା ପାଇଯିବ କହି ଫେରାଇ ଦିଆଯାଉଥିବା ଅଭିଯୋଗ କରିଛନ୍ତି ସୁନାମଣି।

ପ୍ରକାଶ ଥାଉକି, ରାଉରକେଲା ସହରରେ ମୋଟ ୨୩ହଜାର ୭୫୩ ଜଣ ଦିବ୍ୟାଙ୍ଗ, ବିଧବା, ବୃଦ୍ଧାବୃଦ୍ଧ, ଅବିବାହିତା, ସ୍ୱାମୀ ପରିତ୍ୟକ୍ତା ଏବଂ ତୃତୀୟ ଲିଙ୍ଗୀ ମଧୁବାବୁ ଭତ୍ତା ହିତାଧିକାରୀ ରହିଛନ୍ତି। ପ୍ରତି ମାସର ୧୫ରୁ ୨୨ତାରିଖ ଯାଏ ଏମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥାଏ। ଆଗରୁ ସହରର ଆଇସିଡିଏସ ଓରାମପଡା, ଉଦିତନଗର ବାଳିକା ଉଚ୍ଚ ବିଦ୍ୟାଳୟ, ପାନପୋଷ ରଘୁନାଥପାଲ୍ଲୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଝାଡତରଙ୍ଗ ଗ୍ରାମପଞ୍ଚାୟତ ଅଫିସ, ବେଦବ୍ୟାସ ଗୁରୁକୁଳ ଆଶ୍ରମ, ସେକ୍ଟର-୬ ପୁରୁଣା ବାଳିକା ହାଇସ୍କୁଲ, ସେକ୍ଟର-୫ ମ୍ୟୁନିସିପାଲିଟି ଅଫିସ, କୋଏଲ ନଗର କଲ୍ୟାଣ ମଣ୍ଡପ, ଛେଣ୍ଡ ରାମକୃଷ୍ଣ ମେମୋରିଆଲ ସ୍କୁଲ, ତିଳକା ନଗର ଆଚାର୍ଯ୍ୟ ହରିହର ସ୍କୁଲ ଓ ବନ୍ଧମୁଣ୍ଡା କଲୋନି ପ୍ରମୁଖାଦି ଆଦି ୧୮ଟି କେନ୍ଦ୍ରରେ ଭତ୍ତ ପ୍ରଦାନ କରାଯାଉଥିଲା। ମାତ୍ର ଏବେ କେବଳ ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଭତ୍ତା ଦିଆଯାଉଛି। ଫଳରେ ବହୁ ହିତାଧିକାରୀ ଭତ୍ତା ପାଇଁ ଆର୍‌ଏମ୍‌ସି ଅଫିସ ଯାଇପାରୁନାହାନ୍ତି। ଏ ସମ୍ପର୍କରେ ରାଉରକେଲା ମହାନଗର ନିଗମ ସାମାଜିକ ସୁରକ୍ଷା ଅଧିକାରୀ ମାକ୍ସୱେଲ ଟପ୍ପୋଙ୍କୁ ପଚାରିବାରୁ ଏହା ଉପରେ ମହାନଗର ନିଗମ ଆୟୁକ୍ତଙ୍କ ସହ ବିଚାର ବିମର୍ଶ କରି ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# ଜୁଆ ଚଢ଼ାଉ, ୭ ଗିରଫ

## ଟଙ୍କା, ମୋବାଇଲ ଫୋନ ଓ ତାସ୍ ପତା ଜବତ

ରାଉରକେଲା,୫।୮ (ଦିନେଶ ମିଶ୍ର)

ରଘୁନାଥପାଲି ଥାନା ଅନ୍ତର୍ଗତ ଜେପି ହୋଟେଲ ପରିସରରେ ଜୁଆଖେଳ ଚାଲିଥିବାବେଳେ ପୋଲିସ ମଙ୍ଗଳବାର ଚଢାଉ କରି ୭ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁ ଅଞ୍ଚଳର ବଳଦେବ ସିଂ(୫୯), ଡେଲିମାର୍କେଟ ଅଞ୍ଚଳର ଧଓଲ ଢ଼ୋଲକି(୪୩), ମନୋଜ କୁମାର ମଲ୍ଲିକ(୫୮), ଆଦେଶ କୁମାର ସାହୁ(୪୬), ଗୋବିନ୍ଦ ଭୂମିଜ(୫୭), ଶୁଭ୍ରାରଞ୍ଜନ ମହାନ୍ତି(୩୦) ଏବଂ ଶିବା ବିଶୋଇ(୪୦)। ସେମାନଙ୍କଠାରୁ ୭ ହଜାର ୧୩୦ ଟଙ୍କା ଓ ୭ଟି ସ୍ମାର୍ଟ ଫୋନ, ତାସ୍ ପତ୍ତା ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୪୨୬/୨୫) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଏସ୍‌ଟିଆଇ ମୁଖ୍ୟ ମାର୍ଗରେ ଥିବା ଜେପି ହୋଟେଲ ରୁମ୍ ନମ୍ବର-୨୧୦ରେ କିଛି ଲୋକ ଜୁଆ ଖେଳୁଥିବା ନେଇ କୌଣସି ବିଶେଷ ସୂତ୍ରରୁ ପୋଲିସକୁ ସୂଚନା ମିଳିଥିଲା। ପୋଲିସ ହଠାତ ଚଢ଼ାଉ କରି ଜୁଆ ଖେଳୁଥିବା ୭ ଜଣଙ୍କୁ ଗିରଫ କରିଥିଲା।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(କ୍ରି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ଡିଭିଜନ ନିମ୍ନଦର୍ଶିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି। ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି। ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ। **ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ଆର୍‌ଓ୍ୱାଇ୭୫୦-୧୬, ତାରିଖ: ୦୪।୦୮।୨୦୨୫।** **କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା। **ଟେଣ୍ଡର ମୂଲ୍ୟ:** ₹୩,୨୯,୯୭,୦୧୫.୭୨। **ଇଏମ୍‌ଡି/ବିଡ୍ ଅମାନତ:** ₹୩,୧୫,୦୦୦। **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ୨୭।୦୮।୨୦୨୫। ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି। (PR-484)

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

HIGHWAY TRADING PVT. LTD.
REQUIRED
SENIOR ACCOUNTANT: Experienced in Tally with at least 5 years of experience.
JUNIOR ACCOUNTANT: Experienced in Tally with at least 1 year of experience.
WALK IN FOR INTERVIEW:
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
IBPS प्रज्ञाविधावनम्
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to visit Website

**ସିଆର୍‌ପି ସିଏସ୍‌ଏ – XV**

**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)**

ଅଧିକୃତ ୱେବ୍‌ସାଇଟ୍: www.ibps.in
ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ
ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।**
ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି। ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ।
**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** **ନିର୍ଦ୍ଦେଶକ**

**STEEL AUTHORITY OF INDIA LIMITED**
**Rourkela Steel Plant**
**Rourkela - 769 011, Odisha, India**
Great Place To Work Certified JAN 2025-JAN 2026 INDIA
**ENGAGEMENT OF APPRENTICES UNDER THE APPRENTICES ACT, 1961**

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➢ TRADE APPRENTICES (ITI Passed out) : 440 ➢ TECHNICIAN APPRENTICES (Diploma Passed out) : 271 ➢ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments.* Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

# ବିଖ୍ୟାତ ପଲ୍ଲୀରୁ ଅଖ୍ୟାତରେ ରହିଗଲା ସୁଖାସୋଡ଼ା

ଲଖନପୁର,୫।୮ (ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ସୀମାନ୍ତ ଜିରୋ ପଏଣ୍ଟରେ ଅବସ୍ଥିତ କଣ୍ଡେଇକେଲା ପଞ୍ଚାୟତ ଅଧୀନ ସୁଖାସୋଡ଼ା ଗ୍ରାମ ଦିନେ ବିଖ୍ୟାତ ହୋଇଥିଲା। ହେଲେ ଆଜି ପୁଣି ଅଖ୍ୟାତରେ ରହିଗଲା। ୨୦୧୮ରେ ସୁଖାସୋଡ଼ା ଏକ ଅଖ୍ୟାତ ପଲ୍ଲୀରୁ ବିଖ୍ୟାତ ହୋଇଥିଲା। ଏହି ଗାଁ ଓଡ଼ିଶା ସହିତ ଛତିଶଗଡ଼ ରାଜ୍ୟ ରାଜନୀତିର କେନ୍ଦ୍ରବିନ୍ଦୁ ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ମହାନଦୀ ପ୍ରବେଶ ଦ୍ୱାର ଭାବରେ ଏହି ଅଖ୍ୟାତ ପଲ୍ଲୀ ସୁଖାସୋଡ଼ାଠାରେ ଆରମ୍ଭ ହୋଇଥିଲା ମହାନଦୀ ପାଇଁ ମହାସଂଗ୍ରାମ। ମହାନଦୀ ଉପର ମୁଣ୍ଡରେ ପଡୋଶୀ ରାଜ୍ୟ ଛତିଶଗଡ଼ର ଅନେକ ବ୍ୟାରେଜ ନିର୍ମାଣକୁ ଓଡ଼ିଶା ବିରୋଧ କରିଥିଲା। ଏହି ବ୍ୟାରେଜ ଦ୍ୱାରା ଓଡ଼ିଶାରେ ମହାନଦୀରେ ଜଳଧାର କମି ଯାଇଥିଲା। ମହାନଦୀରେ ଜଳ ପାଇଁ ମହାସଂଗ୍ରାମ ମଧ୍ୟରେ ଏହି ଅଖ୍ୟାତ ପଲ୍ଲୀ ସୁଖାସୋଡ଼ାଠାରେ ପୂର୍ବତନ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ ଉପସ୍ଥିତ ହୋଇ ପଡ଼ୋଶୀ ରାଜ୍ୟ ବିରୋଧରେ ବିଷୋଦଗାର କରିଥିଲେ। ମହାନଦୀର ନିରବଚ୍ଛିନ୍ନ ଜଳଧାରା ପାଇଁ ମହାସଂଗ୍ରାମ ଆହ୍ୱାନ ଦେଇଥିଲେ। ସୀମାନ୍ତ ଜିରୋ ପଏଣ୍ଟ ସୀମାରେ ରାଜ୍ୟର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିଥିଲେ। ସମ୍ପୂର୍ଣ୍ଣ ଭାବେ ଏହି ଛୋଟିଆ ଗ୍ରାମ ଅଖ୍ୟାତରୁ ଖ୍ୟାତ ଲାଭ କରିଥିଲା। ଏହି ପରିଚୟକୁ ନେଇ ଗ୍ରାମବାସୀ ଉତ୍ଫୁଲ୍ଲିତ ହେବା ସହ ସମ୍ପୂର୍ଣ୍ଣ ଗ୍ରାମକୁ ଝୋଟି, କଳସରେ ସଜେଇ ଦେଇ ଭାବିଥିଲେ ଆମ ଗାଁରେ ବିଗତ ସ୍ୱାଧୀନତାର ଦଶନ୍ଧି ଦଶନ୍ଧି ଧରି ଉନ୍ନତିର ରାସ୍ତା ବାଟବଣା ହୋଇଥିବାବେଳେ ଆଉ ଦୁଃଖ ରହିବ ନାହିଁ। ସେ ସମୟରେ ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ରାସ୍ତା, ବିଶୁଦ୍ଧ ପାନୀୟଜଳ ଯୋଗାଣ ଭଳି ଅନେକ ଯୋଜନା ସମ୍ପର୍କରେ ଏହି ଅଖ୍ୟାତ ପଲ୍ଲିରେ ଉପସ୍ଥିତ ବଡ଼ ବଡ଼ିଆ ମନ୍ତ୍ରୀ, ନେତାମାନେ ଦିବାସ୍ୱପ୍ନ ଦେଖାଇ ଚାଲିଗଲେ। ଏହି ଗ୍ରାମରୁ ଆରମ୍ଭ ହୋଇଥିବା ମହାନଦୀ ମହାସଂଗ୍ରାମ ଜାତୀୟସ୍ତରରେ ବେଶ୍ ଚର୍ଚ୍ଚା ମଧ୍ୟ ହେଲା। ହେଲେ ଏହି ଛୋଟିଆ ଗ୍ରାମ ପୁଣି ଖ୍ୟାତ ପଲ୍ଲୀରୁ ଅଖ୍ୟାତ ପଲ୍ଲୀ ଭାବରେ ରହିଗଲା। ଗ୍ରାମବାସୀଙ୍କ ବିଶେଷ କିଛି ଦାବି ନ ଥିଲା କେବଳ ଅଞ୍ଚଳର ମୁଖ୍ୟ ରାସ୍ତା ସହିତ ମାତ୍ର ୩ କିଲୋମିଟର ପିଚୁ ରାସ୍ତାଟିଏ। ଗ୍ରାମରେ ଏକ ଅତ୍ୟାଧୁନିକ କଲ୍ୟାଣ ମଣ୍ଡପ, ଗାଁ ବିଦ୍ୟାଳୟର ପାରିପାର୍ଶ୍ୱିକ ବିକାଶ, ନୀତିଦିନିଆ ବିଦ୍ୟୁତ୍ କାଟ୍‌ର ସ୍ଥାୟୀ ସମାଧାନ। ଆଜିପର୍ଯ୍ୟନ୍ତ ଗାଁ ଯେଉଁ ସମସ୍ୟାରେ ଜର୍ଜରିତ ଥିଲା ଆଜି ମଧ୍ୟ ରହିଛି। ଗ୍ରାମର ଛାତ୍ରୀଛାତ୍ର ବିପଦଶଙ୍କୁଳ ଅବସ୍ଥାରେ ଗୋଡିପଥର ଖାଲଖମାର ରାସ୍ତାରେ ନିତିଦିନିଆ ଯିବାଆସିବା କରିବା ସହିତ ବିଭିନ୍ନ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗ୍ରାମବାସୀଙ୍କ ମତରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ ଭେଟ ହେବାର ସୁଯୋଗ ମିଳିଥିଲା। ସମସ୍ୟା ମଧ୍ୟ ପ୍ରତ୍ୟକ୍ଷ ଭାବେ ଜଣାଇଥିଲୁ। ହେଲେ ଯେଉଁ ଅବସ୍ଥାକୁ ସେହି ଅବସ୍ଥା। ଉନ୍ନତିର ଆଶା ଛାଡି ଦେଇଛୁ। କେବଳ ରାଜନୈତିକ ଉଦ୍ଦେଶ୍ୟରେ ସୁଖାସୋଡ଼ା ଗ୍ରାମର ନାଁ ବ୍ୟବହାର ହେଲା ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି।


ସୁଖାସୋଡ଼ା ଗ୍ରାମର ବିପଦ ସଙ୍କୁଳ ରାସ୍ତା।

# ବେଆଇନ ଚାନ୍ଦା ମାଗିବା, ଟ୍ରାନ୍ସପୋର୍ଟ ସୁପରଭାଇଜରଙ୍କୁ ଗାଳିଗୁଲଜ

ଦେବଗଡ଼,୫।୮ (ଶଶାଙ୍କ ଶେଖର ଝାଙ୍କର)

ଟ୍ରାନ୍ସପୋର୍ଟ କମ୍ପାନୀର ସୁପରଭାଇଜରଙ୍କୁ ଦେବଗଡ଼ ଆଞ୍ଚଳିକ ପରିବହନ ବିଭାଗର ଏମ୍‌ଭିଆଇ ଶ୍ରୀବତ୍ସ ଦଳାଇ ବେଆଇନ ଚାନ୍ଦା ମାଗିଥିଲେ। ସେ ନ ଦେବାରୁ ତାଙ୍କ ଜାତି ସମ୍ପର୍କରେ ପଚାରି ଗାଳିଗୁଲଜ କରିବା ଏବଂ ଜରିମାନା କରିଥିବା ନେଇ କଟକସ୍ଥିତ ରାଜ୍ୟ ଟ୍ରାନ୍ସପୋର୍ଟ କମିଶନରଙ୍କ ନିକଟରେ ଅଭିଯୋଗ ହୋଇଛି। ବାଲାଜୀ ରୋଡ୍ କ୍ୟାରିୟର ପ୍ରାଇଭେଟ୍ ଲିମିଟେଡ୍‌ର ପରାମର୍ଶଦାତା ହିତେଶ କୁମାର ସାହୁ ମଙ୍ଗଳବାର ଏନେଇ କଟକସ୍ଥିତ ରାଜ୍ୟ ଟ୍ରାନ୍ସପୋର୍ଟ କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ କରିବା ସହ ସମ୍ପୃକ୍ତ ଏମ୍‌ଭିଆଇଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଲଗାଯାଇଥିବା ବେଆଇନ ଜରିମାନା ହଟାଇବାକୁ ନିବେଦନ କରିଛନ୍ତି।

ହିତେଶଙ୍କ ଅଭିଯୋଗ ଅନୁଯାୟୀ, ଗତ ୨୯ ତାରିଖ ରାତି ପ୍ରାୟ ୧୧ଟା ୪୪ ମିନିଟ୍‌ରେ ବାଲାଜୀ ରୋଡ୍ କ୍ୟାରିୟର ପ୍ରାଇଭେଟ୍ ଲିମିଟେଡ୍‌ର ଫୁଲର (ନଂ.ଏନ୍‌ଏଲ୍‌୦୧ଏଏଫ୍-୫୩୨୭) ନାଗପୁରରୁ ହଳଦିଆ ଅଭିମୁଖେ ଯାଉଥିବାବେଳେ ଏମ୍‌ଭିଆଇ ଦଳାଇ ତାଙ୍କର ସୁପରଭାଇଜର ନନ୍ଦକିଶୋର ମୁନାଙ୍କୁ ୧୦ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ମାତ୍ର ନନ୍ଦକିଶୋର ନ ଦେବାରୁ ଦଳାଇ ତାଙ୍କ ନାମ ପଚାରିଥିଲେ। ପରେ ତାଙ୍କୁ ଜାତିଆଣ ଆକ୍ଷେପ କରିବା ସହ ଗାଳିଗୁଲଜ କରିଥିଲେ। ଏଥିସହ ଡ୍ରାଇଭରଙ୍କ ଡ୍ରାଇଭିଂ ଲାଇସେନ୍ସ ମାଗିଥିଲେ। ଡ୍ରାଇଭର ଏହା ଦେବା ପରେ ସେଥିରୁ ନାମ ଦେଖି ଜରିମାନା କରିଥିଲେ। ଏହାପରେ ଦଳାଇ ଫାଇଲ ମାଗିଥିଲେ। ଉକ୍ତ ଫାଇଲରେ ଗାଡିର ଅସଲି କାଗଜ, ବିଲ୍ ଓ ୪୦, ୪୦୦ ଟଙ୍କା ରହିଥିଲା। ବିଲ୍ ନ ଥିବା କାରଣରୁ ଗତ ୩୦ ତାରିଖରୁ ଏପର୍ଯ୍ୟନ୍ତ କମ୍ପାନୀ ଭିତରକୁ ଗାଡି ଯାଇପାରିନାହିଁ। ଏହାଦ୍ୱାରା କମ୍ପାନୀକୁ ଦିନକୁ ୪୦ ହଜାର ଟଙ୍କା କ୍ଷତି ସହିବାକୁ ପଡୁଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ ଏମ୍‌ଭିଆଇ ଦଳାଇ କହିଛନ୍ତି, ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ଭିତ୍ତିହୀନ ଓ ଉଦ୍ଦେଶ୍ୟମୂଳକ। ଗାଡ଼ିଟି ବେଆଇନ ଭାବେ ଯାଉଥିଲା। ଏଣୁ ଜରିମାନା କରାଗଲା। ଜରିମାନା କରାଗଲେ ଏଭଳି ଅଭିଯୋଗ ହୁଏ ବୋଲି ସେ ପ୍ରକାଶ କରିଛନ୍ତି।

**ଏମ୍‌ଭିଆଇଙ୍କ ବିରୋଧରେ କମିଶନରଙ୍କୁ ଫେରାଦ**

# ଜିଲାସ୍ତରୀୟ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା

ଦେବଗଡ଼,୫।୮ (ଶଶାଙ୍କ ଶେଖର ଝାଙ୍କର)

ସ୍ୱାଧୀନତା ଦିବସ ଉପଲକ୍ଷେ ଜିଲାର ଅଗ୍ରଣୀ ତଥା ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲାସ୍ତରୀୟ ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇଥିଲେ। ବିଭିନ୍ନ ବର୍ଗ ଯଥା ନର୍ସରୀରୁ କେଜି (ସବ୍ ଜୁନିୟର) ପ୍ରଥମରୁ ତୃତୀୟ ଶ୍ରେଣୀ (ଜୁନିଅର) ଏବଂ ଚତୁର୍ଥରୁ ପଞ୍ଚମ ଶ୍ରେଣୀ (ସିନିୟର) ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା ହେଇଥିଲା। ସବ୍-ଜୁନିୟର ବର୍ଗରେ ଡାନିଏଲ୍ ପବ୍ଲିକ୍ ସ୍କୁଲର ଦିବ୍ୟମ୍ କୁମାର ସେଠୀ ପ୍ରଥମ, ବାଲ୍‌ଭାରତୀ ଇଂଲିଶ ମିଡିୟମ ସ୍କୁଲର ଶ୍ରେୟାନଶ ଖଡିଆ ଦ୍ୱିତୀୟ ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତତ୍ତ୍ୱପ୍ରକାଶ କର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ବର୍ଗରେ ଡାନିଏଲ୍ ପବ୍ଲିକ୍ ସ୍କୁଲର ଓମ୍ ପ୍ରଭାସ ବିଶ୍ୱାଳ ପ୍ରଥମ, ଡିଭାଇନ ପବ୍ଲିକ ସ୍କୁଲ୍‌ର ସୋମେଶ ରାଉତ ଦ୍ୱିତୀୟ ଓ ନୋଟାରି ଡେମ୍ ପବ୍ଲିକ ସ୍କୁଲ୍‌ର ବାପି ଦେହୁରୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିସହ ସିନିୟର ବର୍ଗରେ ଚିନ୍ମୟ ବିଦ୍ୟାଳୟର ସାନ୍‌ଭି ହରିଚନ୍ଦନ ପ୍ରଥମ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଜୟଲକ୍ଷ୍ମୀ ପ୍ରଧାନ ଦ୍ୱିତୀୟ ଓ ଡିଭାଇନ୍ ପବ୍ଲିକ୍ ସ୍କୁଲ୍‌ର ଆଦ୍ୟାଶ୍ରୀ ପାଲ୍ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ ପ୍ରେମାନନ୍ଦ ମାଝୀ, ଜନ୍ମାଜୟ ନାୟକ ଓ ରାକେଶ କୁମାର ଶତପଥୀ ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ପ୍ରକାଶ ଦେବତା, ବିଶାଲ କୁମାର ନାୟକ, ଶୁଭମ୍ ଶେଖର ମହାଙ୍କୁର, ଶିବାଶିଷ ଝାଙ୍କର, ନମନ ନୟନ ନାୟକ, ଠାକୁର କୁମାର ସାହୁ, କୁମାରୀ ଜୁଲି ଷଣ୍ଢ ଓ ରେଶମା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଫ୍ୟାନ୍ସି ଡ୍ରେସ୍ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ଚାଷୀଙ୍କୁ ସଚେତନ କରିବ ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥ


ଜିଲା କୃଷି ଅଧିକାରୀ ସଚେତନତା ରଥ ଶୁଭାରମ୍ଭ କରୁଛନ୍ତି।

ଝାରସୁଗୁଡ଼ା,୫।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟଠାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ସଚେତନତା ରଥ ମଙ୍ଗଳବାର ଶୁଭାରମ୍ଭ କରାଯାଇଛି । ଏହି ରଥ ଲଖନପୁର, ଲଇକେରା, କୋଲାବିରା, କିର୍ମିରା ବ୍ଲକର ସମସ୍ତ ଗ୍ରାମ ସହିତ ବେଲପାହାଡ଼, ବ୍ରଜରାଜନଗର, ଝାରସୁଗୁଡ଼ା ପୌରପରିଷଦ ଅଞ୍ଚଳରେ ଭ୍ରମଣ କରି ଚାଷୀଙ୍କୁ ସଚେତନ କରିବ। ଚାଷୀମାନେ ଚାଷ କରିଥିବା ଫସଲ ପାଇଁ କିପରି ବୀମା କରିପାରିବେ, ଫସଲ କ୍ଷୟକ୍ଷତିର କ୍ଷତିପୂରଣ ପାଇପାରିବେ ଏବଂ ଜିଲାର ସମସ୍ତ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଯୋଡି ହେବା ନେଇ ଏହି ରଥ ସଚେତନ କରିବ ବୋଲି ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ କହିଛନ୍ତି। ଚାଷୀମାନେ ଯଦି ପ୍ରଧାନମନ୍ତ୍ରୀ ଫସଲ ବୀମା କରିବେ, ତେବେ କୌଣସି କାରଣରୁ ସେମାନଙ୍କ ଫସଲ ନଷ୍ଟ ହେଲେ ବୀମା କମ୍ପାନୀଠାରୁ କ୍ଷତିପୂରଣ ପାଇପାରିବେ। ତେଣୁ ପ୍ରଧାନମନ୍ତ୍ରୀ ଫସଲ ବୀମା କରିବା ପାଇଁ ସମସ୍ତ ଚାଷୀଙ୍କୁ ସଚେତନ କରିବା ଆବଶ୍ୟକତା ରହିଛି। ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ, କୃଷି ବିଭାଗର ଅଧିକାରୀ, କର୍ମଚାରୀ, ବୀମା କମ୍ପାନୀର ଜିଲା ମୁଖ୍ୟ ସୁଜୟ ଶୁକ୍ଲାଙ୍କ ସମେତ କୃଷି ବିଭାଗର ଅଧିକାରୀ ଓ କର୍ମଚାରୀ ଏବଂ ବୀମା କମ୍ପାନୀର ଅଧିକାରୀ ଉପସ୍ଥିତ ଥିଲେ।

# ଫୁଟ୍‌ବଲ ପ୍ରତିଯୋଗିତା: ବୀର ସିଂ କ୍ଲବ୍ ବିଜୟୀ

ଝାରସୁଗୁଡ଼ା, ୫।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରସ୍ଥିତ ମନମୋହନ ସ୍କୁଲ ପଡିଆରେ ଜୟହିନ୍ଦ କ୍ଲବ୍ ଆନୁକୂଲ୍ୟରେ ୧୨ତମ ଲିଗ୍ କମ୍ ନକ୍ ଆଉଟ୍ ଫୁଟ୍‌ବଲ ପ୍ରତିଯୋଗିତା ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାରଶମାଲ୍‌ର ବୀର ସିଂ କ୍ଲବ୍ ଓ ବଡ଼ମାଲ କ୍ଲବ୍ ମଧ୍ୟରେ ଏହି ମ୍ୟାଚ୍ ହୋଇଥିଲା। ଏଥିରେ ୨-୦ ଗୋଲ୍‌ରେ ବୀର ସିଂ କ୍ଲବ୍ ବିଜୟୀ ହୋଇ ତୃତୀୟ ଦଳ ଭାବରେ ସେମିଫାଇନାଲରେ ପ୍ରବେଶ କରିଛି। ଏହି କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ରଘୁନନ୍ଦନ ପଣ୍ଡା ଓ ନୱଲ ଅଗ୍ରୱାଲ ଅତିଥି ଭାବରେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଫୁଟ୍‌ବଲ ଖେଳାଳି ଯୁଗଲ କିଶୋର ପଟେଲଙ୍କୁ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ବୀର ସିଂ କ୍ଲବ୍‌ର ପିଣ୍ଟୁ ଓରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇ ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଗିରୀଶ ପ୍ରଧାନ, ଅମିତ୍ ବାଗ, ଶରତ କିଷାନ ଓ ଅଭିଳାଷ ପ୍ରସାଦ ସାହୁ କ୍ରୀଡ଼ା ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

# ୧୦ରୁ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ

ଝାରସୁଗୁଡ଼ା, ୫।୮ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ତ୍ୱାବଧାନରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ରାଧାରମଣ ବିର୍ତ୍ତିଆ, ଡିପିଏମ୍ ଦୀପକ ମହାନ୍ତିଙ୍କ ସମେତ ଜିଲା ଭେକ୍ଟର ବାହିତ ରୋଗ ପରାମର୍ଶଦାତା ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲାରେ ୩ଲକ୍ଷ ୧୩ହଜାର ୩୪୨ଜଣ ଯୋଗ୍ୟ ବ୍ୟକ୍ତିଙ୍କୁ ଝାରସୁଗୁଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ମଙ୍ଗଳବଜାର), ବେଲପାହାଡ଼ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ପଞ୍ଚପଡ଼ା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ରଜରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆସନ୍ତା ୧୦ରୁ ୧୯ ତାରିଖ ମଧ୍ୟରେ ଫାଇଲେରିଆ ଔଷଧ ସେବନ କରାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ୧୨୮୦ ଜଣ ସ୍ୱେଚ୍ଛାସେବୀ, ୧୨୩ ଜଣ ସୁପରଭାଇଜରଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିସହିତ ୯ଟି ରାପିଡ ରେସପନ୍ସ ଫୋର୍ସ ଗଠନ ସହ ୬ଟି କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି। ୫୦ ଭ୍ରାମ୍ୟମାଣ ୟୁନିଟ୍‌କୁ ଅଭିଯାନରେ ନିୟୋଜିତ କରାଯାଇଛି। ଜିଲାବାସୀ ଏହି ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମ ସଫଳ ନିମନ୍ତେ ସହଯୋଗ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

# ପୁରାତନ ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ଚିକିତ୍ସା କରାଯାଉ

ଦେବଗଡ଼,୫।୮ (ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ଼ ଜିଲା ବରିଷ୍ଠ ନାଗରିକ ଫୋରମର ବୈଠକ**

ଦେବଗଡ଼ ଜିଲା ବରିଷ୍ଠ ନାଗରିକ ଫୋରମ୍ କାର୍ଯ୍ୟାଳୟରେ ମଙ୍ଗଳବାର ଫୋରମ୍‌ର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାର ବିଭିନ୍ନ ସମସ୍ୟା ସମାଧାନ ଉପରେ ଆଲୋଚନା ହୋଇଥିଲା। ସହର ମଧ୍ୟରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆଁବାଲିରୋଡସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତର ହୋଇଛି। ତେଣୁ ଜନସାଧାରଣଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପ୍ରଦାନ ନିମନ୍ତେ ପୁରାତନ ଜିଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ମଧ୍ୟ ୨୪ ଘଣ୍ଟିଆ ଚିକିତ୍ସା ବ୍ୟବସ୍ଥା କରାଯିବା ପାଇଁ ମତପ୍ରକାଶ ପାଇଥିଲା। ଉପରୋକ୍ତ ଦାବିରେ ସ୍ୱର ଉଠାଉଥିବା ଦେବଗଡ଼ ଜିଲା ଯୁବ ଏକତା ମଞ୍ଚ ପଛରେ ଜିଲା ବରିଷ୍ଠ ନାଗରିକ ଫୋରମ୍ ଠିଆହେବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଫୋରମ୍‌ର ସମ୍ପାଦକ ଗୌରହରୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଏହାପରେ ଫୋରମ୍‌ର କର୍ମକର୍ତ୍ତା ଓ ସଦସ୍ୟ ଦେବଗଡ଼ ସହରର ଐତିହ୍ୟସମ୍ପନ୍ନ ରାଜା ବାସୁଦେବ ହାଇସ୍କୁଲକୁ ଯାଇ ନୂତନ ଭାବେ ଯୋଗଦେଇଥିବା ପ୍ରଧାନ ଶିକ୍ଷକ ବରୁଣ ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିଦ୍ୟାଳୟର ବିକାଶ ଉପରେ ଆଲୋଚନା କରିଥିଲେ। ଏଥିରେ ଉପସଭାପତି ଭୁବନେଶ୍ୱର ପ୍ରଧାନ, ଜୋନାଲ ସେକ୍ରେଟାରି ଲକ୍ଷ୍ମଣ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଉଦୟ କୁମାର ପ୍ରଧାନ, ଉପଦେଷ୍ଟା ଅଜୟ କୁମାର ବେହେରା, ସୁଦର୍ଶନ ଦାଶ, ଯୁଧିଷ୍ଠିର ଦାଶ, କାର୍ଯ୍ୟକାରୀ କମିଟି ସଦସ୍ୟ ଟିକେଶ୍ୱର ଆଚାର୍ଯ୍ୟ, ଭାଗୀରଥି ଦ୍ୱିବେଦୀ, ରୁଦ୍ରନାରାୟଣ ପାଣିଗ୍ରାହୀ, ଘନଶ୍ୟାମ ଦ୍ୱିବେଦୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ଡିଇଇ(ଜି)/ସାନ୍ତ୍ରାଗାଛି, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ ନିମ୍ନବର୍ଣ୍ଣିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ଯୋଗ୍ୟ ଠିକାଦାରମାନଙ୍କଠାରୁ www.ireps.gov.in ୱେବ୍‌ସାଇଟ୍‌ରେ ଇ-ଟେଣ୍ଡରିଂ ମାଧ୍ୟମରେ ଖୋଲା ଟେଣ୍ଡର ଆହ୍ୱାନ କରୁଛନ୍ତି । ସମ୍ପୃକ୍ତ ଠିକାଦାରମାନଙ୍କୁ ତାହା କେବଳ ଅନ୍‌ଲାଇନ୍ ଜରିଆରେ www.ireps.gov.in ୱେବ୍‌ସାଇଟ୍‌ରେ ଆବେଦନ କରିବା ଲାଗି ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫ୍‌ଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଦୟାକରି ଦସ୍ତାବିଜ ସେକ୍ସନରେ ଅପ୍‌ଲୋଡ୍ ହୋଇଥିବା ଟେଣ୍ଡର ଦସ୍ତାବିଜ ପଢ଼ନ୍ତୁ । **ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ସିଏଚ୍‌ଜି-୨୫-୨୬-ଆର୍‌ଓ୍ୱାଇ୭୫୦-୧୬, ତାରିଖ: ୦୪।୦୮।୨୦୨୫ । କାର୍ଯ୍ୟର ନାମ:** ସାନ୍ତ୍ରାଗାଛି କୋଚିଂ ଡିପୋଠାରେ ରିସେପ୍ସନ୍ ୟାର୍ଡ ଲାଇନଠାରେ ଇଓଜି କୋଚ୍‌ଗୁଡ଼ିକ ପାଇଁ ୭୫୦ଭି ଯୋଗାଣର ବ୍ୟବସ୍ଥା କରିବା । **ଟେଣ୍ଡର ମୂଲ୍ୟ: ₹୩,୨୯,୯୭,୦୧୫.୭୨ । ଇଏମ୍‌ଡି/ବିଡ୍ ଅମାନତ: ₹୩,୧୫,୦୦୦। ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ୨୭।୦୮।୨୦୨୫ ।** ଟେଣ୍ଡର ବିଜ୍ଞପ୍ତି, ଟେଣ୍ଡର ଦସ୍ତାବିଜ ଓ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ଦିଆଯାଇଛି। (PR-484)

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

See Career Appointment on every Wednesday & Saturday

**HIGHWAY TRADING PVT. LTD.**
**REQUIRED**
**SENIOR ACCOUNTANT:** Experienced in Tally with at least 5 years of experience.
**JUNIOR ACCOUNTANT:** Experienced in Tally with at least 1 year of experience.
**WALK IN FOR INTERVIEW:**
Monday - Saturday - 10am to 7pm
Address: Janpath, Unit - 3, Bhubaneswar
Contact: Rajiv Agarwal - 9437006047

इंस्टीट्यूट ऑफ बैंकिंग पर्सोनेल सिलेक्शन®
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
IBPS प्रज्ञाविधावनम्
वेबसाइट देखने हेतु स्कैन करें / Scan to visit Website

**ସିଆର୍‌ପି ସିଏସ୍‌ଏ – XV**
**ଅଂଶଗ୍ରହଣକାରୀ ବ୍ୟାଙ୍କଗୁଡ଼ିକରେ କଷ୍ଟମର ସର୍ଭିସ୍ ଆସୋସିଏଟ୍ସ (CSA)ଙ୍କ ନିଯୁକ୍ତି ପାଇଁ ସାଧାରଣ ନିଯୁକ୍ତି ପ୍ରକ୍ରିୟା (୨୦୨୬-୨୭ର ଖାଲିପଦବୀଗୁଡ଼ିକ ନିମନ୍ତେ)**

**ଅଧିକୃତ ୱେବ୍‌ସାଇଟ୍: www.ibps.in**
**ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି https://cgrs.ibps.inରେ ଲଗ୍ ଇନ୍ କରନ୍ତୁ**

ଅଂଶଗ୍ରହଣକାରୀ ସର୍ବସାଧାରଣ କ୍ଷେତ୍ରୀୟ ବ୍ୟାଙ୍କଗୁଡ଼ିକରେ **କଷ୍ଟମର ସର୍ଭିସ୍ ଆସୋସିଏଟ୍ସ** [Customer Service Associates (CSA)] ପଦବୀ ନିମନ୍ତେ କର୍ମଚାରୀଙ୍କ ନିଯୁକ୍ତି ଏବଂ ଚୟନ ଲାଗି ଆଗାମୀ ନିଯୁକ୍ତି ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ପରୀକ୍ଷା (ପ୍ରିଲିମିନାରୀ ଓ ମେନ୍) ସମ୍ଭାବ୍ୟ ରୂପେ ଅକ୍ଟୋବର, ୨୦୨୫ ଓ ନଭେମ୍ବର, ୨୦୨୫ ମାସରେ ଅନୁଷ୍ଠିତ ହେବା ପାଇଁ ନିର୍ଦ୍ଧାରିତ ହୋଇଛି ।

**ଗୁରୁତ୍ୱପୂର୍ଣ୍ଣ ତାରିଖ**

| ଗତିବିଧି | ସମୟରେଖା |
|---|---|
| ଅନ୍‌ଲାଇନ୍ ପଞ୍ଜୀକରଣ ସମେତ ଆବେଦନର ସମ୍ପାଦନା/ପରିବର୍ତ୍ତନ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ଆବେଦନ ଦେୟ/ଇଣ୍ଟିମେଶନ ଶୁଳ୍କ ପୈଠ | ୦୧.୦୮.୨୦୨୫ରୁ ୨୧.୦୮.୨୦୨୫ |
| ପ୍ରାକ୍-ପରୀକ୍ଷା ତାଲିମ ସଞ୍ଚାଳନ | ସେପ୍ଟେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀ | ଅକ୍ଟୋବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରୀର ଫଳାଫଳ | ଅକ୍ଟୋବର/ନଭେମ୍ବର, ୨୦୨୫ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍ | ନଭେମ୍ବର, ୨୦୨୫ |
| ପରୀକ୍ଷାମୂଳକ ଆବଣ୍ଟନ | ମାର୍ଚ୍ଚ, ୨୦୨୬ |

**ବିବରଣୀ ତଥା ଅପଡେଟ୍ସ ପାଇଁ www.ibps.in ୱେବ୍‌ସାଇଟ୍ ପରିଦର୍ଶନ କରିବା ଲାଗି ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।**

ସିଆର୍‌ପି ସିଏସ୍‌ଏ XV ନିମନ୍ତେ ଆବେଦନ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀମାନଙ୍କୁ ସବିଶେଷ ଅଧିସୂଚନାକୁ ଯତ୍ନପୂର୍ବକ ପଢ଼ିବା ତଥା ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ନିର୍ଦ୍ଧାରିତ ତାରିଖରେ ସେମାନେ ଯେପରି ସର୍ବନିମ୍ନ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଛନ୍ତି ତାହା ସୁନିଶ୍ଚିତ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ ସବିଶେଷ ଅଧିସୂଚନାରେ ଦର୍ଶିତ ନିର୍ଦ୍ଦେଶାବଳୀକୁ ଅନୁସରଣ କରିବା ଜରୁରୀ ।

**ମୁମ୍ବାଇ**
**ତାରିଖ: ୦୧.୦୮.୨୦୨୫** **ନିର୍ଦ୍ଦେଶକ**

**STEEL AUTHORITY OF INDIA LIMITED**
**Rourkela Steel Plant**
**Rourkela - 769 011, Odisha, India**
Great Place To Work Certified
ENGAGEMENT OF APPRENTICES UNDER THE APPRENTICES ACT, 1961

Rourkela Steel Plant invites applications from the candidates for Apprenticeship Training as Graduate/Technician Apprentices and Trade Apprentices for a period of 01(One) year under the Apprenticeship Act 1961/1973 in the categories mentioned below:
➢ TRADE APPRENTICES (ITI Passed out) : 440 ➢ TECHNICIAN APPRENTICES (Diploma Passed out) : 271 ➢ GRADUATE APPRENTICES (B.Tech. Passed out) : 105
❖ AGE CRITERIA: Minimum 18 years and maximum 28 years as on date 31st August, 2025
❖ STIPEND: The apprentices are eligible for monthly stipend as per Apprentices Act, 1961, Apprenticeship Rules 1992 as amended from to time during their engagement period.
❖ RESERVATION: As per the guidelines of Govt. of Odisha, shall be followed with applicable age relaxation.
❖ SELECTION: Selection for engagement of Apprentices for training would be on merit basis, considering their percentage (%) of final marks obtained in the basic prescribed qualifications as applicable to respective branch/trade.
❖ Last date for applying in the portal: 31st August, 2025.
❖ REQUIREMENT BEFORE FILLING ON-LINE REGISTRATION
I. Before applying for above apprentices positions, candidates have to first register themselves in online portals of the following agencies of Govt. of India: (a) For Trade Apprentices: In the link https://apprenticeshipindia.gov.in (b) For Graduate/Technician Apprentices: National Apprenticeship Training Scheme (NATS) in the link https://nats.education.gov.in
II. The candidate must have an active email ID and Mobile Number which must be valid for at least next one year. All future communication including Corrigendum/Addendum with regard to this advertisement with candidate will take place only through e-mail / SMS Alerts.
III. The candidate must ascertain the correctness of all information before filling in the online registration and its final submission.
IV. The candidate shall be wholly/exclusively responsible for the information provided in his/her online registration.
V. After successfully registration/apply online, the candidate must take a print out of the filled-in online application for future reference.
❖ HOW TO APPLY : A) For ITI: Candidates are first required to register in the web portal http://apprenticeshipindia.gov.in for registration as candidate. After registering oneself, one can login into the home page in the apprenticeship portal as candidate then go to Apprenticeship Opportunity than click search by *Establishments Name (SAIL ROURKELA STEEL PLANT)* to click on apply as the prescribed trade against vacancies appearing on the portal. The candidates have to apply for the respective trade through Apprenticeship Opportunity of the establishment SAIL Rourkela Steel Plant. The application will not be accepted without registration and apply on the portal. B) For Degree/Diploma: Candidates are advised to register as a student online on https://nats.education.gov.in. After registering oneself, one can login into the home page of NATS portal as candidate then go to *Establishments Requests* than click *Find Establishments.* Candidate should select *STEEL AUTHORITY OF INDIA LIMITED, Rourkela Steel Plant, Rourkela* apply in passed out branch of engineering appearing on the portal.
❖ Eligible Sundargarh District residents will be given preference over others. Eligible applications from other districts of Odisha & then rest of India may be considered, only if there are any vacancies left after the selection process which cannot be filled by Sundargarh District residents.
❖ Management reserves the sole right to cancel the selection process there under at any point of time whatsoever. Decision of Management regarding the selection will be final. Further Management reserves the full right to fill up or otherwise any or all the vacancies for apprenticeship training depending on the availability of the candidates in any trade/discipline. The vacancies in each apprenticeship trade are indicative and may vary during selection process.
❖ RSP shall have no obligation to offer regular employment to Apprentices during and/or after the completion of the apprenticeship training which is one year from the date of joining.

Registered Office : Ispat Bhawan, Lodi Road, New Delhi 110 003
Corporate Identity Number : L27109DL1973GOI006454, Website : www.sail.co.in
There's a little bit of SAIL in everybody's life

## ଗଛରେ କାର୍ ଧକ୍କା, ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

ଦେଓଗାଁ,୫।୮ (କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବନ୍ଧପଡା ଫପସି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଗଛରେ କାର ଧକ୍କା ହେବାରୁ ଜଣେ ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବନ୍ଧପଡା



ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜର ଦାୟିତ୍ୱରେ ଥିବା ଶୁଶାନ୍ତ କୁମାର ଭୋଇ(୩୫)। ତାଙ୍କ ଘର କଳାହାଣ୍ଡି ଜିଲା ଉକ୍ଳୋର ବୋଲି ଜଣାପଡିଛି। ଏକ ଢ଼ାବାରୁ ଖାଇସାରି ମ୍ୟାନେଜର ଭୋଇ କାରରେ ବ୍ୟାଙ୍କକୁ ଫେରୁଥିବାବେଳେ ସମ୍ମୁଖରୁ ଏକ ଟ୍ରକ ସହ ମୁହାଁମୁହିଁ ହୋଇଥିଲେ। ଟ୍ରକକୁ ସାଇଡ୍‌ଦେବା ସମୟରେ ଭାରସାମ୍ୟ ହରାଇ ପାର୍ଶ୍ୱରେ ଥିବା ଗଛରେ ପିଟିହୋଇଥିଲା କାର। ଏଥିରେ ସେ ଗୁରୁତରଭାବେ ଆହତ ହୋଇଥିଲେ। ଖବରପାଇ ସ୍ଥାନୀୟ ଫାଣ୍ଡି ଅଧିକାରୀ ମଳୟ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଭୋଇଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମ୍ୟାନେଜର ଭୋଇ ଆଜକୁ ସାଢ଼େ ୪ବର୍ଷ ହେଲା ବନ୍ଧପଡା ବ୍ୟାଙ୍କରେ କାର୍ଯ୍ୟରତ ଥିଲେ।



ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀ ବିଦ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରାଯିବାରୁ ଛାତ୍ରୀଛାତ୍ର ଗଛମୂଳେ ପାଠପଢୁଛନ୍ତି।

# ଗଛମୂଳରେ ପାଠପଢ଼ିଲେ ଛାତ୍ରୀଛାତ୍ର

**ପ୍ରଧାନ ଶିକ୍ଷକ ଦାବି ନେଇ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଧାରଣା ଦେଲେ ଅଭିଭାବକ**

ଦେଓଗାଁ,୫।୮ (କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ଅନ୍ତର୍ଗତ ବରକାନୀ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି ନେଇ ଦାବି ତେଜୁଛି। ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ କମିଟି ସଦସ୍ୟ, ଅଭିଭାବକ ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରିବାକୁ ଛାତ୍ରୀଛାତ୍ର ଗଛମୂଳରେ ବସି ପାଠ ପଢ଼ିଥିଲେ। ଦେଓଗାଁ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଏବେ ଶିକ୍ଷକ ସମସ୍ୟା ଦେଖାଦେଇଛି। ବରକାନୀ ସରକାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୬୯ଜଣ ଛାତ୍ରୀଛାତ୍ର ରହିଥିବାବେଳେ ୪ଜଣ ଶିକ୍ଷୟିତ୍ରୀ ରହିଛନ୍ତି। ଏଠାରେ ସ୍ଥାୟୀ ପ୍ରଧାନଶିକ୍ଷକ ପଦବୀ ଖାଲିପଡିଛି। ଫଳରେ ଶିକ୍ଷାଦାନ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ବିଦ୍ୟାଳୟ କମିଟି ସଦସ୍ୟ ତଥା କେତେକ ଅଭିଭାବକ ସ୍ଥାନୀୟ ବ୍ଲକ ଶିକ୍ଷାଅଧିକାରୀ, ଜିଲା ଶିକ୍ଷାଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଥିଲେ ହେଁ ବିଭାଗ ଏଦିଗରେ କୌଣସି ପଦକ୍ଷେପ ନେଇନାହିଁ। ଫଳରେ ପୂର୍ବ ନିଷ୍ପତ୍ତି ଅନୁସାରେ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ କମିଟି ସଦସ୍ୟ ଓ ଅଭିଭାବକମାନେ ସ୍କୁଲଗେଟ୍‌ରେ ତାଲା ପକାଇ ଧାରଣା ଦେଇଥିଲେ। ଏଣୁ ଶିକ୍ଷୟିତ୍ରୀମାନେ ପିଲାଙ୍କୁ ସ୍ଥାନୀୟ ଆମ୍ବତୋଟା ମୂଳେ ପାଠପଢ଼ାଇଥିବା ନଜରକୁ ଆସିଥିଲା। ଦିନ ତମାମ ଧାରଣାସ୍ଥଳକୁ ଶିକ୍ଷାବିଭାଗର କୌଣସି ଅଧିକାରୀ ନ ଆସିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ସମସ୍ତଙ୍କ ନିଷ୍ପତ୍ତି ଅନୁସାରେ ଆନ୍ଦୋଳନକୁ କିଛିଦିନ ପାଇଁ ସ୍ଥଗିତ କରାଯିବା ସହ ସମସ୍ୟା ସମାଧାନ ଦିଗରେ ଆସନ୍ତା ୭ଦିନ ମଧ୍ୟରେ ବିଭାଗ ପଦକ୍ଷେପ ଗ୍ରହଣ ନ କଲେ ଓ ସ୍ଥାୟୀ ପ୍ରଧାନ ଶିକ୍ଷକ ପଦବୀ ପୂରଣ ନ କଲେ ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ବେଆଇନ ଛାତ୍ରାବାସ ବନ୍ଦ କରିବାକୁ ଦାବିପତ୍ର

ବଲାଙ୍ଗୀର,୫।୮ (ବୀରେନ୍ଦ୍ର କୁମାର ଝାଙ୍କର)

**ପାଠ ପଢ଼ାଇବା ନାଁରେ ଧର୍ମାନ୍ତରୀକରଣ ଅଭିଯୋଗ ଆଣିଲେ ବିଶ୍ୱ ହିନ୍ଦୁ ପରିଷଦ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗାଁରେ ବେଆଇନ ଭାବେ ଏକ ଛାତ୍ରାବାସ ଚାଲିଥିବା ଏବଂ ସେଠାରେ ଧର୍ମାନ୍ତରୀକରଣ କରାଯାଉଥିବା ସନ୍ଦେହ କରି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଏହି ଛାତ୍ରାବାସକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ଏଠାରେ ଗରିବ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଛୋଟ ଝିଅ ପୁଅମାନଙ୍କୁ ପାଠ ପଢ଼ାଇବା ନାଁରେ ଧର୍ମାନ୍ତୀକରଣ କରାଯାଉଥିବା ଅଭିଯାଗ କରାଯାଇଛି। ରାଜ୍ୟ ସରକାରଙ୍କ ଛାତ୍ରାବାସ ସଂକ୍ରାନ୍ତୀୟ ନିୟମ କାନୁନକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ କରାଯାଇଛି। ହଷ୍ଟେଲରେ ଗରିବ ଶ୍ରେଣୀର ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ପିଲାମାନେ ଆଖପାଖର ବିଭିନ୍ନ ସ୍କୁଲରେ ପାଠ ପଢ଼ିବା ପାଇଁ ରହୁଛନ୍ତି। ତେବେ ହଷ୍ଟେଲ ଖୋଲାଯିବା ନେଇ ସ୍ଥାନୀୟ ପ୍ରଶାସନ ପାଖରେ କୌଣସି ସୂଚନା ଦିଆଯାଇଥିବା କୁହାଯାଇଛି। ଛାତ୍ରାବାସରେ ପୁଅ-ଝିଅ ରହିବାକୁ ହେଲେ ଯେଭଳି ସୁବିଧା ରହିବା କଥା ସେଠାରେ ନ ଥିବା ଅଭିଯୋଗ କରାଯାଇଛି। ପାଠ ପଢ଼ାଇବା ନାଁରେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଧର୍ମାନ୍ତରୀକରଣ କରାଯାଉଥିବା ଅଭିଯୋଗ କରାଯାଇ ତୁରନ୍ତ ଏହି ବେଆଇନ ଛାତ୍ରାବାସକୁ ବନ୍ଦ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ପବିତ୍ର କୁମାର ଦାଶ, ନରେନ୍ଦ୍ର କୁମାର ବେହେରା, ସୋମନାଥ ସିଂଦେଓ, ସଞ୍ଜୀବ କୁମାର ନାୟକ, ଶଙ୍କର ପାଣିଗ୍ରାହୀ ଓ ଅନ୍ୟମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ବେଆଇନ ଛାତ୍ରାବାସ ଖୋଲିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟମାନେ ଦାବିପତ୍ର ଦେବାକୁ ଆସିଛନ୍ତି।

# ସରକାରୀ ଆୟୁର୍ବେଦ କଲେଜ ଅଡିଟୋରିୟମ ନିର୍ମାଣ କାମ ମନ୍ଥର

ବଲାଙ୍ଗୀର,୫।୮ (ବୀରେନ୍ଦ୍ର କୁମାର ଝାଙ୍କର)



ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ବଲାଙ୍ଗୀର ଆୟୁର୍ବେଦ କଲେଜ ପରିସରରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

- **କ୍ଷେତ୍ର ପରିଦର୍ଶନ କରି କ୍ଷୋଭ ପ୍ରକାଶ କଲେ ନରସିଂହ**
- **ଚଳିତବର୍ଷ ପାଳନ ହେବ କଲେଜର ସୁବର୍ଣ୍ଣ ଜୟନ୍ତୀ**

ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ପରିସରରେ ନିର୍ମାଣାଧୀନ ଅଡିଟୋରିୟମ୍ କାମ ମନ୍ଥର ଗତିରେ ଚାଲିଛି। ଚଳିତବର୍ଷ ଏହି କଲେଜର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। କଲେଜର ପୁରାତନ ଛାତ୍ରୀଛାତ୍ର, ଏବର ଛାତ୍ରୀଛାତ୍ର ଓ ଷ୍ଟାଫ୍ ଅଡିଟରିୟମ୍ ନିର୍ମାଣ ସରିଲେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଡମ୍ବର ସହକାରରେ ପାଳନ କରାଯିବ ବୋଲି ଆଶା ରଖିଥିଲେ। ତେବେ ଯେଭଳି ଭାବେ କଲେଜ ଅଡିଟରିୟମ ନିର୍ମାଣ କାମ ଚାଲିଛି ସୁବର୍ଣ୍ଣ ଜୟନ୍ତୀ ପାଳନ ବେଳକୁ ଏହାର ନିର୍ମାଣ କାମ ଶେଷ ହେବା ସନ୍ଦେହଜନକ ବୋଲି ପୁରାତନ ଛାତ୍ର ସଂଘ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଏଭଳି ଖବର ପାଇବା ପରେ ପୂର୍ବତନ ଆଇନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ମଙ୍ଗଳବାର ସ୍ଥାନୀୟ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ପରିଦର୍ଶନରେ ଯାଇ ଏଠାରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟର ସ୍ଥିତି ଯାଞ୍ଚ କରିଥିଲେ। ୧୪ କୋଟି ୫୩ ଲକ୍ଷ ଟଙ୍କାର କଲେଜ ଅଡିଟୋରିୟମ ପାଇଁ ଅନୁଦାନ ମଞ୍ଜୁର ହୋଇଥିବା ସତ୍ତ୍ୱେ ଏହି କାମ ଢ଼େର ମନ୍ଥର ଗତିରେ ଚାଲିଛି। ତେବେ ଯେଭଳି ଭାବେ କାମ ଚାଲିଛି ଠିକଣା ସମୟରେ ଏହା ସମ୍ପୂର୍ଣ୍ଣ ହେବା ସନ୍ଦେହଜନକ ବୋଲି କୁହାଯାଇଛି। କଲେଜର ପୁରାତନ ଛାତ୍ର ସଂସଦ ସଭାପତି ବାସୁଦେବ ପତି ଓ ଅନ୍ୟ ସଦସ୍ୟଙ୍କ ଅନୁରୋଧ କ୍ରମେ ମଙ୍ଗଳବାର ମିଶ୍ର କଲେଜ ପରିଦର୍ଶନରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ କଲେଜ କର୍ତ୍ତୃପକ୍ଷ ଏବଂ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଶୀଘ୍ର ଅଡିଟରିୟମ ନିର୍ମାଣ କାମ ସାରିବାକୁ କହିଥିଲେ। ଏହି ପରିଦର୍ଶନ ସମୟରେ ଭାରପ୍ରାପ୍ତ ଅଧକ୍ଷ ଡା. ଶିବବ୍ରତ ବେହେରା, ଛାତ୍ର ସଂସଦ ସଭାପତି ଓମ୍ ପ୍ରକାଶ, ଡା. ସୁକାନ୍ତ ମେହେର, ସେକ୍ସନ ଅଫିସର ନବକିଶୋର ମାଝି, ଡା. ପ୍ରକାଶ ଦାଶ ଓ ଅନ୍ୟ ଡାକ୍ତରୀ ଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ଥିଲେ।

## ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗୀର,୫।୮ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀ ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ କପିଳେଶ୍ୱରୀ ଖମାରୀ ପୂର୍ବବୈଠକର ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ଚୁଡେନ୍ଦ୍ର କୁମାର ବେହେରା ଆୟବ୍ୟୟର ବିବରଣୀ ସହ ମଞ୍ଚର ଆକ୍ସନ ପ୍ଲାନ ଓ ବଜେଟ ଉପସ୍ଥାପନ କରିଥିଲେ। ଆସନ୍ତା ଦିନରେ ମଞ୍ଚ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର କରାଯିବ ବୋଲି ସ୍ୱାସ୍ଥ୍ୟ ସଂଯୋଜକ ତଥା ଉପଦେଷ୍ଟା ଅଶୋକ କୁମାର ମିଶ୍ର ପ୍ରସ୍ତାବ ଦେଇଥିଲେ। ସଭାରେ ଉପସ୍ଥାପିତ ବିଭିନ୍ନ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ବୈଠକରେ ଉପଦେଷ୍ଟା ଧନଞ୍ଜୟ ମିଶ୍ର, ଦୁର୍ଗା ପ୍ରସାଦ ହୋତା, ପଦ୍ମ ଚରଣ ଆଚାର୍ଯ୍ୟ, ଉପସଭାପତି ହରେକୃଷ୍ଣ ମେହେର, ଅଶୋକ କୁମାର ଚାନ୍ଦ ଏବଂ ଗୌରଚନ୍ଦ୍ର ପୁରୋହିତ, ପୂର୍ଣ୍ଣଚନ୍ଦ୍ର ମେହେର, ବିନୟ କୁମାର ମିଶ୍ର ଉପସ୍ଥିତ ଥିଲେ। ସୁନୀଲ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧିକାରୀ।

# କୃଷକ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ

ଲୋଇସିଂହା,୫।୮ (ସୁଶାନ୍ତ ବାରିକ)

**ମିଳିନି ପ୍ରୋତ୍ସାହନ ରାଶି, ଅସନ୍ତୋଷ ବ୍ୟକ୍ତ କଲେ ଚାଷୀ**

ମଙ୍ଗଳବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବୁର୍ଡା ପଞ୍ଚାୟତ ସଭାଗୃହରେ ପଞ୍ଚାୟତର ଚାଷୀଙ୍କୁ ନେଇ କୃଷକ କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ ରବି ତ୍ରିପାଠ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ମାମିନୀ ଭୋଇ, ସହକାରୀ କୃଷି ଅଧିକାରୀ ରୋଶନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ କୃଷି ଅଧିକାରୀ ଭୋଇ ପ୍ରାରମ୍ଭରେ ଡାଲିଜାତୀୟ ଫସଲ ଚାଷ ସମ୍ପର୍କରେ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସେ କହିଥିଲେ, ଅଣଜଳସେଚିତ ଲୋଇସିଂହା ବ୍ଲକର ଚାଷୀ ବିଶେଷ କରି ବର୍ଷାପୂର୍ବରୁ ଖରୁଡି ଧାନ ବୁଣି ଦେଉଥିବା ଦେଖିବାକୁ ମିଳୁଛି। ଘାସ ଯୋଗୁ ବୁଣାଜମିର ଚାଷ ୫୦ ପ୍ରତିଶତ କ୍ଷତି ହୋଇଥାଏ। ବାକି ରହିଲା ରୋଗପୋକ ଯୋଗୁ ମଧ୍ୟ ଚାଷ କ୍ଷତି ହୁଏ। ଏଣୁ ଚାଷ ଜମିରେ ଘାସ ଦମନ ପାଇଁ ଧାଡିରୁଆ ଉପରେ ଗୁରୁତ୍ୱାରୋପ ଦେବାକୁ ଚାଷୀଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡା ଭଲ ଅମଳ ପାଇଁ ସଦାସର୍ବଦା ଉପଯୁକ୍ତ ବିହନ ଚୟନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ସମୟରେ ଚାଷୀମାନେ ସରକାରୀ ବିହନ ଉପରେ ବିଶ୍ୱାସ କରୁନାହାନ୍ତି। ଘରୋଇ ବିହନ ଉତ୍ପାଦକ କମ୍ପାନୀ ବିହନ ଉପରେ ଚାଷୀ ଅଧିକ ଆଗ୍ରହ ଦେଖାଇ ଅଧିକ ଟଙ୍କା ଖର୍ଚ୍ଚାନ୍ତ ହେବା ସହିତ ଅନେକ ସମୟରେ କ୍ଷତିଗ୍ରସ୍ତ ହେଉଥିବା ନଜରକୁ ଆସୁଥିବା ସେ କହିଥିଲେ। ସରକାରଙ୍କ ତରଫରୁ ଗତ ରବି ସମୟରେ ମୁଗ ଡାଲି ଚାଷ କରିଥିବା ଚାଷୀଙ୍କୁ ମିଳିବାକୁ ଥିବା ପ୍ରୋତ୍ସାହନ ରାଶି ବିଳମ୍ବ ସମ୍ପର୍କରେ ଚାଷୀମାନେ ବ୍ଲକ କୃଷି ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ବେଲପଡା,୫।୮ (ମନୋଜ କୁମାର ମିଶ୍ର)

**ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ମଙ୍ଗଳବାର ବେଲପଡ଼ା ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋସଲ ରାଜ୍ୟ ମୁକ୍ତିମୋର୍ଚ୍ଚାର ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ପଶ୍ଚିମ ଓଡ଼ିଶାର ପ୍ରାୟ ୧୧ ଟି ଜିଲାରେ ୮୮ ଟି ବ୍ଲକରେ ୨କୋଟି ଜନସାଧାରଣ ବସବାସ କରୁଛନ୍ତି। ପ୍ରାୟତଃ ଅନୁସୁଚିତ ଜାତି ଜନଜାତି ବହୁଳ। ପଛୁଆ ଅଞ୍ଚଳ ଭାବେ ପଶ୍ଚିମ ଓଡ଼ିଶା ପରିଚିତ। ଦୀର୍ଘବର୍ଷ ହେବ ପଶ୍ଚିମ ଓଡ଼ିଶାର ଯେକୌଣସି ସ୍ଥାନରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ଉଠୁଛି। କିନ୍ତୁ ପୂର୍ବତନ ରାଜ୍ୟ ସରକାର ପଶ୍ଚିମଓଡିଶା ପ୍ରତି ଅସହିଷ୍ଣୁତା ପ୍ରକାଶ କରି କୌଣସି ପଦକ୍ଷେପ ନେଲେ ନାହିଁ। ସେତେବେଳେ ସବୁଠି ଆନ୍ଦୋଳନ ପରେ ବି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହୋଇପାରିଲା ନାହିଁ। ପ୍ରକାଶ ଥାଉକି ମୁଖ୍ୟ ହାଇକୋର୍ଟ କଟକରେ ରହିଥିବାରୁ ପଶ୍ଚିମ ଓଡିଶାବାସୀଙ୍କୁ ୪ ଶହରୁ ଊର୍ଦ୍ଧ୍ୱ କି.ମି ଅତିକ୍ରମ କରିବାକୁ ପଡୁଛି। ଯାହାଦ୍ୱାରା ପଶ୍ଚିମ ଓଡିଶାବାସୀ ହଇରାଣ ହେଉଛନ୍ତି। ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିକୁ ନେଇ ପୂର୍ବରୁ ଓକିଲ ସଂଘ ସହ ପଶ୍ଚିମ ଓଡ଼ିଶାର ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ସମର୍ଥନ କରି ଆସୁଛନ୍ତି। କିଛି ସୁଫଳ ପାଇଲେ ନାହିଁ। ଏଣୁ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଥିବାରୁ ଏକ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆଗତ କରି ମତ ସ୍ପଷ୍ଟ ରଖି ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ଉଠିଛି। ଏନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଲପଡା ବିଡ଼ିଓ ରାଜେଶ ମେହେରଙ୍କୁ ସ୍ଥାନୀୟ କୋଶଲ ରାଏଜ ମୁକ୍ତି ମୋର୍ଚ୍ଚା କର୍ମକର୍ତ୍ତାମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନବେଳେ ଜନାର୍ଦ୍ଦନ ସିଂ, ସିପୁନ ଖମାରୀ, ଜିତୁ ନାଏକ, ଯୁଗଲ ମେହେର, ସରୋଜ ନାଏକ, ଜୟ ମେହେର, ବିତ୍ତୁ ମିଓଲ, ରାଜିନ ବୁଡେକ, ରାଜକିଶୋର ଛତ୍ରିଆ, ଚତୃ ବୁଡ଼େକ, ସଚିତ ମେହେର, ଚକ୍ରଧର ଥପା, ବିଶ୍ୱ ବୁଡ଼େକ ଓ ଅନ୍ୟମାନେ ସାମିଲ ଥିଲେ।



କୋଶଳ ରାଏଜ ମୁକ୍ତି ମୋର୍ଚ୍ଚାର ସଦସ୍ୟମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ବର୍ଷା ଅଭାବ: ଜଳସେଚନ ପ୍ରକଳ୍ପରେ ତାଲା

ଟିଟିଲାଗଡ଼,୫।୮ (ଶରତ ମିଶ୍ର)



ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ଅନ୍ୟମାନେ।

**ଚାଷ ଜମିକୁ ଜଳ ଯୋଗାଣ ଦାବି ସହ ଅନେକ ଅବ୍ୟବସ୍ଥାର ପ୍ରତିବାଦରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ: ଟୁକୁନି ସାହୁ**

ଚଳିତ ବର୍ଷ ଖରିଫ ଋତୁରେ ବଲାଙ୍ଗୀର ଜିଲା ଟିଟିଲାଗଡ଼ ଅଞ୍ଚଳରେ ବର୍ଷା ନାହିଁ। ରୁଆ, ବେଉଷଣ କାର୍ଯ୍ୟ ହୋଇପାରୁନାହିଁ। ଏଭଳି କ୍ଷେତ୍ରରେ ପୂର୍ବ ସରକାରଙ୍କ ଦ୍ୱାରା ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ନିର୍ମିତ ୯ଟି ବୃହତ୍ତ ଉଠାଜଳସେଚନ ପ୍ରକଳ୍ପରେ ତାଲା ପଡ଼ିବା ଘଟଣା ଚାଷୀଙ୍କୁ ଉପହାସ କଲା ଭଳି ବୋଲି ପୂର୍ବତନମନ୍ତ୍ରୀ ଟୁକୁନି ସାହୁ ମଙ୍ଗଳବାର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ରାଜ୍ୟ ଭାଜପା ସରକାର ଏବଂ ଟିଟିଲାଗଡ଼ ବିଧାୟକଙ୍କ ଉପରେ ଚାଷୀଙ୍କ ସମସ୍ୟା ନେଇ ସେ ପ୍ରବଳ ବର୍ଷିଛନ୍ତି। ସେ କହିଛନ୍ତି, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମରୁଡି ପ୍ରବଣ ବଲାଙ୍ଗୀର ଜିଲା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀରେ ୯ଟି ବୃହତ୍ତ ଉଠାଜଳସେଚନ ପ୍ରକଳ୍ପ ପୂର୍ବତନ ମୁଖ୍ୟମନ୍ତ୍ରୀ ସାକାର କରିଥିଲେ। ଦୀର୍ଘ ୫ବର୍ଷ ହେବ ପ୍ରକଳ୍ପ ଗୁଡ଼ିକରୁ ହଜାର ହଜାର ହେକ୍ଟର ଚାଷ ଜମିକୁ ପାଣି ମାଡ଼ିବା ସହ ଚାଷୀ ପରିବାର ଲାଭାନ୍ୱିତ ହୋଇଆସୁଥିଲେ। ତେବେ ବର୍ତ୍ତମାନ ସରକାର ପ୍ରକଳ୍ପଗୁଡିକରେ ତାଲା ପକାଇ ରଖିଛନ୍ତି। ପ୍ରକଳ୍ପ ଚାଲୁ କରିବା ନେଇ ଅନେକ ଥର ଚାଷୀ ପ୍ରଶାସନ ସହ ଟିଟିଲାଗଡ଼ ବିଧାୟକଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ବିଧାୟକ ଜୁଲାଇ ୨୫ ମଧ୍ୟରେ ପ୍ରକଳ୍ପଗୁଡ଼ିକରୁ ଚାଷୀଙ୍କ ଜମିକୁ ପାଣି ନ ମାଡିଲେ ସେ ଧାରଣା ଦେବେ ବୋଲି ଚାଷୀଙ୍କୁ ଆଶ୍ୱସ୍ତ କରିଥିଲେ। ହେଲେ ବର୍ତ୍ତମାନ ଅଗଷ୍ଟର ପ୍ରଥମ ସପ୍ତାହ ବିତିବାକୁ ବସିଲାଣି। ବିଧାୟକ ଚାଷୀଙ୍କୁ ଆଉ ଧରା ଦେଉନାହାନ୍ତି। ଏହା ଚାଷୀ ପରିବାର ପ୍ରତି ବିଧାୟକଙ୍କ ଚରମ ଉପହାସ ବୋଲି ପୂର୍ବତନ ମନ୍ତ୍ରୀ ସାହୁ ଅଭିଯୋଗ କରିଛନ୍ତି। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସଇଁତଲା, ଗୁଡଭେଲା ଏବଂ ଟିଟିଲାଗଡ଼ ବ୍ଲକରେ ଜଳସେଚନ ପାଇଁ ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ୪ ଗୋଟି ନଦୀ ବ୍ୟାରେଜ ପ୍ରକଳ୍ପ ପୂର୍ବତନ ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିଲେ। ତାହାର ଟେଣ୍ଡର ହୋଇସାରିଥିବା ବେଳେ ବର୍ତ୍ତମାନର ସରକାର ତାହାକୁ ବାତିଲ କଲେ। ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଘରକୁ ପାନୀୟଜଳ ସଂଯୋଗ ପାଇଁ ଅନେକଗୁଡିଏ ବୃହତ୍ତ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ବିଜେଡ଼ି ସରକାର ମଞ୍ଜୁର କରିଥିବାବେଳେ କାମ ଆରମ୍ଭ ହୋଇଥିଲା। ନୂଆ ସରକାର ଆସିବାର ଦେଢ଼ବର୍ଷ ପରେ ମଧ ସେସବୁର ନିର୍ମାଣ କାମ ସରୁନାହିଁ। ଏହାର ଭିତିରିଆ ଉଦ୍ଦେଶ୍ୟ କ'ଣ ରହିଛି ବୋଲି ସେ ପ୍ରଶ୍ନ କରିଥିଲେ। ଅନେକ ଅବ୍ୟବସ୍ଥା ନେଇ ତାଙ୍କ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ପୂର୍ବତନ ମନ୍ତ୍ରୀ ସାହୁ ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଟିଟିଲାଗଡ଼ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ବ୍ଲକ ଉପାଧ୍ୟକ୍ଷ ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ସଞ୍ଜୟ ବେହେରା, ସଇଁତଲା ସରପଞ୍ଚ ସୁବ୍ରତ ନାଗ, ବରିଷ୍ଠ ନେତ୍ରୀ ଉମାଦେବୀ ଅଗ୍ରୱାଲ, ପୂର୍ବତନ ପୌର ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ସମିତି ସଭ୍ୟା ଧିର ରଣା, ତୁଳସୀ ବଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚାଷୀ ପଞ୍ଜୀକରଣ ସରଳ ହେବ କେବେ

**ବଂଶାବଳୀ ଓ ସମ୍ମତିପତ୍ର ପାଇଁ ହଇରାଣ ଚାଷୀ**

ପଦ୍ମପୁର,୫।୮ (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡରେ ପୁଣି ଚାଷୀ ଅସନ୍ତୋଷ ତେଜି ଉଠିଛି। ଖରିଫ୍ ଧାନ ବିକ୍ରି ପଞ୍ଜୀକରଣ ବ୍ୟବସ୍ଥାରେ ଜଟିଳତା ନେଇ ପଦ୍ମପୁର ଅଞ୍ଚଳର ଚାଷୀମାନେ ତାତି ଉଠିଛନ୍ତି। ସରକାର ପଞ୍ଜୀକରଣ ବ୍ୟବସ୍ଥାରେ ପରିବର୍ତ୍ତନ ନ କଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ରାଜବୋଡ଼ାସମ୍ବର କୃଷକ ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାନ ବିକ୍ରି ପଞ୍ଜୀକରଣ ପାଇଁ ଆସନ୍ତା ୨୦ ତାରିଖ ଶେଷଦିନ ଥିବାବେଳେ ପଞ୍ଜୀକରଣ ସରଳୀକରଣ ବ୍ୟବସ୍ଥାକୁ ନେଇ ବିଭାଗୀୟ ମନ୍ତ୍ରୀଙ୍କ ଗଣମାଧ୍ୟମରେ ଘୋଷଣା କୌଣସି କାର୍ଯ୍ୟକାରୀ ହେଉନାହିଁ; ଯାହାକି ମନ୍ତ୍ରୀ, ଅଧିକାରୀମାନଙ୍କ କଥାରେ ତାଳମେଳ ରହୁନାହିଁ ଏବଂ ଅଯଥାରେ ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି ଓ ରାଜସ୍ୱ ନିରୀକ୍ଷକ ଅଫିସ୍‌କୁ ଧାଁ ଧପଡ଼ ହୋଇ ହଇରାଣ ହେଉଥିବା ଅଭିଯୋଗ କରିଛନ୍ତି। ତେବେ ଚାଷୀ ପଞ୍ଜୀକରଣ ସମସ୍ୟାର ସମାଧାନ ଶୀଘ୍ର କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବା ପାଇଁ କୃଷକ ସଙ୍ଗଠନ ଚେତାବନୀ ଦେଇଛି।

### ଜ୍ଞାନ ବିଜ୍ଞାନ ମେଳାରେ ୧୫୨ ପ୍ରକଳ୍ପ ପ୍ରଦର୍ଶିତ

ଝାରବନ୍ଧ,୫।୮ (ଦେବେନ୍ଦ୍ର ସାହୁ): ଝାରବନ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଜ୍ଞାନ ବିଜ୍ଞାନ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବାଟିକାରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୧୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ଭୋଇ, ଭୁବନେଶ୍ୱର ପ୍ରଧାନ ଓ ନନ୍ଦଲାଲ ନାୟକ ଯୋଗଦାନ କରିଥିଲେ। ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଓ ଗଣିତ ପ୍ରୟୋଗ ପ୍ରତିଯୋଗିତା ପାଇଁ ୬ଟି ପ୍ରକଳ୍ପକୁ ଚୟନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ମୋହନ ପ୍ରଧାନ, କୁମାର ଗୌରବ ବେହେରା, ପ୍ରକାଶ ଚନ୍ଦ୍ର ହୋତା, ବ୍ରଜକିଶୋର ତ୍ରିପାଠୀ, ଉମେଶ ସାହୁ, ଦୀପ୍ତି ବେହେରା ଯୋଗଦାନ କରିଥିଲେ। ପ୍ରକଳ୍ପଗୁଡ଼ିକୁ ସୁବ୍ୟବସ୍ଥିତ ଭାବେ ପ୍ରଦର୍ଶନ ପାଇଁ ଗୁରୁଜୀ ଗୁଣମଣି ତ୍ରିପାଠୀ, ଭୀଷ୍ମ ସେଠୀ, ନୋହୁଶ ସାହୁ, ସୂରଜ ସାହୁ, ଅଭିଳାଷ କୌଶଳ, ରଜତ ସାହୁ, ଗୁରୁମା' ନିବେଦିତା ଦେବତା, ମୀନାକ୍ଷୀ ସାହୁ, ପାରେଶ୍ୱରୀ ନାଏକ, ତୁଳସୀ ଭୋଇ, ଯୋଗିତା ପ୍ରଧାନ, ଯସ୍ମିନ୍ ସାହୁ, ସୁନୟନା ବାରିକ, ପୂଜା ବାଙ୍କା ଓ ସେବିକା ଜାହ୍ନବୀ ବାଗ୍ ସହଯୋଗ କରିଥିଲେ।

### ଏସି ବସ୍, ଅଧିକ ଭଡ଼ା ପାଇଁ ଯାତ୍ରୀ ଅସନ୍ତୋଷ

**ନନ୍ ଏସି ଚଲାଇବାକୁ ଦାବି**



ପଦ୍ମପୁର,୫।୮ (ପ୍ରଦୀପ୍ତ ଦାଶ): ସ୍ଥାନୀୟ ସରକାରୀ ବସ୍‌ଷ୍ଟାଣ୍ଡରେ ଅନେକ ଫିଟ୍‌ନେସ୍ ବସ୍ ଥିବା ସତ୍ତ୍ୱେ ଓଡ଼ିଶା ପରିବହନ ବିଭାଗ ପକ୍ଷରୁ ପଦ୍ମପୁର ଦେଇ ଯାଉଥିବା ବିଭିନ୍ନ ରୁଟ୍‌ରେ ଶୀତତାପ ନିୟନ୍ତ୍ରିତ ବସ୍ ଚଳାଚଳ ହେଉଛି। ଏହି ବସ୍‌ଗୁଡ଼ିକ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଦ୍ୱାରା ପରିଚାଳିତ ହୋଇ ଓଏସ୍‌ଆର୍‌ଟିସିର ଡ୍ରାଇଭର ଥିବା ସତ୍ତ୍ୱେ ଏହି କମ୍ପାନୀ ନିଜ ଡ୍ରାଇଭର ନିୟୋଜିତ କରୁଛି। ସେହିପରି ବସ୍ ଭଡ଼ାରେ ମଧ୍ୟ ଅନେକ ତାରତମ୍ୟ ରହୁଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ପଦ୍ମପୁରରୁ ସମ୍ବଲପୁର ଭଡ଼ା ୧୩୦ ଟଙ୍କା ଥିବା ବେଳେ ଏବେ ଯାତ୍ରୀମାନେ ୨୩୦ ଟଙ୍କା ଦେଉଛନ୍ତି। ଫଳରେ ଛାତ୍ରୀଛାତ୍ର ତଥା ସାଧାରଣ ଲୋକେ ଏହି ବସ୍‌ରେ ଯିବା ଆସିବା ପାଇଁ ମୁହଁ ମୋଡୁଛନ୍ତି। ତେଣୁ ପରିବହନ ବିଭାଗ ଦୃଷ୍ଟି ଦେଇ ଏହି ରୁଟ୍‌ଗୁଡ଼ିକରେ ପୂର୍ବରୁ ଚାଲୁଥିବା ନନ୍ ଏସି ବସ୍ ଚଲାଇବାକୁ ଯାତ୍ରୀ ମହଲରେ ଦାବି ହେଉଛି ।



ବଦଳି ଆଦେଶ ପ୍ରତ୍ୟାହାର ଦାବିରେ ନିଲେଇପାଲି ସ୍କୁଲରେ ତାଲା ପକାଇ ଅଭିଭାବକଙ୍କ ସହ ବିଦ୍ୟାର୍ଥୀ ଧାରଣା ଦେଇଛନ୍ତି।

# ରାତିରେ ବଦଳି ଆଦେଶ, ସକାଳେ ବାତିଲ

- ଖଇରପାଲି ସ୍କୁଲରେ ତାଲା ଚେତାବନୀ ପାଇ ଶିକ୍ଷକ ନିଯୁକ୍ତି ଆଦେଶ
- ନିଲେଇପାଲି ସ୍କୁଲରେ ତାଲା ମାରିବାରୁ ବଦଳି ଆଦେଶ ବାତିଲ

ଅତାବିରା,୫।୮ (ଯୁଧିଷ୍ଠିର ମହାପାତ୍ର)

ଅତାବିରା ବ୍ଲକ ଅଧୀନ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ବହୁ ବର୍ଷ ହେଲା ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିପାଇଁ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି ହେଉଥିବା ବେଳେ କେତେବେଳେ ବଦଳି ଆଦେଶ ପ୍ରତ୍ୟାହାର ପାଇଁ ଆନ୍ଦୋଳନ ଚାଲିଛି। ତେବେ ଆଗୁଆ ପ୍ରସ୍ତୁତି ନ କରି ଶିକ୍ଷାଧିକାରୀଙ୍କ ତରବରିଆ ଭାବେ ପଦକ୍ଷେପ ନେବା ଅଭିଭାବକ ଓ ବିଦ୍ୟାର୍ଥୀଙ୍କୁ ଅଡୁଆରେ ପକାଉଛି। ଏପରି ଏକ ପରିସ୍ଥିତି ମଙ୍ଗଳବାର ସାମ୍ନାକୁ ଆସିଛି। ସ୍କୁଲରେ ତାଲା ବନ୍ଦ ଭୟକୁ ନେଇ ଅତାବିରା ଶିକ୍ଷା ବିଭାଗ ସୋମବାର ରାତ୍ରିରେ ଲାଗୁ କରିଥିବା ବଦଳି (ଡେପୁଟେଶନ) ଆଦେଶକୁ ମଙ୍ଗଳବାର ସକାଳେ ବାତିଲ କରିଛି। ପୁଣି ଅନ୍ୟ ଏକ ସ୍କୁଲରୁ ଜଣେ ଶିକ୍ଷକଙ୍କୁ ତାଲା ବନ୍ଦ ଆନ୍ଦୋଳନ ଚେତାବନୀ ଦେଇଥିବା ସ୍କୁଲକୁ ପଠାଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗତ ମାସ ୩୦ ତାରିଖରେ ଅତାବିରା ବ୍ଲକ ଖଇରପାଲି ୟୁଜିୟୁପି ସ୍କୁଲରେ ପରିଚାଳନା କମିଟି ଓ ଅଭିଭାବକଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ବୈଠକ ବସିଥିଲା। ଏଥିରେ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବୀ ପୂରଣ ପାଇଁ ବିଇଓଙ୍କୁ ଏକ ଦାବିପତ୍ର ଦେବାକୁ ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ମୁତାବକ ଗତ ଜୁଲାଇ ୩୧ ତାରିଖରେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଗଷ୍ଟ ୪ତାରିଖ ସୁଦ୍ଧା ଶିକ୍ଷକ ପଦବୀ ପୂରଣ ନ ହେଲେ ଅଗଷ୍ଟ ୫ ତାରିଖରେ ସ୍କୁଲ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ହଠାତ୍ ଗତ ସୋମବାର ରାତିରେ ଅତାବିରା ବିଇଓ ମଛିନ୍ଦ୍ର ମଲ୍ଲିକ ନିଲେଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମୋନାଲିଶା ସାହୁଙ୍କୁ ଖଇରପାଲି ୟୁଜିୟୁପି ସ୍କୁଲରେ ଯୋଗ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଖବର ପାଇ ମଙ୍ଗଳବାର ଖଇରପାଲି ୟୁଜିୟୁପି ସ୍କୁଲର ଅଭିଭାବକ ଖୁସି ହୋଇଥିଲେ। କିନ୍ତୁ ଉକ୍ତ ଖବର ନିଲେଇପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବିଦ୍ୟାର୍ଥୀ ଏବଂ ଅଭିଭାବକଙ୍କ ମଧ୍ୟରେ ନୈରାଶ୍ୟ ଖେଳାଇ ଦେଇଥିଲା। ନିଲେଇପାଲି ସ୍କୁଲ ପରିଚାଳନା କମିଟି ମଙ୍ଗଳବାର ସକାଳ ସାଢେ ୮ଟାରେ ସଙ୍ଗେ ସଙ୍ଗେ ବିଦ୍ୟାଳୟରେ ତାଲା ପକାଇ ବଦଳି ଆଦେଶ ପ୍ରତ୍ୟାହାର କରିବାକୁ ଧାରଣାରେ ବସିଥିଲେ। ସମସ୍ତ ବିଦ୍ୟାର୍ଥୀ ମଧ୍ୟ ଆସି ନିଜ ନିଜ ଅଭିଭାବକ ଓ ଅଭିଭାବିକାଙ୍କ ସହ ଧାରଣା ଦେଇଥିଲେ।

ପରିଚାଳନା କମିଟିଙ୍କ ଅଭିଯୋଗ ଯେ, କେଉଁ କାରଣରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଅଫିସ ସମୟରେ ବଦଳି ଆଦେଶ ନ ଦେଇ ରାତ୍ରି ସାଢ଼େ ୧୦ଟାରେ ହ୍ୱାଟ୍ସଆପ୍‌ରେ ପଠାଇ ଫୋନ କରିଥିଲେ। ତେବେ ନିଲେଇପାଲିରେ ଧାରଣା ନେଇ ବିଭାଗୀୟ ଅଧିକାରୀଙ୍କ ସହ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତଙ୍କୁ ମଧ୍ୟ ଗ୍ରାମବାସୀ ଅବଗତ କରାଇଥିଲେ। ଶେଷରେ ସ୍କୁଲରେ ତାଲା ଭୟରେ ଅତାବିରା ବିଇଓ ମଲ୍ଲିକ ମଙ୍ଗଳବାର ନିଜ ଆଦେଶକୁ ବାତିଲ କରି ପୁନଃ ନିଲେଇପାଲି ସ୍କୁଲକୁ ଶିକ୍ଷୟିତ୍ରୀ ମୋନାଲିଶା ସାହୁଙ୍କୁ ଫେରାଇ ଆଣିଥିଲେ। ଏହା ପରେ ନିଲେଇପାଲି ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ସେପଟେ କୁଡାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ହେମନ୍ତ ଷଣ୍ଢଙ୍କୁ ଖଇରପାଲି ସ୍କୁଲକୁ ଡେପୁଟେଶନରେ ପଠାଯାଇଥିଲା। ଏ ନେଇ ଅତାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଭେଡେନ ବିଇଓ ମାଛିନ୍ଦ୍ର ମଲ୍ଲିକଙ୍କୁ ତାଙ୍କ ମୋବାଇଲ ନମ୍ବର ୯୭୭୭୭୫୦୬୨୦ରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ତାଙ୍କ ପ୍ରତିକ୍ରିୟା ନିଆଯାଇପାରି ନାହିଁ।

## ମହିଳା କଲେଜରେ ଅଙ୍ଗଦାନ ଶୀର୍ଷକ ଆଲୋଚନାଚକ୍ର




ଅଙ୍ଗଦାନ ଚୁକ୍ତିନାମା ସ୍ୱାକ୍ଷର କରିଥିବା ଦମ୍ପତିଙ୍କୁ ଆଲୋଚନାଚକ୍ରରେ ସମ୍ବର୍ଦ୍ଧିତ କରାଯାଉଛି।

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ପାର୍ବତୀ ଗିରି ମହିଳା କଲେଜ ସମ୍ମିଳନୀ କକ୍ଷରେ ଜାତୀୟ ଅଙ୍ଗଦାନ ସପ୍ତାହ ପାଳନ ଅବସରରେ ସୋମବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧାପିକା ନଳିନୀ ନିରୋଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏହି ଆଲୋଚନାଚକ୍ରରେ ସମ୍ପୂର୍ଣ୍ଣ ଅଙ୍ଗଦାନ ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କରିଥିବା ଦମ୍ପତି ବରଗଡ଼ ସହର ନିବାସୀ ତୁଳସୀ ଚରଣ ଦାଶ ଓ କମଳା ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଅଙ୍ଗଦାନର ଉପକାରିତା ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ନୂଆଦିଲ୍ଲୀସ୍ଥିତ ୟୁଥ୍ ଅର୍ଗାନ ଡୋନେଶନ କ୍ଲବର ସଭାପତି ରୋଜାଲିନ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାମ୍ପ୍ରତିକ ସମାଜରେ ଅଙ୍ଗଦାନର ଗୁରୁତ୍ୱ ଓ ପ୍ରକାରଭେଦ ଏବଂ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥି ତଥା ଅଙ୍ଗଦାନ ଚୁକ୍ତିନାମା ସ୍ୱାକ୍ଷର କରିଥିବା ଦମ୍ପତିଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅଧାପିକା ଡ. ସଂଘମିତ୍ରା ମିଶ୍ର, ରଶ୍ମିତା ମଲ୍ଲିକ, ନନ୍ଦିନୀ ନିରୋଜ ପଣ୍ଡା, ମୌସୁମୀ ଲିଜା ନାଏକ ଅଙ୍ଗଦାନ ପାଇଁ ଶପଥ ପାଠ କରିଥିବାରୁ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ଡ. ପ୍ରଶାନ୍ତ କୁମାର ଦାଶ, ବିନୋଦିନୀ ବରିହା, ଚୁଳମୁକ୍ତା ପ୍ରଧାନ, ଅର୍ପିତା ପଣ୍ଡା ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଆଲୋଚନାଚକ୍ରରେ ୨୫୦ ଜଣ ଛାତ୍ରୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଡ. ସଂଘମିତ୍ରା ମିଶ୍ର ସଂଯୋଜନା କରିଥିବା ବେଳେ ପ୍ରାଧାପିକା ମଧୁସ୍ମିତା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ବ୍ରାହ୍ମଣ ସମାଜ ବୈଠକ

ବୌଦ୍ଧ,୫।୮ (ଅଜିତ କୁମାର ବାରିକ)

ଟାଙ୍ଗରପାଲି ପଞ୍ଚଲିଙ୍ଗେଶ୍ୱର ପୀଠରେ ସିଦ୍ଧେଶ୍ୱର ଆଞ୍ଚଳିକ ବ୍ରାହ୍ମଣ ସମାଜ ସହଯୋଗରେ ମଙ୍ଗଳବାର ବୌଦ୍ଧ ଜିଲା ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚ ଲିଙ୍ଗେଶ୍ୱରରେ ଜଳାଭିଷେକ, ରୁଦ୍ରାଭିଷେକ, ବିଶ୍ୱଶାନ୍ତି ଯଜ୍ଞ, ଭଜନ କୀର୍ତ୍ତନ ହୋଇଥିଲା। ଜ୍ଞାନ ଯୋଶୀ ପୂଜକ ଥିବାବେଳେ ଅମ୍ଳାନ ଜ୍ୟୋତି ଦାଶ ଓ ପତ୍ନୀ ଦୀପାଳି ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଜିଲା ବ୍ରାହ୍ମଣ ସଂଘ ସଭାପତି ଗୁରୁପ୍ରସାଦ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦକ ଦେବାଶିଷ ପୁରୋହିତ ନିଜ ମତ ରଖିଥିଲେ। ବୈଠକରେ ବ୍ରାହ୍ମଣମାନଙ୍କ ସମସ୍ୟା ସମାଧାନ ପାଇଁ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଆଞ୍ଚଳିକ ବ୍ରାହ୍ମଣ ସମାଜ ସଭାପତି ନୃସିଂହ ଚରଣ ହୋତା, ସମ୍ପାଦକ କୁନା ରଥ, ଉପଦେଷ୍ଟା ମାନସ ପୁରୋହିତ, ସୁକାନ୍ତ ଦାସ, ଲବ କୁମାର ଚାନ୍ଦ, ସରୋଜ ଦାଶ, ସଞ୍ଜୀବ କୁମାର ପଣ୍ଡା, ଶଙ୍କର ପୁରୋହିତ, ଶମ୍ଭୁପ୍ରସାଦ ମିଶ୍ର, ପ୍ରଦୀପ ହୋତା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ୮ ରିଟେଲରଙ୍କ ଲାଇସେନ୍ସ ରଦ୍ଦ

**ସାର, କୀଟନାଶକ ବିକ୍ରିରେ ଅନିୟମିତତା**

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ସାର, କୀଟନାଶକ ବିକ୍ରିରେ ଅନିୟମିତତା ନେଇ ଜିଲା କୃଷି ବିଭାଗ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି କ୍ରମରେ କୃଷି ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇ ବିଭିନ୍ନ ସାର, କୀଟନାଶକ ବିକ୍ରିରେ ଅନିୟମିତତା ଧରାପଡ଼ିବା ପରେ ୮ ଲାଇସେନ୍ସପ୍ରାପ୍ତ ସାର ଏବଂ କୀଟନାଶକ ରିଟେଲର(ଦୋକାନୀ)ଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ସେଥିମଧ୍ୟରେ ୭ ଲାଇସେନ୍ସପ୍ରାପ୍ତ ସାର ବିକ୍ରେତା ରିଟେଲର ଏବଂ ଜଣେ କୀଟନାଶକ ବିକ୍ରେତା ରିଟେଲର ଅନ୍ତର୍ଭୁକ୍ତ। ସମ୍ପୃକ୍ତ ସାର ବିକ୍ରେତା ରିଟେଲରମାନେ ହେଲେ ଅଡ଼ଗାଁର ସାହୁ ପେଷ୍ଟିସାଇଡସ୍, ଚକରକେନ୍ଦର ଏସ୍.ଏସ୍ ଟ୍ରେଡର୍ସ, ନୁନିଆଁ ଜାମପାଲିର ଗୋଦାବର୍ତ୍ତୀ ଶ୍ରୀନିବାସ ରାଓ ଫର୍ଟିଲାଇଜର୍ସ, ଜମୁର୍ଦ୍ଦାର ସୌରଭ ଟ୍ରେଡର୍ସ, ପାଇକମାଳ ବ୍ଲକର ମିଠାପାଲିସ୍ଥିତ କୃଷକ ସେବାକେନ୍ଦ୍ର, ମାଣ୍ଡୋସିଲର ପ୍ରଧାନ ଏଗ୍ରୋ ସର୍ଭିସ ଏବଂ ଗାଇସିଲେଟ ବ୍ଲକର ଗାଇସିଲେଟସ୍ଥିତ ପ୍ରଧାନ ଫର୍ଟିଲାଇଜର। ସେହିପରି ବରଗଡ଼ସ୍ଥିତ କୀଟନାଶକ ବିକ୍ରେତା ପାରସ୍ ଟ୍ରେଡର୍ସର ଲାଇସେନ୍ସକୁ ମଧ୍ୟ ରଦ୍ଦ କରି ଦିଆଯାଇଛି। ସାର, କୀଟନାଶକ ବିକ୍ରି ପାଇଁ ରହିଥିବା ସରକାରୀ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରୁଥିବା ଜଣାପଡ଼ିବା ପରେ ସମ୍ପୃକ୍ତ ରିଟେଲରମାନଙ୍କ ବିରୋଧରେ ସେଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜିଲା କୃଷି ବିଭାଗ ତରଫରୁ ସୂଚନା ମିଳିଛି।

ଏଠାରେ ଉଲ୍ଲେଖଯୋଗ୍ୟ, ସରକାରୀ ଧାର୍ଯ୍ୟଦରରେ ସାର ବିକ୍ରି ପାଇଁ ଜିଲାରେ ଲାଇସେନ୍ସପ୍ରାପ୍ତ ରିଟେଲର୍, ହୋଲସେଲର ଏବଂ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗୁଡ଼ିକୁ ଦାୟିତ୍ୱ ଦିଆଯାଇଛି। ତେବେ କେତେକ ରିଟେଲର ସରକାରୀ ଧାର୍ଯ୍ୟ ଦରଠାରୁ ଅଧିକ ଦରରେ ସାର ଏବଂ କୀଟନାଶକ ବିକ୍ରି କରୁଥିବା ଅଭିଯୋଗ ହୋଇ ଆସୁଛି। ୟୁରିଆ ସାର ପ୍ୟାକେଟ୍(୪୫କି.ଗ୍ରା) ପ୍ରତି ୨୬୬ଟଙ୍କା ୫୦ପଇସା ରହିଛି। ମାତ୍ର ଏହାକୁ ୩୫୦ ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ଡିଏପି ସାରକୁ ମଧ୍ୟ ଅନୁରୂପଭାବେ ଚଢ଼ାଦରରେ ବିକ୍ରି କରାଯାଉଥିବା ଅଭିଯୋଗ ହୋଇଛି। ସରକାରୀ ଧାର୍ଯ୍ୟଦର ମୁତାବକ ଡିଏପି ସାର ପ୍ୟାକେଟ୍(୫୦କି.ଗ୍ରା) ପ୍ରତି ୧୩୫୦ଟଙ୍କା ଅଟେ। କିନ୍ତୁ ଏହି ସାରକୁ ମଧ୍ୟ ଲାଇସେନ୍ସପ୍ରାପ୍ତ ରିଟେଲର, ହୋଲସେଲରମାନେ ୧୫୫୦ଟଙ୍କାରୁ ୧୬୦୦ଟଙ୍କାରେ ବିକ୍ରି କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲାରେ କୀଟନାଶକ ବିକ୍ରି କ୍ଷେତ୍ରରେ ମଧ୍ୟ କେତେକ ରିଟେଲର ଏଭଳି ଅନିୟମିତତା କରୁଥିବା ଅଭିଯୋଗ ହୋଇ ଆସୁଛି। ଏଭଳି ଅଭିଯୋଗ ପାଇବା ପରେ ଜିଲା କୃଷି ବିଭାଗ ପକ୍ଷରୁ ବିଭିନ୍ନ ସାର, କୀଟନାଶକ ଦୋକାନରେ ଧରପଗଡ଼ ଚାଲିଛି। ପ୍ରକାଶଥାଉ କି,ବରଗଡ଼ ଜିଲାରେ ସାର କଳାବଜାର ନେଇ ଗତ ଜୁଲାଇ ମାସ ୧୧ ତାରିଖ ଧରିତ୍ରୀରେ ପ୍ରଥମେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା।

## ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟକୁ ସହାୟତା



ମାହେଶ୍ୱରୀ ନର୍ସିଂ କଲେଜ ଚେୟାରମ୍ୟାନ ସହଯୋଗ ରାଶି ବାବଦକୁ ଚେକ୍ ପ୍ରଦାନ କରୁଛନ୍ତି।

ବରଗଡ଼, ୫।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ମାହେଶରୀ ନର୍ସିଂ କଲେଜ ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟକୁ ସହଯୋଗର ହାତ ବଢାଇଛି। ଏହି ନର୍ସିଂ କଲେଜର ଚେୟାରମ୍ୟାନ ଫକୀର କର୍ଣ୍ଣ ମଙ୍ଗଳବାର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ସୁବିଧା ସୁଯୋଗ ପାଇଁ ଏକ ଜେନେରେଟର କ୍ରୟ ସକାଶେ ୧ଲକ୍ଷ ୫୦ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିଛନ୍ତି। ସହଯୋଗ ରାଶି ବାବଦକୁ ସେ ଏକ ଚେକ ପ୍ରଦାନ କରିଥିଲେ। ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ କର୍ତ୍ତୃପକ୍ଷ ଚେକ ଗ୍ରହଣ କରିଥିଲେ। ଚେୟାରମ୍ୟାନ କର୍ଣ୍ଣଙ୍କ ଏଭଳି ସହଯୋଗକୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇ ଥିବାବେଳେ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ସଫଳ ହେବା ପାଇଁ ପରିଶ୍ରମ ହିଁ ଏକମାତ୍ର ମାଧ୍ୟମ

**ପିଏମ୍‌ଶ୍ରୀ ବିଦ୍ୟାଳୟର ପ୍ରତିଷ୍ଠା ଦିବସ**

ପଦ୍ମପୁର,୫।୮ (ପ୍ରଦୀପ୍ତ ଦାଶ)

ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୫୯ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲୋକନାଥ ଭୋଇଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ସଭ୍ୟ ନବୀନ ଚନ୍ଦ୍ର ପାଢ଼ୀ, ମନୋରଞ୍ଜନ ସିଂହ ବରିହା, ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ପୂର୍ବତନ ଶିକ୍ଷକ ଜୀବନାନନ୍ଦ ସାହୁ, ପୂର୍ବତନ ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ, ବୃନ୍ଦାବନ ଦାସଙ୍କୁ, ମିନତି ଦାସ, ସୁରେଶ ଚନ୍ଦ୍ର ଚୌହାନ ଯୋଗ ଦେଇଥିଲେ। ମାନସ ରଞ୍ଜନ ଶତପଥୀ ଓ ରବିନା ପଧାନ ସଭାକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଫଳ ହେବା ପାଇଁ କେବଳ ପରିଶ୍ରମ ହି ଏକମାତ୍ର ମାଧ୍ୟମ ବୋଲି ମୁଖ୍ୟଅତିଥି ବରିହା ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପୂଜାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଭାକୁ ସଫଳ କରିବା ପାଇଁ ଜ୍ୟୋତ୍ସ୍ନା ରାଣୀ ସାହୁ, ସଂଯୁକ୍ତା ଭୋଇ, ମନିଷା ଭୋଇ, ବୃନ୍ଦାବତୀ ସାହୁ, ଖୁସବୁ ବରିହା, ଜ୍ୟୋତି ରେଖା ମହାନନ୍ଦ, ଅମନ କୁମାର ପଣ୍ଡା, ମମତା ମିଶ୍ର, ପ୍ରଭାତୀ ପଟ୍ଟନାୟକ, ନିଳୀମା ରାଣୀ ମହାନ୍ତି, ସୁଷମା ଦାସ, ଦୁଷ୍ମନ୍ତ ଛତର, କମଳା କୁମ୍ଭାର, ପ୍ରଭାସିନୀ ସାହୁ ସହାୟତା କରିଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ତର୍କ ପ୍ରତିଯୋଗିତା

ବରଗଡ଼,୫।୮ (ପ୍ରେମାନନ୍ଦ ଖମାରୀ)

ଆସନ୍ତା ସ୍ୱାଧୀନତା ଦିବସ ଉପଲକ୍ଷେ ବରଗଡ଼ ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ଟାଉନ ଉଚ୍ଚ ବିଦ୍ୟାଳୟରେ କନିଷ୍ଠ ବିଭାଗ ଛାତ୍ରୀଛାତ୍ରଙ୍କ ପାଇଁ ତର୍କ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଡୋଳାମଣି ସାହୁ ଓ ହିମାଂଶୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ବିବେକାନନ୍ଦ ଅଦାବର, ଉଦ୍ଧବ ଦେବତା ପ୍ରମୁଖ ଯୋଗଦେଇଥିଲେ। ତର୍କ ପ୍ରତିଯୋଗିତାର ବିଷୟବସ୍ତୁ ଶିକ୍ଷାରେ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ ରଖାଯାଇଥିବା ବେଳେ ବିଭିନ୍ନ ବିଦ୍ୟାଳୟ ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସିମେଣ୍ଟ ନଗର ବିକାଶ ସ୍କୁଲର ଛାତ୍ରୀ ଆରାଧ୍ୟା ତ୍ରିପାଠୀ ପ୍ରଥମ, ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ସାଇ ସମର୍ଥ ପାଢ଼ୀ ଦ୍ୱିତୀୟ ଏବଂ ଆଟିଭିର ଦି କନସେପ୍ଟ ସ୍କୁଲର ଛାତ୍ର ଭବ୍ୟାଂଶ ସାହୁ ତୃତୀୟ ସ୍ଥାନ ଅଧିକାର କରି ବିଜୟୀ ଘୋଷିତ ହୋଇଥିଲେ। ସ୍ୱାଧୀନତା ଦିବସରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଆୟୋଜକ କମିଟି ତରଫରୁ ସୂଚନା ପ୍ରଦାନ କରାଯାଇଛି।




ବିଚାରକଙ୍କ ଗହଣରେ କୃତୀ ପ୍ରତିଯୋଗୀବୃନ୍ଦ।

# ସମ୍ବଲପୁରୀ ଡ୍ରେସ୍‌କୋଡ୍ ପାଇଁ ଏବିଭିପିର ଦାବିପତ୍ର

ପଦ୍ମପୁର, ୫।୮ (ପ୍ରଦୀପ୍ତ ଦାଶ)

ସମ୍ବଲପୁରୀ ବସ୍ତ୍ରକୁ ନେଇ ପଦ୍ମପୁରରେ ବଢୁଛି ଚାହିଦା। ଗତ ଶନିବାର ବୋଡ଼ାସମ୍ବର ମେହେର (ଭୁଲିଆ) ଯୁବାମଞ୍ଚ ତରଫରୁ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସମ୍ବଲପୁରୀ ଡ୍ରେସକୋଡ୍ ଲାଗୁ କରିବା ପାଇଁ ଅନୁରୋଧ କରାଯାଇଥିଲା। ମଙ୍ଗଳବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କୁ ଭେଟିଥିଲେ। ଭୁଲିଆ ସମାଜର ଯୁବାମଞ୍ଚ ଦ୍ୱାରା ଦିଆଯାଇଥିବା ପ୍ରସ୍ତାବର ସମର୍ଥନରେ ଏବିଭିପି ମଧ୍ୟ ଆଗାମୀ ବର୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ ଡ୍ରେସକୋଡ୍ ସମ୍ବଲପୁରୀ କରିବା ପାଇଁ ଅନୁରୋଧ କରିଛି। ଏବିଭିପିର ଏହି ପଦକ୍ଷେପକୁ ଅଞ୍ଚଳ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମଧ୍ୟ ବହୁ ସଂଖ୍ୟାରେ ସମର୍ଥନ ଜଣାଉଛନ୍ତି।



ସମ୍ବଲପୁରୀ ଡ୍ରେସକୋଡ କରିବା ପାଇଁ କଲେଜ ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅଧ୍ୟକ୍ଷ ଦାଶ ମଧ୍ୟ ଏହାକୁ ଖୁସିରେ ଗ୍ରହଣ କରି କାର୍ଯ୍ୟକାରୀ କରିବା ପାଇଁ ମତ ରଖିଛନ୍ତି। ଏବିଭିପିର ନଗର ଶାଖାର ଉପସଭାପତି ବାଦଲ ସମ୍ପାଦକ ପ୍ରତ୍ୟୁଷ କୁମାର ଦାସଙ୍କ ନେତୃତ୍ୱରେ ଅଞ୍ଚଳ ମହାବିଦ୍ୟାଳୟ ମେହେର ତଥା ଅନେକ କାର୍ଯ୍ୟକର୍ତ୍ତା କଲେଜ କର୍ତ୍ତୃପକ୍ଷଙ୍କ ପାଖକୁ ଯାଇ ଏହି ବିଷୟରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଟ୍ରାକ୍ଟର ଧକ୍କାରେ ସ୍କୁଟି ଚାଳକ ଗୁରୁତର

ବଣାଇଁ,୮।୫(ପ୍ରଦୀପ ତ୍ରିପାଠୀ): ବଣାଇଁ ଥାନା ଅନ୍ତର୍ଗତ ନରେନ୍ଦ୍ର- ଗୁରୁଣ୍ଡିଆ ପୂର୍ତ୍ତ ବିଭାଗ ରାସ୍ତାର ଜୀବିକା ନିକଟରେ ମଙ୍ଗଳବାର ଏକ ଟ୍ରାକ୍ଟର ସମ୍ମୁଖରୁ ଆସୁଥିବା ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ ସ୍କୁଟି ଚାଳକ ଗୁରୁତର ଆହତ ହୋଇଛନ୍ତି। ସେହେଲେ ସଞ୍ଜୀବ ହେରେଞ୍ଜ (୪୫)। ଟ୍ରାକ୍ଟରରେ ଲାଗିଥିବା କାଜୁଆଲରେ ସଞ୍ଜୀବଙ୍କ ଗୋଡ ସମ୍ପୂର୍ଣ୍ଣ ଛିଣ୍ଡି ଯାଇଥିବା ଜଣାପଡିଛି। ଟ୍ରାକ୍ଟରରେ ଲାଇଟ ନ ଥିବା ଯୋଗୁ ସ୍କୁଟିକୁ ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ରେ ଗୁରୁଣ୍ଡିଆ ପଟୁ ସଞ୍ଜୀବ କୌଣସି କାମ ପାଇଁ ସ୍କୁଟି ଯୋଗେ ବଣାଇଁ ଅଭିମୁଖେ ଆସୁଥିଲେ। ଏହି ସମୟରେ ଗୁରୁଣ୍ଡିଆ ଅଭିମୁଖେ ଯାଉଥିବା ଏକ ଟ୍ରାକ୍ଟର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ପ୍ରଥମେ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି।

### ଅପହୃତା ନାବାଳିକା ମୁମ୍ବାଇରୁ ଉଦ୍ଧାର, ଜଣେ ଗିରଫ

କୁଆଁରମୁଣ୍ଡା,୫।୮(ମହେନ୍ଦ୍ର କୁମାର ସାହୁ): ବୀରମିତ୍ରପୁର ପୌରାଞ୍ଚଳରେ ଜଣେ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଇ ଅପହରଣ କରିଥିଲେ। ଏନେଇ ପରିବାର ଲୋକେ ବୀରମିତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା କେସ୍ ନଂ.୨୭୦/୨୫ ରୁଜୁ କରିଛି। ବୀରମିତ୍ରପୁର ଥାନା ଆଇଆଇସି ରାମପ୍ରସାଦ ନାଗ ଘଟଣାର ତଦନ୍ତ କରି ସୋମବାର ଅଭିଯୁକ୍ତ ଏମ୍‌ଡି ରକିବଙ୍କୁ ମୁମ୍ବାଇର ଭସାଇରୁ ଗିରଫ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛନ୍ତି। ଉଭୟଙ୍କର ଡାକ୍ତରୀ ମାଇନା ବୀରମିତ୍ରପୁର ସ୍ୱାସ୍ଥ୍ୟ କେନ୍ଦ୍ରରେ କରାଯାଇଛି। ବୁଧବାର ଅଭିଯୁକ୍ତ ରକିବଙ୍କୁ ସୁନ୍ଦରଗଡ ପୋକ୍ସୋ କୋର୍ଟକୁ ଚାଲାଣ କରାଯିବ ବୋଲି ଆଇଆଇସି ନାଗ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ଗାନ୍ଧୀ ରୋଡ ଅଞ୍ଚଳର ଏମ ଡି ରକିବ ଜୁନ ୧୩ ତାରିଖରୁ ନାବାଳିକାଙ୍କୁ ଅପହରଣ କରି ନେଇ ମୁମ୍ବାଇରେ ରଖିଥିଲେ।

### ମହୁଲି ମଦ ଜବତ, ୨ ଗିରଫ

ବଡ଼ଗାଁ,୫।୮(ଅଶୋକ ଷଡଙ୍ଗୀ) : ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ପୋଲିସ ମଙ୍ଗଳବାର ଚଢଉ କରି ୨ ମଦ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୫ ଲିଟର ଲେଖାଏଁ ମହୁଲି ମଦ ଜବତ ହୋଇଛି। ବଡ଼ଗାଁ ପୋଲିସ ଉଭୟଙ୍କୁ ନୋଟିସ୍ ନେଇ ଛାଡି ଦେଇଥିବା ସୂଚନା ମିଳିଛି।

### ଦମ୍ପତିଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

ବଡ଼ଗାଁ, ୫।୮( ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ଥାନା ଅନ୍ତର୍ଗତ ସେନ୍ଦରିଟାଙ୍ଗର ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ମଙ୍ଗଳବାର ଜଣେ ଦମ୍ପତିଙ୍କୁ ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ବଡ଼ଗାଁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ପ୍ରାଥମିକ ତଦନ୍ତ କରି ଦମ୍ପତିଙ୍କୁ ଆକ୍ରମଣ କରିଥିବା ସେହି ଗ୍ରାମର ୫ ଜଣଙ୍କୁ ପଚରାଉଚରା କରୁଛି। ପ୍ରକାଶ ଯୋଗ୍ୟ ଯେ, ଉଭୟ ପକ୍ଷ ମଧ୍ୟରେ ଏକ ସରକାରୀ ଜମି ଚାଷ କରିବାକୁ ନେଇ କିଛି ବର୍ଷ ହେଲା ଗଣ୍ଡଗୋଳ ଲାଗି ରହିଛି।

# ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ତେଜିଲା

## ସରକାର ଆନ୍ତରିକତା ପ୍ରକାଶ କରନ୍ତୁ କହିଲେ ବିଧାୟକ

ସୁନ୍ଦରଗଡ,୫।୮(ଜୟ ନାରାୟଣ ମେଣ୍ଟୁଲି)

ମହାରାଷ୍ଟ୍ରର କୋହ୍ଲାପୁର ଠାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ଅନୁମତି ମିଳିବା ପରେ ଏବେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପୁଣି ତେଜିଛି। ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନରେ ଏହି ବେଞ୍ଚ ପ୍ରତିଷ୍ଠା ନେଇ ପଶ୍ଚିମ ଓଡ଼ିଶାର ଓକିଲ ସଂଘ ପକ୍ଷରୁ ଦୀର୍ଘ ବର୍ଷରୁ ଏହି ଦାବି ହୋଇ ଆସୁଅଛି। ବର୍ତ୍ତମାନ ରାଜ୍ୟ ଓ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ସରକାର ରହିଛି। ସରକାର ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନରେ ଏହି କୋର୍ଟ ସ୍ଥାପନ ନେଇ ଆନ୍ତରିକତା ପ୍ରକାଶ କରନ୍ତୁ ବୋଲି ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ପ୍ରକାଶ କରିଛନ୍ତି। ଦୀର୍ଘ ବର୍ଷ ହେବ ଏହି ଦାବି ହୋଇ ଆସୁଅଛି। ୫୦୦କିଲୋମିଟର ଦୂରରୁ ଜନ ସାଧାରଣ ହାଇକୋର୍ଟ କାର୍ଯ୍ୟରେ ଯାଇ ହଇରାଣ ହେଉଛନ୍ତି। ଏଣୁ ରାଜ୍ୟ ଓ କେନ୍ଦ୍ରରେ ଥିବା ଡବଲ ଇଞ୍ଜିନ ସରକାର ଯଥାଶୀଘ୍ର ପଦକ୍ଷେପ ନିଅନ୍ତୁ ବୋଲି ବିଧାୟକ ସିଂହ ଦାବି କରିଛନ୍ତି। ଏନେଇ ସେ ବିଧାନସଭାରେ ଦାବି ଉଠାଇବେ ବୋଲି କହିଛନ୍ତି। ସେହିପରି ବରିଷ୍ଠ ଆଇନଜୀବୀ ଅଶୋକ କୁମାର ଦାଶ କହିଛନ୍ତି, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଆମର ଦାବି ରହି ଆସିଛି ଓ ରହିବ ମଧ୍ୟ। ମହାରାଷ୍ଟ୍ର ସରକାର କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରି କୋହ୍ଲାପୁର ଠାରେ ହାଇକୋର୍ଟରସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାରେ ସଫଳ ହୋଇଛନ୍ତି। ଆମ ରାଜ୍ୟ ସରକାର ମଧ୍ୟ ଏଦିଗରେ ପଦକ୍ଷେପ ନେବେ ବୋଲି ଆମେ ଆଶାବାଦୀ ବୋଲି ଦାଶ ପ୍ରକାଶ କରିଛନ୍ତି।

# ଆସାମର ୩ ଜଣିଆ ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ



ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ଆସାମର ୩ଜଣିଆ ଅଧିକାରୀ ଓ ଅନ୍ୟମାନେ।

କୁତ୍ରା, ୫।୮(ଦେବାଶିଷ ସାହୁ)

କୁତ୍ରା ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟକୁ ମଙ୍ଗଳବାର ଆସାମର ତିନିଜଣିଆ ଏସ୍‌ଇଆର୍‌ଟି ଅଧିକାରୀ ପରିଦର୍ଶନ କରିଛନ୍ତି। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ଆସାମର ଏସ୍‌ଇଆର୍‌ଟି ଯୁଗ୍ମ ନିର୍ଦ୍ଦେଶକ ମୁକେଶ ଶର୍ମା, ଆସାମର ଏସ୍‌ଇଆର୍‌ଟି ଉପନିର୍ଦ୍ଦେଶକ ପାଆନୁ ବରୁଆ, ସ୍ନାତକ ପ୍ରଶିକ୍ଷକ ବିଟିସି ରାଜଲକ୍ଷ୍ମୀ ଶର୍ମା, ଡାଏଟ୍ ଅଧକ୍ଷା ଲିପିକା ବେହେରା, ଧନ୍ଦାମୂଳକ ଶିକ୍ଷା ଜିଲା କୋ-ଅର୍ଡିନେଟର ଦୀପକ କୁମାର ଦାସ ପରିଦର୍ଶନରେ ଆସିଥିଲେ। ଏହି ପରିଦର୍ଶନ ସମୟରେ ଅନୁଷ୍ଠାନର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ, ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ, ଦୀପିକା କେର୍କେଟାଙ୍କ ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ବିଦ୍ୟାଳୟର ସୁଦୃଢ଼ ଭିତ୍ତିଭୂମି, ଶିକ୍ଷାଦାନ ପଦ୍ଧତି, ପରିବେଶ ସୁରକ୍ଷା ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା, କ୍ରୀଡ଼ା ଭିତ୍ତିଭୂମି, ଆଧୁନିକ ବିଜ୍ଞାନାଗାର, ଅଟଳ ବିଜ୍ଞାନାଗାର, ଉନ୍ନତମାନର ପାଠାଗାର ବାବଦରେ ପଚାରି ବୁଝିଥିଲେ। ଏହି ପରିଦର୍ଶନ ବେଳେ ଛାତ୍ରୀମାନେ ବିହୁ ନୃତ୍ୟ ପରିବେଷଣ କରିଥିଲେ। ଏହି ଗସ୍ତ ବେଳେ ଛାତ୍ରୀଛାତ୍ରମାନଙ୍କ ଏକାଧିକ ବିଷୟରେ ପାରଙ୍ଗମତାକୁ ପ୍ରଶଂସା କରିଥିଲେ। ଆସାମର ଏସ୍‌ଇଆର୍‌ଟି ଯୁଗ୍ମ ନିର୍ଦ୍ଦେଶକ ମୁକେଶ ଶର୍ମା ତାଙ୍କ ବକ୍ତବ୍ୟରେ ବିଦ୍ୟାଳୟ ପରିବେଶ ଓ ଉନ୍ନତମାନର ପାଠ୍ୟ ଭିତ୍ତିଭୂମି ଅତ୍ୟନ୍ତ ଉଚ୍ଚକୋଟୀର ବୋଲି ଦେଖି ମୁଁ ଅତ୍ୟନ୍ତ ଅଭିଭୂତ। ଏଭଳି ବିଦ୍ୟାଳୟ ଆସାମରେ ବିରଳ। ଏହି ଗସ୍ତରୁ ଯେଉଁ ଅନୁଭୂତି ପ୍ରାପ୍ତ କରିଛି ତାକୁ ଆସାମ ସରକାରଙ୍କ ନିକଟରେ ଉପସ୍ଥାପିତ କରି ଏଥିରୁ ଲାଭ ଉଠାଇବୁ ବୋଲି ସେ କହିଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ର ମଧ୍ୟ ଆସାମର ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ତାଙ୍କଠାରୁ ପଚାରି ବୁଝିଥିଲେ।

## ବେଆଇନ ଛାତ୍ରାବାସ ବନ୍ଦ କରିବାକୁ ଦାବିପତ୍ର

ବଲାଙ୍ଗୀର,୫।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବାଞ୍ଜିପାଲି ଗାଁରେ ବେଆଇନ ଭାବେ ଏକ ଛାତ୍ରାବାସ ଚାଲିଥିବା ଏବଂ ସେଠାରେ ଧର୍ମାନ୍ତରୀକରଣ କରାଯାଉଥିବା ସନ୍ଦେହ କରି ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଏହି ଛାତ୍ରାବାସକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ଏଠାରେ ଗରିବ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଛୋଟ ଝିଅ ପୁଅମାନଙ୍କୁ ପାଠ ପଢ଼ାଇବା ନାଁରେ ଧର୍ମାନ୍ତୀକରଣ କରାଯାଉଥିବା ଅଭିଯୋଗ କରାଯାଇଛି। ରାଜ୍ୟ ସରକାରଙ୍କ ଛାତ୍ରାବାସ ସଂକ୍ରାନ୍ତୀୟ ନିୟମ କାନୁନକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିବା ଅଭିଯୋଗ କରାଯାଇଛି। ହଷ୍ଟେଲରେ ଗରିବ ଶ୍ରେଣୀର ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ପିଲାମାନେ ଆଖପାଖର ବିଭିନ୍ନ ସ୍କୁଲରେ ପାଠ ପଢ଼ିବା ପାଇଁ ରହୁଛନ୍ତି। ତେବେ ହଷ୍ଟେଲ ଖୋଲାଯିବା ନେଇ ସ୍ଥାନୀୟ ପ୍ରଶାସନ ପାଖରେ କୌଣସି ସୂଚନା ଦିଆଯାଇଥିବା କୁହାଯାଇଛି। ଛାତ୍ରାବାସରେ ପୁଅ-ଝିଅ ରହିବାକୁ ହେଲେ ଯେଉଁଭଳି ସୁବିଧା ରହିବା କଥା ସେଠାରେ ନ ଥିବା ଅଭିଯୋଗ କରାଯାଇଛି। ପାଠ ପଢ଼ାଇବା ନାଁରେ ଏକ ନିର୍ଦ୍ଦିଷ୍ଟ ଧର୍ମକୁ ଧର୍ମାନ୍ତରୀକରଣ କରାଯାଉଥିବା ଅଭିଯୋଗ କରାଯାଇ ତୁରନ୍ତ ଏହି ବେଆଇନ ଛାତ୍ରାବାସକୁ ବନ୍ଦ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ପବିତ୍ର କୁମାର ଦାଶ, ନରେନ୍ଦ୍ର କୁମାର ବେହେରା, ସୋମନାଥ ସିଂଦେଓ, ସଞ୍ଜୀବ କୁମାର ନାୟକ, ଶଙ୍କର ପାଣିଗ୍ରାହୀ ଓ ଅନ୍ୟମାନେ ଜିଲାପାଳ କାର୍ଯ୍ୟାଳୟକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ବେଆଇନ ଛାତ୍ରାବାସ ଖୋଲିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ଉପଖଣ୍ଡ ଚିକିତ୍ସାଳୟ ସମେତ ବିଭିନ୍ନ ପ୍ରକଳ୍ପର ସମୀକ୍ଷା



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ସମୀକ୍ଷା କରୁଛନ୍ତି।

## ବଣାଇଁ ଉପଖଣ୍ଡ ଗସ୍ତରେ ଜିଲାପାଳ

ବଣାଇଁ,୫।୮(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଉପଖଣ୍ଡରେ ମଙ୍ଗଳବାର ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ମହାପାତ୍ର ୧୪ ଘଣ୍ଟିଆ ମାରାଥନ ସମୀକ୍ଷା କରି ଫେରିଥିବା ଜଣାପଡିଛି। ସୋମବାର ରାତିରେ ବଣାଇଁ ସଦର ମହକୁମାରେ ପହଞ୍ଚି ରାତ୍ରିଯାପନ କରିବା ପରେ ମଙ୍ଗଳବାର ପ୍ରତ୍ୟୁଷରୁ ବଣାଇଁ ଉପଖଣ୍ଡ ସଦର ମହକୁମାରେ ଥିବା ବିଭିନ୍ନ ପ୍ରକଳ୍ପ ଯଥା ହକି ଷ୍ଟାଡିୟମ, ଶବଦାହ ବା ଶ୍ମଶାନ କମ୍ପ୍ଲେକ୍ସ, ବାବା ବାଣେଶ୍ୱର ମନ୍ଦିର ଦେଖିବା ପରେ ଚିକିତ୍ସାଳୟରେ ପହଞ୍ଚି ରୋଗୀଙ୍କ ଅବସ୍ଥା ତଦାରଖ କରିବା ସହିତ ଚିକିତ୍ସାଧିକାରୀଙ୍କୁ ତାଗିଦ କରିଥିଲେ। ପରେ ବିଜୁ ପାର୍କ ଅଞ୍ଚଳରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ଗୁରୁଣ୍ଡିଆ ବ୍ଲକର ଝାରବେଡା, ରୁକୁଡା ସେଚ ପ୍ରକଳ୍ପ, ଗୁରୁଣ୍ଡିଆ ଆଦର୍ଶ ବିଦ୍ୟାଳୟ, ଗୁରୁଣ୍ଡିଆ ବାଳିକା ଉଚ୍ଚ ବିଦ୍ୟାଳୟ, ମିଶନ ଶକ୍ତି ମାର୍ଟ, ଗୁରୁଣ୍ଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସମୀକ୍ଷା କରି ଲହୁଣିପଡ଼ା ବ୍ଲକର ଖୁଣ୍ଟଗାଁ, ଖଣ୍ଡାଧାର ଜଳପ୍ରପାତରେ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ କୋଇଡ଼ାରେ ଚାଲିଥିବା ବିଭିନ୍ନ ଭିତ୍ତିଭୂମିର ତଦାରଖ କରିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରି ଫେରିଛନ୍ତି। ଜିଲାପାଳଙ୍କ ଗସ୍ତ ସମୟରେ ସୁନ୍ଦରଗଡ଼ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନିଶାମୁକ୍ତ କ୍ୟାମ୍ପସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ସୁନ୍ଦରଗଡ଼,୫।୮(ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟଠାରେ ନିଶାମୁକ୍ତ କ୍ୟାମ୍ପସ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଆଲୋକ କୁମାର ନାଏକ ଅଧ୍ୟକ୍ଷତା କରି ନିଶା ଦ୍ରବ୍ୟ ବ୍ୟବହାରର କୁ ପରିଣାମ ସମ୍ପର୍କରେ ସୂଚନା ଦେବା ସହ କଲେଜ ପରିସରକୁ ନିଶାମୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସେହିପରି ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ରାଲି ମଧ୍ୟ ବାହାରିଥିଲା। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକ୍ରମ ଅଧିକାରୀ ଶିବ ପ୍ରସାଦ ମହାନ୍ତି ସଂଯୋଜନା କରିଥିବା ବେଳେ ବାଳିକା ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ଅନିତା କୁମାରୀ ପରଜା ଧନ୍ୟବାଦ ପ୍ରଦାନ କରିଥିଲେ। କନିଷ୍ଠ ବର୍ଗ ବକ୍ତୃତା ପ୍ରତିଯୋଗିତାରେ ସାହିଲ ଚିତା ପ୍ରଥମ, କୁମୁଦିନୀ ଜୟପୁରିଆ ଦ୍ୱିତୀୟ ଏବଂ ଦିବ୍ୟାରାଣୀ କିସାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବରିଷ୍ଠ ବିଭାଗ ବକ୍ତୃତା ପ୍ରତିଯୋଗିତାରେ ଆକୃତି ଭଏସା ପ୍ରଥମ, ମଧୁଲିକା ବେହେରା ଦ୍ୱିତୀୟ ଓ ଅଭିରାଜ ବଞ୍ଜର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରିୟମ୍ବଦା ବରିହା ପ୍ରଥମ ଓ ଆୟୁଷ ଦେହୁରିଆ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

# ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ବାଲିଶଙ୍କରା,୫।୮(ସତ ସେଠ୍)

ବାଲିଶଙ୍କରା ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ବାଲିଶଙ୍କରା ପଞ୍ଚାୟତ ସମିତି ସଭା ଗୃହରେ ବିଡିଓ ଜ୍ୟୋତିର୍ମୟୀ ପ୍ରଧାନଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା କୁଞ୍ଜଲତା ଭିଡ୍ରିଆ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜର ଅଧ୍ୟକ୍ଷ କୁଳମଣି ସାହୁ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ଏକ୍କା, ସମିତି ସଭ୍ୟ ପ୍ରମୋଦ ମିଞ୍ଜ, ସମିତି ସଭ୍ୟା ବେଲମତି ଧୁରୁଆ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଜାନକୀ ପଟେଲ, ପ୍ରଦୀପ ନନ୍ଦ, ସରୋଜ ନାଗ ପ୍ରମୁଖ ଯୋଗଦେଇ ବ୍ଲକ ସ୍ତରୀୟ ସ୍ୱାଧୀନତା ଦିବସ କିପରି ମହାସମାରୋହରେ ପାଳିତ ହେବ ସେନେଇ ମତ ପ୍ରକାଶ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରୁବିନା ଏକ୍କା ବୈଠକ ପରିଚାଳନା ଓ ପୂର୍ବ ବର୍ଷର ବିବରଣୀ ପାଠ କରିବା ସହ କାହାକୁ କେଉଁ ଦାୟିତ୍ୱ ଦିଆଯିବ ସେନେଇ ଆଲୋଚନା କରିଥିଲେ। ଅଗଷ୍ଟ ୧୫ ଭୋର ସାଢେ ୪ଟାରୁ ବ୍ଲକ ତରଫରୁ ରାମ ଧୁନ ପରିବେଷଣ କରାଯିବ। ସମସ୍ତ ବିଦ୍ୟାଳୟ ଓ କଲେଜର ଛାତ୍ରୀଛାତ୍ର ସକାଳ ୬ଟାରେ ପ୍ରଭାତ ଫେରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାପରେ ସକାଳ ୮ଟାରେ ସମୂହ ସ୍ୱାଧୀନତା ଦିବସ ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡିଆରେ ପାଳନ କରାଯିବା ପାଇଁ ଆଗତ କରାଯାଇଛି। ୮ଟା ୩୦ରେ ମୁଖ୍ୟ ଅତିଥି ଜାତୀୟ ପତାକା ଉତ୍ତୋଳନ କରିବେ ଏବଂ ପରେଡ ଅଭିବାଦନ ଗ୍ରହଣ କରିବେ। ପରେଡ ସାରିବା ପରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଶେଷରେ ଜିପିଇଓ ପାସ୍କାଲ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ଗଛରେ କାର୍ ଧକ୍କା, ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ

ଦେଓଗାଁ,୫।୮(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ବନ୍ଧପଡା ଫପସି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଦୁର୍ଘଟଣା ଘଟିଛି। ଗଛରେ କାର ଧକ୍କା ହେବାରୁ ଜଣେ ବ୍ୟାଙ୍କ ମ୍ୟାନେଜରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବନ୍ଧପଡା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମ୍ୟାନେଜର ଦାୟିତ୍ୱରେ ଥିବା ଶୁଶାନ୍ତ କୁମାର ଭୋଇ(୩୫)। ତାଙ୍କ ଘର କଳାହାଣ୍ଡି ଜିଲା ଉତ୍କେଲାର ବୋଲି ଜଣାପଡିଛି। ଏକ ଢ଼ାବାରୁ ଖାଇସାରି ମ୍ୟାନେଜର ଭୋଇ କାରରେ ବ୍ୟାଙ୍କକୁ ଫେରୁଥିବାବେଳେ ସମ୍ମୁଖରୁ ଏକ ଟ୍ରକ ସହ ମୁହାଁମୁହିଁ ହୋଇଥିଲେ। ଟ୍ରକକୁ ସାଇଡ୍‌ଦେବା ସମୟରେ ଭାରସାମ୍ୟ ହରାଇ ପାର୍ଶ୍ୱରେ ଥିବା ଗଛରେ ପିଟିହୋଇଥିଲା କାର।

## ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ


ବଲାଙ୍ଗୀର,୫।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀ ପ୍ରଥମେ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ କପିଳେଶ୍ୱରୀ ଖମାରୀ ପୂର୍ବବୈଠକର ବିବରଣୀ ଉପସ୍ଥାପନ କରିଥିଲେ। କୋଷାଧ୍ୟକ୍ଷ ରୁଦ୍ରେନ୍ଦ୍ର କୁମାର ବେହେରା ଆୟବ୍ୟୟର ବିବରଣୀ ସହ ମଞ୍ଚର ଆକ୍ସନ ପ୍ଲାନ ଓ ବଜେଟ ଉପସ୍ଥାପନ କରିଥିଲେ। ଆସନ୍ତା ଦିନରେ ମଞ୍ଚ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର କରାଯିବ ବୋଲି ସ୍ୱାସ୍ଥ୍ୟ ସଂଯୋଜକ ତଥା ଉପଦେଷ୍ଟା ଅଶୋକ କୁମାର ମିଶ୍ର ପ୍ରସ୍ତାବ ଦେଇଥିଲେ। ସଭାରେ ଉପସ୍ଥାପିତ ବିଭିନ୍ନ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ବୈଠକରେ ଉପଦେଷ୍ଟା ଧନଞ୍ଜୟ ମିଶ୍ର, ଦୁର୍ଗା ପ୍ରସାଦ ହୋତା, ପଦ୍ମ ଚରଣ ଆଚାର୍ଯ୍ୟ, ଉପସଭାପତି ହରେକୃଷ୍ଣ ମେହେର, ଅଶୋକ କୁମାର ଚାନ୍ଦ ଏବଂ ଗୌରଚନ୍ଦ୍ର ପୁରୋହିତ, ପୂର୍ଣ୍ଣଚନ୍ଦ୍ର ମେହେର, ବିନୟ କୁମାର ମିଶ୍ର ଉପସ୍ଥିତ ଥିଲେ ।

# ନାକେଦମ୍ କଲେଣି ୩ ଗୋଠଛଡ଼ା ଦନ୍ତା

## ଚିନ୍ତାରେ ଗ୍ରାମବାସୀ, ଚାଷୀ

ବଣାଇଁ,୫।୮(ପ୍ରଦୀପ ତ୍ରିପାଠୀ)



ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡର ବଣାଇଁ ବନାଞ୍ଚଳ ଏବେ ଗୋଠଛଡା ଦନ୍ତାଙ୍କ ଆବାସସ୍ଥଳୀ ପଲଟିଛି। ୬ ମାସ ପୂର୍ବରୁ ତାଣ୍ଡବ ରଚାଇଥିବା ୨ଟି ଗୋଠଛଡା ପୁଣି ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ତାଙ୍କ ସହିତ ଆଉ ଏକ ଛୋଟ ହାତୀ ଏବେ ସାଥୀ ହୋଇଥିବା ଦେଖାଯାଇଛି । ବଣାଇଁ ବନାଞ୍ଚଳର ଧରିଣୀଧରପାଲି ସେକ୍ସନରେ ୩ ଗୋଠଛଡା ଏବେ ଉତ୍ପାତ ଚଳାଇଛନ୍ତି । କିଛି ଦିନହେବ ବଣାଇଁ ବନାଞ୍ଚଳର ବିଭିନ୍ନ ଗ୍ରାମରେ ୨ଟି ହାତୀ ଘର ଭାଙ୍ଗିବା ସହିତ ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି। ଏହାକୁ ନେଇ ଚିନ୍ତାରେ ଥିବା ଚାଷୀଙ୍କୁ ପୁଣି ଏକ ହାତୀର ଆର୍ବିଭାବ ଝଟକା ଦେଇଛି । ଅଞ୍ଚଳବାସୀ ଏବେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ବନବିଭାଗ ଗୁରୁତ୍ୱ ଦେଇ ହାତୀ ଘଉଡାଇବା ପ୍ରଚେଷ୍ଟା କରୁ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିକ୍ରେତାଙ୍କୁ ତାଗିଦ କଲେ ବିଭାଗୀୟ ଅଧିକାରୀ

## ଚଢ଼ା ଦରରେ ସାର ବିକ୍ରି ଅଭିଯୋଗ

ବଡ଼ଗାଁ,୫।୮(ଅଶୋକ ଷଡ଼ଙ୍ଗୀ)



ବିଭାଗୀୟ ଅଧିକାରୀମାନେ ତଦନ୍ତ କରୁଛନ୍ତି।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଚଢ଼ା ଦର୍‌ରେ ସାର ବିକ୍ରି ହେଉଥିବା ତଥା ଲାଇସେନ୍ସପ୍ରାପ୍ତ ସାର ବିକ୍ରି କେନ୍ଦ୍ରରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହି କ୍ରମରେ ଗତ ୨ ଦିନ ଧରି ବିଭାଗୀୟ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସାର ବିକ୍ରେତାଙ୍କୁ ତାଗିଦ୍ କରିବା ସହିତ ଲାଇସେନ୍ସପ୍ରାପ୍ତ ସାର ଦୋକାନ ଉପରେ ମଧ୍ୟ ଚଢ଼ାଉ କରିଥିଲେ। କେତେକ ଲାଇସେନ୍ସପ୍ରାପ୍ତ ଦୋକାନରେ ସାର ମୂଲ୍ୟ ଲେଖାଯାଇଥିବା, ଦୋକାନ ସମ୍ବନ୍ଧରେ ନାମଫଳକରେ ଉପଯୁକ୍ତ ତଥ୍ୟ ଲେଖା ନ ଥିବାରୁ ବିଭାଗୀୟ ଅଧିକାରୀମାନେ ଅସନ୍ତୋଷ ପ୍ରକାଶ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ସୂଚନା ମିଳିଛି। ରାଜଗାଙ୍ଗପୁର ଜିଲା କୃଷି ଅଧିକାରୀ ନରେଶ ମହାନନ୍ଦ, ଜିଲା କୃଷି ଅଧିକାରୀ ଲାଲ୍‌ବିହାରୀ ମଲ୍ଲିକ, ବଡ଼ଗାଁ ସହକାରୀ କୃଷି ଅଧିକାରୀ ଚିତ୍ତରାଣୀ କାଲୋ ଏହି ଚଢ଼ାଉରେ ସାମିଲ ଥିଲେ। ପ୍ରକାଶଯୋଗ୍ୟ, ବଡ଼ଗାଁ ଲ୍ୟାମ୍ପସ୍ ସମେତ ୧୪ଟି ଲାଇସେନ୍ସପ୍ରାପ୍ତ ସାର ବିକ୍ରି କେନ୍ଦ୍ର ରହିଛି। ବିକ୍ରୟ କେନ୍ଦ୍ରରେ ଅନିୟମିତତା ସମ୍ବନ୍ଧରେ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଚଢ଼ା ଦର୍‌ରେ ସାର ବିକ୍ରି କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବଡ଼ଗାଁ ସହକାରୀ କୃଷି ଅଧିକାରୀ ଚିତ୍ତରାଣୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବୁର୍ଲା ଏନ୍ଏସି କଲେଜର ପ୍ରତିଷ୍ଠା ଦିବସ

ସମ୍ବଲପୁର,୫।୮(ପ୍ରମୋଦ ବହିଦାର)

ଛାତ୍ରୀଛାତ୍ରଙ୍କ ଶାରୀରିକ, ବୌଦ୍ଧିକ, ସାମାଜିକ ଓ ଆଧ୍ୟାତ୍ମିକ ବିକାଶ ହୋଇ ପାରିଲେ ସେମାନେ ପୂର୍ଣ୍ଣାଙ୍ଗ ଶିକ୍ଷାର ଅଧିକାରୀ ହୋଇପାରିବେ। ବୁର୍ଲା ଏନ୍ଏସି ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏଭଳି ଶିକ୍ଷାର ବିକାଶ ଘଟାଇବାକୁ ହେବ। ବୁର୍ଲା ଏନ୍ଏସି ମହାବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ. ଉମାଶଙ୍କର ଦାଶ ଏହା କହିଛନ୍ତି। ମହାବିଦ୍ୟାଳୟ ସେମିନାର ପ୍ରେକ୍ଷାଳୟରେ ସୋମବାର ଆୟୋଜିତ ପ୍ରତିଷ୍ଠା ଦିବସ ସମାରୋହରେ ସଭାପତିତ୍ୱ କରିଥିଲେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷା ସୁବନ୍ଦିତା ମିଶ୍ର। କେବଳ ସାର୍ଟିଫିକେଟ୍ ନୁହେଁ ବରଂ ଦକ୍ଷତା ହାସଲ ପାଇଁ ପାଠପଢ ବୋଲି ସେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ତଥା ବିଶିଷ୍ଟ ସାହିତ୍ୟିକ ଡ. ବାଳକୃଷ୍ଣ ଶତପଥୀ, ପୂର୍ବତନ ଅଧ୍ୟାପକ ଡ. ଫକୀର ଚରଣ ରଣା, ପୂର୍ବତନ କର୍ମଚାରୀ ରବୀନ୍ଦ୍ର ବେହେରା ଓ ସତ୍ୟାନନ୍ଦ ପ୍ରଧାନଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ମୁଖ୍ୟଅତିଥି ଡ. ଦାସ ସମ୍ବର୍ଦ୍ଧିତ କରିଥିଲେ। ଡ. ଜୋତିରଞ୍ଜନ ସାମଲ ମଞ୍ଚ ପରିଚାଳନା କରିଥିଲେ। ଡ. ଘନଶ୍ୟାମ ଦୀପ, ଅଧ୍ୟାପିକା ସସ୍ମିତା ପାଣିଗ୍ରାହୀ, ଅଧ୍ୟାପିକା ସଙ୍ଗୀତା ବେହେରା, ଅଧ୍ୟାପିକା ସୁଚିତା ପଣ୍ଡା ମାନପତ୍ର ପାଠ କରିଥିଲେ।

### ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଜରୁରୀ

ସମ୍ବଲପୁର, ୫।୮(ବି.ଶଙ୍କର)

ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ହୀରାକୁଦ ଡ୍ୟାମ ରାଇଟ ଡ୍ୟାକ ଅଞ୍ଚଳରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ବିନାୟକ କୁମାର ରାମଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବା, ବାୟୁ ବିଶୋଧନ, ମୃତ୍ତିକା ସଂରକ୍ଷଣ, ଜଳ ସଂରକ୍ଷଣ, ଜୈବ ବିବିଧତା, ତାପମାତ୍ରା ନିୟମାବଳୀ ବିଷୟରେ ସଂଘର ସଭ୍ୟମାନେ ଅଞ୍ଚଳବାସୀ ଏବଂ ପଥଚାରୀଙ୍କୁ ବୁଝାଇଥିବା ସହ ସଚେତନ କରାଇଥିଲେ। ଆମ ସମାଜର ହିତ ସକାଶେ ସବୁଜ, ସୁସ୍ଥ ପରିବେଶ ନିହାତି ଦରକାର । ତେଣୁ ସମସ୍ତେ ପ୍ରତ୍ୟେକ କ୍ଷେତ୍ରରେ ପରିଶେଷ ସୁରକ୍ଷା ପାଇଁ କାର୍ଯ୍ୟ କରିବା ଜରୁରି ବୋଲି ସଂଘ ପକ୍ଷରୁ ସ୍ଲୋଗାନ ଦିଆଯାଇଛି। ଭବିଷ୍ୟତରେ ମଧ୍ୟ ଆମେ ବିଭିନ୍ନ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକଳାପ କରୁବାକୁ ସ୍ଥିର କରିଛୁ ବୋଲି ସଂଘ ସଭାପତି ବିନୟ କାର୍ଯ୍ୟକ୍ରମ ମାଧ୍ୟମରେ ସୂଚିତ କରିଛନ୍ତି । ସଚିବ ଜ୍ୟୋତିରଞ୍ଜନ ପ୍ରଧାନ, ଉପସଭାପତି ଅମିତ କୁମାର ସାମଲ, ଯୁଗ୍ମ ସମ୍ପାଦକ ଅମିତ କୁମାର ପତି, କୋଷାଧ୍ୟକ୍ଷ ମନୋଜ ଅଗ୍ରୱାଲ ଏବଂ ଆଶିଷ ଅଗ୍ରୱାଲ ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ରଞ୍ଜନ ଖାସଲ, ପିଣ୍ଟୁ ଶର୍ମା, ରଞ୍ଜନ ସିଂହ, ଭୋଜ ରାଜ, ଦୀପକ ପାଣ୍ଡେ, ଥୁନଥୁନ ପାଣ୍ଡେଙ୍କ ସମେତ ୨ଶହ ସଭ୍ୟ ବୃକ୍ଷ ରୋପଣ କରିବା ସହ ଯତ୍ନ ନେବାକୁ ଶପଥ ନେଇଥିଲେ ।

### ବରିଷ୍ଠ ନାଗରିକ ସମାଜ ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ

ସମ୍ବଲପୁର,୫।୮(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜ ପକ୍ଷରୁ ମଙ୍ଗଳବାର ବୟୋଜ୍ୟେଷ୍ଠ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାକ୍ଷୀପଡାରେ ରହୁଥିବା ଅବସରପ୍ରାପ୍ତ ପ୍ରଶାସକ ସେମାନାଥ ଖୁଣ୍ଟିଆ (୯୭)ଙ୍କ ବାସଭବନକୁ ଯାଇ ତାଙ୍କ ସହ କିଛି ସମୟ କାଟିବା ସହ ତାଙ୍କୁ ବରିଷ୍ଠ ନାଗରିକ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖୁଣ୍ଟିଆ ବରଗଡ଼ରୁ ଅତିରିକ୍ତ ଜିଲାପାଳ ଭାବେ କାର୍ଯ୍ୟକରି ୧୯୮୭ରେ ଅବସର ଗ୍ରହଣ କରିଥିଲେ। ଏହାପରେ ବରିଷ୍ଠ ସଦସ୍ୟମାନେ ବାଉସରାସ୍ଥିତ ଶବରୀ ନାରାୟଣ ମନ୍ଦିର ପରିସରରେ ନିମ୍ବ, ଜାମୁ, ଅର୍ଜୁନ, ଅଶୋକ ଭଳି ୫୩ଟି ପାରମ୍ପରିକ ଚାରାରୋପଣ କରିଥିଲେ। ବରିଷ୍ଠ ନାଗରିକ ସମାଜର ସମ୍ପାଦକ ପ୍ରଦୀପ କୁମାର ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାମ ନାରାୟଣ ସେଟ, ପ୍ରମୋଦ କୁମାର ପଟ୍ଟନାୟକ, ପର୍ଶୁରାମ ଭୋଇ, ବିଦ୍ୟାଧର ଭୋଇ, ରାଜେନ୍ଦ୍ର ଜୟୀ, ରତନ ଭୋଇ, ରାହାସ ବିହାରୀ ପଣ୍ଡା, କୈଳାସ ମିସ୍ତ୍ରୀ ସାମିଲ ହୋଇଥିଲେ ।

# ପ୍ରଗତିରେ ସହାୟକ ହେବ ବାହ୍ୟ ରିଂରୋଡ଼୍

ସମ୍ବଲପୁର,୫।୮(ପ୍ରମୋଦ ବହିଦାର)

- ସମ୍ବଲପୁର ସହର ସମ୍ପ୍ରସାରଣ ହେବ, ଦୂର ହେବ ଟ୍ରାଫିକ୍ ସମସ୍ୟା
- ଜିଲାରେ ଶିଳ୍ପ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ
- ନିର୍ମାଣ ହେବ ମହାନଦୀ ଉପରେ ଆଉ ୨ଟି ସେତୁ

ସମ୍ବଲପୁରରେ ପ୍ରସ୍ତାବିତ ବାହ୍ୟ ରିଂରୋଡ଼୍ ସହର ସମ୍ପ୍ରସାରଣରେ ସହାୟକ ହେବ। ଏହି ପ୍ରକଳ୍ପ ଦ୍ୱାରା ସମ୍ବଲପୁର ଦେଇ ଯାଇଥିବା ଜାତୀୟ ଓ ରାଜ୍ୟ ରାଜପଥରେ ଯାତାୟାତ କରୁଥିବା ଭାରୀଯାନ ପ୍ରବେଶଜନିତ ଟ୍ରାଫିକ ସମସ୍ୟାରୁ ସହରକୁ ମୁକ୍ତି ମିଳିବ। କେବଳ ସେତିକି ନୁହେଁ, ଜିଲାରେ ଶିଳ୍ପ ଓ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। କହିବାକୁ ଗଲେ ଦ୍ରୁତ ପ୍ରଗତିରେ ସହାୟକ ହେବ ବାହ୍ୟ ରିଂରୋଡ଼୍। କେନ୍ଦ୍ର ସରକାରଙ୍କ ଭାରତମାଳା ଯୋଜନା ଅନ୍ତର୍ଗତ ପ୍ରାୟ ୧୪୫୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୫.୩୮୪ କିଲୋମିଟର ବିଶିଷ୍ଟ ନିର୍ମାଣ ହେବାକୁ ଥିବା ବାହ୍ୟ ରିଂରୋଡ଼୍ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ପ୍ରସ୍ତାବିତ ବାହ୍ୟ ରିଙ୍ଗ ରୋଡ୍‌କୁ ବିଭିନ୍ନ ସ୍ଥାନରେ ସମ୍ବଲପୁର-ତିଲେଇବଣୀ ୫୩ନଂ.ଜାତୀୟ ରାଜପଥ ଓ ସମ୍ବଲପୁର-କଟକ ୫୫ନଂ.ଜାତୀୟ ରାଜପଥ, ସମ୍ବଲପୁର-ରାଉରକେଲା ରାଜ୍ୟ ରାଜପଥ ଓ ସମ୍ବଲପୁର-ସୋନପୁର ୧୫ନଂ. ରାଜ୍ୟ ରାଜପଥକୁ ସଂଯୋଗ କରିବ। ବାହ୍ୟ ରିଙ୍ଗ ରୋଡ୍ ନିର୍ମାଣ ହେଲେ ଏହି ୪ଟି ଯାକ ରାଜପଥରେ ଯାତାୟାତ କରୁଥିବା ଯାନବାହାନ ସମ୍ବଲପୁର ସହରର ଘନ ଟ୍ରାଫିକ ମଧ୍ୟକୁ ପ୍ରବେଶ କରିବା ଆବଶ୍ୟକ ହେବନାହିଁ। ଖାଲି ସେତିକି ନୁହେଁ ଏହି ପ୍ରକଳ୍ପ ଗମନାଗମନକୁ ଅଧିକ ସୁଗମ କରି ସମ୍ବଲପୁର ସହର ଏବଂ ଜିଲାରେ ଥିବା ବିଭିନ୍ନ ଶିଳ୍ପ ଓ ପର୍ଯ୍ୟଟନର ବିକାଶରେ ସହାୟକ ହେବ। ଏଥିପାଇଁ ମହାନଦୀ ଉପରେ ଅଧିକ ଦୁଇଟି ପ୍ରମୁଖ ସେତୁ ନିର୍ମାଣ କରିବାର ପ୍ରସ୍ତାବ ମଧ୍ୟ ରହିଛି। ସେହିପରି ସମ୍ବଲପୁର ଦେଇଯାଇଥିବା ୫୩ନଂ ଜାତୀୟ ରାଜପଥରେ ଦୁର୍ଘଟଣା ପ୍ରବଣ ବା ବ୍ଲାକ୍‌ସ୍ପଟ୍ ଭାବେ ଚିହ୍ନଟ ଲକ୍ଷ୍ମୀଡୁଙ୍ଗୁରି, ରେମେଡ ଛକ, ବେରେଇପାଲି ଛକ ଓ ଅଇଁଠାପାଲି ଆଦି ଛକରେ ଦୁର୍ଘଟଣା ହ୍ରାସ ପାଇବ। ପ୍ରସ୍ତାବିତ ବାହ୍ୟ ରିଂରୋଡ୍ ଜାତୀୟ ରାଜପଥ ୫୩ର ଗୋଶାଳାରୁ ଆରମ୍ଭ ହୋଇ ରାଣୀଖିଣ୍ଡା, ମାଳତୀ ଗୁଣ୍ଡେରପୁର ଦେଇ ମାନେଶ୍ୱର, ଜୟନ୍ତପୁର, ସିନ୍ଦୁରପଙ୍କ ଓ ତବଲା ଆଦି ସମ୍ବଲପୁର ବାହ୍ୟ ଅଞ୍ଚଳର ଗ୍ରାମଗୁଡ଼ିକ ମଧ୍ୟ ଦେଇ ନିର୍ମାଣ ହେବ। ଏହି ପ୍ରକଳ୍ପରେ ରହିଛି ୪.୮୦ କିଲୋମିରର ସର୍ଭିସ ରୋଡ଼, ୯ଟି ଛୋଟ ଓ ୧୧ଟି ବଡ଼ ବ୍ରିଜ୍, ବିଭିନ୍ନ ସ୍ଥାନରେ ୩୨ଟି ଅଣ୍ଡରପାସ, ୨ଟି ଓଭରପାସ୍ ଏବଂ ଦୁଇଟି ରେଳ ଓଭରବ୍ରିଜ। ସେହିପରି ୬ଟି ଟୋଲ ପ୍ଲାଜା ମଧ୍ୟ ନିର୍ମାଣ କରାଯିବା ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ପାଇଁ ମାତ୍ ୨୭୦ହେକ୍ଟର ଜମି ଆବଶ୍ୟକ ହେଉଥିବା ବେଳେ ଜମି ଅଧିଗ୍ରହଣ ଶେଷ ହୋଇ ସାରିଛି।

ଏସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ)ର ସମ୍ବଲପୁରଠାରେ ଅବସ୍ଥାପିତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମ୍ ଏନ୍ ସାହୁ କହିଛନ୍ତି, ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି। ତେବେ ଟେଣ୍ଡର ସର୍ବନିମ୍ନ ବିଡ୍‌ରେ ଉଲ୍ଲେଖ ରାଶିକୁ ନେଇ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଆସନ୍ତା ୮ରେ ଏହାର ଶୁଣାଣି ରହିଛି। ତେବେ ଅକ୍ଟୋବର ପ୍ରଥମ ସପ୍ତାହରୁ ଏହି ପ୍ରକଳ୍ପ କାମ ଆରମ୍ଭ ହୋଇଯିବ। ଘରୋଇ ଜମି ଅଧିଗ୍ରହଣ ପରେ ଜମି ମାଲିକଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କାର୍ଯ୍ୟ ଶେଷ ହୋଇଛି। ପ୍ରକଳ୍ପ ପାଇଁ ଅଧିକୃତ ୩୦ହେକ୍ଟର ଜଙ୍ଗଲ ଜମିର ଭରଣାଜନିତ ବନୀକରଣ ସକାଶେ ଚିହ୍ନଟ ନବରଙ୍ଗପୁର ଜିଲାରେ ସମ ପରିମାଣ ଜଙ୍ଗଲ ଜମିରେ ଖୁବଶୀଘ୍ର ଚାରାରୋପଣ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।


ଜିଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ତତ୍ତ୍ୱାବଧାନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

# ତୃତୀୟ ଭାଷା ଭାବେ ସଂସ୍କୃତ, ହିନ୍ଦୀକୁ ରଖ


ଦିଲ୍ଲୀରେ ଓଡ଼ିଆ ଛାତ୍ରମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରୁଛନ୍ତି।

ସମ୍ବଲପୁର,୫।୮(ଭବାନୀ ଶଙ୍କର ଭୋଇ)

**ଦିଲ୍ଲୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମହଲିଙ୍ଗଙ୍କୁ ଭେଟିଲେ ଓଡ଼ିଆ ଛାତ୍ର**

ଦିଲ୍ଲୀରେ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହଲିଙ୍ଗଙ୍କୁ ଓଡ଼ିଆ ଛାତ୍ରମାନେ ସାକ୍ଷାତ୍ କରି ଉଚ୍ଚ ବିଦ୍ୟାଳୟରେ ବାଧ୍ୟତାମୂଳକ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଧନ୍ଦାମୂଳକ ଶିକ୍ଷାକୁ ଅଗ୍ରାଧିକାର ଦେବା ବିଷୟରେ ଆଲୋଚନା କରିଛନ୍ତି। ଦିଲ୍ଲୀରେ ଗବେଷଣା କରୁଥିବା ଛାତ୍ରନେତା ନୀଳାମ୍ବର ଦାସ ଓ ସୌମ୍ୟରଞ୍ଜନ ବଡ଼ପଣ୍ଡା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସାକ୍ଷାତ ସମୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ସରକାରଙ୍କ ଚିଠି ସଂଖ୍ୟା ୧୮୧୮, ତା ୨୩।୭।୨୦୨୫ ଅନୁସାରେ ଓଡ଼ିଶାର ୪୩୧ଟି ଉଚ୍ଚ ବିଦ୍ୟାଳୟରେ ବାଧ୍ୟତାମୂଳକ ତୃତୀୟ ଭାଷା ହିନ୍ଦୀ ଓ ସଂସ୍କୃତ ବଦଳରେ ଧନ୍ଦାମୂଳକ ଶିକ୍ଷାକୁ ଅଗ୍ରାଧିକାର ଦେବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ତେବେ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେବା ପାଇଁ ସଂସ୍କୃତ ଓ ହିନ୍ଦୀକୁ ଉଚ୍ଛେଦ କରିବା ଯଥାର୍ଥ ନୁହେଁ ବୋଲି ଛାତ୍ରମାନେ କହିଥିଲେ। ଏ ବିଷୟରେ ସ୍ୱାସ୍ଥ୍ୟମନ୍ତ୍ରୀ ଓଡ଼ିଶାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ସହ କଥା ହୋଇଥିଲେ। ଏହାର ଶୀଘ୍ର ସମାଧାନ ବାଟ ବାହାର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର,୫।୮(ବି.ଶଙ୍କର)

**ଜିଲାସ୍ତରୀୟ ସ୍ୱାଧୀନତା ଦିବସରେ ପୁରସ୍କୃତ ହେବେ କୃତୀ ଛାତ୍ରୀଛାତ୍ର**

ସ୍ୱାଧୀନତା ଦିବସ ଅବସରରେ ଜିଲା ପ୍ରଶାସନ ଏବଂ ଓଡ଼ିଶା ସାଂସ୍କୃତିକ ସମାଜ ତତ୍ତ୍ୱାବଧାନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ କୁଇଜ ପ୍ରତିଯୋଗିତା ମଙ୍ଗଳବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡ. ପରେଶ ଚନ୍ଦ୍ର ଦାନୀଙ୍କ ପରିଚାଳନାରେ ପ୍ରତିଯୋଗୀତା ହୋଇଥିଲା। ଦୀନବନ୍ଧୁ ପଣ୍ଡା ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟସ୍ତରୀୟ କୁଇଜ୍ ପ୍ରତିଯୋଗିତାରେ ଧନୁପାଲି ଶିଶୁ ବିଦ୍ୟା ମନ୍ଦିର ଛାତ୍ର ବିଶ୍ୱପ୍ରସାଦ ବଳ ଓ ଅବିନାଶ ସାହୁ ପ୍ରଥମ, ସେଣ୍ଟ ଜୋନ ସ୍କୁଲର ମହମ୍ମଦ ଜଏନୁଲ ଆବେଦିନ୍ ଓ ରିଷିକ ନାରୋଲିଆ ଦ୍ୱିତୀୟ ଏବଂ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲର ଅବିନାଶ ଜେନା, ତ୍ରିସାରାଣୀ ପ୍ରସାଦ ଓ ନୂଆଁ ରମ୍ଭେଲା ହାଇସ୍କୁଲର ସାହିଲ ଖଣ୍ଡା ଓ କୃଷ୍ଣ ଚୌରାସିଆ ଯୋଡି ଯୁଗ୍ମ ତୃତୀୟ ହୋଇଛନ୍ତି। ସେହିପରି ମହାବିଦ୍ୟାଳୟସ୍ତରରେ ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ (ବିଇଡି ମହାବିଦ୍ୟାଳୟ)ର ରମେଶ କୁମ୍ଭାର ଓ ଶ୍ୟାମ ପ୍ରଜ୍ଞାନନ୍ଦ ପାଣିଗ୍ରାହୀ ପ୍ରଥମ, ସୈନିକ ସ୍କୁଲର ଆଲୋକ ରଞ୍ଜନ, ସୋମ୍ୟରଞ୍ଜନ ବେହେରା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ସୋମ୍ୟ ସୋଭାଗ୍ୟ ବଳ, ମାନସରଞ୍ଜନ ମିଶ୍ର ଓ ହୀରାକୁଦ କଲେଜର ରିତେଶ କୁମାର ଡାଁଗୁଆ, ଅଭିଷେକ ସିଂ ମିଳିତ ଭାବେ ଦ୍ୱିତୀୟ, ସରକାରୀ ମହିଳା ମହାବିଦ୍ୟାଳୟର ସ୍ୱସ୍ତିକା ବିଶ୍ୱାଳ ଓ ସମା ପରବିନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗୀତାକୁ କୁଇଜ ମାଷ୍ଟର ଶ୍ରୀକାନ୍ତ ଷଡଙ୍ଗୀ ଓ ମହାବିଦ୍ୟାଳୟ ପ୍ରତିଯୋଗୀତାକୁ କୁଇଜମାଷ୍ଟର ଅଶୋକ ପ୍ରଧାନ ପରିଚାଳନା କରିଥିଲେ। ଶେଷରେ ଜିଲା ଲୋକ ସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବଲପୁର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଓଡିଶା ସାଂସ୍କୃତିକ ସମ୍ପାଦକ ପଣ୍ଡା ସୂଚିତ କରିଛନ୍ତି। ଅଶୋକ କୁମାର ମିଶ୍ର, ଶ୍ୟାମ ସୁନ୍ଦର ଅଗ୍ରୱାଲ, ରାଜେନ୍ଦ୍ର କୁମାର ତ୍ରିପାଠୀ, କୈଳାଶ ମିସ୍ତ୍ରୀ, ହେମନ୍ତ କୁମାର ପ୍ରଧାନ, ଲଳିତ ଜେନା, ଶିବ ପାଣିଗ୍ରାହୀ ସହଯୋଗ କରିବା ସହ ସ୍କୋର ଦାୟିତ୍ୱ ତୁଲାଇ ଥିଲେ ।

# ବିବାହିତା ମହିଳାଙ୍କ ଆତ୍ମହତ୍ୟା

ରେଢାଖୋଲ,୫।୮(ଅଚ୍ୟୁତାନନ୍ଦ ପୁରୋହିତ)

ରେଢାଖୋଲ ଥାନା କେନ୍ଦୁମୁଣ୍ଡା ଗ୍ରାମର ବିବାହିତା ମହିଳା ସୁବାସିନୀ ବେହେରା(୨୯) ମଙ୍ଗଳବାର ନିଜ ଘରେ ବେକରେ ଓଢଣି ଦେଇ ଆତ୍ମହତ୍ୟା କରିଛନ୍ତି। ପୋଲିସ କେନ୍ଦୁମୁଣ୍ଡା ଗ୍ରାମରେ ପହଞ୍ଚି ତଦନ୍ତ କରୁଥିଲେ ହେଁ ମୃତଦେହ ଜବତ କରିନାହିଁ। ତାଙ୍କ ବାପଘର ଝାଙ୍କରପଡା ହୋଇଥିବା ବେଳେ ପ୍ରାୟ ୯ ବର୍ଷ ହେବ ନିକଟସ୍ଥ କେନ୍ଦୁମୁଣ୍ଡା ଗ୍ରାମର ବ୍ରଜବନ୍ଧୁ ବେହେରାଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛି। ମୃତାଙ୍କ ସ୍ୱାମୀ ବାହାରେ ରହି କାମ କରୁଥିବା ଜଣାପଡିଛି। ତେବେ ପାରିବାରିକ କଳହ ଯୋଗୁ ମହିଳା ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ସୂଚନା ଦେଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ପତିଆରା ଜାହିର ପାଇଁ ବିଦ୍ୟାର୍ଥୀଙ୍କୁ ବଳିପକାଉଛି ଏବିଭିପି

ସମ୍ବଲପୁର,୫।୮(ପ୍ରମୋଦ ବହିଦାର)

**ବିଭିନ୍ନ କ୍ୟାମ୍ପସ୍‌ରେ ଏବିଭିପିକୁ ନିଷିଦ୍ଧ ଘୋଷଣା କରନ୍ତୁ ସରକାର: ବିଜେଡି**

ଛାତ୍ର ସଙ୍ଗଠନ ନାମରେ କ୍ୟାମ୍ପସରେ ନିଜର ପତିଆରା ଜାହିର କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ବଳି ପକାଇବାକୁ କୁଣ୍ଠାବୋଧ କରୁନାହିଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)। ଏହା କହିଛନ୍ତି ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା ବିପିୟୁଟିର ପୂର୍ବତନ ସଭାପତି ଇଂ. ଅନମୋଲ ଦାଶ। ଇଂ. ଦାଶ ଏକ ପ୍ରେସ ବିବୃତିରେ କହିଛନ୍ତି, ବିଗତ କିଛିଦିନ ପୂର୍ବରୁ ବାଲେଶ୍ୱର ଫକୀର ମୋହନ କଲେଜରେ ଘଟିଥିବା ଆତ୍ମାହୁତିଜନିତ ଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ପାଇଁ ପ୍ରତ୍ୟକ୍ଷ ଭାବେ ଦାୟି ଭାଜପା ଛାତ୍ର ସଙ୍ଗଠନ ଏବିଭିପିର ୨ଛାତ୍ର ନେତା ଗିରଫ ହେବା ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କ ପାଇଁ ଚିନ୍ତାଜନକ ବିଷୟ। ରାଜନୈତିକ ଅଭିଳାଷକୁ ଚରିତାର୍ଥ କରିବା ପାଇଁ ଛାତ୍ର ସଙ୍ଗଠନ ନାମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କ ଜୀବନ ସହିତ ଖେଳ କରିବାକୁ କୁଣ୍ଠାବୋଧ କରୁନାହିଁ ଏବିଭିପି, ଯାହା ଏଫ୍ଏମ୍ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ଏବିଭିପି ଛାତ୍ର ସଦସ୍ୟଙ୍କ ଗିରଫଦାରୀରୁ ପ୍ରମାଣିତ ହୋଇଛି ବୋଲି ଇଂ. ଦାଶ ଅଭିଯୋଗ କରିଛନ୍ତି। ତେଣୁ ଏଭଳି ଛାତ୍ର ବିରୋଧି ସଙ୍ଗଠନକୁ ରାଜ୍ୟସାରା ସମସ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ନିଷିଦ୍ଧ ଘୋଷଣା କରି ଏହା ବିରୋଧରେ ନିଷେଧାଦେଶ ଜାରି କରିବାକୁ ସରକାରଙ୍କ ନିକଟରେ ସେ ଦାବି କରିଛନ୍ତି। ଆଗାମୀ ଦିନରେ ମହିଳା ଓ ଛାତ୍ରୀଙ୍କ ସୁରକ୍ଷା ପାଇଁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏସ୍‌ପିଙ୍କୁ ଏକ ଦାବି ପତ୍ର ଦିଆଯିବ ବୋଲି ଛାତ୍ରନେତା ଇଂ. ଦାଶ କହିଛନ୍ତି।

# ଫାଇଲେରିଆ ନିରାକରଣ ଅଭିଯାନ

ସମ୍ବଲପୁର,୫।୮(ଭବାନୀ ଶଙ୍କର ଭୋଇ)

**ସାମୂହିକ ଔଷଧ ସେବନ ପାଇଁ ସମନ୍ୱୟ ବୈଠକ**

ଫାଇଲେରିଆ ନିରାକରଣ ପାଇଁ ସମ୍ବଲପୁର ମହାନଗର ନିଗମ ଓ ସ୍ୱାସ୍ଥ୍ୟ ବିଭାଗର ସମନ୍ୱୟରେ ଜିଲାସ୍ତରୀୟ ବୈଠକ ସମ୍ବଲପୁର ମହାନଗର ନିଗମଠାରେ ଅନୁଷ୍ଠିତ ହୋଇଛି। ମହାନଗର ନିଗମ ଆୟୁକ୍ତ ରେହାନ କ୍ଷତ୍ରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମକୁ ସଫଳ କରିବା ନେଇ ଆଲୋଚନା ହୋଇଥିଲା। ପାୱାର ପଏଣ୍ଟ ମାଧ୍ୟମରେ ଉପସ୍ଥିତ ଡାକ୍ତର, ସ୍ୱେଚ୍ଛାସେବୀ କର୍ମକର୍ତ୍ତା, ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା । ଆସନ୍ତା ୧୦ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଜିଲାରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ବ୍ୟାପକ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜିତ ହେବ । ଏହି ଅଭିଯାନକୁ ସଫଳ କରିବା ପାଇଁ ମହାନଗର ନିଗମର ଆୟୁକ୍ତ ପ୍ରଭାବିତ ଅଞ୍ଚଳ ଗୁଡିକରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସଚେତନତା ଯାତ୍ରା,ପୋଷ୍ଟର ବ୍ୟାନର, ପାମ୍ପଲେଟ ବଣ୍ଟନ ଆଦି ସମ୍ପାଦନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯାନରେ ଫାଲେରିଆ ପ୍ରତିରୋଧକ ଡ଼ିଇସି, ଆଲବେଣ୍ଡାଜଲ ଓ ଆଇଭରମେକ୍ଟିନର ଔଷଧ ସେବନ କରାଯିବ। କେବଳ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଏହି ବଟିକା ଖାଇବା ନିମନ୍ତେ ଅନୁରୋଧ କରାଯାଇଛି। ଜିଲାର ସ୍ୱାସ୍ଥ୍ୟ ସୁବିଧା କେନ୍ଦ୍ରରେ ରୋଗୀ ଓ ସହଯୋଗୀଙ୍କ ପାଇଁ ମଧ୍ୟ ଏହି ସୁବିଧା ରହିବ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

# ଯାତାୟାତ ପାଇଁ କାଠଶିଡ଼ି ଭରସା

କୁଚିଣ୍ଡା,୫।୮(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା ବାମରା ବ୍ଲକ ରଙ୍ଗିଆଟିକିରା ପଞ୍ଚାୟତ କହପାଣି ଓରାମ ପଡା ବାସୀନ୍ଦାଙ୍କ ପାଇଁ ବନ୍ୟା ଦୁର୍ଦ୍ଦଶା ବଢାଇ ଦେଇଛି। ଆଜକୁ ମାସେ ତଳେ ହୋଇଥିବା ବନ୍ୟା ଅପସରି ଯାଇଛି ହେଲେ ବଢେଇ ଦେଇଛି ଲୋକଙ୍କ ଦୁର୍ଦ୍ଦଶା। କେଉଁଠି ଲୋକଙ୍କ ଘରଦ୍ୱାର ଭାଙ୍ଗି ଲୋକେ ବାସହରା ହୋଇପଡିଥିବା ବେଳେ ଆଉ କୋଉଠି ରାସ୍ତାଘାଟ ଧୋଇନେଇ ଯାତାୟାତରେ ବ୍ୟାଘାତ ସୃଷ୍ଟି ହୋଇଛି। ବନ୍ୟାର ଦୀର୍ଘ ଦିନ ପରେ ବହୁ ଗାଁର ରାସ୍ତା ମରାମତି ହୋଇପାରିନାହିଁ। କୁଚିଣ୍ଡା ଉପଖଣ୍ଡରେ ଜୁଲାଇ ୫ ଓ ୬ଦୁଇଦିନ ଧରି ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କହପାଣି ଓରାମପଡାବାସୀ ଯାତାୟାତ କରୁଥିବା ଏକମାତ୍ର ପୋଲର ଆପ୍ରୋଚ ରୋଡ ଧୋଇ ନେଇଛି। ଏହାର ମରାମତି ହୋଇ ନ ଥିବାରୁ ସେମାନଙ୍କ ପାଇଁ ଯାତାୟାତର ଏକମାତ୍ର ମାଧ୍ୟମ ହେଉଛି କାଠଶିଡି। ନାଳ ପାରି ହେବା ପାଇଁ କାଠଶିଡି ମାଧ୍ୟମରେ ପୋଲକୁ ଚଢି ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି ପଡାବାସୀ। ମହିଳାମାନେ ଛୋଟ ଛୁଆଙ୍କୁ କାଖେଇ ଶିଡିରେ ଚଢି ବିପଜ୍ଜନକ ଅବସ୍ଥାରେ ଯିବାଆସିବା କରୁଛନ୍ତି।


କାଠ ଶିଡି ଚଢି ଲୋକେ ଯାତାୟାତ କରୁଛନ୍ତି।

**ବନ୍ୟା ପାଇଁ ବଢ଼ିଛି ଓରାମ ପଡାବାସୀଙ୍କ ଦୁର୍ଦ୍ଦଶା**

ବୟସ୍କ ମହିଳା ପୁରୁଷ ମଧ୍ୟ ଭାଗ୍ୟକୁ ଆଦରି ସେହି ଶିଡି ଉପରେ ଭରସା କରି ଯିବା ଆସିବା କରୁଛନ୍ତି। ଏଥିଯୋଗୁ ଗାଁକୁ ଆମ୍ବୁଲାନ୍ସ ଯାଇପାରୁନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଲେ ରୋଗୀ ଖଟିଆରେ ବୁହା ହେବା ଛଡା ଅନ୍ୟ କୌଣସି ଉପାୟ ନାହିଁ। ଉକ୍ତ ପୋଲ ଦେଇ ଛୋଟ ଛୁଆ ଅଙ୍ଗନୱାଡ଼ିଠାରୁ ଆରମ୍ଭ କରି ବଡପିଲା ସ୍କୁଲ ଯିବା ଆସିବା କରୁଥିଲେ। ହେଲେ ରାସ୍ତା ଧୋଇଯିବା ପରଠାରୁ ପିଲାଙ୍କ ପାଠପଢା ମଧ୍ୟ ଏକରକମ ବନ୍ଦ ହୋଇଯାଇଛି। କୁଚିଣ୍ଡା ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସମେତ ଜିଲାପାଳ ଓ ବିଭାଗୀୟ ଅଧିକାରୀ ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧାନ ଦିଗରେ ବିଡିଓଙ୍କ ସହ ଆଲୋଚନା କରି ଖୁବଶୀଘ୍ର ପଦକ୍ଷେପ ନେବେ ବୋଲି କହିଛନ୍ତି କୁଚିଣ୍ଡା ଉପଜିଲାପାଳ ଗୌରବମୟ ପ୍ରଧାନ।

## ସଂକ୍ଷେପରେ

### ମେଗା ଲିଫ୍ଟ କେନାଲରେ ଭାସି ଯୁବକ ମୃତ

ଜୟପାଟଣା,୫।୮(ଓମ୍ ପ୍ରକାଶ ବୈଠାରୁ): କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ହୀରାପୁର ପଞ୍ଚାୟତ ତୋଟାପଡା ଗାଁର ବୁଟୁ ଜାନି (୪୫) ଲିଫ୍ଟ କେନାଲରେ ଭାସିଯାଇ ମୃତ୍ୟୁ ବରଣ କରିଛନ୍ତି। ସୂଚନା ଅନୁଯାୟୀ ବୁଟୁ ସୋମବାର ପାବଲୀ ଗାଁରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିବାରୁ ସଂସ୍କାର କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବାଟରେ ସୁନାମାଲ ଲିଫ୍ଟ କେନାଲରେ ଗାଧୋଇବାକୁ ଯାଇ ଭାସି ଯାଇଥିଲେ। କେନାଲ ହୁଡ଼ାରେ ତାଙ୍କର ଚପଲ ଓ ଗାମୁଛା ପଡିଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ସକାଳେ ତାଙ୍କ ମୃତଦେହକୁ ଜୟପାଟଣା ଅଗ୍ନିଶମ ବିଭାଗ ଓଆଇସି ଭରତ କରକରା, ଗୁଲୁ ସାହୁ ଓ ଷ୍ଟାଫ ଚାଉଳ ଜଙ୍ଗଲ କେନାଲ ପାଖରୁ ଉଦ୍ଧାର କରିଛନ୍ତି। ଏହି ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି।

### ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା

କୋକସରା,୫।୮ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ମୋଟ ୧୫୦ ଛାତ୍ରୀଛାତ୍ର ଭାଗ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ରଏନଗୁଡାସ୍ଥିତ ବଡ଼ପୋଡ଼ାଗୁଡ଼ା ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ କପିଳେନ୍ଦ୍ର ସିଂ, ପରିଚାଳନା କମିଟି ସଭାପତି ତ୍ରିନାଥ ପ୍ରଶନ୍ନ ରାୟ, ଉପସଭାପତି ନକୁଳ ବାଣୁଆ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ହୋଇଥିଲେ। ୫୫ ଜଣ କୃତୀ ଶିକ୍ଷାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୀମନ୍ତିନୀ ପଣ୍ଡା ସଂଯୋଜନା କରିଥିବାବେଳେ ଗିରିଧାରୀ ବେମାଲ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ, ଗୁରୁମା ଓ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### କଂଗ୍ରେସର କର୍ମୀ ସମ୍ମିଳନୀ

ଖଡ଼ିଆଳ,୫।୮ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳର ଏକ ହୋଟେଲରେ ମଙ୍ଗଳବାର ଖଡ଼ିଆଳ କଂଗ୍ରେସର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ତଥା ଖଡ଼ିଆଳ ବିଧାୟକ ପ୍ରାର୍ଥୀ କମଲ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକ ଓ ଏନ୍ଏସି ପାଇଁ କଂଗ୍ରେସ ସଭାପତି ଚୟନ ହୋଇଥିଲା। ଏନ୍ଏସି ସଭାପତି ଭାବରେ ବରିଷ୍ଠ କଂଗ୍ରେସ ନେତା ପ୍ରବୀଣ ପଟ୍ଟନାୟକଙ୍କୁ ଚୟନ କରାଯାଇଛି। ବ୍ଲକ ସଭାପତି ଭାବରେ ଦୁଇଜଣ ପ୍ରାର୍ଥୀଙ୍କ ନାମ ପଞ୍ଜିକୃତ ହୋଇଥିବାରୁ ଶେଷ ନିଷ୍ପତ୍ତି ପାଇଁ ପିସିସି ସଭାପତି ଦାସଙ୍କ ନିକଟକୁ ନାମ ପଠାଇ ଦିଆଯାଇଛି। ସମ୍ମିଳନୀରେ ଜିଲା ସଂଯୋଜକ ଘାସିରାମ ମାଝୀ, ଜିଲା ପର୍ଯ୍ୟବେକ୍ଷକ ମୁରଲୀଧର ନାୟକ, ଫାରୁଖ ମହମ୍ମଦ, ଭାରତ ରାଉତ, ଚୈତନ୍ୟ ତାଣ୍ଡି, କିରଣ ସରାଫ, ଦେବରାଜ ଶବର, ବୁଦ୍ଧ ରାମ ବେହେରା, ବିକ୍ରମ ସତନାମୀସମେତ ବହୁ କର୍ମୀ ଉପସ୍ଥିତ ରହିଥିଲେ।

### ରାଉରକେଲା ଗସ୍ତରେ ଏଡିଜି ସଞ୍ଜୀବ ପଣ୍ଡା

ରାଉରକେଲା,୫।୮ (ଦିନେଶ ମିଶ୍ର): ସୀମାନ୍ତ ଆଖପାଖ ଅଞ୍ଚଳରେ ମାଓବାଦୀଙ୍କ ଉପଦ୍ରବ ବଢ଼ିଥିବାରୁ ଏଡିଜି ସଞ୍ଜୀବ ପଣ୍ଡା ଦୁଇଦିନିଆ ରାଉରକେଲା ଗସ୍ତ କରିଛନ୍ତି। ସେ ସୋମବାର ରାଉରକେଲାରେ ପହଞ୍ଚି ୩ ଦିନ ତଳେ ରାତି ୭ଟା ସମୟରେ ରାଉରକେଲା ରେଞ୍ଜ କରମପଦା ମଝିରେ ମାଓବାଦୀଙ୍କ ରେଳଟ୍ରାକ୍ ଉଡାଇଦେବା ଘଟଣାର ଅନୁଧ୍ୟାନ କରିଥିଲେ। ମଙ୍ଗଳବାର ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ କ୍ଷତିଗ୍ରସ୍ତ ରେଲୱେ କର୍ମଚାରୀଙ୍କୁ ଏଡିଜି ପଣ୍ଡା ଭେଟିଥିଲେ। ପରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏ ଓ ଏସ୍ପି ନୀତେଶ ୱାଧୱାନିଙ୍କ ସହ ରାଉରକେଲାରେ ମାଓବାଦୀ ମୁକାବିଲା ସହ ସୀମାନ୍ତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା କରିଥିଲେ।

# ଶଯ୍ୟା ଅଭାବ, ବାରଣ୍ଡାରେ ରୋଗୀସେବା

**ଜିଲା ମୁଖ୍ୟ ଚିକିତ୍ସାଳୟ**

■ ୬୦୬ରୁ ଅଛନ୍ତି ମାତ୍ର ୧୯୫ ଡାକ୍ତର

ଭବାନୀପାଟଣା,୫।୮(ଉତ୍ତମ କୁମାର ଦାଶ)



ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ରୋଗୀଙ୍କ ଚିକିତ୍ସା ଚାଲିଛି।

ରାଜ୍ୟରେ ୨୪ ବର୍ଷ ଶାସନ ପରେ ସରକାର ବଦଳିଛି। ପ୍ରଥମଥର ପାଇଁ ଶାସନକୁ ଆସିଛି ଭାଜପା ସରକାର। ହେଲେ କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ବିଭାଗର ଚିତ୍ର ପୂର୍ବରୁ ଯେମିତି ରହିଥିଲା ସେମିତି ରହିଥିବା ଦେଖିବାକୁ ମିଳୁଛି। ଉଦାହରଣ ଭାବେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇପାରେ। ଏବେ ମଧ୍ୟ ଏଠାରେ ଶଯ୍ୟା ଅଭାବରୁ ରୋଗୀଙ୍କୁ ବାରଣ୍ଡାରେ ଚିକିତ୍ସା କରାଯାଉଛି। ଏପରି କି ମେଡ଼ିକାଲ କର୍ତ୍ତୃପକ୍ଷ ସାଲାଇନ ଲଗାଇବାବେଳେ ଷ୍ଟାଣ୍ଡ ମଧ୍ୟ ଦେଉନାହାନ୍ତି। ଷ୍ଟାଣ୍ଡ ବଦଳରେ ସେଠାରେ ଥିବା ଷ୍ଟିଲ (ପାହାଚ) ସିଡ଼ିରେ ସାଲାଇନ ଲଟକାଇ ରୋଗୀଙ୍କୁ ଦିଆଯାଉଛି। ଏହି ଘଟଣା କେବଳ ଗୋଟିଏ ଦିନର ନୁହେଁ। ପ୍ରାୟ ସବୁଦିନ ଏଭଳି ଦୃଶ୍ୟ ଦେଖିବାକୁ ମିଳେ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ବାରଣ୍ଡାରେ ଶୋଇଥିବା ରୋଗୀଙ୍କ ବେଡ୍ ସଂଖ୍ୟା ମଧ୍ୟ ହିସାବ କରାଯାଇଥାଏ ବୋଲି ଜଣାପଡିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ୩୩୦ ବେଡ୍ ରହିଥିବାବେଳେ ରୋଗୀ ଅଧିକ ଆସୁଥିବାରୁ ଏହି ସମସ୍ୟା ଦେଖାଦେଇଛି। ସେହିପରି ଜିଲାରେ ୬୦୬ଟି ଡାକ୍ତର ପଦବୀ ରହିଥିବାବେଳେ ବର୍ତ୍ତମାନ ମାତ୍ର ୧୯୫ ଡାକ୍ତର ଅଛନ୍ତି। ଅବଶିଷ୍ଟ ୪୧୧ ଡାକ୍ତର ପଦବୀ ଖାଲି ପଡ଼ିଛି। ଫଳରେ ଜିଲାରେ ସ୍ୱାସ୍ଥ୍ୟ ସେବା କିପରି ପରିଚାଳନା କରାଯାଉଥିବ ତାହା ସହଜେ ଅନୁମେୟ। ଏ ନେଇ ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ନିହାର ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ନୂତନ ଶହେ ଶଯ୍ୟା ବିଶିଷ୍ଟ କୋଠାର ବିଦ୍ୟୁତ କାମ ବାକି ରହିଛି। ଏହା ଶେଷ ହେଲେ ଏହି ସମସ୍ୟାର ସମାଧାନ ହେବ ବୋଲି କହିଥିଲେ। ସେହିପରି ନୂତନ ଡାକ୍ତର ପଦବୀ ପୂରଣ ହେଉନାହିଁ। ଯାହାଫଳରେ ପରିଚାଳନାରେ ସମସ୍ୟା ଦେଖାଯାଉଛି ବୋଲି କହିଥିଲେ।

# ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ-ନ୍ୟାଶନାଲ ଆଲାଏନ୍ସ ଅଫ ଓମେନ ଚୁକ୍ତି ସ୍ୱାକ୍ଷରିତ

ଭବାନୀପାଟଣା,୫।୮(ଉତ୍ତମ କୁମାର ଦାଶ)



ଦୁଇ ପ୍ରତିପକ୍ଷ ମଧ୍ୟରେ ଚୁକ୍ତି ସ୍ୱାକ୍ଷର କରାଯାଉଛି।

ଭବାନୀପାଟଣା ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥଙ୍କ ଦ୍ୱାରା ନ୍ୟାଶନାଲ ଆଲାଏନ୍ସ ଅଫ ଓମେନ ସହିତ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ନାରୀ ସଶକ୍ତିକରଣ, ନାରୀ ସ୍ୱାଧୀନତା, ନାରୀ ଶିକ୍ଷାର ବିକାଶ, ଲିଙ୍ଗଗତ ସମାନତା ଓ ଯୌନ ଉତ୍ପୀଡନ ଉପରେ ନ୍ୟାଶନାଲ ଆଲାଏନ୍ସ ଅଫ ଓମେନ ଦୀର୍ଘଦିନରୁ କାମ କରିଆସୁଛି। ଏହି ଅନୁଷ୍ଠାନ ୧୯୯୬ ମସିହାରେ ଦିଲ୍ଲୀଠାରେ ପ୍ରତିଷ୍ଠା ହୋଇଥିଲା। ଓଡିଶା ସହିତ ଭାରତ ବର୍ଷର ୧୮ଟି ରାଜ୍ୟରେ ଏହି ଅନୁଷ୍ଠାନ ତା’ର କାର୍ଯ୍ୟକ୍ରମ ଜାରି ରଖିଛି। ନ୍ୟାଶନାଲ ଆଲାଏନ୍ସ ଅଫ ଓମେନ ଭବିଷ୍ୟତରେ ମା’ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟରେ ମହିଳା ସଶକ୍ତୀକରଣ, ଲିଙ୍ଗଗତ ସମାନତା, ଲିଙ୍ଗଗତ ଭେଦଭାବ, ଯୌନ ନିର୍ଯାତନା, ଆଇନଗତ ସାକ୍ଷରତା ଓ ଛାତ୍ରୀମାନଙ୍କ ଆର୍ଥିକ ଶିକ୍ଷାର ବିକାଶ ଦିଗରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଓ କର୍ମଶାଳା ଆୟୋଜନ ପାଇଁ ନିଷ୍ପତ୍ତି ନେଇଛ। ଏହା ସହିତ ଛାତ୍ରୀଛାତ୍ରମାନେ ନ୍ୟାଶନାଲ ଆଲାଏନ୍ସ ଅଫ ଓମେନରେ ଇଣ୍ଟର୍ଣ୍ଣଶିପ ମଧ୍ୟ କରିପାରିବେ ବୋଲି କୁହାଯାଇଛି।

# ଜନମନ ଯୋଜନାରେ ସାମିଲ କରାଯାଉ

**ଜିଲାପାଳଙ୍କୁ ଦାବିପତ୍ର ଦେଲେ ୩ ପଞ୍ଚାୟତର ଭୂଞ୍ଜିଆ ସମ୍ପ୍ରଦାୟ ଲୋକେ**

ନୂଆପଡ଼ା,୫।୮ (ମକାରୁ ବେମାଲ)

ଆଦିମ ଜନଜାତି ଭୂଞ୍ଜିଆ ସମ୍ପ୍ରଦାୟର ଲୋକେ ନୂଆପଡ଼ା ଜିଲାର ବିଭିନ୍ନ ବ୍ଲକର ୨୧ ଗାଁରେ ବସବାସ କରନ୍ତି। ସେମାନଙ୍କ ପାଇଁ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ତିଆରି କରିବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଜିଲାର କେତେକ ପଞ୍ଚାୟତର ଭୂଞ୍ଜିଆ ଏଥିରେ ସାମିଲ ହୋଇଥିବାବେଳେ କୋମନା ଓ ବୋଡେନ ବ୍ଲକର ୩ ପଞ୍ଚାୟତର ଭୂଞ୍ଜିଆ ସମ୍ପ୍ରଦାୟ ଅଧିବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି। ମଙ୍ଗଳବାର ଏହି ୩ ପଞ୍ଚାୟତର ଭୂଞ୍ଜିଆ ସମ୍ପ୍ରଦାୟ ଜିଲାପାଳ ମଧୁସୂଦନ ଦାଶଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଅନୁଯାୟୀ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏସ୍ଓପି ଏଫ୍ ନଂ- ୧୮୦୧୫/୨୮/୨୦୨୨ରେ ପିଭିଟିଜି ମାଧ୍ୟମରେ ଜାରି ବିଜ୍ଞପ୍ତି ଅନୁଯାୟୀ ଆଦିମ ଜନଜାତି ଭୂଞ୍ଜିଆ ସମ୍ପ୍ରଦାୟର ଲୋକଙ୍କୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଘର ତିଆର କରିବା ପାଇଁ ଦିଆଯିବ। ସେହି ଅନୁଯାୟୀ ବ୍ଲକ ଓ ପଞ୍ଚାୟତ ସ୍ତରୀୟ କର୍ମଚାରୀ ଘର ଘର ବୁଲି ସର୍ଭେ କରି ଜିଓଟ୍ୟାଗ ମଧ୍ୟ କରିଛନ୍ତି। ଏହି ଯୋଜନାରେ ସୁନାବେଡା ଅଭୟାରଣ୍ୟ ଭିତରେ ବସବାସ କରୁଥିବା ସୁନାବେଡା ଓ ସୋସେଙ୍ଗ ପଞ୍ଚାୟତର ଭୂଞ୍ଜିଆମାନଙ୍କୁ ସାମିଲ କରି ଘର ଦିଆଯାଉଛି। ହେଲେ କୋମନା ବ୍ଲକର ଦେଓଦର୍ହା ଓ ରଜନା ପଞ୍ଚାୟତ, ବୋଡେନ ବ୍ଲକର ନାଗପଡା ପଞ୍ଚାୟତରେ ବସବାସ କରୁଥିବା ଭୂଞ୍ଜିଆମାନେ ବଞ୍ଚିତ ରହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି, ନୂଆପଡା ଜିଲାର ୨୧ ଗାଁରେ ବସବାସ କରୁଥିବା ସବୁ ଭୂଞ୍ଜିଆ ଏକ ପ୍ରକାର। ଆଧାର କାର୍ଡ, ଭୋଟର କାର୍ଡ, ଜମି ପଟ୍ଟା ଭଳି ପ୍ରମାଣପତ୍ରରେ ମଧ୍ୟ ଗୋଟିଏ ଭୂଞ୍ଜିଆ ଲେଖାଯାଉଛି। ଏହି ବିଷୟରେ ପୂର୍ବରୁ ଜିଲା ପ୍ରଶାସନଠାରୁ ପୂର୍ବ ସରକାରଙ୍କୁ ଅବଗତ କରାଯାଇଥିଲା। ଯାହା ଫଳରେ କୋଭିଡ-୧୯ ସମୟରେ ତଦନ୍ତ କରି ୫ ପଞ୍ଚାୟତର ଭୂଞ୍ଜିଆଙ୍କୁ ୫ ହଜାର ଟଙ୍କା ଲେଖାଏ କରୁଣା ସହାୟତା ମିଳିଥିଲା। ଏବେ ୨ ପଞ୍ଚାୟତର ଲୋକେ ସୁବିଧା ପାଉଥିବାବେଳେ ୩ ପଞ୍ଚାୟତର ଭୂଞ୍ଜିଆମାନଙ୍କୁ କେଉଁ କାରଣରୁ ବଞ୍ଚିତ କରାଯାଉଛି ବୋଲି ପ୍ରଶ୍ନକରି ଯୋଜନାରେ ସାମିଲ କରାଯାଉ ବୋଲି ଦାବି କରିଛନ୍ତି। ଏହି ସମୟରେ ଶ୍ରମିକ ନେତା ଭକ୍ତବନ୍ଧୁ ଧରୁଆ, ଜୟ ସିଂ ଚିନ୍ଦା, ଅତବଲ ଚିନ୍ଦା, ଦେବରାଜ ଚିନ୍ଦା, ଟିକଚନ ଚିନ୍ଦା, ଘାସିରାମ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।




ଦାବିପତ୍ର ଦେଇ ଫେରୁଛନ୍ତି ଭୁଞ୍ଜିଆ ସମ୍ପ୍ରଦାୟ ଲୋକେ।

# ବର୍ଷା ପାଇଁ ସରଗ ମାଉଲୀଙ୍କ ଉପାସନା

କୋକସରା,୫।୮ (ଦୁଷ୍ମନ୍ତ କୁମାର ପାଢ଼ଯୋଷୀ)



ପାହାଡ଼ ଶୀର୍ଷରେ ସରଗ ମାଉଲୀଙ୍କ ପୂଜାର୍ଚ୍ଚନା କରାଯାଉଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମା ଦଣ୍ଡପାଟିଆଣୀ ଦେବୀ ପୀଠରେ ୩ଦିନ ଧରି ଲୋକେ ଧରଣୀ ଉପାସନା କରିଥିଲେ। ୧୨ଖଣ୍ଡ ଗାଁର ଲୋକେ ଦେବଦେବୀଙ୍କ ସହ ପାହାଡ ଚଢି ଶୀର୍ଷ ସ୍ଥାନରେ ପହଞ୍ଚି ସରଗ ମାଉଲୀ ଦେବୀଙ୍କ ଉପାସନା କରି ଭଲ ବର୍ଷା ପାଇଁ କାମନା କରିଛନ୍ତି। ମଙ୍ଗଳବାର ସକାଳୁ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ପରେ ଦେବଦେବୀଙ୍କ ଶିରା, ପୂଜକ ଓ ଶତାଧିକ ଲୋକ ମନ୍ଦିର ପରିସରରୁ ଡଙ୍ଗର ଅଭିମୁଖେ ବିରାଟ ପଟୁଆରରେ ପାରମ୍ପରିକ ବାଜା, ଘଣ୍ଟ, ଶଙ୍ଖ ଧ୍ୱନିରେ ବାହାରିଥିଲେ। ସେଠାରେ ପହଞ୍ଚିବା ପରେ ପ୍ରଥମେ ଡଙ୍ଗରଦେବୀଙ୍କ ପାଦପୂଜା କରାଯାଇ ପାହାଡ଼ ଚଢ଼ିବା ପାଇଁ ଅନୁମତି ନେଇଥିଲେ। ଏହାପରେ ଆରମ୍ଭ ହୋଇଥିଲା ପାହାଡ଼ ଚଢ଼ା କାର୍ଯ୍ୟ। ସେଠାରେ ପହଞ୍ଚି ଗୁମ୍ଫା ସଦୃଶ୍ୟ ଏକ ବିରାଟ ପଥର ନିକଟରେ ସରଗ ମାଉଲୀ ଦେବୀଙ୍କଠାରେ ଆଦିବାସୀ ପରମ୍ପରାରେ ପୂଜା କାର୍ଯ୍ୟ ଆରମ୍ଭ କରି ହୋମ କରାଯାଇଥିଲା। ଏହି ସମୟରେ ବର୍ଷା ଆଗମନର କଥା ଦେବୀଙ୍କ ପ୍ରତିନିଧିତ୍ୱ କରୁଥିବା ପୂଜାରୀମାନେ ପଚାରି ବୁଝିଥିଲେ। ଉପସ୍ଥିତ ଚାଷୀ ଓ ୧୨ଖଣ୍ଡ ଗାଁର ଲୋକ ମଧ୍ୟ ଦେବଦେବୀଙ୍କୁ ବର୍ଷା ପାଇଁ ଗୁହାରି କରିଥିଲେ। ଏହାପରେ ଆରମ୍ଭ ହୋଇଥିଲା ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବଳୀ କାର୍ଯ୍ୟ। ରକ୍ତ ଭୋଗରେ ବୋଦା (ଗଡରା), କୁକୁଡା ଆଦି ବଳୀ ପ୍ରଦାନ କରାଯାଇଥିଲା ଏବଂ ଶୁକ୍ଳ ଭୋଗରେ ମୁଆଁ ନୈବେଦ୍ୟ ଆଦି ପ୍ରଦାନ କରାଯାଇଥିଲା।

**ପାହାଡ଼ ଚଢିଲେ ୧୨ ଖଣ୍ଡ ଗାଁର ଲୋକେ**

ସରଗ ମାଉଲୀଙ୍କ ଆସ୍ଥାନ ଗୁମ୍ଫା ସଦୃଶ ପଥର ଉପରେ ସାମିଲ ହୋଇଥିବା ୧୨ଖଣ୍ଡ ଗ୍ରାମର ଦେବଦେବୀଙ୍କ ପୂଜକ, ଶିରାମାନଙ୍କୁ ସୂତା ବନ୍ଧାଯାଇ ସରଗ ମାଉଲୀଙ୍କ ନାଁରେ ୧୨ ଗରା ପାଣି, କ୍ଷୀର ଲାଗି କରାଯାଇଥିଲା। ପରେ ଭଲ ବର୍ଷାର କାମନା କରି ଇନ୍ଦ୍ର ଦେବଙ୍କୁ ସନ୍ଦେସ ପାଇଁ ପୂର୍ବ ଦିଗକୁ ଏକ ପାରାକୁ ଉଡାଯାଇଥିଲା। ଉଡାଯାଇଥିବା ପାରା ପୁନର୍ବାର ଫେରିଥିଲା। ପାରା ଫେରିଲେ ନିଶ୍ଚୟ ବର୍ଷା ହୋଇଥାଏ ବୋଲି ବିଶ୍ୱାସ ରହିଆସିଛି ବୋଲି ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ପ୍ରକାଶ କରିଛନ୍ତି। ପୂଜା ପରେ ତତ୍କ୍ଷଣାତ୍ ଡଙ୍ଗର ଉପରେ ବର୍ଷା ଝରି ପଡିଥିଲା। ଏହାକୁ ନେଇ ଚାଷୀ ଓ ଗ୍ରାମବାସୀ ଉତ୍ସାହିତ ହୋଇଉଠିଥିଲେ। ଏହାପରେ ପ୍ରାରମ୍ଭରେ ଚଢିଥିବା ପଶ୍ଚିମ ଦିଗ ପରିବର୍ତ୍ତେ ପାହାଡ଼ର ପୂର୍ବ ଦିଗକୁ ଓହ୍ଲାଇ ଦେବୀଙ୍କ ଆସ୍ଥାନ ସ୍ଥଳକୁ ଫେରିଥିଲେ। ସନ୍ଧ୍ୟାରେ ପୀଠରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଛି। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ସାମିଲ ହୋଇ ଅଞ୍ଚଳର ଲୋକଙ୍କ ମଙ୍ଗଳ କାମନା କରି ଦେବୀଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପୂଜା କାର୍ଯ୍ୟକୁ ଦେବୀଙ୍କ ମୁଖ୍ୟ ପୂଜାରୀ ରତନ ପୂଜାରୀ, ଚିତ୍ରସେନ ପୂଜାରୀ, ଶିରା ତୁମେଶ୍ୱର ପୂଜାରୀ ଓ ସୁରେଶ ଚନ୍ଦ୍ର ପୂଜାରୀ ସମ୍ପାଦନ କରିଥିଲେ। ପୂଜା କମିଟି ସଭାପତି ସୁଧୀର କୁମାର ପାତ୍ର, ସମ୍ପାଦକ ନୀଳାମ୍ବର ନାଏକ, କୋଷାଧ୍ୟକ୍ଷ ଭଦ୍ରେଶ୍ୱର ପାତ୍ର, ଟେମେରାସରପଞ୍ଚ କ୍ଷିତିରାମ ପାତ୍ର, ମହିମା ସରପଞ୍ଚ ଈଶରାମ କୋଲଥିଆ, ସମିତିସଭ୍ୟ ଘନଶ୍ୟାମ ନାଏକ ଉପସ୍ଥିତ ରହିସହଯୋଗ କରିଥିଲେ।

**GOVERNMENT OF ODISHA** No.O-513
**OFFICE OF THE SUPERINTENDING ENGINEER, RURAL WORK DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
INVITATION FOR BIDS
NATIONAL COMPETITIVE BIDDING

**Bid Identification No. : RWDSE_MKG_II_ONLINE_05/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work : Building Repair Works, 2. No. of Works : 37 Nos, 3. Estimated Cost : Rs.1.68 lakhs and Rs.4.20 Lakhs, 4. Tander Paper Cost : Rs. 600/- & Rs.2,000/- , 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To | Last Date of Seeking Tender Clarification | Date ofOpening of Tender |
|---|---|---|---|---|---|
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_05 of 2025-26 | 08.08.2025 at 11.00 AM | 20.08.2025 up to 05.30 PM | 19.08.2025 up to 3.00 P.M. | 21.08.2025 up to 11.00 A.M. |

- Further details can be seen in the bidding documents, which is available in there-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

Sd./- Superintending Engineer
Rural Works Division-II, Malkangiri
OIPR-25079/11/0029/2526

**ପୌରପରିଷଦ କାର୍ଯ୍ୟାଳୟ, ଜୟପୁର**
**OFFICE OF THE MUNICIPAL COUNCIL: JEYPORE**
Letter No.3703/JM, Date:02. Aug 2025

**ଜୟପୁର ପୌରପାଳିକା ଅଧୀନସ୍ଥ ବିଭିନ୍ନ ୱାର୍ଡରେ ନିର୍ମାଣ କରାଯାଇଥିବା ପାର୍କଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ/ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ**

No.C-୫୦୫:ଜୟପୁର ପୌରସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଥିବା ନିମ୍ନଲିଖିତ ପାର୍କଗୁଡିକର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଜୟପୁର ପୌରସଂସ୍ଥାରେ ପଞ୍ଜିକୃତ ସଂପୃକ୍ତ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସଂପୃକ୍ତ ୱାର୍ଡର ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ କରାଯାଉଛି । ଇଚ୍ଛୁକ ଗୋଷ୍ଠୀ ନିମ୍ନରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଆଧାରରେ ସେମାନଙ୍କ ଇଚ୍ଛାପତ୍ର ୦୪.୦୮.୨୦୨୫ଠାରୁ ୧୬.୦୮.୨୦୨୫ ତାରିଖ ଅପରାହ୍ନ ୩.୦୦ ଘଣ୍ଟା ମଧ୍ୟରେ କେବଳ କାର୍ଯ୍ୟ ଦିବସରେ ଦାଖଲ କରିପାରିବେ । କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବକ୍ସରେ ପକାଇବେ । ପ୍ରାପ୍ତ ହୋଇଥିବା ସମସ୍ତ ଇଚ୍ଛାପତ୍ର ୧୮.୦୮.୨୦୨୫ ତାରିଖ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ସମ୍ପୃକ୍ତ ଗୋଷ୍ଠୀର ସଭାପତି/ସମ୍ପାଦକ କିମ୍ବା ତାଙ୍କ ଦ୍ୱାରା ଅଧିକୃତ କୌଣସି ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ ଖୋଲାଯିବ ।
୧) ପାର୍କ ଯେଉଁ ୱାର୍ଡରେ ଅବସ୍ଥିତ କେବଳ ସେହି ୱାର୍ଡର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କିମ୍ବା ଯୁବ ଗୋଷ୍ଠୀଗୁଡିକୁ ହିଁ ପ୍ରାଧାନ୍ୟ ଦିଆଯିବ । ୨) ସଂପୃକ୍ତ ଗୋଷ୍ଠୀର ନିଜସ୍ୱ ବ୍ୟାଙ୍କ ଖାତା ଥିବ ଏବଂ ଏଥିରେ ଅତିକମ୍‌ରେ ୫୦,୦୦୦/- ଟଙ୍କା ସଞ୍ଚୟ ଥିବ । ୩) ନିର୍ଦ୍ଦିଷ୍ଟ ପାର୍କ ରକ୍ଷଣାବେକ୍ଷଣ କରିବା ପାଇଁ ଗୋଷ୍ଠୀ ସଭାରେ ଅନୁମୋଦନ ପ୍ରାପ୍ତ କରି ସଭା ବିବରଣୀ ଇଚ୍ଛାପତ୍ର ସହ ସଂଲଗ୍ନ କରିଥିବେ । ୪) ଏଥିସହ ୱାର୍ଡୱାରି ପାର୍କର ବିବରଣୀ ସଂଲଗ୍ନ କରାଯାଇ ପ୍ରତି ପାର୍କ ପାଇଁ offset price ରଖାଯାଇଛି । ଯେଉଁ ଗୋଷ୍ଠୀ ମାସିକ ରକ୍ଷଣାବେକ୍ଷଣ ପ୍ରାପ୍ୟ ଉକ୍ତ offset priceରୁ କମ୍ ଦର୍ଶାଇଥିବେ ତାଙ୍କୁ ଅଗ୍ରାଧିକାର ଦିଆଯିବ । ୫) ଗୋଷ୍ଠୀର ପ୍ୟାନ କାର୍ଡ ସଂଲଗ୍ନ କରିବେ । ୬) ଇଚ୍ଛାପତ୍ର ବନ୍ଦ ଲଫାପାରେ ........ **ପାର୍କ ରକ୍ଷଣାବେକ୍ଷଣ ପାଇଁ ଇଚ୍ଛାପତ୍ର** ଲେଖି ଆବଶ୍ୟକୀୟ ଦସ୍ତାବିଜ ସହ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦାଖଲ କରିବେ । ୭) ଅଧିକ ତଥ୍ୟ ପାଇଁ ଜୟପୁର ପୌର କାର୍ଯ୍ୟାଳୟର ସଂପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ।

| କ୍ର. ସଂଖ୍ୟା | ପାର୍କର ଠିକଣା | offset price | Entry Fee The selected group shall not charge an entry fee exceeding the fixed rate as specified |
|---|---|---|---|
| ୦୧ | ବିଜୁ ରିକ୍ରିଏସନ ପାର୍କ ଓ ମିଶନ ଶକ୍ତି କେଫେ ଗୋପବନ୍ଧୁ ନଗର, ୱାର୍ଡ ୧୦ | ୧୫,୦୦୦/- | ୦୫/- |
| ୦୨ | ବିଜୁ ଶାନ୍ତି ଉଦ୍ୟାନ ଓ କେଣ୍ଟିନ ଖଜୁରିବନ୍ଧ, ୱାର୍ଡ ୨୦ | ୪୫,୦୦୦/- | ୧୦/- |
| ୦୩ | ଗାନ୍ଧୀ ପାର୍କ, ଗୋବର୍ଦ୍ଧନ ମୁଣ୍ଡା, ୱାର୍ଡ ୨୬ | ୫,୦୦୦/- | ୦୫/- |
| ୦୪ | ଲକ୍ଷ୍ମୀନଗର ପାର୍କ, ୱାର୍ଡ ୧୪ | ୫,୦୦୦/- | ୦୫/- |
| ୦୫ | ପେନାଙ୍ଗି ଫୋରେଷ୍ଟ ପାର୍କ (କୋର୍ଟ ସାମ୍ନା) | ୫,୦୦୦/- | ୦୫/- |

OIPR-13079/11/0055/2526
ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ

**EOI Cancellation Notice**

No.PP- "EOI" for Installation of permanent lighting system at **Odisha Crafts Museum-Kalabhoomi** invited vide EOI call notice no.1698 **floated on 12.07.2025** is hereby **CANCELLED.**

Sd./- Member Secretary

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
Tel.No.+91 (0)674-2350138, Email:sidacorissa@gmail.com, www.sidacodisha.
SIDAC
OIPR-31036/11/0027/2526

**ODISHA HYDRO POWER CORPORATION LTD.**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA - 768017, DISTRICT : SAMBALPUR (ODISHA), PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963

No. HHEP/Tech-W-202/8/4446 Date : 02.08.2025

**e-TENDER CALL NOTICE NO. HHEP-42/2025**

**No.CAD-1387** : Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Railway to be received **online mode only** for the following work in the portal https://tendersodisha.gov.in.

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Class of contractor |
|---|---|---|---|---|
| AMC of Non-Residential Buildings of HHEP, Burla | 12,55,642/- | Rs.7080/- (Rs.6000/- + GST 18%) | 12600/- | 'D' & 'C' |

- Sale of tender paper : **06.08.2025 (11.00 AM) to 18.08.2025 upto 03.30 PM**
- Receipt of tender paper : **18.08.2025 upto 03.30 PM**
- Date & time of opening of tender : **18.08.2025 at 04.00 PM**
- Further details can be seen from the e-procurement portal https://tendersodisha.gov.in / www.ohpcltd.com

OIPR-04007/11/0061/2526 Sd./- UNIT Head, HHEP, Burla

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର**
**OFFICE OF THE SUPERINTENDING ENGINEER, M.I.DIVISION, ANANDAPUR**
AT/P.O:- Salapada, Dist-Keonjhar, Pin Code-758020
E-mail Id:mianandapur@yahoo.co.in,eemidanandapur@gmail.com
No.1874/ MIDA/ Dt.01.08.2025

**e-Procurement Notice**

Bid Identification No.06/MIDA/2025-26
e-mail ID: mianandapur@yahoo.co.in

No.A-462:The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" Procurement for the works as detailed in the Annexure to this bid notice.

| | |
|---|---|
| Name of the Work | Improvement and Repair works of MIPs under DPIW and Critical Scheme |
| No.of Works | 09 (Nine) Nos only |
| Estimated Cost | **Varies from 15.81 lakhs to 33.33 lakh** (Approximately) |
| Cost of Tender Paper: | **Varies from 6000/- (Non-refundable)** |
| Period of Completion | **4 (Four) Calendar Months** |
| Availability of bid documents for sale and receipt through online | From Dt.11.08.2025, 10.00 AM to dt.20.08.2025, upto 5.00 P.M. |
| Last date/time of receipt of bids in the portal | 20.08.2025 (5.00 PM) |
| Date of Technical bid opening through online | On dt.21.08.2025 at 10.00 AM in the Office of the S.E., M.I. Division, Anandapur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess Compatible Digital Signature Certificate (DSC). |
| The detail tender call notice can also be seen in the DOWR website http:/dowrorissa.gov.in. | |
| **Name & Address of the OIT:** | Superintending Engineer, Minor Irrigation Division, Anandapur, At/Po/District- Keonjhar Email ID: mianandapur@yahoo.co.in |
| Further details can be seen from the e-Procurement market place http://tendersorissa.gov.in | |

OIPR-32108/11/0032/2526
Sd./- Superintending Engineer
M.I.Division, Anandapur

**GOVERNMENT OF ODISHA** No.i-262
**OFFICE OF THE PANCHAYAT SAMITI, BEGUNIA**
**"e" Procurement Notice**

1. Name of the Work : Construction of GPLF Office building with market complex at Sarua GP under Begunia Block
2. Total Number of Works : 01 No.
3. Estimated Cost : Rs.22,58,456.00
4. Class of Contractor : C & Equivalent
5. Period of Completion : 6 Calendar Months
6. Availability of Tender for online : Dt.04.08.2025 at 11.00 A.M. to DT.16.08.2025 at 5.00 P.M.
7. Last date & time of seeking tender clarification : Dt.12.08.2025 at 5.00 P.M.
8. Date & time of opening of tender : Dt.18.08.2025 at 11 A.M.

Further details can be seen from the website www.tenderodisha.gov.in.

Sd./- Block Development Officer
Begunia
OIPR-19302/11/0013/2526

**ZILLA SWASTHYA SAMITI, NABARANGPUR**
OFFICE OF CDM & PHO-CUM-DISTRICT MISSION DIRECTOR
NABARANGPUR

No.7801 Date : 04.08.2025

**CORRIGENDUM**

**No.E-289** : In pursuance to the advertisement No 7289 dtd-23.07.2025 of the undersigned, the Walk-in-Interview for the post of Consultant Medicine (NPHCE), Ophthalmic Surgeon (NPCB & VI), Paediatrician DEIC, Medical Officer MBBS-DEIC and Medical Officer SNCU which was scheduled on **05.08.2025** has been postponed and scheduled to be held on **20.08.2025**. The Registration time, venue and other terms and conditions of the advertisement remain unaltered.

Sd./- (Dr. Santosh Kumar Panda)
CDM & PHO-cum-District Mission Director
Nabarangpur
OIPR-10164/11/0006/2526

**Bhubaneswar Municipal Corporation**
No.38435/Date:04.08.25
Phone:0674-2431253, Fax:0674-2432895,
E-mail:info@bmc.gov.in, Web:bmc.gov.in

**"ନଗରବନ୍ଧୁ" ନିମନ୍ତେ ବିଜ୍ଞପ୍ତି**
**ସରସ ସବୁଜ ଭୁବନେଶ୍ୱର ପାଇଁ ଏକ ଆହ୍ୱାନ**

No.C-୫୦୭: ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ଓ ଓଡ଼ିଶା ଏନଭାଇରମେଣ୍ଟ ସୋସାଇଟିର ମିଳିତ ସହଯୋଗରେ ସଚେତନ ନାଗରିକମାନଙ୍କୁ "ନଗରବନ୍ଧୁ" ସମ୍ମାନ ପ୍ରଦାନ କରାଯାଉଅଛି । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ଭୁବନେଶ୍ୱର ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ, ଶକ୍ତି ଓ ଜଳ ସଂରକ୍ଷଣ, ପରିମଳ ତଥା ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି, ସେମାନଙ୍କୁ "ନଗରବନ୍ଧୁ" ଭାବରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ-୩୧ ଅଗଷ୍ଟ ୨୦୨୫ ରିଖ ଦିନ ସମ୍ମାନିତ କରାଯିବ । ଏହି ସମ୍ମାନ ନିମନ୍ତେ ବିଏମ୍‌ସିର ୬୭ଟି ୱାର୍ଡ ମଧ୍ୟରୁ ବ୍ୟକ୍ତି ତଥା ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକ ମଧ୍ୟରୁ ଚୟନ କରାଯିବ । ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ସତ୍ୟନଗର କାଳୀମନ୍ଦିର ସମ୍ମୁଖସ୍ଥିତ ୟୁନିଟ୍-୯, ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟର (LG Floor) ରେ ଥିବା ପରିବେଶ ଉପବିଭାଗରୁ ଦରଖାସ୍ତ ଫର୍ମ ସଂଗ୍ରହ କରି ଫର୍ମରେ ଦିଆଯାଇଥିବା ନିଜର/ଅନୁଷ୍ଠାନର ନାମ ଲେଖି ଆନୁଷଙ୍ଗିକ ପ୍ରମାଣପତ୍ର ସହ ଦରଖାସ୍ତ ପ୍ରେରଣ କରିପାରିବେ କିମ୍ବା କେହି ତୃତୀୟ ପକ୍ଷ ସେମାନଙ୍କ ମନୋନୟନ ପତ୍ର ପଠାଇପାରିବେ । ତା.୧୪ ଅଗଷ୍ଟ ୨୦୨୫ ରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ନାମାଙ୍କନ ପହଞ୍ଚିବା ଆବଶ୍ୟକ । ନାମାଙ୍କନ ପଠାଇବାର ଠିକଣା- ପରିବେଶ ଉପବିଭାଗ, (LG Floor), ମୁଖ୍ୟ କାର୍ଯ୍ୟାଳୟ, (BMC ICOMC Tower), ଭୁବନେଶ୍ୱର ମହାନଗର ନିଗମ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୦୭ ।

ସ୍ୱା./-ଉପ ଆୟୁକ୍ତ, ଭୁବନେଶ୍ୱର ମହାନଗର ନିଗମ

**ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ବିବରଣୀ**

୧.ନିର୍ଦ୍ଦିଷ୍ଟ ଅଞ୍ଚଳରେ ସବୁଜୀକରଣ ପାଇଁ ନେଇଥିବା ପଦକ୍ଷେପ (ବୃକ୍ଷରୋପଣ କରାଯାଇଥିବା ଜାଗାର ନିର୍ଦ୍ଦିଷ୍ଟ ବିବରଣୀ ସହିତ), ୨. ବିଦ୍ୟୁତଶକ୍ତି ସଂଚୟ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଗ୍ରହଣ କରିଥିବା ପରିବେଶଧର୍ମୀ ପଦକ୍ଷେପ। ୩.ନିଜ ହତା ତଥା ଆଖପାଖ ଅଞ୍ଚଳରୁ ବାହାରୁଥିବା କଠିନ ଅଳିଆ/ଆବର୍ଜନା ଏବଂ ମଇଳା ପାଣି ପରିଚାଳନା ତଥା ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରହଣ କରିଥିବା ପଦକ୍ଷେପ । ୪. ପ୍ରାକୃତିକ ସମ୍ପଦ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ନିମନ୍ତେ ନେଇଥିବା ପଦକ୍ଷେପ । ୫. ଦରଖାସ୍ତକାରୀଙ୍କର ଏହି କ୍ଷେତ୍ରକୁ ଅବଦାନ ନିମନ୍ତେ ପ୍ରାପ୍ତ ଅନ୍ୟାନ୍ୟ ପୁରସ୍କାର ଓ ସ୍ୱୀକୃତିର ବିବରଣୀ । ୬. ପୂର୍ବରୁ "ନଗରବନ୍ଧୁ" ସମ୍ମାନ କେବେ ପାଇଥିଲେ କି ? ୭. ସଦ୍ୟତମ ହୋଲ୍ଡିଂ ଟିକସ ଦେୟ ରସିଦ୍ ନକଲ ସଂଲଗ୍ନ କରିବେ ।

Bhubaneswar-751007, Odisha
OIPR-13002/11/0229/2526

**ଚୋରି ସାମଗ୍ରୀ ଜବତ, ୩ କୋର୍ଟ ଚାଲାଣ**

ବ୍ରଜରାଜନଗର,(ବିଜୟ ବଡ଼ାଡ଼)- ଚୋରି ଅଭିଯୋଗରେ ଓରିଏଣ୍ଟ ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବ୍ରଜରାଜନଗର ଥାନା ଅଧୀନ ଖଲିଆକାନୀର ଅଭିଷେକ ଭୋଇ, ପ୍ରେମ୍ ସା, ଓରିଏଣ୍ଟ ଥାନା କାଳୀନଗରର ସଚିନ ଡୁଙ୍ଗୁରୀ। ସେମାନଙ୍କ ନିକଟରୁ ଗୋଟିଏ ଲୁହାଗ୍ରାଲ୍ ଓ ଦୁଇଟି ବାଇକ୍ ଜବତ କରାଯାଇଛି। ଓରିଏଣ୍ଟ ଥାନା ଅଧୀନ ମହାକାଳପଡ଼ାର ଅଞ୍ଚଳର ସଲିଲ ଝାଙ୍କ ବାଇକ୍ ଓ ଅନ୍ୟ ସାମଗ୍ରୀ ସୋମବାର ଚୋରି ହୋଇଥିଲା। ଏନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା।



## ନିବେଶ ଆଳରେ ୮୮ ଲକ୍ଷ ସାଇବର ଠକେଇ ଘଟଣା

# ଧରାପଡ଼ିଲେ ୪ ଅଭିଯୁକ୍ତ

**ସମ୍ବଲପୁର, ୫।୮ (ପ୍ରମୋଦ ବହିଦାର)**

ନିବେଶ ଆଳରେ ଜଣେ ବ୍ୟକ୍ତିଙ୍କୁ ୮୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାର ପର୍ଦ୍ଦାଫାଶ ସମ୍ବଲପୁର ଜିଲା ପୋଲିସ କରିଛି। ଏହି ମାମଲାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମ୍ବଲପୁର ଧନୁପାଲି ଥାନା କୁମ୍ଭାରପଡ଼ାର ପ୍ରଶାନ୍ତ ମେହେର(୩୭), ଟାଉନ ଥାନା ଅନ୍ତର୍ଗତ ଗୋଲ୍‌ବଜାରର କୃଷ୍ଣ ସାହୁ(୩୮), ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଏବିଏ କଲୋନୀର ବିଶ୍ୱଜିତ୍ ନାୟକ(୩୬) ଓ ଦେବଗଡ଼ ଜିଲା କୁଣ୍ଡେଇଗୋଲାର ସୁବ୍ରତ ପ୍ରଧାନ(୩୨)। ସେମାନଙ୍କ ନିକଟରୁ ୨୧ଟି ବିଭିନ୍ନ ବ୍ୟାଙ୍କର ଡେବିଟ୍ କାର୍ଡ, ୩ଟି ପାସ୍‌ବୁକ୍, ୪ଟି ଚେକ୍‌ବୁକ୍, ୯ଟି ମୋବାଇଲ ଫୋନ୍ ସହ ବହୁସଂଖ୍ୟକ ସିମ୍‌କାର୍ଡ, ଗୋଟିଏ କାର ଏବଂ ୨ ଲକ୍ଷ ୫୦ ହଜାର ଟଙ୍କା ଜବତ ହୋଇଛି। ଏହାସହିତ ୧୩ଟି ମ୍ୟୁଲ ଆକାଉଣ୍ଟକୁ ଚିହ୍ନଟ କରି ପ୍ରାୟ ୧୨,୫୫,୫୪୫ ଟଙ୍କା ଫ୍ରିଜ୍ କରାଯାଇଛି।


ସାଇବର ଠକେଇରେ ଗିରଫ ଅଭିଯୁକ୍ତମାନେ।

ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ଏ ସମ୍ପର୍କରେ ଜିଲା ପୋଲିସ ମୁଖ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସୂଚନା ଦେଇଛନ୍ତି। ଏସ୍‌ପି ଭାମୁଙ୍କ ସୂଚନା ଅନୁସାରେ, ଗତ ଜୁଲାଇ ୩୧ରେ ସମ୍ବଲପୁର ଠକେଇର ଶିକାର ହୋଇ ୮୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହରାଇଥିବା ଅଇଁଠାପାଲିର ରମେଶ ଚନ୍ଦ୍ର ବିଶ୍ୱାଳ ସମ୍ବଲପୁର ସାଇବର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାରେ ସେ ଷ୍ଟକ୍ ବଜାରରେ ନିବେଶ ପାଇଁ ପରାମର୍ଶ ଅନୁସନ୍ଧାନ କରିବା ସମୟରେ ତାଙ୍କ ନିକଟକୁ ବିଭିନ୍ନ ହ୍ୱାଟ୍‌ସଆପ୍ ଗ୍ରୁପ୍ ମେସେଜ୍‌ରେ ଟଙ୍କା ନିବେଶ କରିବାକୁ ପ୍ରଲୋଭିତ କରାଯାଇଥିଲା। ତେବେ ସେ ଓ ତାଙ୍କ ପରିବାରବର୍ଗ ଇନ୍‌ଭେଷ୍ଟମେଣ୍ଟ ଟିମ୍ ନାମକ ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ର ପରିଚାଳକ ରୋହନ ସାହାଙ୍କ ପରାମର୍ଶକ୍ରମେ କଲୱର୍ଟ ଡିମେଟ୍ ନାମକ ପ୍ଲାଟ୍‌ଫର୍ମରେ ଟଙ୍କା ନିବେଶ କରିଥିଲେ। ସେ ଓ ତାଙ୍କ ପରିବାର ପର୍ଯ୍ୟାୟକ୍ରମେ ମୋଟ ୮୮ ଲକ୍ଷରୁ ଅଧିକ ନିବେଶ କରିଥିଲେ ମଧ୍ୟ କୌଣସି ପ୍ରକାର ରିଟର୍ନ ମିଳି ନ ଥିଲା। ପରେ ଉକ୍ତ ପ୍ଲାଟ୍‌ଫର୍ମ ନକଲି ବୋଲି ଜାଣିବାକୁ ପାଇ ସେ ପ୍ରଥମେ ଜାତୀୟ ସାଇବର ଅପରାଧ ହେଲ୍ପଲାଇନ୍‌ରେ ଘଟଣାକୁ ନେଇ ରିପୋର୍ଟ କରି ପରବର୍ତ୍ତୀ ସମୟରେ କ୍ଷେତ୍ରରାଜପୁରସ୍ଥିତ ସାଇବର ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ କ୍ଷେତ୍ରରାଜପୁର ଥାନାରେ ଏକ ମାମଲା(ନଂ.୧୪/୨୫)ରୁଜୁ ହୋଇଥିଲା। ପୋଲିସର ଏକ ସ୍ୱତନ୍ତ୍ର ବୈଷୟିକ ଦଳ ଏହି ଠକେଇ ନେଟ୍‌ୱର୍କ ପରିଚାଳନାରେ ସମ୍ପୃକ୍ତ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେହିପରି ତଦନ୍ତ ବେଳେ ଅନେକ ବ୍ୟାଙ୍କର ମ୍ୟୁଲ୍ ଆକାଉଣ୍ଟ(କରେଣ୍ଟ ବ୍ୟାଙ୍କ ଜମାଖାତା)କୁ ଅନ୍ୟ ଜଣେ ବ୍ୟବହାର କରିବା ଧରା ପଡ଼ିଥିଲା। ଏଭଳି ଆକାଉଣ୍ଟକୁ ଉକ୍ତ ଅଭିଯୁକ୍ତମାନେ ପରିଚାଳନା କରୁଥିଲେ। ତେବେ ଏହି ଠକେଇର ମାଷ୍ଟରମାଇଣ୍ଡ ସାଉଦି ଆରବରେ ରହି ଏହି ନେଟ୍‌ୱର୍କକୁ ପରିଚାଳନା କରୁଥିବା ଲୋକେସନ ଯାଞ୍ଚ ବେଳେ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି। ତେବେ ଏହି ଆକାଉଣ୍ଟଧାରୀମାନେ କମିଶନ ଲୋଭରେ ତାଙ୍କ ଆକାଉଣ୍ଟକୁ ବ୍ୟବହାର କରିବାକୁ ଦେଇ ମୋଟା ଅଙ୍କର ରାଶି ଉପାର୍ଜନ କରୁଛନ୍ତି। ସମ୍ଭବତଃ ଉକ୍ତ ଆକାଉଣ୍ଟଧାରୀମାନେ ସେମାନଙ୍କ ଜମାଖାତା ଅପରାଧ ଗତିବିଧିରେ ବ୍ୟବହୃତ ହୋଇଛି ବୋଲି ଜାଣିନାହାନ୍ତି। ମାତ୍ର ସେ ନେଇ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଭାମୁ କହିଛନ୍ତି।

■ନଗଦ ୨.୫ ଲକ୍ଷ ଜବତ, ୧୨.୫୫ ଲକ୍ଷ ଫ୍ରିଜ୍

■ସାଉଦି ଆରବରେ ମାଷ୍ଟରମାଇଣ୍ଡ

## ଜିଏମ୍‌ୟୁ ବାଣିଜ୍ୟ ବିଭାଗରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ


ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଏବଂ ପୁରସ୍କୃତ ଛାତ୍ରଛାତ୍ରୀ।

**ସମ୍ବଲପୁର,୫।୮ (ବି.ଶଙ୍କର)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ବାଣିଜ୍ୟ ବିଭାଗ ଓ ଓଡ଼ିଶା କମର୍ସ ଆସୋସିଏସନର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ବାଣିଜ୍ୟ ବିଭାଗ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରବନ୍ଧନ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରତାପ ଚନ୍ଦ୍ର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ଛାତ୍ରୀଛାତ୍ରଙ୍କୁ ବାଣିଜ୍ୟ ଶିକ୍ଷାର ଆଧୁନିକ ପରିପ୍ରେକ୍ଷୀତ, ବ୍ୟବସାୟ ଓ ଅର୍ଥନୈତିକ ଉନ୍ନତିରେ ତାହାର ଭୂମିକା ବିଷୟରେ ମତ ଦେଇଥିଲେ। ବାଣିଜ୍ୟ ବିଭାଗ ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରଫେସର ଶ୍ୟାମା ଚରଣ ଆଚାର୍ଯ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଜାତୀୟ ବ୍ୟାପାର ଉପରେ ଆଧାରିତ ନିଜର ଅଭିଭାଷଣ ଦେଇଥିଲେ। ଅଧ୍ୟାପକ ଡ.ମୁକେଶ ଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗ ସହକାରୀ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ବଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଆୟୋଜିତ ବାଣିଜ୍ୟ କୁଇଜ୍ ପ୍ରତିଯୋଗିତାର କୃତିମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗ ସହକାରୀ ଅଧ୍ୟାପକ ସୁଭାଷ ଚନ୍ଦ୍ର ଖାଙ୍ଗାର, ଡ. କ୍ଷୀରୋଦ ଚନ୍ଦ୍ର ମହାରଣା, ଅମ୍ରିଶ ପ୍ରତାପ ସିଂହ, ବିକାଶ ସେଠୀ, ଅଧ୍ୟାପିକା ଡ. ପୂଜାବାଇ କେୱଟ, ଅରୁଣା ଶର୍ମା, ସରୋଜା ମେହେର ଓ ଝିଲ୍ଲିରାଣୀ ପରିଡା ଉପସ୍ଥିତ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଶିକ୍ଷକ ନିଯୁକ୍ତି ଦାବି: ଏନ୍ଏଚ୍ ଅବରୋଧ କଲେ ଛାତ୍ରୀଛାତ୍ର

**ଜମନକିରା,୫।୮(ରବୀନ୍ଦ୍ର ପ୍ରସାଦ ଦାନୀ)**

ସମ୍ବଲପୁର ଜିଲା ଜମନକିରା ବ୍ଲକ କୁଲୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ କଦଳିପାଲି ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ମଙ୍ଗଳବାର ଛାତ୍ରୀଛାତ୍ରମାନେ ସ୍କୁଲ ସମ୍ମୁଖ ଜାତୀୟ ରାଜପଥ ୫୩ ଅବରୋଧ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁକ୍ମଣ ପ୍ରଧାନ, ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାୟକ, ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ, ଅତିରିକ୍ତ ତହସିଲଦାର ସୌରଭ କୁମାର ସାହୁ, ଥାନା ଅଧିକାରୀ ପଦ୍ମାଳୟା ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଆସନ୍ତା ୭ ଦିନ ମଧ୍ୟରେ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା। ଏଥିସହ ତତ୍କାଳ ୨ଜଣ ଶିକ୍ଷକଙ୍କୁ ୭ଦିନ କାଳ ପଢ଼ାଇବା ପାଇଁ ନିୟୋଜିତ ପରେ ରାସ୍ତାରୋକୋ ହଟିଥିଲା। ଫଳରେ ପୂର୍ବାହ୍ନ ୧୧ଟାରୁ ଆରମ୍ଭ ହୋଇଥିବା ରାସ୍ତାରୋକୋ ଅପରାହ୍ନ ସାଢ଼େ ୧ ପରେ ପ୍ରତ୍ୟାହୃତ ହୋଇ ଯାତାୟାତ ସ୍ୱାଭାବିକ ହୋଇଥିଲା।


ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ୫୩ ଅବରୋଧ କରିଛନ୍ତି।

କଦଳିପାଲି ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା। ୨୦୨୪-୨୫ ଶିକ୍ଷା ବର୍ଷରେ ଏଠାରେ ୯ମ ଶ୍ରେଣୀ ଖୋଲିଥିଲା। ଏହି ଶ୍ରେଣୀରେ ୨୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ହେଲେ ଶିକ୍ଷା ବିଭାଗ ପକ୍ଷରୁ କୌଣସି ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ନ ଥିଲା। ଚଳିତବର୍ଷ ଉକ୍ତ ଛାତ୍ରୀଛାତ୍ରମାନେ ୧୦ମକୁ ଉତ୍ତୀର୍ଣ୍ଣ ହେଲେ। ପୁନର୍ବାର ୯ମ ଶ୍ରେଣୀରେ ୧୯ଜଣ ଛାତ୍ରୀଛାତ୍ର ନାମ ଲେଖିଥିଲେ। ହେଲେ ଶିକ୍ଷା ବିଭାଗ ପକ୍ଷରୁ ଚଳିତବର୍ଷ ମଧ୍ୟ ଶିକ୍ଷକ ନିଯୁକ୍ତି ଦିଆଗଲାନାହିଁ। ଏ ସମସ୍ୟା ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବିଭିନ୍ନ ସମୟରେ ଜିଲା ଶିକ୍ଷା ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରମୁଖଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ମଙ୍ଗଳବାର ବାଧ ହୋଇ ସ୍କୁଲର ଛାତ୍ରୀଛାତ୍ରମାନେ ସକାଳ ୯ ଟାରେ ସ୍କୁଲ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଭିତରକୁ ଛାଡ଼ି ନଥିଲେ। ପରେ ପୂର୍ବାହ୍ନ ୧୧ଟାରେ ସ୍କୁଲ ସମ୍ମୁଖ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ପ୍ରତିଶ୍ରୁତି ମୁତାବକ ଧାର୍ଯ୍ୟ ସମୟରେ ଶିକ୍ଷକ ନିଯୁକ୍ତି ନହେଲେ ପୁନର୍ବାର ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ

**ଦେବଗଡ଼,୫।୮(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ନୂତନ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ ବିଭାଗ) ଡ. ଧନଞ୍ଜୟ ମହନ୍ତ, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଟି.ବି) ଡ. ପ୍ରଭାତ କୁମାର ଓଝା, ଶିଶୁ ବିଶେଷଜ୍ଞ ସୁରେନ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁକୁ ଜନ୍ମହେବାର ଏକ ଘଣ୍ଟା ମଧ୍ୟରେ ମା'ର ସ୍ତନ୍ୟପାନ କରାଇବା ଏବଂ ୬ମାସ ପର୍ଯ୍ୟନ୍ତ କେବଳ ମା' କ୍ଷୀର ଖାଇବାକୁ ଦେବା ପାଇଁ ମା' ମାନଙ୍କୁ ବୁଝାଇବା ନିମନ୍ତେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡିଏମ୍ଆର୍ ସିଏଚ୍ ଦୁଷ୍ମନ୍ତ କୁମାର ସୁତାର, ଆର୍‌ବିଏସ୍‌କେ ମ୍ୟାନେଜର ମୁକେଶ କୁମାର ଭୋଇଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଆଶାକର୍ମୀ, ଏଏନ୍ଏମ୍ ଛାତ୍ରୀ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଦୃଢ଼ ହେବ ଦଳୀୟ ସଙ୍ଗଠନ


ବୈଠକରେ ଉପସ୍ଥିତ କଂଗ୍ରେସ କର୍ମୀ।

## କଂଗ୍ରେସର ବୈଠକ

**ଲଖନପୁର,୫।୮(ଗୌତମ ସାହୁ)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ମୁଖ୍ୟାଳୟସ୍ଥିତ ଡାକବଙ୍ଗଳାଠାରେ କଂଗ୍ରେସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ଲିଙ୍ଗରାଜ ବଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୩୩ ପଞ୍ଚାୟତର କଂଗ୍ରେସ କର୍ମୀଙ୍କୁ ନେଇ ସଙ୍ଗଠନ ପୁନର୍ଗଠନ ସହିତ ସାଙ୍ଗଠନିକ ନୂତନ କର୍ମକର୍ତ୍ତା ଚୟନ ପାଇଁ ଆଲୋଚନା ହୋଇଥିଲା। ଏଥିରେ କର୍ମୀମାନେ ଯୋଗଦେଇ ଦଳୀୟ ସଙ୍ଗଠନ ସୁଦୃଢ଼ କରିବା ପାଇଁ ବିଭିନ୍ନ ମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ସମ୍ପାଦିକା ସସ୍ମିତା ପଣ୍ଡା, ଜିଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସ, ପୂର୍ବତନ ଜିଲା ସଭାପତି ସୁବ୍ରତ ପଧାନ, ରାମଚନ୍ଦ୍ର ମେହେର, ପ୍ରୀତମ ସିଂଦେଓ, ରାଜେଶ ସିଂ, ଗଜାନନ ଭୟର, ନୃପଲାଲ ନାଏକ, ପୁରୁଷୋତ୍ତମ ଯାଏସ୍ୱାଲ, ମହେନ୍ଦ୍ର ପଧାନ, ମହେଶ ପଧାନ, ପ୍ରଦୀପ ସାହୁ, ଲିଙ୍ଗରାଜ ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ମହିଳା କଲେଜ ପ୍ରତିଷ୍ଠା ଦିବସ

# ଉତ୍ତମ ନାଗରିକ ହୁଅନ୍ତୁ ଛାତ୍ରୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

**ଝାରସୁଗୁଡ଼ା, ୫।୮ (ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ୪୪ତମ ପ୍ରତିଷ୍ଠା ଦିବସ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ନନ୍ଦିନୀ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଛାତ୍ରୀମାନେ ଉତ୍ତମ ନାଗରିକ ହୁଅନ୍ତୁ। ଏଥିସହ ଗୋଟିଏ ନୂତନ ଛାତ୍ରୀ ନିବାସ ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଅନୁଦାନ ମଞ୍ଜୁର କରାଇବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଆ ବିଭାଗର ମୁଖ୍ୟ କଲ୍ୟାଣୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶ୍ରେଣୁକା ପୂଜାରୀ ବିବରଣୀ ପାଠ କରିବା ସହ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ବର୍ଷର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯିବା ପାଇଁ ନାମ ଘୋଷଣା କରିଥିଲେ। ପ୍ରତିଷ୍ଠା ଦିବସ ପରିଚାଳନା କମିଟିର ପରିଚାଳିକା ଡ. ଜୟଶ୍ରୀ ମିଶ୍ର ସଭା ପରିଚାଳନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ନୈରୁତ ରଥ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା।

**EOI Cancellation Notice**

**No.PP- "EOI"** for Installation of permanent lighting system at **Odisha Crafts Museum-Kalabhoomi** invited vide EOI call notice no.1698 **floated on 12.07.2025** is hereby **CANCELLED.**

**Sd./- Member Secretary**

**State Institute for Development of Arts & Crafts**
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
SIDAC Tel.No.+91 (0)674-2350138, Email:sidacorissa@gmail.com, www.sidacodisha.
OIPR-31036/11/0027/2526

**GOVERNMENT OF ODISHA** No.i-262
**OFFICE OF THE PANCHAYAT SAMITI, BEGUNIA**
**"e" Procurement Notice**

1. Name of the Work : Construction of GPLF Office building with market complex at Sarua GP under Begunia Block
2. Total Number of Works : 01 No.
3. Estimated Cost : Rs.22,58,456.00
4. Class of Contractor : C & Equivalent
5. Period of Completion : 6 Calendar Months
6. Availability of Tender for online : Dt.04.08.2025 at 11.00 A.M. to DT.16.08.2025 at 5.00 P.M.
7. Last date & time of seeking tender clarification : Dt.12.08.2025 at 5.00 P.M.
8. Date & time of opening of tender : Dt.18.08.2025 at 11 A.M.

Further details can be seen from the website www.tenderodisha.gov.in.

**Sd./- Block Development Officer Begunia**
OIPR-19302/11/0013/2526

**GOVERNMENT OF ODISHA** No.O-513
**OFFICE OF THE SUPERINTENDING ENGINEER, RURAL WORK DIVISION-II, MALKANGIRI**
E-mail : ruralworksdivisioniimalkangiri@yahoo.in
INVITATION FOR BIDS
**NATIONAL COMPETITIVE BIDDING**
**Bid Identification No. : RWDSE_MKG_II_ONLINE_05/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1. Name of the Work : Building Repair Works, 2. No. of Works : 37 Nos, 3. Estimated Cost : Rs.1.68 lakhs and Rs.4.20 Lakhs, 4. Tander Paper Cost : Rs. 600/- & Rs.2,000/- , 5. Class of Contractor :

| Estimated cost up to ₹ 20.00 lakhs | Estimated cost up to ₹ 40.00 lakhs | Estimated cost more than ₹ 20.00 lakhs & within ₹ 300.00 lakhs |
|---|---|---|
| 'D | 'C' | 'B' |

6. Period of Completion : 02 (Two) Calendar months
7. **Critical dates :**

| Procurement Officer | Bid Identification No. | Availability of Tender Online for Bidding From | Availability of Tender Online for Bidding To | Last Date of Seeking Tender Clarification | Date ofOpening of Tender |
|---|---|---|---|---|---|
| Superintending Engineer, Rural Works Division-II, Malkangiri | RWDSE_MKG_II_ONLINE_05 of 2025-26 | 08.08.2025 at 11.00 AM | 20.08.2025 up to 05.30 PM | 19.08.2025 up to 3.00 P.M. | 21.08.2025 up to 11.00 A.M. |

- Further details can be seen in the bidding documents, which is available in there-procurement portal https://www.tendersorissa.gov.in.
- Subsequent corrigendum if required shall be appeared in the website.
- Authority reserves the right to reject any or all tenders without assigning any reason thereof.

**Sd./- Superintending Engineer**
**Rural Works Division-II, Malkangiri**
OIPR-25079/11/0029/2526

**ODISHA HYDRO POWER CORPORATION LTD.**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT,
POST BOX. NO. 5, BURLA - 768017, DISTRICT : SAMBALPUR (ODISHA),
PHONE : 0663-2950721 (O), 2950765 (R), E-Mail : srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-W-202/8/4446 Date : 02.08.2025
**e-TENDER CALL NOTICE NO. HHEP-42/2025**

**No.CAD-1387** : Unit Head, HHEP, Burla invites percentage rate e-tender in double cover system from the eligible class of contractor registered with the Govt. of Odisha and contractor of equivalent grade / class registered with Central Govt. / MES / Railway to be received **online mode only** for the following work in the portal **https://tendersodisha.gov.in**.

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC | Class of contractor |
|---|---|---|---|---|
| AMC of Non-Residential Buildings of HHEP, Burla | 12,55,642/- | Rs.7080/- (Rs.6000/- + GST 18%) | 12600/- | 'D' & 'C' |

- Sale of tender paper : **06.08.2025 (11.00 AM) to 18.08.2025 upto 03.30 PM**
- Receipt of tender paper : **18.08.2025 upto 03.30 PM**
- Date & time of opening of tender : **18.08.2025 at 04.00 PM**
- Further details can be seen from the e-procurement portal **https://tendersodisha.gov.in** / **www.ohpcltd.com**

OIPR-04007/11/0061/2526 **Sd./- UNIT Head, HHEP, Burla**

**ZILLA SWASTHYA SAMITI, NABARANGPUR**
OFFICE OF CDM & PHO-CUM-DISTRICT MISSION DIRECTOR
NABARANGPUR
No.7801 Date : 04.08.2025
**CORRIGENDUM**

**No.E-289** : In pursuance to the advertisement No 7289 dtd-23.07.2025 of the undersigned, the Walk-in-Interview for the post of Consultant Medicine (NPHCE), Ophthalmic Surgeon (NPCB & VI), Paediatrician DEIC, Medical Officer MBBS-DEIC and Medical Officer SNCU which was scheduled on **05.08.2025** has been postponed and scheduled to be held on **20.08.2025**. The Registration time, venue and other terms and conditions of the advertisement remain unaltered.

**Sd./- (Dr. Santosh Kumar Panda)**
**CDM & PHO-cum-District Mission Director**
**Nabarangpur**
OIPR-10164/11/0006/2526

**ପୌରପରିଷଦ କାର୍ଯ୍ୟାଳୟ, ଜୟପୁର**
**OFFICE OF THE MUNICIPAL COUNCIL: JEYPORE**
Letter No.3703/JM, Date:02. Aug 2025
**ଜୟପୁର ପୌରପାଳିକା ଅଧୀନସ୍ଥ ବିଭିନ୍ନ ୱାର୍ଡରେ ନିର୍ମାଣ କରାଯାଇଥିବା ପାର୍କଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ/ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ**

No.C-୫୦୫:ଜୟପୁର ପୌରସଂସ୍ଥା ଦ୍ୱାରା ନିର୍ମାଣ କରାଯାଇଥିବା ନିମ୍ନଲିଖିତ ପାର୍କଗୁଡିକର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଜୟପୁର ପୌରସଂସ୍ଥାରେ ପଞ୍ଜିକୃତ ସଂପୃକ୍ତ ୱାର୍ଡର ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସଂପୃକ୍ତ ୱାର୍ଡର ଯୁବ ଗୋଷ୍ଠୀମାନଙ୍କଠାରୁ ଇଚ୍ଛାପତ୍ର ଆହ୍ୱାନ କରାଯାଉଛି । ଇଚ୍ଛୁକ ଗୋଷ୍ଠୀ ନିମ୍ନରେ ଦର୍ଶାଯାଇଥିବା ସର୍ତ୍ତାବଳୀ ଆଧାରରେ ସେମାନଙ୍କ ଇଚ୍ଛାପତ୍ର ୦୪.୦୮.୨୦୨୫ଠାରୁ ୧୬.୦୮.୨୦୨୫ ତାରିଖ ଅପରାହ୍ନ ୩.୦୦ ଘଣ୍ଟା ମଧ୍ୟରେ କେବଳ କାର୍ଯ୍ୟ ଦିବସରେ ଦାଖଲ କରିପାରିବେ । କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବକ୍ସରେ ପକାଇବେ । ପ୍ରାପ୍ତ ହୋଇଥିବା ସମସ୍ତ ଇଚ୍ଛାପତ୍ର ୧୮.୦୮.୨୦୨୫ ତାରିଖ ଅପରାହ୍ନ ୪.୦୦ ଘଣ୍ଟା ସମୟରେ ସମ୍ପୃକ୍ତ ଗୋଷ୍ଠୀର ସଭାପତି/ସମ୍ପାଦକ କିମ୍ବା ତାଙ୍କ ଦ୍ୱାରା ଅଧିକୃତ କୌଣସି ସଭ୍ୟ/ସଭ୍ୟାଙ୍କ ଉପସ୍ଥିତିରେ ଖୋଲାଯିବ । ୧) ପାର୍କ ଯେଉଁ ୱାର୍ଡରେ ଅବସ୍ଥିତ କେବଳ ସେହି ୱାର୍ଡର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ କିମ୍ବା ଯୁବ ଗୋଷ୍ଠୀଗୁଡିକୁ ହିଁ ପ୍ରାଧାନ୍ୟ ଦିଆଯିବ । ୨) ସଂପୃକ୍ତ ଗୋଷ୍ଠୀର ନିଜସ୍ୱ ବ୍ୟାଙ୍କ ଖାତା ଥିବ ଏବଂ ଏଥିରେ ଅତିକମ୍‌ରେ ୫୦,୦୦୦/- ଟଙ୍କା ସଞ୍ଚୟ ଥିବ । ୩) ନିର୍ଦ୍ଦିଷ୍ଟ ପାର୍କ ରକ୍ଷଣାବେକ୍ଷଣ କରିବା ପାଇଁ ଗୋଷ୍ଠୀ ସଭାରେ ଅନୁମୋଦନ ପ୍ରାପ୍ତ କରି ସଭା ବିବରଣୀ ଇଚ୍ଛାପତ୍ର ସହ ସଂଲଗ୍ନ କରିଥିବେ । ୪) ଏଥିସହ ୱାର୍ଡୱାରି ପାର୍କର ବିବରଣୀ ସଂଲଗ୍ନ କରାଯାଇ ପ୍ରତି ପାର୍କ ପାଇଁ offset price ରଖାଯାଇଛି । ଯେଉଁ ଗୋଷ୍ଠୀ ମାସିକ ରକ୍ଷଣାବେକ୍ଷଣ ପ୍ରାପ୍ୟ ଉକ୍ତ offset priceରୁ କମ୍ ଦର୍ଶାଇଥିବେ ତାଙ୍କୁ ଅଗ୍ରାଧିକାର ଦିଆଯିବ । ୫) ଗୋଷ୍ଠୀର ପ୍ୟାନ କାର୍ଡ ସଂଲଗ୍ନ କରିବେ । ୬) ଇଚ୍ଛାପତ୍ର ବନ୍ଦ ଲଫାପାରେ ....... **ପାର୍କ ରକ୍ଷଣାବେକ୍ଷଣ ପାଇଁ ଇଚ୍ଛାପତ୍ର** ଲେଖି ଆବଶ୍ୟକୀୟ ଦସ୍ତାବିଜ ସହ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ଦାଖଲ କରିବେ । ୭) ଅଧିକ ତଥ୍ୟ ପାଇଁ ଜୟପୁର ପୌର କାର୍ଯ୍ୟାଳୟର ସଂପୃକ୍ତ ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ ।

| କ୍ର. ସଂଖ୍ୟା | ପାର୍କର ଠିକଣା | offset price | Entry Fee The selected group shall not charge an entry fee exceeding the fixed rate as specified |
|---|---|---|---|
| ୦୧ | ବିଜୁ ରିକ୍ରିଏସନ ପାର୍କ ଓ ମିଶନ ଶକ୍ତି କେଫେ ଗୋପବନ୍ଧୁ ନଗର, ୱାର୍ଡ ୧୦ | ୧୫,୦୦୦/- | ୦୫/- |
| ୦୨ | ବିଜୁ ଶାନ୍ତି ଉଦ୍ୟାନ ଓ କେଣ୍ଟିନ ଖଜୁରିବନ୍ଧ, ୱାର୍ଡ ୨୦ | ୪୫,୦୦୦/- | ୧୦/- |
| ୦୩ | ଗାନ୍ଧୀ ପାର୍କ, ଗୋବର୍ଦ୍ଧନ ମୁଣ୍ଡା, ୱାର୍ଡ ୨୬ | ୫,୦୦୦/- | ୦୫/- |
| ୦୪ | ଲକ୍ଷ୍ମୀନଗର ପାର୍କ, ୱାର୍ଡ ୧୪ | ୫,୦୦୦/- | ୦୫/- |
| ୦୫ | ପେନାଙ୍ଗି ଫୋରେଷ୍ଟ ପାର୍କ (କୋର୍ଟ ସାମ୍ନା) | ୫,୦୦୦/- | ୦୫/- |

OIPR-13079/11/0055/2526 **ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ, ଜୟପୁର ପୌରପରିଷଦ**

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର**
**OFFICE OF THE SUPERINTENDING ENGINEER, M.I.DIVISION, ANANDAPUR**
AT/P.O:- Salapada, Dist-Keonjhar, Pin Code-758020
E-mail Id:mianandapur@yahoo.co.in,eemidanandapur@gmail.com
No.1874/ MIDA/ Dt.01.08.2025
**e-Procurement Notice**
**Bid Identification No.06/MIDA/2025-26**
**e-mail ID: mianandapur@yahoo.co.in**

No.A-462:The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" Procurement for the works as detailed in the Annexure to this bid notice.

| | |
|---|---|
| Name of the Work | Improvement and Repair works of MIPs under DPIW and Critical Scheme |
| No.of Works | 09 (Nine) Nos only |
| Estimated Cost | **Varies from 15.81 lakhs to 33.33 lakh** (Approximately) |
| Cost of Tender Paper: | **Varies from 6000/- (Non-refundable)** |
| Period of Completion | **4 (Four) Calendar Months** |
| Availability of bid documents for sale and receipt through online | From Dt.11.08.2025, 10.00 AM to dt.20.08.2025, upto 5.00 P.M. |
| Last date/time of receipt of bids in the portal | 20.08.2025 (5.00 PM) |
| Date of Technical bid opening through online | On dt.21.08.2025 at 10.00 AM in the Office of the S.E., M.I. Division, Anandapur |
| Mode of payment of Bid Cost | Online |
| Digital Signature Certificate of Bidder: | The Bidder must possess Compatible Digital Signature Certificate (DSC). |
| The detail tender call notice can also be seen in the DOWR website **http:/dowrorissa.gov.in.** | |
| **Name & Address of the OIT:** | Superintending Engineer, Minor Irrigation Division, Anandapur, At/Po/District- Keonjhar Email ID: mianandapur@yahoo.co.in |
| Further details can be seen from the e-Procurement market place **http://tendersorissa.gov.in** | |

OIPR-32108/11/0032/2526 **Sd./- Superintending Engineer M.I.Division, Anandapur**

**Bhubaneswar Municipal Corporation**
No.38435/Date:04.08.25
Phone:0674-2431253, Fax:0674-2432895,
E-mail:info@bmc.gov.in, Web:bmc.gov.in
**"ନଗରବନ୍ଧୁ" ନିମନ୍ତେ ବିଜ୍ଞପ୍ତି**
**ସରସ ସବୁଜ ଭୁବନେଶ୍ୱର ପାଇଁ ଏକ ଆହ୍ୱାନ**

No.C-୫୦୭: ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ଓ ଓଡ଼ିଶା ଏନଭାଇରମେଣ୍ଟ ସୋସାଇଟିର ମିଳିତ ସହଯୋଗରେ ସଚେତନ ନାଗରିକମାନଙ୍କୁ "ନଗରବନ୍ଧୁ" ସମ୍ମାନ ପ୍ରଦାନ କରାଯାଉଅଛି । ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ଭୁବନେଶ୍ୱର ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ, ଶକ୍ତି ଓ ଜଳ ସଂରକ୍ଷଣ, ପରିମଳ ତଥା ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି, ସେମାନଙ୍କୁ "ନଗରବନ୍ଧୁ" ଭାବରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ-୩୧ ଅଗଷ୍ଟ ୨୦୨୫ ରିଖ ଦିନ ସମ୍ମାନିତ କରାଯିବ । ଏହି ସମ୍ମାନ ନିମନ୍ତେ ବିଏମ୍‌ସିର ୬୭ଟି ୱାର୍ଡ ମଧ୍ୟରୁ ବ୍ୟକ୍ତି ତଥା ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡିକ ମଧ୍ୟରୁ ଚୟନ କରାଯିବ । ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ସତ୍ୟନଗର କାଳୀମନ୍ଦିର ସମ୍ମୁଖସ୍ଥିତ ୟୁନିଟ୍-୯, ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟର (LG Floor) ରେ ଥିବା ପରିବେଶ ଉପବିଭାଗରୁ ଦରଖାସ୍ତ ଫର୍ମ ସଂଗ୍ରହ କରି ଫର୍ମରେ ଦିଆଯାଇଥିବା ନିଜର/ଅନୁଷ୍ଠାନର ନାମ ଲେଖି ଆନୁଷଙ୍ଗିକ ପ୍ରମାଣପତ୍ର ସହ ଦରଖାସ୍ତ ପ୍ରେରଣ କରିପାରିବେ କିମ୍ବା କେହି ତୃତୀୟ ପକ୍ଷ ସେମାନଙ୍କ ମନୋନୟନ ପତ୍ର ପଠାଇପାରିବେ । ତା.୧୪ ଅଗଷ୍ଟ ୨୦୨୫ ରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ନାମାଙ୍କନ ପହଞ୍ଚିବା ଆବଶ୍ୟକ । ନାମାଙ୍କନ ପଠାଇବାର ଠିକଣା- ପରିବେଶ ଉପବିଭାଗ, (LG Floor), ମୁଖ୍ୟ କାର୍ଯ୍ୟାଳୟ, (BMC ICOMC Tower), ଭୁବନେଶ୍ୱର ମହାନଗର ନିଗମ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୦୭ ।

**ସ୍ୱା./-ଉପ ଆୟୁକ୍ତ, ଭୁବନେଶ୍ୱର ମହାନଗର ନିଗମ**

**ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ବିବରଣୀ**

୧.ନିର୍ଦ୍ଦିଷ୍ଟ ଅଞ୍ଚଳରେ ସବୁଜୀକରଣ ପାଇଁ ନେଇଥିବା ପଦକ୍ଷେପ (ବୃକ୍ଷରୋପଣ କରାଯାଇଥିବା ଜାଗାର ନିର୍ଦ୍ଦିଷ୍ଟ ବିବରଣୀ ସହିତ), ୨. ବିଦ୍ୟୁତଶକ୍ତି ସଂଚୟ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଗ୍ରହଣ କରିଥିବା ପରିବେଶଧର୍ମୀ ପଦକ୍ଷେପ। ୩.ନିଜ ହତା ତଥା ଆଖପାଖ ଅଞ୍ଚଳରୁ ବାହାରୁଥିବା କଠିନ ଅଳିଆ/ଆବର୍ଜନା ଏବଂ ମଇଳା ପାଣି ପରିଚାଳନା ତଥା ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରହଣ କରିଥିବା ପଦକ୍ଷେପ । ୪. ପ୍ରାକୃତିକ ସମ୍ପଦ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ନିମନ୍ତେ ନେଇଥିବା ପଦକ୍ଷେପ । ୫. ଦରଖାସ୍ତକାରୀଙ୍କର ଏହି କ୍ଷେତ୍ରକୁ ଅବଦାନ ନିମନ୍ତେ ପ୍ରାପ୍ତ ଅନ୍ୟାନ୍ୟ ପୁରସ୍କାର ଓ ସ୍ୱୀକୃତିର ବିବରଣୀ । ୬. ପୂର୍ବରୁ "ନଗରବନ୍ଧୁ" ସମ୍ମାନ କେବେ ପାଇଥିଲେ କି ? ୭. ସଦ୍ୟତମ ହୋଲ୍‌ଡିଂ ଟିକସ ଦେୟ ରସିଦ୍ ନକଲ ସଂଲଗ୍ନ କରିବେ ।

Bhubaneswar-751007, Odisha
OIPR-13002/11/0229/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ................................



ପ୍ରଜ୍ଞା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଲ୍ ନ୍ୟୁ ରେନୋ ଟ୍ରାଇବର ଉନ୍ମୋଚିତ

**ଭୁବନେଶ୍ୱର,୫।୮ (ଅନୁରାଧା ମହାରଣା)**

ଫ୍ରାନ୍ସର ଅଗ୍ରଣୀ କାର୍ ନିର୍ମାତା ରେନୋ ଗ୍ରୁପ୍‌ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ରେନୋ ଇଣ୍ଡିଆ ପକ୍ଷରୁ ମଙ୍ଗଳବାର ଅଲ୍ ନ୍ୟୁ ରେନୋ ଟ୍ରାଇବର ଉନ୍ମୋଚିତ ହୋଇଯାଇଛି। ପାହାଲସ୍ଥିତ ସୁପରସେଲ୍ ରେନଲ୍ଟ ନର୍ଥଠାରେ ଆୟୋଜିତ ଉନ୍ମୋଚନ କାର୍ଯ୍ୟକ୍ରମରେ କାନାରା ବ୍ୟାଙ୍କର ରିଟେଲ ଆସେଟ୍ ହେଡ୍ ଅରବିନ୍ଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସୁପରସେଲ୍ ଅଟୋମୋବାଇଲ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଆଦର୍ଶ ଧାୱନ, ସେଲସ୍ ଜିଏମ୍ ବିଭୂତି ଭୂୟାଁ, ଏରିଆ ସେଲ୍ସ ମ୍ୟାନେଜର ଅମର ପ୍ରତାପ ସିଂହ, ସର୍ଭିସ୍ ଜିଏମ୍ ଦେବାଶିଷ ମଜୁମଦାର, ରେନଲ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ର ଆର୍‌ଏମ୍ ସୋମଶୁଭ୍ର ଶାହ ପ୍ରମୁଖ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଥିଲେ। ଉନ୍ମୋଚିତ ୭ ସିଟର୍ ଏହି ମଡେଲର ମୂଲ୍ୟ ୬.୨୯ରୁ ୯.୧୬




ମଧ୍ୟରେ ରହିଛି। ଏଥିରେ ୨୧ଟି ଷ୍ଟାଣ୍ଡାର୍ଡ ସୁରକ୍ଷା ସୁବିଧା ରହିଛି, ଯେଉଁଥିରେ ୬ଟି ଏୟାରବ୍ୟାଗ୍, ଇଏସ୍‌ପି, ଟିପିଏମ୍‌ଏସ୍, ଇବିଡି ସହ ବ୍ରେକ୍ ଆସିଷ୍ଟ ଆଦି ସୁବିଧା ରହିଛି। ଅତ୍ୟାଧୁନିକ ଜ୍ଞାନକୌଶଳ ସହ ନିର୍ମିତ ଏହି ମଡେଲ ୬ଟି ମୋନୋଟୋନ୍ ଏବଂ ୩ଟି ଡୁଆଲ ଟୋନ୍‌ରେ ଉପଲବ୍ଧ ହେଉଛି। ଅଟୋ ହେଡ୍ ଲ୍ୟାମ୍ପ, ବିଲ୍ଟ ଟେକ୍ ଆୱେ ରିମାଇଣ୍ଡର, ରେନ୍ ସେନ୍ସିଂ ୱାଇପର, ସାମ୍ନା ପାର୍କିଂ ସେନ୍ସର, ଫଲୋ ମି ହୋମ୍ ଫଙ୍କ୍‌ଶନ ଆଦି ବୈଶିଷ୍ଟ୍ୟ ରହିଛି। ନୂଆ ଉତ୍ପାଦ ଉନ୍ମୋଚନ ଅବସରରେ ରେନା ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଭେଙ୍କଟରାମ୍ ମାମିଲ୍ଲାପିଲେ କହିଛନ୍ତି, ଭାରତ ରେନୋର ବିଶ୍ୱସ୍ତରୀୟ ରଣନୀତିର ଏକ ମୁଖ୍ୟ ଆଧାର ହୋଇରହିଛି। ଏହି ମଡେଲ ଭାରତରେ ପ୍ରଥମଥର ପାଇଁ ରେନୋର ନୂତନ ବ୍ରାଣ୍ଡ ଲୋଗୋ ସହ ଆସିଛି ଏବଂ ଏହା କମ୍ପାନୀର ଆଧୁନିକ ଦିଗ ଏବଂ ଭାରତୀୟ ଆକାଂକ୍ଷା ସହିତ ଗଭୀର ଭାବେ ସମନ୍ୱିତ ରହିଛି। ସେହିପରି ରେନୋ ଇଣ୍ଡିଆର ଉପସଭାପତି (ବିକ୍ରି ଏବଂ ମାର୍କେଟିଂ) ଫ୍ରାନ୍‌ସିସ୍କୋ ହିଡାଲଗୋ କହିଛନ୍ତି, ଅଲ ନ୍ୟୁ ଟ୍ରାଇବର ସହିତ 'ରିଥିଙ୍କ ସ୍ପେସ୍' ଦର୍ଶନକୁ ବଢ଼ାଇବ। ଭାରତରେ ଆମର ଗତିକୁ ଏହା ଆହୁରି ତ୍ୱରାନ୍ୱିତ କରିବ।

# ଏସ୍‌ପିଆଇଏଲ୍‌ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୫।୮**

ଶକ୍ତି ପମ୍ପସ୍ ଇଣ୍ଡିଆ ଲିମିଟେଡ୍ (ଏସ୍‌ପିଆଇଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମ୍ପାନୀର କାରବାର ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲାବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳକୁ ମଧ୍ୟ ଘୋଷଣା କରାଯାଇଛି। ଏ ସମ୍ପର୍କରେ ଶକ୍ତି ପମ୍ପସ୍ (ଇଣ୍ଡିଆ) ଲିମିଟେଡ୍‌ର ଅଧ୍ୟକ୍ଷ ଦିନେଶ ପଟିଦାର କହିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆମେ ଏକ ଦୃଢ଼ ଆରମ୍ଭ ସହ ଉନ୍ନତ ଫଳାଫଳ ରିପୋର୍ଟକରି ବେଶ୍ ଉତ୍ସାହିତ ଅଛୁ। ଏହା ଆମର ବିବିଧ ବ୍ୟବସାୟ ମଡେଲର ଶକ୍ତିକୁ ପ୍ରତିଫଳିତ କରିଥାଏ। ଏହି ତ୍ରୈମାସିକରେ ଆମର ପ୍ରଦର୍ଶନ ସୌର ପମ୍ପ ସେଗ୍‌ମେଣ୍ଟରେ ଦୃଢ଼ କାର୍ଯ୍ୟକାରିତା, ସ୍ଥିର ରପ୍ତାନି ଗତି ଏବଂ କ୍ଷମତା ଓ ପ୍ରଯୁକ୍ତିବିଦ୍ୟାରେ ରଣନୈତିକ ନିବେଶ ଦ୍ୱାରା ପରିଚାଳିତ ହୋଇଥିଲା। ସେହିଭଳି ଆମେ ପ୍ରମୁଖ ଭାରତୀୟ କୃଷି ରାଜ୍ୟଗୁଡ଼ିକରେ ପ୍ରାୟ ୨୫% ବଜାର ଅଂଶ ସହ ପିଏମ୍-କୁସୁମ୍ ଯୋଜନାର ନେତୃତ୍ୱ ନେଉଛୁ। ୨୦୨୫ ଅଗଷ୍ଟ ୧ସୁଦ୍ଧା ଆମର ଅର୍ଡର ପ୍ରାୟ ୧,୩୫୦କୋଟି ଟଙ୍କା ଥିଲା, ଯାହା ସ୍ଥିର ପ୍ରବାହ ଏବଂ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ହରିୟାଣା, ପଞ୍ଜାବ, ଉତ୍ତରପ୍ରଦେଶ ଏବଂ ଝାଡ଼ଖଣ୍ଡ ଇତ୍ୟାଦି ରାଜ୍ୟରେ ଟେଣ୍ଡରରେ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ସମର୍ଥିତ। ୧ ଦଶନ୍ଧିରୁ ଅଧିକ ସମୟ ଧରି ନିର୍ମିତ ଏହି ବଜାରଗୁଡ଼ିକରେ ଆମର ଉପସ୍ଥିତି, ବର୍ଦ୍ଧିତ ଚାହିଦାକୁ ପୁଞ୍ଜି କରିବା ପାଇଁ ଆମକୁ ଭଲ ସ୍ଥିତିରେ ରଖିଛି।


**୧୪ତମ ଜନ୍ମଦିନ ଶୁଭେଚ୍ଛା**





**ପ୍ରଜ୍ଞା ପରିମିତା ବନଛୁର**

ଆଜି ତୁମର ୧୪ତମ ଜନ୍ମଦିନ ବାର୍ଷିକୀରେ ଆମ ସମସ୍ତଙ୍କ ତରଫରୁ ଅନେକ ଶୁଭେଚ୍ଛା । ଏହି ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ପ୍ରାର୍ଥନା କରୁଛୁ ତୁମକୁ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ।

ଅଜା, ଆଇ, ବଡବାପା, ବଡମା, କାକା, କାକିମାମା, ମାମି, ଦାଦା, ଦାଦି, ସମୀର, ଅମୀର, ଲେଖିକା, ନିହାରୀକା, ଉମାକାନ୍ତ, ପ୍ରୟାସ, ପାୟଲ, ପୁନମ, ପୁରବ, ମାଆ- ଦୀପିକା ସୁନାନୀ, ବାପା-କୃଷ୍ଣଚନ୍ଦ୍ର ବନଛୁର ଓ ବନଛୁର ପରିବାରବର୍ଗ

ଧ-୧୫୬୭


# ୯ରୁ ୨ ଦିନିଆ ଔଦ୍ୟୋଗିକତା ସମ୍ମିଳନୀ

**ଭୁବନେଶ୍ୱର,୫।୮**

ଟିଆଇଇ ବା ଟାଇ ଭୁବନେଶ୍ୱର ପକ୍ଷରୁ ଏକ ୨ଦିନିଆ ଜାତୀୟସ୍ତରୀୟ ଔଦ୍ୟୋଗିକତା ସମ୍ମିଳନୀ 'ଟାଇକନ୍-୨୦୨୫' ଆୟୋଜନ ହେବାକୁ ଯାଉଛି। ଏହି ସମ୍ମିଳନୀ ୨୦୨୫ ଅଗଷ୍ଟ ୯ ଓ ୧୦ରେ ଭୁବନେଶ୍ୱରରେ ହେବ। ଉକ୍ତ ସମ୍ମିଳନୀ ଔଦ୍ୟୋଗିକତା ଓ ଉଦ୍ଭାବନ ପାଇଁ ଏକ ବିକଶିତ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ଏ ଦିଗରେ ଓଡ଼ିଶାର ଯାତ୍ରା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ଚିହ୍ନିତ କରୁଛି। ସେହିଭଳି ଟାଇକନ୍-୨୦୨୫ ଘୋଷଣା ଅବସରରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି, ଉପାଧ୍ୟକ୍ଷ ସତ୍ୟବ୍ରତ ରଥ, ସଚିବ ଅନ୍ନଦା ପ୍ରସାଦ ପାଢ଼ୀ ଏବଂ କୋଷାଧ୍ୟକ୍ଷ ରାକେଶ କୁମାର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଏହି ୨ଦିବସୀୟ ସମ୍ମିଳନୀରେ ଭାରତ ସମେତ ଶ୍ରୀଲଙ୍କା, ସିଙ୍ଗାପୁର, ୟୁଏଇ (ଦୁବାଇ) ଓ ୟୁଏସ୍‌ଏ ଭଳି ଦେଶଗୁଡ଼ିକରୁ ଉଦ୍ୟୋଗୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣ କରିବେ।

ଏ ସମ୍ପର୍କରେ ଟାଇ ଭୁବନେଶ୍ୱରର ଅଧ୍ୟକ୍ଷ ଅୟସକାନ୍ତ ମହାନ୍ତି କହିଛନ୍ତି, ଆମେ ଟାଇ ଗ୍ଲୋବାଲକୁ ଭୁବନେଶ୍ୱରକୁ ଟାଇକନ୍ ଆଣିବା ପାଇଁ ଆବେଦନ କରିଥିଲୁ ଏବଂ ଆମେ ଖୁବ୍ ଖୁସି ଅନୁଭବ କରୁଛୁ ଯେ ସେମାନେ ଏହାକୁ ଗ୍ରହଣ କରିଛନ୍ତି। ଟାଇକନ୍-୨୦୨୫ ଓଡ଼ିଶାର ଉଦ୍ୟୋଗୀ ଉତ୍ସାହକୁ ପାଳନକରିବ ଏବଂ ଆମର ରାଜ୍ୟକୁ ବିଶ୍ୱର ବ୍ୟବସାୟ ମାନଚିତ୍ରରେ ଅବସ୍ଥାପିତ କରିବା ପାଇଁ ଏହା ଏକ ମଞ୍ଚ ହେବ।

ଓଡ଼ିଶାକୁ ବ୍ୟବସାୟ ଓ ଉଦ୍ଭାବନ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳୀ ଭାବେ ହାଇଲାଇଟ କରିବା ପାଇଁ ଡିଜାଇନ କରାଯାଇଥିବା ଟାଇକନ୍-୨୦୨୫କୁ ଓଡ଼ିଶା ସରକାରଙ୍କ ସହ ସହଭାଗିତାରେ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଅଧିବେଶନ, ନେଟ୍‌ୱର୍କିଂ ସୁଯୋଗ ଏବଂ ୪ଟି ପ୍ରମୁଖ ପଦକ୍ଷେପର ଶୁଭାରମ୍ଭ ସହ ସୁସଜ୍ଜିତ ରହିଛି। କାର୍ଯ୍ୟକ୍ରମର ୨ୟ ଦିନରେ ଏଆଇ ଆଣ୍ଡ ଏଣ୍ଟରପ୍ରେନ୍ୟୁଶିପ୍' ଶୀର୍ଷକ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ରହିବ। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟ ବିଶେଷଜ୍ଞମାନେ ରାଜ୍ୟକୁ ଭବିଷ୍ୟତ ପ୍ରସ୍ତୁତ କରିବା ପାଇଁ ଓଡ଼ିଶାର ଏଆଇ ନୀତି ଓ ରଣନୀତିଗୁଡ଼ିକ ଉପରେ ଆଲୋଚନା କରିବେ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ୱେତାରାଣୀ ମହାନ୍ତ ସମ୍ବର୍ଦ୍ଧିତ




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଶ୍ୱେତାରାଣୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର,୫।୮ (ଅଭୟ ଦାଶ)**

ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର କ୍ରୀଡ଼ାବିତ୍ ଶ୍ୱେତାରାଣୀ ମହାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ସମ୍ବର୍ଦ୍ଧିତ କରିଛନ୍ତି। କେନ୍ଦୁଝରେ ଷ୍ଟାଡିୟମରେ ଆୟୋଜିତ ସାହାଣୀ କପ୍ ଫାଇନାଲ ମ୍ୟାଚରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶ୍ୱେତା ସମ୍ବର୍ଦ୍ଧିତ ହୋଇଛନ୍ତି।

ଉଲ୍ଲେଖଯୋଗ୍ୟ, ଚାଇନାରେ ଆୟୋଜିତ ଦ୍ୱାଦଶ ଏସୀୟ ଜୁନିୟର ଉସୁ ଚାମ୍ପିୟନଶିପରେ ଚମତ୍କାର ପ୍ରଦର୍ଶନ ସହ ୪୮କେଜି ବର୍ଗରେ ଶ୍ୱେତାରାଣୀ ବ୍ରୋଞ୍ଜ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଖୁସି ବ୍ୟକ୍ତ କରିବା ସହ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଝିଅଟିଏ ବିଶ୍ୱସ୍ତରରେ ସଫଳତା ଅର୍ଜନ କରିବା ନିଶ୍ଚିତ ଭାବେ ଜିଲାବାସୀଙ୍କ ପାଇଁ ଗୌରବର ବିଷୟ ବୋଲି କହିଛନ୍ତି। ଏହି ସମ୍ବର୍ଦ୍ଧନା ପାଇବା ପରେ ଶ୍ୱେତା ଆନନ୍ଦିତ ହେବା ସହ ଜିନ୍ଦଲ ଫାଉଣ୍ଡେଶନ ଓ ଏହାର ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପଛରେ ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର ଅବଦାନ ପାଇଁ ମଧ୍ୟ ସେ ଧନ୍ୟବାଦ ଦେଇଛନ୍ତି। ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ପାରିପାର୍ଶ୍ୱିକ ଅଞ୍ଚଳରେ କୃଷି, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଆସୁଛି। ସ୍ଥାନୀୟ ଅଞ୍ଚଳର କ୍ରୀଡ଼ା ପ୍ରତିଭାଙ୍କ ବିକାଶ ପାଇଁ ଫାଉଣ୍ଡେଶନର ପ୍ରୋତ୍ସାହନରେ ଏହି ସ୍ପୋର୍ଟ୍ସ ହଷ୍ଟେଲ ପ୍ରତିଷ୍ଠିତ ହୋଇଛି।

ଏ ନେଇ ଶାଲୁ ଜିନ୍ଦଲ କହିଛନ୍ତି, ଏସୀୟ ଜୁନିୟର ଉସୁ ଚାମ୍ପିୟନଶିପରେ ଶ୍ୱେତାଙ୍କ ସଫଳତା ପାଇଁ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ତାଙ୍କ ସଫଳତାରେ ଆମ ସ୍ପୋର୍ଟ୍ସ ହଷ୍ଟେଲର ଉଦ୍ୟମ ଓ ଗ୍ରାମୀଣ ଆଦିବାସୀ ପ୍ରତିଭାଙ୍କ ଦକ୍ଷତା ପ୍ରତିଫଳିତ ହେଉଛି। ତାଲିମ, ଶିକ୍ଷା ଓ ସୁଯୋଗ ପ୍ରଦାନ ଦ୍ୱାରା ଯୁବ କ୍ରୀଡ଼ାବିତ୍‌ଙ୍କୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହିତ କରିବାକୁ ଜିନ୍ଦଲ ଫାଉଣ୍ଡେଶନ ସର୍ବଦା ପ୍ରତିଶ୍ରୁତିବଦ୍ଧ। ଜିନ୍ଦଲ ସ୍ପୋର୍ଟ୍ସ ହଷ୍ଟେଲର କ୍ରୀଡ଼ାବିତ୍ ଶ୍ୱେତାରାଣୀ, ପ୍ରେମ, ରାଜକୁମାର, ବବଲୁ, ମଞ୍ଜୁ ମୁଣ୍ଡା ଚାଇନା, ବ୍ରାଜିଲ, ବ୍ରୁନେଇ ଓ ମସ୍କୋରେ ଆୟୋଜିତ ବିଭିନ୍ନ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣକରି ସମୁଦାୟ ୧୦ଟି ପଦକ ଜିତିଛନ୍ତି। ଏହା ଶ୍ୱେତାରାଣୀଙ୍କର ଚତୁର୍ଥ ଅନ୍ତର୍ଜାତୀୟ ପଦକ। ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ତଥା ଗ୍ରୁପ୍ ମୁଖ୍ୟ (ସିଏସ୍‌ଆର୍) ପ୍ରଶାନ୍ତ ହୋତା କହିଛନ୍ତି, ଜଣେ ସମର୍ପିତ କ୍ରୀଡ଼ାପ୍ରେମୀ ତଥା ଆମ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ଦୂରଦୃଷ୍ଟି ଆଧାରରେ ଏବଂ ଶାଲୁ ଜିନ୍ଦଲଙ୍କ ନେତୃତ୍ୱରେ ଜିନ୍ଦଲ ଫାଉଣ୍ଡେଶନ ତୃଣମୂଳସ୍ତରର କ୍ରୀଡ଼ାବିତ୍‌ଙ୍କୁ ଭବିଷ୍ୟତରେ ଅନ୍ତର୍ଜାତୀୟ ପ୍ରତିଯୋଗିତା ତଥା ଅଲିମ୍ପିକ ପାଇଁ ପ୍ରସ୍ତୁତ କରିବା ପାଇଁ ଉଦ୍ୟମ ଜାରି ରଖିଛି। ଜିନ୍ଦଲ ଫାଉଣ୍ଡେଶନ ସହଯୋଗରେ କେନ୍ଦୁଝରର ଆଦିବାସୀ ପ୍ରତିଭାମାନେ ଦେଶକୁ ଗର୍ବିତ କରୁଥିବାରୁ ଆମେ ବହୁତ ଖୁସି। ଏହା ସହିତ କେନ୍ଦୁଝର ଜିଲା ଉସୁ ଆସୋସିଏସନ ଏବଂ ଉସୁ ଆସୋସିଏସନ ଅଫ୍ ଓଡ଼ିଶାର ସମସ୍ତ ସାହାଯ୍ୟ ଓ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ। ଫାଉଣ୍ଡେଶନ ପକ୍ଷରୁ ଦେଶର ୪୦ ହଜାର ଗ୍ରାମୀଣ ଓ ଆଦିବାସୀ ପ୍ରତିଭାଙ୍କୁ ସାମରିକ କଳା, ହକି, ଫୁଟ୍‌ବଲ, କବାଡ଼ି, ଖୋ ଖୋ, ତୀରନ୍ଦାଜୀ ଓ କ୍ରିକେଟରେ ଭବିଷ୍ୟତ ଗଠନ ପାଇଁ ପ୍ରୋତ୍ସାହିତ କରାଯାଉଛି।


# Classified Everyday

0674-2580101, 9692975378




**BRIDE WANTED**

Handsome Teli Boy 1996, 5'7", B.Sc., MA Serving Airforce. "SUNASANSAR". 9937512659. D-76300

କମ୍ପାନୀ ଚାକିରି ଓ ଭଲ ଆୟ ଥିବା +୨ ଶିକ୍ଷାଗତ ଯୋଗ୍ୟତାଯୁକ୍ତ ବ୍ରାହ୍ମଣ ପାତ୍ର ପାଇଁ ବ୍ରାହ୍ମଣ-ଅବଧାନ ଜାତିର ଗାଉଁଲି ପାତ୍ରୀ ଆବଶ୍ୟକ। ଯୋଗାଯୋଗ- 7750014461. D-1525

Bride wanted. Karan Gourbarnna lower middle class well educated 30-35 years, 5'6". Contact- 7873817735. D-1524

**GROOM WANTED**

ବୟସ 28, Nurse ଚାକିରି କରୁଥିବା ସୁନ୍ଦରୀ ସୁଶୀଳ କରଣ ଜାତିର ଝିଅଙ୍କ ପାଇଁ Private/ Business/ Government ବରପାତ୍ର ଆବଶ୍ୟକ। 7326056138. D-1529




**REAL ESTATE**
**SALE**

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

କଟକ ମହାନଦୀବିହାରରେ **2/3 BHK flat** ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ **3BHK duplex readymade** ଅଛି। **8327785834.** D-76286

ଭୁବନେଶ୍ୱର-ପିପିଲି ଟୋଲ୍‌ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ **2/3BHK flat, duplex** ବିକ୍ରିହେବ। **Diptimayee Pati- 8763740343.** D-76296

**AFFIDAVIT**

I, Panchal Urmi Ashish Amrutaben, W/o- Subham Agrawal, resident of Flat No.-103 Balaji Greens, Block-A, Tangarpali, Sadar, P.O.- Budharaja, Dist.- Sambalpur, Odisha- 768004 declare by this affidavit No.- 6280, dtd.- 19.06.2025, that now onwards I shall be known as Urmi Ashish Panchal for all future purposes. D-1564

By virtue of an affidavit sworn before Executive Magistrate, Talcher, Odisha, dated- 23.06.2025, I BIKASH KUMAR BEHERA, S/o- PRAMOD CHANDRA BEHERA, At-CHITALPUR, P.O.- KUMUNDA, P.S.- GOPALPRASAD, Dist.- Angul, State- Odisha, PIN- 759103 declare that I have changed my name from PRADYUMNA BEHERA to BIKASH KUMAR BEHERA. Henceforth, I shall be known as BIKASH KUMAR BEHERA for all purpose and also for my LIC Policy Bond vide Policy No.- 582810880. D-1559

By virtue of an affidavit before Notary Public, Kantabanji on 04.08.2025 that in my Aadhaar Card my name and surname spells as "Khijmat Khan, S/o- Ataulla Khan" and in my S.B. Account of Bank of Baroda mentioned as Khidmat Khan, S/o- Ataulla Khan, in S.B. Account S.B.I. Kantabanji mentioned as "Khidmat Khan" where my wife's name is also written as Musirayasmin Bibi and in S.B. Account of Union Bank of India (Formerly Andhra Bank) Kantabanji Branch mentioned as "Khitmat Khan", S/o- "Atabhala Khan" of Village- Tentulikhunti, P.O.- Mahulbahali, P.S.- Turekela, Dist.- Bolangir is same and one person. D-1560

By virtue an affidavit sworn before Executive Magistrate, Gondia, Dhenkanal, dated 31.07.2025, I, Dolagobinda Parida, Village/P.O.- Saruali, P.S.- Kamakhyanagar, Dist.- Dhenkanal, Odisha-759018 declare that I have changed my name from D.G. Parida to Dolagobinda Parida. Henceforth, I shall be known as Dolagobinda Parida for all purposes. Dolagobinda Parida. D-1561

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By this affidavit No.- 1713, date 30.07.25, I, Jasobanti Naik, D/o- Suban Sahu, W/o- Haradhan Pradhan, R/o: At- Kesaipali, P.S.- Bhatli, Dist.- Bargarh declare that before marriage my name was Mithai Sahu. That consequent upon my marriage I am known as Jasobanti Naik. That both the names Mithai Sahu and Jasobanti Naik belongs to one and same person. D-1563

By virtue of an affidavit sworn before the Executive Magistrate, Saintala, dt. 04.08.2025, I, Banshidhar Sahu, S/o- Late Suru Sahu, R/O. Village- Bheruanbhata, P.O.- Ambapali, P.S.- Saintala, Dist.- Balangir (Odisha), PIN- 767032 declare that now I have changed my daughter's name from Divya Jyoti Sahu to Dibyajyoti Sahu. Henceforth, my daughter shall be known as Dibyajyoti Sahu for all purposes.
Banshidhar Sahu D-1562

I, Subash Kumar Rout S/o Late Binayak Rout Resident of KBSD ROAD, Jeypore, Koraput, Odisha 764001. Declare by this affidavit dated 05/08/2025, that Subash Kumar Rout and Subash Rout are same person. That now onwards I will be known as Subash Kumar Rout for all future purpose. D-1568

I, Banita Rout, W/o Subash Kumar Rout Resident of KBSD ROAD, Jeypore, Koraput, Odisha 764001, declare by this affidavit dated 05/08/2025, that Banita Rout and Bonita Rout are same person. That now onwards I will be know as Banita Rout for all future purpose. D-1569

I, Smita Pati, W/o- Prabira Kumar Pati, Resident of Flat No.- 302, Khusi Kalinga House, Pandra, Khordha, PIN- 751010, Odisha declare are by this affidavit No.-88, dated- 05.08.2025, that now onwards I shall be known as SMITA SUKLA for all future purposes. D-1571

ମୁଁ ଯଶୋବନ୍ତ ନାରାୟଣ ବେହେରା, ପି- ଉଦୟନାଥ ବେହେରା, ସା- କଉଡ଼ିଖଣି, ପୋ:ଅ:- ଭାଟପଡ଼ା, ଥାନା- ଗଡ଼ିଶାଗଡା, ଜି- ପୁରୀ, ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ, ବ୍ରହ୍ମଗିରିଙ୍କ ନିକଟରେ କରିଥିବା ସତ୍ୟପାଠ ନଂ.- ୦୨/୩୧।୦୭।୨୦୨୫ରେ ଜଣାଇଅଛି କି ମୋ ଝିଅର ନାମ ୱାଇ.ଏସ୍. ଅନନ୍ୟା ବେହେରା ଥିଲା। ତା'ର ନାମ ପରିବର୍ତ୍ତନ କରାଯାଇ ଅନନ୍ୟା ବେହେରା କରାଗଲା। ତେଣୁ ବର୍ତ୍ତମାନ ପରଠାରୁ ସମସ୍ତ ସରକାରୀ ଓ ବେସରକାରୀ କ୍ଷେତ୍ରରେ ତା'ର ନାମ ଅନନ୍ୟା ବେହେରା ଭାବେ ଗ୍ରହଣ କରାଯିବ। ଧ-୧୫୬୫

By virtue of an affidavit sworn before Executive Magistrate, Puri dated- 10.07.2025, I, Sudhakar Nayak of Pachhipala, P.O.- Rahadamalla, P.S.- Puri Sadar, Puri- 752013, declare that I have changed the name of my son Summit Nayak to Sambit Nayak. Henceforth he shall be known as Sambit Nayak for all purposes. D- 1570



**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ଏସୁଷମା ବଳିଆରସିଂହ**

ଆବିର୍ଭାବ: ୧୮।୦୮।୧୯୪୭
ତିରୋଧାନ: ୨୬।୦୭।୨୦୨୫

ମା' ଭଳି ଭଲ ପାଉଥିବା, ବୁଝି ପାରୁଥିବା ଆଉ ବୁଝାଇ ପାରୁଥିବା ସାଥୀଟିଏ ମିଳିବା ବହୁତ କଷ୍ଟ। ସେଥିପାଇଁ ତ କୁହାଯାଏ ଯେ ମା, ଠାରୁ ବଡ଼ ବନ୍ଧନ ଏବଂ ମା' ଠାରୁ ବଡ଼ ବିକଳ୍ପ ଏଇ ସଂସାରରେ ଆଉ କିଛି ନାହିଁ।

**ଶୋକସନ୍ତପ୍ତ ପରିବାରବର୍ଗ**

ଚୁନୁ, ବିଲ୍ଲୁ, ସୁନିତା, ଗୁଡ଼ି, ମିତାଲି, ଗୁଗୁଲୁ, ପୁଷ୍ପା, ଇତିନା, ବାବୁନୀ, ବାବୁନା, ଚିନ୍ନୁ, ବାପୁ, ଆରତ
*Old Town, Bhubaneswar*

ଧ-୭୫୩୯୭


# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ,୫।୮**

ଦିନକପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୦୮ (୩୦୮.୪୭) ପଏଣ୍ଟ ହ୍ରାସ ଘଟି ୮୦,୭୧୦ (୮୦,୭୧୦.୨୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୭୩ (୭୩.୨୦) ପଏଣ୍ଟ କମି ୨୪,୬୪୯ (୨୪,୬୪୯.୫୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡ୍‌କ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।



## ଧାନ ତଳି ବୁଢ଼ା ହୋଇଯାଇଥିଲେ

**ଯେ**ଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହକରି ରୁଆକାମ କରନ୍ତୁ। ତଳି ନ ମିଳିଲେ ନୂଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମି ପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା, ଖଣ୍ଡଗିରି, ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦-୧୩୦ଦିନିଆ କିସମ ଯଥା-ଲଲାଟ, ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଅ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ଅନ୍ୟପକ୍ଷରେ ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦା ପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡ଼ିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡ଼ିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

# ଉତ୍ତମ ଡେଏରି ପରିଚାଳନା



ଡା. ବୀରକିଶୋର ପରିଡ଼ା

**ବ**ହୁ ପୁରାତନ କାଳରୁ ଆମ ରାଜ୍ୟ ତଥା ଦେଶର ଚାଷୀଭାଇମାନେ ଗୋପାଳନକୁ ଯଥେଷ୍ଟ ଗୁରୁତ୍ୱ ଦେଇ ଆସିଛନ୍ତି । ବିଶେଷକରି ମହିଳାମାନେ ସରକାରଙ୍କ ବିଭିନ୍ନ ସବ୍‌ସିଡ୍ ଋଣ ମାଧ୍ୟମରେ ଉନ୍ନତ ସଙ୍କରଜାତୀୟ ଦୁଧିଆଳୀ ଗାଈ ପାଳନ କରି ନିଜର ଆର୍ଥିକ ସ୍ଥିତି ସୁଦୃଢ଼କରିବା ସଙ୍ଗେ ସଙ୍ଗେ ନିଶାଯୁକ୍ତ ପାନୀୟ ଯଥା - ମହୁଲି, କୁସୁନା, ହାଣ୍ଡିଆ ଭଳି ଗୋଳିଆ ପାଣି ପିଇବା ପରିବର୍ତ୍ତେ ସର୍ବୋତ୍କୃଷ୍ଟ ସୁଷମ ଖାଦ୍ୟ ଖାଇବା ପାଇଁ କ୍ଷୀରକୁ ପ୍ରାୟ ଆଦରି ନେଲେଣି । ଆଜିକାଲି ଉନ୍ନତ ଧରଣର ସଙ୍କରଜାତୀୟ ଦୁଧିଆଳୀ ଗାଈ ଯଥା - ଜର୍ସି, ହଲ୍‌ଷ୍ଟିନ୍, ରେଡ୍ ସିନ୍ଧି ଭଳି ଅଧିକାଂଶ ସ୍ଥାନରେ ଚାଷୀଭାଇମାନଙ୍କ ଘରେ ଦେଖିବାକୁ ମିଳିଲାଣି । ଅବଶ୍ୟ କେତେକ ଅଞ୍ଚଳରେ ସ୍ୱାଧୀନତା ପୂର୍ବରୁ ଲୋକମାନେ ଯେଭଳି ଦେଶୀଗାଈ ଘରେ ରଖି ଚଳୁଥିଲେ, ଏବେ ବି ମଧ୍ୟ ସେହିଭଳି କାଳାତିପାତ କରୁଛନ୍ତି । ପୂର୍ବଭଳି ଏବେ ମଧ୍ୟ ସେହି ଦେଶୀ ଗାଈଙ୍କୁ ରଖି ପାଏ ଅଧପାଏ କ୍ଷୀର ପାଇଁ ବହୁ ଦୁଃଖ କଷ୍ଟରେ ଚଳୁଛନ୍ତି। ଆମ ରାଜ୍ୟ ସରକାରଙ୍କ ତରଫରୁ ରାଜ୍ୟ ପ୍ରାଣୀ ସମ୍ପଦ ବିଭାଗ ଜରିଆରେ ଉନ୍ନତ ଧରଣର ଦୁଧିଆଳୀ ଜର୍ସି ଗାଈ, ଦେଶୀଗାଈଗୁଡ଼ିକଠାରୁ ସୃଷ୍ଟି କରିବା ପାଇଁ 'କୃତ୍ରିମ ପ୍ରଜନନ' କେନ୍ଦ୍ରମାନ ସ୍ଥାପନ କରାଯାଇଛି। ତା'ସହ ସୁଦୂର ଗାଁଗଣ୍ଡାରେ ପ୍ରତ୍ୟେକ ପ୍ରାଣୀ ଚିକିତ୍ସାଳୟ ଏବଂ ଅନେକ ପ୍ରାଣୀଧନ ସହାୟକ କେନ୍ଦ୍ରଠାରେ ଏହାକୁ ଖୋଲାଯାଇଛି । କୃତ୍ରିମ ପ୍ରଜନନ ଦ୍ୱାରା ଦେଶୀଗାଈରୁ ୬-୭ ପିଢ଼ି ବା ଜେନେରେଶନ ପରେ ମଧ୍ୟ ଶତକଡ଼ା ୧୦୦ଭାଗ ବିଭିନ୍ନ ଉନ୍ନତ ଧରଣର ଗାଈ ସୃଷ୍ଟି ହୋଇପାରୁଛନ୍ତି । ଦେଶୀଗାଈରୁ ଉତ୍ପନ୍ନ ସଙ୍କରଜାତୀୟ ଗାଈ ଆମ ରାଜ୍ୟର ଜଳବାୟୁରେ ଭଲ ବଢ଼ିପାରିବେ ଏବଂ ସେମାନଙ୍କର କ୍ଷୀର ଉତ୍ପାଦନ ଶକ୍ତି ମଧ୍ୟ ବଢ଼ିବ । ଆଜିକାଲି ଉନ୍ନତ ସଙ୍କରଜାତୀୟ ଗାଈର ଦାମ୍ ଯଥେଷ୍ଟ ବଢ଼ିଯାଇଛି, ଯାହାକି ଚାଷୀଭାଇଙ୍କ ଦ୍ୱାରା ଖର୍ଚ୍ଚ କରିବା କଷ୍ଟକର ବ୍ୟାପାର । ତେଣୁ ସହଜ ଉପାୟରେ ବିନା ଖର୍ଚ୍ଚରେ ନିଜ ଦେଶୀ ଗାଈଙ୍କୁ ଠିକ୍ ସମୟରେ କୃତ୍ରିମ ପ୍ରଜନନ କରାଇ ଗୋଟିଏ ଉନ୍ନତ ସଙ୍କରଜାତୀୟ ଗାଈ ସୃଷ୍ଟି କରିବା ସହଜ ହେଉଛି। ଅବଶ୍ୟ ଆମ ରାଜ୍ୟର କେତେକ ଉତ୍କୃଷ୍ଟ ପ୍ରଜାତିର ଗାଈ ଯଥା - ବିଞ୍ଝାରପୁରୀ, ଘୁମୁସରୀ, ଖରିଆଳ, ମୋଟୁ ଆଦି ଗାଈ ଆଶାନୁରୂପକ କ୍ଷୀର ଦେବା ସହ ଜନ୍ମ ହେଉଥିବା ଅଣ୍ଡିରା ବାଛୁରି (ବଳଦ) ଚାଷକାର୍ଯ୍ୟରେ ଯଥେଷ୍ଟ ସହାୟକ ହୋଇପାରୁଛନ୍ତି, ଯାହାର ସଂରକ୍ଷଣ ଓ ବିକାଶ ମଧ୍ୟ ଏକାନ୍ତ ଆବଶ୍ୟକ ।

ଯେଉଁ ରାଜ୍ୟର ଲୋକେ ଯେତେ କର୍ମଠ, ସେ ରାଜ୍ୟର ଲୋକେ ସେତେ ଉନ୍ନତ। ଉଦାହରଣ - ଆମ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଲୋକମାନେ ବିଭିନ୍ନ ଉପାୟରେ ସେମାନଙ୍କର ଶକ୍ତିର ଅଯଥା ଅପଚୟ ନ କରି ଗୋପାଳନ, ମାଛଚାଷ, କୁକୁଡ଼ା ଚାଷ, ଧାନଚାଷ ଆଦି ପେସା ଗ୍ରହଣକରି ନିଜର ଆର୍ଥିକ ମାନଦଣ୍ଡ ବିକାଶ ଘଟାଇବା ସଙ୍ଗେ ସଙ୍ଗେ ରାଜ୍ୟର ବିକାଶରେ ଯଥେଷ୍ଟ ସହାୟକ ହୋଇପାରୁଛନ୍ତି, ଏଥିରେ ସନ୍ଦେହନାହିଁ । ସେହିଭଳି ଗୁଜରାଟ ଭାରତରେ କ୍ଷୀର ଉତ୍ପାଦନରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ପଞ୍ଜାବ, ହରିୟାଣା ମଧ୍ୟ ସେହିଭଳି ନିଜ ରାଜ୍ୟକୁ ଏକ ବଳକା ରାଜ୍ୟ ରୂପେ ପରିଗଣିତ କରିଛନ୍ତି । ବର୍ତ୍ତମାନ ଆମ ରାଜ୍ୟରେ ମହିଳାମାନେ ମଧ୍ୟ ନିଜର ଆର୍ଥିକ ବିକାଶ ସହ ପୁଷ୍ଟିହୀନତା ଦୂରକରିବା ସକାଶେ ସଙ୍କର ଗାଈ ରଖିବାକୁ ଆରମ୍ଭ କଲେଣି । ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ମଧ୍ୟ ସେମାନଙ୍କ ମୂଲ୍ୟବାନ୍ ସମୟ ଅଯଥାରେ ଅପଚୟ ନ କରି ଉନ୍ନତ ଗାଈ ପାଳନ ଜରିଆରେ ନିଜକୁ ପୁଣିଥରେ କର୍ମଠ କରି ଚିନ୍ତାମୁକ୍ତ ରଖିବା ସହ ସୁଷମ ଜାତୀୟ ଆଦର୍ଶ ଖାଦ୍ୟରୂପକ କ୍ଷୀର ପାଇପାରୁଛନ୍ତି। ଚାଷୀଭାଇମାନେ ମଧ୍ୟ ଚାଷ ସହ ଗୋପାଳନକୁ ଏକ ସବୁଦିନିଆ ପେସା ରୂପେ ଗ୍ରହଣ କରିନେଇଛନ୍ତି ।


> "କୃତ୍ରିମ ପ୍ରଜନନ ଦ୍ୱାରା ଦେଶୀଗାଈରୁ ୬-୭ ପିଢ଼ି ବା ଜେନେରେଶନ ପରେ ମଧ ଶତକଡ଼ା ୧୦୦ଭାଗ ବିଭିନ୍ନ ଉନ୍ନତ ଧରଣର ଗାଈ ସୃଷ୍ଟି ହୋଇପାରୁଛନ୍ତି। ଦେଶୀଗାଈରୁ ଉତ୍ପନ୍ନ ସଙ୍କରଜାତୀୟ ଗାଈ ଆମ ରାଜ୍ୟର ଜଳବାୟୁରେ ଭଲ ବଢ଼ିପାରିବେ ଏବଂ ସେମାନଙ୍କର କ୍ଷୀର ଉତ୍ପାଦନ ଶକ୍ତି ମଧ ବଢ଼ିବ । ଆଜିକାଲି ଉନ୍ନତ ସଙ୍କରଜାତୀୟ ଗାଈର ଦାମ୍ ଯଥେଷ୍ଟ ବଢ଼ିଯାଇଛି, ଯାହାକି ଚାଷୀଭାଇଙ୍କ ଦ୍ୱାରା ଖର୍ଚ୍ଚ କରିବା କଷ୍ଟକର ବ୍ୟାପାର । ତେଣୁ ସହଜ ଉପାୟରେ ବିନା ଖର୍ଚ୍ଚରେ ନିଜ ଦେଶୀ ଗାଈଙ୍କୁ ଠିକ୍ ସମୟରେ କୃତ୍ରିମ ପ୍ରଜନନ କରାଇ ଗୋଟିଏ ଉନ୍ନତ ସଙ୍କରଜାତୀୟ ଗାଈ ସୃଷ୍ଟି କରିବା ସହଜ ହେଉଛି।"



ଅଧିକ ପରିମାଣର ଭଲ କ୍ଷୀର ସଙ୍କର ଜାତୀୟ ଗାଈଠାରୁ ପାଇବାକୁ ହେଲେ ଉତ୍ତମ ସୁସ୍ୱାଦୁ ଗୋଖାଦ୍ୟ ବିଷୟରେ ଚିନ୍ତା କରିବା ଉଚିତ । କାରଣ କଥାରେ ଅଛି ଗାଈ ମୁହଁରେ କ୍ଷୀର । ତେଣୁ ଗୋପାଳନ ସହ ଘରବାଡ଼ିରେ ଘାସଚାଷ ଏକ ସୁଚିନ୍ତିତ ପଦକ୍ଷେପ । ତେଣୁ ଉନ୍ନତ ଧରଣର ସଙ୍କରଜାତୀୟ ଗାଈପାଳନ କରିବାକୁ ହେଲେ ନିମ୍ନୋକ୍ତ କେତୋଟି ବିଷୟ ପ୍ରତି ଧ୍ୟାନଦେବାକୁ ପଡ଼ିବ ।

- ପ୍ରତ୍ୟେକ ଗାଈର କ୍ଷୀର ଦେବା ଦକ୍ଷତା, ବିଭିନ୍ନ ଋତୁ ଏବଂ ଖାଦ୍ୟ କିସମ ଅନୁସାରେ ୫୦-୧୨୦ ଲିଟର ପରିଷ୍କାର ନିର୍ମଳ ପାଣି ପିଇବାକୁ ଦେବା ଉଚିତ । ସାଧାରଣତଃ ପ୍ରତି ୧ଲିଟର କ୍ଷୀର ଉତ୍ପାଦନ ପାଇଁ ୪ଲିଟର ପାଣିର ଆବଶ୍ୟକତା ହୋଇଥାଏ ।
- ସବୁଜଘାସ ୨୫ରୁ ୩୦କେ.ଜି. ୬-୭ ଲିଟର ଦେଉଥିବା ଗାଈକୁ ବିନା ଦାନାରେ ଯୋଗାଇବା ଉଚିତ । ଯଦି ଏହି କ୍ଷୀର ଉତ୍ପାଦନରୁ ଅଧିକ ଗାଈ କ୍ଷୀର ଦିଏ, ତେବେ ପ୍ରତି ୨ଲିଟର ପିଛା ୧କେ.ଜି ଦାନା ଦିଆଯିବା ଉଚିତ ।
- ଦୁଧିଆଳୀ ଗାଈର କ୍ଷୀର ଦେବା ସମୟ ୨୮୦-୩୦୦ଦିନ ରଖିବା ଦରକାର ଏବଂ ୪୫-୬୦ଦିନ ପଡ଼ିଆ ରଖିବା ଉଚିତ ।
- ଗାଈ ବାଛୁରୀ ଜନ୍ମହେବାର ୬୦-୯୦ଦିନ ମଧ୍ୟରେ ଗରମ ଆଣି ନିକଟସ୍ଥ ପ୍ରଜନନ କେନ୍ଦ୍ରରେ କୃତ୍ରିମ ପ୍ରଜନନ କରାଇବା ଉଚିତ । ଏହି ସମୟରୁ ଗଡ଼ିଗଲେ ଗାଈ ଅତ୍ୟଧିକ କ୍ଷୀର ଦେବା ଯୋଗୁ କ୍ୟାଲସିୟମ, ଭିଟାମିନ୍, ଧାତବ ଲବଣର ଅଭାବ ଘଟିଥାଏ । ଫଳରେ ନିଜର ଜରାୟୁରେ ଭ୍ରୂଣକୁ ଧରି ରଖି ନ ପାରି ବାରମ୍ବାର ଲେଉଟାଇଥାନ୍ତି ।
- ପ୍ରତ୍ୟେକ ଗାଈଠାରୁ ଛୁଆ ଜନ୍ମ କରିବାର ବ୍ୟବଧାନ ୧ବର୍ଷ ରଖିବା ଉଚିତ।
- ୩୫୦-୪୦୦ କେ.ଜି. ସଙ୍କରଜାତୀୟ ଗାଈ କ୍ଷୀର ଦେବା ସମୟରେ ୨,୫୦୦-୩,୦୦୦ କେ.ଜି. ପର୍ଯ୍ୟନ୍ତ କ୍ଷୀର ଦେଇଥାନ୍ତି । ଦ୍ୱିତୀୟ, ତୃତୀୟ ଏବଂ ଚତୁର୍ଥ ବିହାଣରେ କ୍ଷୀର ଉତ୍ପାଦନ ଅଧିକ ହୋଇଥାଏ ।
- ଗାଈ ୭ ଛୁଆ ଜନ୍ମ ଦେଲାପରେ ନୂତନ ଦୁଧିଆଳୀ ଗାଈ ଗ୍ରହଣ କରିବା ଉଚିତ ।
- ପ୍ରତ୍ୟେକ ଗାଈ ପାଇଁ ଗୋ-ବୀମା କରିବା ଉଚିତ ।
- ପ୍ରତ୍ୟେକ ଗାଈଙ୍କର ମଝିରେ ମଝିରେ ଝାଡ଼ା ପରୀକ୍ଷା କରିବା ସହ କୃମିନାଶକ ଦେବା ଉଚିତ । ସେହିପରି ବାଛୁରୀମାନଙ୍କୁ ପ୍ରତିମାସରେ ଥରେ କୃମିନାଶକ ଦେବା ଦରକାର ।
- ବିଭିନ୍ନ ଋତୁ ଅନୁସାରେ ପ୍ରତ୍ୟେକ ଗାଈକୁ ଆରମ୍ଭରୁ ପ୍ରତିଷେଧକ ଟିକା- ଆନ୍ଥ୍ରାକ୍ସ, ସାହାଣା, ବଜବଜିଆ, ଫାଟୁଆ ଇତ୍ୟାଦି ଦିଆଯିବା ଦରକାର ।
- ସୁଷମ ଦାନାଜାତୀୟ ଖାଦ୍ୟ ଠିକ୍ ପରିମାଣରେ ଦେବା ଉଚିତ । ଭରଣପୋଷଣ ପାଇଁ ୨-୩କେ.ଜି. ଦାନା, କ୍ଷୀର ଦେବାପାଇଁ ୧କେ.ଜି. ଦାନା ପ୍ରତି ୨.୫ଲିଟର କ୍ଷୀର ଉତ୍ପାଦନ ଏବଂ ଗର୍ଭଧାରଣ ପାଇଁ ପ୍ରଥମ ୬ମାସ ୫୦୦ଗ୍ରାମ ଦାନା ଓ ୭-୯ମାସ ୧ କେ.ଜି. ଦାନା ଆବଶ୍ୟକ ।
- ପ୍ରତ୍ୟେକ ଗାଈ ଗୁହାଳର ଚଟାଣ ସିମେଣ୍ଟ ବା ରଫ୍ ଟାଇଲ୍‌ରେ ହେବା ଦରକାର ।

-ସହକାରୀ ଅଧାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ, ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨



## ବର୍ଷାଦିନେ ଫଳଚାଷ

**ଅ**ମୃତଭଣ୍ଡା, ପିଜୁଳି, ପଣସ, ଆମ୍ବ, ନଡ଼ିଆ, ସପେଟା, ଲିଚୁ, କାଜୁ ଇତ୍ୟାଦି ଲାଗିଥିବା ଗଛର ଯତ୍ନ ନିଅନ୍ତୁ । ଗଛ ମୂଳରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ବଗିଚାରୁ ଘାସ ଓ ଅନାବନା ଗଛ ବାଛି ସଫା କରିଦିଅନ୍ତୁ। ବର୍ଷାଦିନ ସବୁ ଫଳଗଛ ଲଗାଇବା ପାଇଁ ଉତ୍କୃଷ୍ଟ ସମୟ । ଜମିର ଆୟତନ ଓ ଜଳବାୟୁ ଆଦିକୁ ନଜରରେ ରଖି ବିଭିନ୍ନ ପ୍ରକାର ଉନ୍ନତ କିସମର ଚାରା ସଂଗ୍ରହକରି ଠିକ୍ ଭାବରେ ଗାତକରି ଲଗାନ୍ତୁ । ପୂର୍ବରୁ ଲଗାଯାଇଥିବା କୌଣସି ଫଳଗଛ ମରିଯାଇଥିଲେ ସେହି ଜାଗାରେ ଆଉ ଥରେ ଲଗାଇ ଖାଲି ଜାଗା ପୂରଣ କରନ୍ତୁ । ଫଳଗଛରେ ଲାଗୁଥିବା ବିଶେଷକରି କବକଜନିତ ରୋଗ ପାଇଁ କବକନାଶକ ସିଞ୍ଚନ କରନ୍ତୁ ।

## ହରଡ଼ରେ ଫୁଲ ଧରୁଥିଲେ...



**ବ**ର୍ଷାଦିନିଆ ସଅଳ ହରଡ଼ ଫସଲରେ ଫୁଲ ଧରିବାବେଳେ ବାଘୁଆ ପୋକ ଲାଗିବା ଆଶଙ୍କା ରହିଛି। ଏହାର ଦମନ ପାଇଁ ପୋକଗୁଡ଼ିକୁ କିରୋସିନ ବା ଲୁଗାସଫା ପାଉଡ଼ର ପାଣିରେ ବୁଡ଼ାଇ ମାରିଦିଅନ୍ତୁ। ହରଡ଼ ଫସଲରେ ନାଲି ଓ କଳା ଶଁବାଳୁଆ ପୋକ ପତ୍ରଖାଇ ଗଛକୁ ପତ୍ରହୀନ କରିଦିଅନ୍ତି। ତେଣୁ ଏକର ପ୍ରତି ୧୦ କି.ଗ୍ରା . କ୍ଲୋରୋପାଇରିଫସ୍ ଗୁଣ୍ଡ ସକାଳ ବେଳା ପ୍ରୟୋଗ କରନ୍ତୁ। ଏହାଦ୍ୱାରା ମଧ୍ୟ ପତ୍ରକଣା କରୁଥିବା ଫ୍ଲି ଭୃଙ୍ଗ ପୋକର ଦମନ ହୋଇଥାଏ। ବିଳମ୍ବରେ ଲଗାଯାଇଥିବା ମୁଗ, ବିରି, ହରଡ଼ ଆଦି ଡାଲିଜାତୀୟ ଫସଲରେ ସାହେବୀ ରୋଗ ଦେଖାଯାଏ। ଏହାର ଦମନ ଲାଗି ଏକର ପ୍ରତି ୫୦ ମିଲି ଇମିଡାକ୍ଲୋପ୍ରିଡ୍ ମିଶାଇ ଛିଞ୍ଚନ କର।

## ମାଛ ଯାଆଁଳ ଛାଡ଼ିବା ସମୟରେ...

**ବ**ର୍ଷାଦିନରେ ପ୍ରାୟ ସବୁ ପୋଖରୀରେ ଯାଆଁଳ ଛଡ଼ାଯାଏ। ଜାତିଆ ମାଛ ଯାଆଁଳ ଉପଯୁକ୍ତ ସ୍ଥାନ ବା ଅନୁଷ୍ଠାନରୁ କିଣି ପୋଖରୀରେ ଛାଡ଼ନ୍ତୁ । ଯାଆଁଳ ଛାଡ଼ିବା ପରଠାରୁ ପୋଖରୀରେ ମାସିକ ହେକ୍ଟର ପିଛା ୨୫ କି.ଗ୍ରା. ଚୂନପାଣିରେ ଗୋଳାଇ ଥଣ୍ଡାକରି ପୋଖରୀରେ ପକାନ୍ତୁ । ଏହାଦ୍ୱାରା ପାଣିର ଗୁଣ ବଜାୟ ରହିବ। ଅତ୍ୟଧିକ ବର୍ଷା ଯୋଗୁ ପାଣି ଗୋଳିଆ ହେଲେ ଚୂନ ପକାଇବା ଦ୍ୱାରା ପାଣି ପରିଷ୍କାର ହୋଇଯାଏ। ଖାଦ୍ୟ ପାଇଁ ହେକ୍ଟର ପ୍ରତି ଦୈନିକ ୧ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆକୁଣ୍ଡା ଓ ୧.୭୫୦ ଗ୍ରାମ୍ ଚିନାବାଦମ ପିଡ଼ିଆର ମିଶ୍ରଣ ପୋଖରୀରେ ପକାନ୍ତୁ । ସଘନ ମାଛଚାଷ ପାଇଁ ଏକ ହେକ୍ଟର ବିଶିଷ୍ଟ



ପୋଖରୀରେ ପ୍ରାୟ ୧୦,୦୦୦ ଗୋଟି ମିଶ୍ରିତ ଯାଆଁଳ (୨୧-୪୦ମି.ମି.) କିମ୍ବା ୫୦୦୦ ଗୋଟି ମିଶ୍ରିତ ବଡ଼ ଯାଆଁଳ (୪୧-୬୦ ମି.ମି.) ଅଗଷ୍ଟ ମାସର ଦ୍ୱିତୀୟ ସପ୍ତାହ ମଧ୍ୟରେ ଛଡ଼ାଯାଏ। କେବଳ ତିନୋଟି ପ୍ରଜାତିର ମାଛ ଚାଷ କରିବାକୁ ଚାହୁଁଥିଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ ଏବଂ ମିରିକାଳି ୩୦ ଭାଗ ହିସାବରେ ହେକ୍ଟର ପିଛା ୩୦୦୦ ଟି ଭାକୁର, ୪୦୦୦ଟି ରୋହି ଏବଂ ୩୦୦୦ଟି ମିରିକାଳି (୨୧ ରୁ ୪୦ ମି.ମି.) ଛାଡ଼ିବାକୁ ହେବ । ଚାରୋଟି ପ୍ରଜାତିର ମାଛ ଚାଷକରିବା ପାଇଁ ହେଲେ ଭାକୁର ୩୦ ଭାଗ, ରୋହି ୪୦ ଭାଗ, ମିରିକାଳି ୨୦ ଭାଗ ଏବଂ ବିଲାତି ରୋହି ୧୦ ଭାଗ ହିସାବରେ ହେକ୍ଟର ପିଛା ଭାକୁର ୩୦୦୦ଟି, ରୋହି ୪୦୦୦ଟି, ମିରିକାଳି ୨୦୦୦ଟି ଏବଂ ବିଲାତି ରୋହି ୧୦୦୦ଟି (୨୧-୪୦ ମି.ମି.) ଛାଡ଼ିବାକୁ ହେବ। ୬ ପ୍ରକାର ମାଛ ଚାଷ ପାଇଁ ସାଧାରଣତଃ ଭାକୁର ୩୦%, ରୋହି ୨୦%, ମିରିକାଳି ୧୦%, ସିଲ୍‌ଭର କାର୍ପ ୨୦%, ଗ୍ରାସ୍‌କାର୍ପ ୧୫% ଓ ବିଲାତି ରୋହି ୫% ହିସାବରେ ଯାଆଁଳ ଛାଡ଼ିବାକୁ ହୋଇଥାଏ ।

## ଅଧିକ ଅମଳକ୍ଷମ କାଜୁ ପାଇଁ...

**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି,ଭୁବନେଶ୍ୱର -୧,ଭିଆରଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ରୁ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ। ସିଞ୍ଚନ କରନ୍ତୁ।



## ଟମାଟୋ ତଳି ଲଗାଇବାର ପ୍ରଣାଳୀ



**ଟ**ମାଟୋ ତଳି ଲଗାଉଥିଲେ ୧ଏକର ଜମି ପାଇଁ ୨୫ଫୁଟ୍ ଲମ୍ବ ୪ ଫୁଟ୍ ଚଉଡା ଓ ୬ଇଞ୍ଚ ଚଉଡ଼ା ବିଶିଷ୍ଟ ୪ଟି ପଟାଳି ଯଥେଷ୍ଟ। ମଞ୍ଜି ବୁଣିବାର ୧୦ଦିନ ପୂର୍ବରୁ ପଟାଳିରେ ୧୦-୨୦କି.ଗ୍ରା. ଭଲଭାବେ ଶଢ଼ି ଯାଇଥିବା ଖତ ଓ ୫୦୦ଗ୍ରାମ୍ ୧୫:୧୫:୧୫ ଜୈବିକ ସାରକୁ ଭଲଭାବେ ମିଶାଇ ଦିଅନ୍ତୁ। ମଞ୍ଜିକୁ କାପ୍‌ଟାନ୍ ବା ଥିରାମ୍‌ରେ ବିଶୋଧନ କରି ୫ରୁ ୧୦ସେ.ମି. ଗଭୀରରେ ଓ ୫ ସେ.ମି. ବ୍ୟବଧାନରେ ଧାଡ଼ିରେ, ମଞ୍ଜିକୁ ମଞ୍ଜି ଦୂରତା ୨.୫ସେ.ମି. ରଖି ପଟାଳିରେ ବୁଣାଯାଏ। ଏହାପରେ ପଟାଳିରେ ପାଣି ଛିଞ୍ଚି ୧ ଲିଟର ପାଣିରେ ୨ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ। ପରେ ପରେ ଶୁଖିଲା ନଡ଼ାରେ ପଟାଳିକୁ ଘୋଡ଼ାଇ ଦିଅନ୍ତୁ। ପଟାଳିରେ ମଝିରେ ମଝିରେ ପାଣି ଛିଞ୍ଚନ୍ତୁ। ତଳି ୫-୭ ପତ୍ର ବିଶିଷ୍ଟ ହେଲେ ମୁଖ୍ୟ କିଆରିରେ ରୁଅନ୍ତୁ। ତଳିଗୁଡିକୁ ୬୦X୪୫ସେମି ବ୍ୟବଧାନରେ ଲଗାନ୍ତୁ। ଲଗାଇବା ପୂର୍ବରୁ ଏକର ପ୍ରତି ୨୦ଟନ୍ ଗୋବର ଖତ ଏବଂ ୫ଟନ୍ ନିମ୍ବ ପିଡ଼ିଆ ବ୍ୟବହାର କରନ୍ତୁ।

## ପନିପରିବା ତଳି ପଟାଳିରେ ସାର ପ୍ରୟୋଗ

**ପ**ନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୨ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ



ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।

# ଭାଗନେବେ ଭାରତର ତାରକା ଆଥ୍‌ଲେଟ

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**



## ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍

ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍(ବ୍ରୋଞ୍ଜ୍ ଲେଭଲ) ଚଳିତ ମାସ ୯ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଛି। ଭାରତରେ ପ୍ରଥମଥର ପାଇଁ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟରେ ଅନ୍ତର୍ଜାତୀୟ ଆଥ୍‌ଲେଟଙ୍କ ସହ ଭାରତର ତାରକା ଆଥ୍‌ଲେଟମାନେ ଆକ୍ସନରେ ଦେଖିବାକୁ ମିଳିବେ। ଜୁଲାଇ ୧୨ ସୁଦ୍ଧା ର‍୍ୟାଙ୍କିଙ୍ଗ୍ ଅନୁସାରେ ଆଗାମୀ ପ୍ରତିଯୋଗିତାରେ ଭାଗନେବାକୁ ଯୋଗ୍ୟ ଘରୋଇ ଆଥ୍‌ଲେଟଙ୍କ ତାଲିକା ଏଏଫଆଇ (ଆଥ୍‌ଲେଟିକ୍ ଫେଡେରେଶନ ଅଫ୍ ଇଣ୍ଡିଆ) ପକ୍ଷରୁ ପ୍ରକାଶ ପାଇଛି। ତେବେ ଏଥିରେ ଭାଗନେବାକୁ ଅନ୍‌ଲାଇନ୍‌ରେ ଏଣ୍ଟ୍ରି କରିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଯଦି କେହି ଅଂଶଗ୍ରହଣ ନ କରନ୍ତି ତେବେ ତାଙ୍କୁ ଆଗାମୀ ୬୪ତମ ଜାତୀୟ ଆନ୍ତଃରାଜ୍ୟ ସିନିୟର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି। ର‍୍ୟାଙ୍କିଙ୍ଗ୍ ଅନୁସାରେ ଯୋଗ୍ୟ ବିବେଚିତ ଆଥ୍‌ଲେଟଙ୍କ ମଧ୍ୟରେ ୧୦୦ ମିଟରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ଏବଂ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁରଙ୍କ ସମେତ ଗୁରିନ୍ଦର ବୀର ସିଂ, ମଣିକାନ୍ତ ହୋବ୍ଲିଧର, ପ୍ରଣବ ଗୌରମ, ଅମ୍ଲାନ୍ ବୋରଗୋହେନ, ହର୍ଷ ସନ୍ତୋଷ ରାଉତ, ତାମିଲାରାସୁ ଏସ୍. ଓ ରଗୁଲ କୁମାର ଜି. ପ୍ରମୁଖ ରହିଛନ୍ତି। ସେହିପରି ୨୦୦ ମିଟରରେ ଅନିମେଶ, ଅମ୍ଲାନ୍, ରଗୁଲ, ମଣିକାନ୍ତ, ଲାଲୁ ପ୍ରସାଦ, ବିଶାଲ ଟି.କେ., ନୀତିନ ବି., ଅଭୟ ସିଂ, ଶୁଭମ୍, ତାମିଲାରାସୁ, ଅଭିନ ବି. ଦେଭାଡିଗା ଓ ଅଦେଶ ଗାର୍ସା ଭାଗନେବେ।

୪୦୦ ମିଟର ପାଇଁ ବିଶାଲ ଟି.କେ. ରାଜେଶ ରମେଶ, ଜୟ କୁମାର, ମନୁ ଟି.ଏସ୍., ଅମୋଜ ଜ୍ୟାକବ ପି.ଏ., ରିନ୍‌ସେ ଜୋସେଫ, ଧରମବୀର ଚୌଧାରୀ, ସନ୍ତୋଷ କୁମାର ଟି., ଜେରୋମି ସନ୍ତୋଷ ନିଶାନ୍ତ ଏବଂ ସୂରଜ ଏ., ୮୦୦ ମିଟରରେ ମହମ୍ମଦ ଅଫଜାଲ ପି., କ୍ରିଶନ କୁମାର, ପ୍ରକାଶ ଗାଡାଡେ, ପ୍ରଦୀପ ସେନ୍ଥିଲ କୁମାର, ଅମନ କୁମାର, ୫୦୦୦ ମିଟରରେ ଗୁଲଭୀର ସିଂ, ଅଭିଷେକ ପଲ, ସାଓ୍ୱନ ବାରଓ୍ୱାଲ, କିରନ ମତ୍ରି, ଶାଦବ ଆୟୁବ ପଠାନ, ସୌରଭ କୁମାର, ଲଭ୍‌ପ୍ରୀତ ସିଂ ଓ ଗଗନ ସିଂ ଅଂଶଗ୍ରହଣ କରିବେ। ସେହିପରି ଲଙ୍ଗ୍‌ଜମ୍ପ୍‌ରେ ଶ୍ରୀଶଙ୍କର ଏମ୍., ଡେଭିଡ ପି., ମହମ୍ମଦ ଅନିସ ୟାହ୍ୟା, ଲୋକେଶ ସାଥ୍ୟାନାଥନ, ଶାହାନବାଜ ଖାଁ, ସନ୍ନି କୁମାର, ଜେସୱିନ ଆଲଡ୍ରିନ ଜେ., ଜିଥିନ ଅର୍ଜୁନନ ଆର.ସି., ମହମ୍ମଦ ମୁହାସିନ, ଟ୍ରିପଲ ଜମ୍ପ୍‌ରେ ପ୍ରବୀଣ ଚିତ୍ରାଭେଲ, ଅବ୍‌ଦୁଲା ଅବୁବାକର, ସେଲଭା ପ୍ରଭୁ ଟି., ୟୁବା ରାଜ, ମହମ୍ମଦ ମୁହାସିନ, ବିମଲ ମୁକେଶ ଟି., କାର୍ତ୍ତିକ ଉନ୍ନିକ୍ରିଷ୍ଣନ, ମହମ୍ମଦ ସଲାଉଦ୍ଦିନ ଏଓ.ଏନ୍. ଓ ଗେଲି ଭେନିଷ୍ଟର ଡି. ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଓଡ଼ିଶାର କିଶୋର କୁମାର ଜେନାଙ୍କ ସମେତ ସଚିନ ଯାଦବ, ଯଶ୍‌ବୀର ସିଂ, ଶିବମ ଲୋହାକାରେ, ରୋହିତ୍ ଯାଦବ, ବିକାଶ ଶର୍ମା, ସାହିଲ ସିଲଓ୍ୱାଲ, ଶଶାଙ୍କ ପାଟିଲ, ଓଡ଼ିଶା ଏଚ୍‌ପିସିର ବିକ୍ରାନ୍ତ ମଲିକ ପ୍ରମୁଖ ଅଂଶଗ୍ରହଣ କରିବେ।


ମହିଳା ୧୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦ ଆକର୍ଷଣରେ ରହିବେ। ତାଙ୍କ ସହ ନିତ୍ୟା ଗାନ୍ଧେ, ଅଭିନୟା ରାଜାରାଜନ, ସ୍ନେହା ଏସ୍.ଏସ୍., ଆଞ୍ଜେଲ ସିଲ୍‌ଭିଆ ଏମ୍., ହର୍ଷିତା ଭଦ୍ରା, ଧନେଶ୍ୱରୀ ଏ.ଟି., ବିଜୟା କୁମାରୀ, ସୁଦେଷ୍ଣା ଶିବଶଙ୍କର, ସୁଦୀକ୍ଷା ଓ ସାକ୍ଷୀ ଚଭନ ଭାଗନେବେ। ୨୦୦ ମିଟରରେ ନିତ୍ୟା, ବିଜୟା କୁମାରୀ, ଉନ୍ନତି ଆୟାପ୍ପା, ଅଗସରା ନନ୍ଦିନୀ, ନିତ୍ୟା ରାମରାଜ, ମୌମିତା ମଣ୍ଡଳ, ମଧୁସ୍ମିତା ଦେବ ଓ ଆଞ୍ଜେଲ ସିଲଭିଆ, ୪୦୦ ମିଟରରେ ଐଶ୍ୱର୍ଯ୍ୟା ମିଶ୍ର, ରୂପାଲ ଚୌଧାରୀ, ଭିଥ୍ୟା ରାମରାଜ, ଦେବ୍ୟନିବା ଜାଲା, ବିଜୟା କୁମାରୀ ଜି.କେ., ଶୁଭା ଭେଙ୍କଟେଶନ, ଜିସ୍ନା ମାଥ୍ୟୁ, ୮୦୦ ମିଟରରେ ଚନ୍ଦା କେ.ଏମ୍., ପୂଜା, ଅମନ୍‌ଦୀପ କୌର, ନିଧି ସିଂ, ହୁଇଡ୍ରୋମ ଭୁମେଶ୍ୱରୀ, ଥୋଟା ସଙ୍କୀର୍ତ୍ତନ, ୧୫୦୦ ମିଟରରେ ପୂଜା, ଲିଲି ଦାସ, ଅଙ୍କିତା ଧ୍ୟାନି, ଚନ୍ଦା କେ.ଏମ୍., କାଜଲ କନ୍‌ଓ୍ୱାଡେ, ଭିନିତା ଗୁର୍ଜାର, ଦୀକ୍ଷା କେ.ଏମ୍. ଓ ଅମନଦୀପ କୌର ଭାଗ୍ୟ ପରୀକ୍ଷା କରିବେ। ୧୦୦ ମିଟର ହର୍ଡଲ୍ସରେ ଓଡ଼ିଶାର ପ୍ରଜ୍ଞା ସାହୁଙ୍କ ସହ ମୌମିତା ମଣ୍ଡଳ, ନିଥ୍ୟା ରାମରାଜ, ନନ୍ଦିନୀ କଙ୍ଗନ, ଅଞ୍ଜଲି ସି., ଅଗସାରା ନନ୍ଦିନୀ, ପ୍ରଞ୍ଜଳି ପାଟିଲ, କାନିମୋଝି ସିଂ ପ୍ରତିଦ୍ୱନ୍ଦ୍ୱିତା କରିବେ। ଲଙ୍ଗ୍‌ଜମ୍ପ୍‌ରେ ଶାହିଲ ସିଂ, ଆନ୍‌ସି ସୋଜାନ, ମୌମିତା ମଣ୍ଡଳ, ପଭନା ନାଗରାଜ, ଭବାନୀ ଯାଦବ, କୁସୁମା ରାଭାଡ଼ା, ସାନ୍ଦ୍ରା ବାବୁ, ମୁବାସିନା ମହମ୍ମଦ, ଅବିନୟା ଶ୍ରୀ, ଜାଭେଲିନ୍ ଥ୍ରୋରେ ଅନୁ ରାଣୀ, ଜ୍ୟୋତି ରାକେଶ, କରିସ୍ମା ଏସ୍. ସାନିଲ, ରମ୍ୟାଶ୍ରୀ ଜୈନ, ଶିଲ୍ପା ରାଣୀ ଓ ଉଭା ଚୌଧାରୀ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ଆନ୍ଧ୍ରକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**

## ଜାତୀୟ ଜୁନିୟର ମହିଳା ହକି

ଆନ୍ଧ୍ର ପ୍ରଦେଶର କାକିନାଡ଼ାଠାରେ ଚାଲିଥିବା ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଓଡ଼ିଶା ବିଜୟ ହାସଲ କରିଛି। ଡିଭିଜନ-ଏ'ର ଏହି ମ୍ୟାଚରେ ଓଡ଼ିଶା ୩-୧ ଗୋଲରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ସୁରେଖା ବାହାଲା ୧୩, କରୁନା ମିଞ୍ଜ ୨୧ ଓ ଦୃପତି ନାଏକ ୫୬ ଏବଂ ଆନ୍ଧ୍ର ପ୍ରଦେଶର ନୀହାରିକା ଟପ୍ପୋ ୫୨ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଡିଭିଜନ-ଏ'ର ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଝାଡ଼ଖଣ୍ଡ ୨-୦ରେ କର୍ଣ୍ଣାଟକ, ହରିୟାଣା ୭-୧ରେ ବେଙ୍ଗଲ ଓ ମଧ୍ୟପ୍ରଦେଶ ୫-୦ରେ ଚଣ୍ଡିଗଡ଼କୁ ହରାଇ ଦେଇଛି। ଡିଭିଜନ-ବି'ର ୨ଟି ମ୍ୟାଚ୍‌ରେ ଉତ୍ତରାଖଣ୍ଡ ୧୧-୦ରେ ପୁଡୁଚେରୀକୁ ହରାଇଥିବା ବେଳେ ତାମିଲନାଡୁ ଓ ଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୩-୩ ଗୋଲରେ ଡ୍ର ରହିଛି। ଆନ୍ଧ୍ର ବିପକ୍ଷରେ ଉନ୍ନତ ପ୍ରଦର୍ଶନ ପାଇଁ ଓଡ଼ିଶାର ସୁରେଖା ଭୋଳଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ପ୍ଲେୟର ଅଫ୍ ଦି ମ୍ୟାଚ ଟ୍ରଫି ସହ ସୁରେଖା ଭୋଳ।

# ଅହମଦାବାଦ୍‌ରେ ୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ

**ନୂଆଦିଲ୍ଲୀ, ୫।୮ (ପି.ଟି.)**

୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍ ଫୁଟ୍‌ବଲ କ୍ୱାଲିଫାୟର୍ସର ୭ ଆୟୋଜକଙ୍କ ମଧ୍ୟରେ ଭାରତ ହେଉଛି ଅନ୍ୟତମ। ଭାରତର ଅହମଦାବାଦ୍‌ରେ ନଭେମ୍ବର ୨୨ରୁ ୩୦ ପର୍ଯ୍ୟନ୍ତ ମ୍ୟାଚ୍ ଖେଳାଯିବ। କ୍ୱାଲିଫାୟର୍ସ ପାଇଁ ଡ୍ର' ଅଗଷ୍ଟ ୭ରେ ଅନୁଷ୍ଠିତ ହେବ। ଏଥିରେ ୩୮ଟି ଦେଶ ଭାଗନେବେ। ତିନୋଟି ଗ୍ରୁପ୍‌ରେ ୬ଟି ଲେଖାଏ ଦଳ ଏବଂ ଚାରୋଟି ଗ୍ରୁପ୍‌ରେ ୫ଟି ଲେଖାଏ ଦଳ ସ୍ଥାନ ପାଇବେ। ଗ୍ରୁପ୍ ବିଜେତାମାନେ ୨୦୨୬ରେ ସାଉଦି ଆରବରେ ଖେଳାଯିବାକୁଥିବା ୧୭ ବର୍ଷରୁ କମ୍ ଏଏଫ୍‌ସି ଏସିଆନ କପ୍-୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଟୁର୍ନାମେଣ୍ଟର ଆୟୋଜକ ହିସାବରେ ଏହି ଦେଶ ପୂର୍ବରୁ ଆପେ ଯୋଗ୍ୟତା ଅର୍ଜନ କରିସାରିଛି। ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ କହିଛନ୍ତି, ଏସିଆନ କପ୍ କ୍ୱାଲିଫାୟର୍ସର ଆୟୋଜକ ହେବା ଭାରତ ପାଇଁ ଗର୍ବର ବିଷୟ। ଏହାଦ୍ୱାରା ଭାରତ ୧୭ ବର୍ଷରୁ କମ୍ ଏସିଆନ କପ୍ ପାଇଁ ଯୋଗ୍ୟତା ହାସଲ କରିପାରିବ ବୋଲି ସେ ଆଶା କରନ୍ତି, ଯାହାକୁ ଫିଫା ୧୭ ବର୍ଷରୁ କମ୍ ବିଶ୍ୱକପ୍ ପାଇଁ ଏକ ଯୋଗ୍ୟତା ଟୁର୍ନାମେଣ୍ଟ ରୂପେ ବିବେଚନା କରାଯାଉଛି। କ୍ୱାଲିଫାୟର୍ସରେ ଭାଗ ନେଉଥିବା ୩୮ଟି ଦେଶକୁ ସିଡିଂ ଓ ପଟ୍ ଆଲୋକେଶନ ନୀତି ଅନୁସାରେ ୬ଟି ପଟ୍‌ରେ ବିଭକ୍ତ କରାଯାଇଛି। ଗତ ତିନୋଟି ଟୁର୍ନାମେଣ୍ଟ(୨୦୨୫, ୨୦୨୩ ଓ ୨୦୧୮)ର ପ୍ରଦର୍ଶନକୁ ଭିତ୍ତିକରି ଏହା କରାଯାଇଛି। ଡ୍ର' ବେଳେ ଆୟୋଜକ ଦେଶଗୁଡ଼ିକ ଯେପରି ପୃଥକ୍ ପୃଥକ୍ ଗ୍ରୁପ୍‌ରେ ସ୍ଥାନ ପାଇବେ ତାହାକୁ ଦୃଷ୍ଟିରେ ରଖି ସେମାନଙ୍କୁ ଏକାଠି ଅନ୍ୟ ଏକ ଗ୍ରୁପ୍‌ରେ ରଖାଯାଇଛି। କ୍ୱାଲିଫାୟର୍ସର ଅନ୍ୟ ଆୟୋଜକ ଦେଶଗୁଡ଼ିକ ହେଲେ ଚାଇନା ପିଆର୍, ଭିଏତ୍‌ନାମ, ଥାଇଲାଣ୍ଡ, ମ୍ୟାନ୍‌ମାର, କିର୍‌ଗିଜ ରିପବ୍ଲିକ୍ ଓ ଜୋର୍ଡାନ। ଅନ୍ୟ ୬ଟି ଆୟୋଜକ ଦେଶ ମଧ୍ୟରୁ କେହି ଭାରତ ଗ୍ରୁପ୍‌ରେ ସ୍ଥାନ ପାଇନାହାନ୍ତି। ଆୟୋଜକ ପଟ୍‌ରେ ଚାଇନା ପିଆର, ଭିଏତ୍‌ନାମ, ଥାଇଲାଣ୍ଡ, ଭାରତ, ମ୍ୟାନ୍‌ମାର, କିରଗିଜ୍ ରିପବ୍ଲିକ ଓ ଜୋର୍ଡାନ ସ୍ଥାନ ପାଇଛନ୍ତି।

# ଜାତୀୟ ମାଷ୍ଟର ଶକ୍ତି ଉତ୍ତୋଳନରେ ଓଡ଼ିଶାକୁ ସଫଳତା

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**


ଜାତୀୟ ମାଷ୍ଟର ଶକ୍ତି ଉତ୍ତୋଳନରେ ଭାଗ ନେଇଥିବା ଓଡ଼ିଶା ପ୍ରତିଯୋଗୀ ଓ ଅଫିସିଆଲ।

କେରଳର କୋଜିକୋଡଠାରେ ଅନୁଷ୍ଠିତ ଜାତୀୟ ମାଷ୍ଟର ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡିଶା ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଓଡିଶାରୁ ୧୮ ପ୍ରତିଯୋଗୀ ଏହି କ୍ଲାସିକ ଶକ୍ତିଉତ୍ତୋଳନ ଜାତୀୟ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ମୋଟ ଉପରେ ୧ ସ୍ୱର୍ଣ୍ଣ ସହ ୫ ପଦକ ମିଳିଛି। ବାବୁଲା ସାମଲ ୯୩ କେଜି ମାଷ୍ଟର-୨ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଗୋପାଳ ଚନ୍ଦ୍ର ଦାସ ୬୬ କେଜି ମାଷ୍ଟର-୨, ବଇବ କୁମାର ତଣ୍ଡି ୭୪ କେଜି ମାଷ୍ଟର-୩, ଶର୍ମିଷ୍ଠା ସେନାପତି ମହିଳା ମାଷ୍ଟର-୨ ବିଭାଗର ୭୪ କେଜି ଓ ଭାରତୀ ମହାପାତ୍ର ମାଷ୍ଟର-୧ ବର୍ଗର ୮୪ କେଜିରୁ ଊର୍ଦ୍ଧ୍ୱରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ ବର୍ଗରେ ମଧ୍ୟ ଆଉ କେତେକ ଶକ୍ତିଉତ୍ତୋଳକ ପଦକ ହାସଲ କରିଛନ୍ତି। ଯେପରିକି ରିତା ଘୋଷ ମହିଳା ୫୭ କେଜି ମାଷ୍ଟର-୧ ବର୍ଗର ବେଞ୍ଚ୍ ପ୍ରେସ୍‌ରେ ବ୍ରୋଞ୍ଜ ଓ ଡେଡ୍ ଲିଫ୍ଟରେ ବ୍ରୋଞ୍ଜ, ଉମାକାନ୍ତ ବେହେରା ୭୪କଜି ମାଷ୍ଟର-୧ରେ ବେଞ୍ଚ୍ ପ୍ରେସ୍‌ରେ ବ୍ରୋଞ୍ଜ, କୃଷ୍ଣ ଚନ୍ଦ୍ର ସାହୁ ୮୩ କେଜି ମାଷ୍ଟର-୨ରେ ସ୍କ୍ୱାଟ୍‌ରେ ରୌପ୍ୟ, ନିରଞ୍ଜନ ବେବର୍ତ୍ତା ପଟ୍ଟନାୟକ ୯୩ କେଜି ମାଷ୍ଟର-୨ରେ ବେଞ୍ଚ୍ ପ୍ରେସ୍‌ରେ ରୌପ୍ୟ ପଦକ ପାଇଛନ୍ତି। ଓଡ଼ିଶା ଦଳ ସହ ଟିମ୍ ମ୍ୟାନେଜର ଓ କୋଚ୍‌ଭାବେ ରାକେଶ ଶତପଥୀ କେରଳ ଯାତ୍ରା କରିଥିଲେ। ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ପକ୍ଷରୁ ପଦକ ବିଜେତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଏମ୍‌ବୋକୋ ସେମିରେ

**ମଣ୍ଟ୍ରିଲ, ୫।୮ (ଏପି)**

କାନାଡ଼ାର ସ୍ୱଳ୍ପବୟସ୍କା ଭିକ୍ଟୋରିଆ ଏମ୍‌ବୋକୋ ଏଠାରେ ଚାଲିଥିବା ନ୍ୟାଶନାଲ ବ୍ୟାଙ୍କ ଓପନ୍ ଟେନିସ୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏଥିରେ ସେ ସ୍ପେନ୍‌ର ଜେସିକା ବୋଜାସ ମାନିରୋଙ୍କୁ ୬-୪, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସେ ତାଙ୍କ କ୍ୟାରିୟରରେ ପ୍ରଥମଥର ଏକ ଡବ୍ଲ୍ୟୁଟିଏ ଟୁର୍ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିପାରିଛନ୍ତି। ଦୁଇଦିନ ପୂର୍ବରୁ ନମ୍ବର-୧ ସିଡ୍ କୋକୋ ଗଫ୍‌ଙ୍କୁ ପରାସ୍ତ କରିବା ପରେ ଟରଣ୍ଟୋର ଏହି ୧୮ ବର୍ଷୀୟା ଆଉ ପଛକୁ ଫେରିନାହାନ୍ତି।

# ଖୋର୍ଦ୍ଧା ଜିଲା ଓପନ ଚେସ୍ ୯ରୁ

**ଭୁବନେଶ୍ୱର, ୫।୮ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓପନ ଚେସ୍ ଟୁର୍ନାମେଣ୍ଟ ଆସନ୍ତା ଶନିବାର ଓ ରବିବାର ଦୁଇଦିନ ଧରି ଅନୁଷ୍ଠିତ ହେବ। ଘାଟିକିଆର ଏପିଜେ ସ୍କୁଲରେ ଏହି ସମ୍ମାନଜନକ ପ୍ରତିଯୋଗିତାର ପ୍ରତି ସେକ୍ସନରୁ ୪ ଜଣ ଲେଖାଏ ଶ୍ରେଷ୍ଠ ଖେଳାଳି ରାଜ୍ୟ ସିନିୟର ଓପନ ଚେସ୍ ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ଆୟୋଜକ ଆସୋସିଏଶନ ପକ୍ଷରୁ ଏହି ପ୍ରତିଯୋଗିତାକୁ ପୂର୍ବତନ ଓଡ଼ିଶା ଡିଜିପି ସ୍ୱର୍ଗତ ଶରତ ଚନ୍ଦ୍ର ମିଶ୍ରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ପୁରସ୍କାର ରାଶି ୫୦,୦୦୦ ଟଙ୍କା ରଖାଯାଇଛି। ମେରିଟ ସେକ୍ସନ ପାଇଁ ୧୫ ଟ୍ରଫି ସହ ୩୦,୪୦୦ ଟଙ୍କାର ପୁରସ୍କାର ରାଶି ରହିଛି। ଏହା ବ୍ୟତୀତ ୪୮ଟି ଆକର୍ଷଣୀୟ ଟ୍ରଫି ବିଭିନ୍ନ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ବିଭାଗର କୃତୀ ଖେଳାଳିଙ୍କୁ ପ୍ରଦାନ କରାଯିବ। ପ୍ରତିଯୋଗିତା ପାଇଁ ୬୦୦ ଟଙ୍କାର ଏଣ୍ଟ୍ରି ଫି' ଧାର୍ଯ୍ୟ କରାଯାଇଛି। କେବଳ ଖୋର୍ଦ୍ଧା ଜିଲାର ଖେଳାଳିମାନେ ହିଁ ଏଥିରେ ଅଂଶଗ୍ରହଣ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି।

# ଭାରତ ଜିତିଲା ରାକେଟ୍ଲନ କପ୍

**ରୋଟରଡାମ୍, ୫।୮ (ପି.ଟି.)**


ବିକ୍ରମାଦିତ୍ୟ ଚୌଫଲାଙ୍କ ନେତୃତ୍ୱରେ ଭାରତ ଫାଇନାଲରେ ଡେନ୍‌ମାର୍କ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲକରି ରାକେଟ୍ଲନ ବିଶ୍ୱ ଚାମ୍ପିୟନଶିପ୍ ଚ୍ୟାଲେଞ୍ଜର୍ସ କପ୍ ହାସଲ କରିଛି। ଭାରତ କ୍ୱାର୍ଟର ଫାଇନାଲରେ ୟୁଏସ୍‌ଏକୁ ପରାସ୍ତ କରିଥିବା ବେଳେ ସେମିଫାଇନାଲରେ ଜର୍ମାନୀକୁ ହରାଇଥିଲା। ଚୌଫଲାଙ୍କ ବଳିଷ୍ଠ ନେତୃତ୍ୱ, ରଣନୀତି ଓ ଧୈର୍ଯ୍ୟ ଯୋଗୁ ଏହା ସମ୍ଭବ ହୋଇପାରିଛି। ସେ ହେଉଛନ୍ତି ନେଶନ୍ସ କପ୍ ସ୍ୱର୍ଣ୍ଣବିଜେତା। ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କର ଏହା ହେଉଛି ଦ୍ୱିତୀୟ ବିଶ୍ୱ ଟାଇଟଲ। ରାକେଟ୍ଲନ ହେଉଛି ଏକ କମ୍ବିନେଶନ ସ୍ପୋର୍ଟ୍ସ। ଏଥିରେ ୪ଟି ର‍୍ୟାକେଟ ସ୍ପୋର୍ଟ୍ସ ଟେବୁଲ ଟେନିସ, ବ୍ୟାଡ୍‌ମିଣ୍ଟନ, ଟେନିସ୍ ଓ ସ୍କାଶ୍ ଖେଳିବାକୁ ପଡ଼ିଥାଏ।

# ଗମ୍ଭୀର-ଅଗରକର ପ୍ରଭାବ: ଏଣିକି ୟୁନିଫର୍ମ ଟିମ୍ କଲ୍‌ଚର

**ନୂଆଦିଲ୍ଲୀ, ୫।୮ (ପି.ଟି.)**



ଭାରତୀୟ କ୍ରିକେଟରେ ଆଉ ମେଗା ଷ୍ଟାର ସଂସ୍କୃତି ଚଳିବ ନାହିଁ, ଯାହାକୁ ଗୌତମ ଗମ୍ଭୀର ସବୁବେଳେ ବିରୋଧ କରି ଆସୁଥିଲେ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୨-୨ରେ ଡ୍ର ରଖିବାରେ ଭାରତ ସମର୍ଥ ହେବାପରେ ଏକଥା ଉଠିଛି। ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଓ ଗମ୍ଭୀରଙ୍କ ହାତମୁଠା ଏବେ ଟାଣ ହୋଇଛି। ଏଣିକି ୟୁନିଫର୍ମ ଟିମ୍ କଲଚର ଚାଲିବ। ଆର୍ଥାତ ଦଳରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖାଯିବ। ପୂର୍ବରୁ ଯେପରି କେତେଜଣ ନିର୍ଦ୍ଦିଷ୍ଟ ଖେଳାଳିଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦିଆଯାଉଥିଲା। ତାହା ଆଉ ହୋଇ ନ ପାରେ। ସେମାନଙ୍କ କ୍ଷେତ୍ରରେ ଆଉ କାର୍ଯ୍ୟଭାର ପରିଚାଳନା ଅବା ୱାର୍କଲୋଡ୍ ମ୍ୟାନେଜମେଣ୍ଟ ସେତେଟା କାର୍ଯ୍ୟକରିବ ନାହିଁ। ଏହାଦ୍ୱାରା କେତେଜଣ ଖେଳାଳି ସେମାନଙ୍କ ପସନ୍ଦ ମୁତାବକ ଗେମ୍ ଓ ସିରିଜରେ ଖେଳୁଥିଲେ ଅବା ଓହରିଯାଉଥିଲେ। ଆଗକୁ ଆଲୋଚନା ପରେ କେନ୍ଦ୍ରୀୟ ଚୁକ୍ତି ପରିସରଭୁକ୍ତ ଖେଳାଳିମାନଙ୍କୁ ବାର୍ତ୍ତା ପଠାଯିବ। ବିଶେଷ କରି ଯେଉଁମାନେ ସମସ୍ତ ଫର୍ମାଟରେ ନିୟମିତ ଖେଳିଥାନ୍ତି ଏଣିକି ସେମାନେ କାର୍ଯ୍ୟଭାର ବାହାନା ଦେଖାଇ କେଉଁ ଗେମ୍ ଅବା ସିରିଜରେ ଖେଳି ଅବା ନ ଖେଳିବେ ତାହା ନିଜେ ସ୍ଥିର କରିପାରିବେ ନାହିଁ ବୋଲି ବିସିସିଆଇର ଜଣେ କର୍ମକର୍ତ୍ତା ନାମ ଗୋପନ ସର୍ତ୍ତରେ କହିଛନ୍ତି। ସେ କହିଛନ୍ତି, ୱାର୍କଲୋଡ୍ ମ୍ୟାନେଜମେଣ୍ଟ ସମ୍ପୂର୍ଣ୍ଣ ହଟାଇ ଦିଆଯିବ ନାହିଁ। ବିଶେଷକରି ଫାଷ୍ଟ ବୋଲରଙ୍କ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରାଯାଇପାରିବ। ମାତ୍ର କାର୍ଯ୍ୟଭାର ଦର୍ଶାଇ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ନ ଖେଳିବା ଗ୍ରହଣଯୋଗ୍ୟ ହେବ ନାହିଁ। ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ସିରିଜରେ ମହମ୍ମଦ ସିରାଜ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଚମତ୍କାର ବୋଲିଂ କରିବା ସହ ତାଙ୍କ ଫିଟ୍‌ନେସ ବଜାୟ ରଖିପାରିଛନ୍ତି। ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଓ ଆକାଶ ଦୀପ ତାଙ୍କ ପ୍ରଦର୍ଶନ ଜରିଆରେ ସୂଚାଇ ଦେଇଛନ୍ତି ଯେ, ସେମାନେ ଦଳ ଆଗରେ କେହି ବଡ଼ ନୁହଁନ୍ତି। ଷ୍ଟାର ଖେଳାଳି ମଧ୍ୟ ତା' ଆଗରେ ମୂଲ୍ୟହୀନ। ସିରିଜରେ ଏହା ମଧ୍ୟ ଦେଖିବାକୁ ମିଳିଥିଲା ଯେ, ଇଂଲଣ୍ଡ ଅଧିନାୟକ ଏକାଧିକ ସମସ୍ୟା ଘେରରେ ଥାଇ ସୁଦ୍ଧା ମାରାଥନ ବୋଲିଂ କରିଥିଲେ। ଚତୁର୍ଥ ଟେଷ୍ଟ ଶେଷ ପରେ ଏକ ବିତର୍କ ବେଳେ ନିଜର ସୁବିଧା ପାଇଁ ୱାର୍କଲୋଡ୍ ବ୍ୟବସ୍ଥାର ଉପଯୋଗ କରାଯାଉ ନାହିଁ ତ ବୋଲି ମନରେ ପ୍ରଶ୍ନ ଆସିଥିଲା। ଭାରତର ପୂର୍ବତନ ଅଧିନାୟକ ସୁନିଲ ଗାଭାସ୍କାର କାର୍ଯ୍ୟଭାର ପରିଚାଳନା ଅତ୍ୟଧିକ ବ୍ୟବହାର ପ୍ରସଙ୍ଗ ଉପରେ ଏକ ଆଲୋଚନାରେ ଭାଗ ନେଇଥିଲେ। ସେ କହିଥିଲେ, ନିଜ ଦେଶ ପାଇଁ ଖେଳୁଥିବାବେଳେ ସାମାନ୍ୟ ଇଞ୍ଜୁରୀ କିମ୍ବା ଯନ୍ତ୍ରଣାକୁ ଭୁଲିଯିବାକୁ ହୁଏ। ସୀମାନ୍ତରେ ମୁତୟନ ବେଳେ ଜବାନ ସେଠାରେ ଜଳବାୟୁ ଖୁବ୍ ଥଣ୍ଡା ବୋଲି କେବେ କଥା ଉଠାଇ ନ ଥାନ୍ତି। ସେ ରିଷଭ ପନ୍ତଙ୍କ ଉଦାହରଣ ଦେଇଥିଲେ। ତାଙ୍କ ହାଡ ଭାଙ୍ଗିଯାଇଥିଲେ ମଧ୍ୟରେ ସେ ବ୍ୟାଟିଂ କରିବା ଲାଗି ପଡ଼ିଆକୁ ଓହ୍ଲାଇଥିଲେ।



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ